# ଧରିତ୍ରୀ
DHARITRI

ପୃଷ୍ଠା:୮+୮

ଭୁବନେଶ୍ୱର, ରବିବାର, ଏପ୍ରିଲ ୨୭/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, April 27/2025 Page 16 ₹ 7.00

୫୧ଶ ଭାଗ ୧୫୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 152 ମୂଲ୍ୟ ₹୭/-





## ଜୁନ୍‌ରୁ କୈଳାସ ମାନସରୋବର ଯାତ୍ରା

### ୫ ବର୍ଷ ହେଲା ବନ୍ଦ ଥିଲା

**ନୂଆଦିଲ୍ଲୀ, ୨୬।୪**

ଚଳିତ ବର୍ଷ କୈଳାସ ମାନସରୋବର ଯାତ୍ରାର ଆୟୋଜନ ହେବ। ଆସନ୍ତା ଜୁନ୍‌ରୁ ଅଗଷ୍ଟ ପର୍ଯ୍ୟନ୍ତ ଏହାର ଆୟୋଜନ କରାଯିବ ବୋଲି ଶନିବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୫ ବର୍ଷ ଧରି ଏହି ଯାତ୍ରା ବନ୍ଦ ଥିଲା। ଏହି ଯାତ୍ରାର ପୁନଃ ଆୟୋଜନ ଭାରତ ଏବଂ ଚାଇନାର ସମ୍ପର୍କକୁ ଉନ୍ନତ କରିବାର ଏକ ପ୍ରୟାସ ଭାବରେ ଦେଖାଯାଉଛି। ଇଚ୍ଛୁକ ଯାତ୍ରୀମାନେ କୈଳାସ ମାନସରୋବର ଯାତ୍ରାର ଅଫିସିଆଲ ୱେବ୍‌ସାଇଟରେ ଆବେଦନ କରିପାରିବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଚଳିତ ବର୍ଷର କୈଳାସ ମାନସରୋବର ଯାତ୍ରା ଉତ୍ତରାଖଣ୍ଡର ଲିପୁଲେଖ ପାସ୍ ଏବଂ ସିକ୍କିମର ନାଥୁଲା ପାସ୍ ଦେଇ ଅନୁଷ୍ଠିତ ହେବ। ଏହି ଯାତ୍ରାକୁ ୫ରୁ ୧୦ଟି ବ୍ୟାଚ୍‌ରେ ପରିଚାଳନା କରାଯିବ। ପ୍ରତ୍ୟେକ ବ୍ୟାଚ୍‌ରେ ୫୦ ଜଣ ଯାତ୍ରୀ ରହିବେ।

### ଆଜିର ମନ୍ତବ୍ୟ

"ପାକିସ୍ତାନ ସହ ସିନ୍ଧୁ ଜଳଚୁକ୍ତି ସ୍ୱାକ୍ଷର କରିବା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଐତିହାସିକ ଭୁଲ୍ ଥିଲା।

**-ହିମନ୍ତ ବିଶ୍ୱଶର୍ମା, ଆସାମ ମୁଖ୍ୟମନ୍ତ୍ରୀ**




**ଆଜିର ସମ୍ପାଦକୀୟ** ନିକୃଷ୍ଟ ବିଚାର




ପଶ୍ଚିମବଙ୍ଗ ବିଧାନସଭାରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଶନିବାର ମୁର୍ଶିଦାବାଦର ସମଶେରଗଞ୍ଜ ଅଞ୍ଚଳରେ ୱକ୍ଫ ଆଇନ ବିରୋଧୀ ହିଂସାରେ ପ୍ରଭାବିତଙ୍କୁ ଭେଟୁଛନ୍ତି।

**ପହଲଗାମ୍ ଆକ୍ରମଣ**

# ସୁଲତାଙ୍କ ମନ୍ତବ୍ୟକୁ ନେଇ ରାଜନୀତି

- **ଯୋଗ୍ୟତା ବଳରେ ନୁହେଁ, ରାଜ୍ୟ ସଭା ମ୍ୟାନେଜ କରି ଯାଇଛନ୍ତି: ଜୟନାରାୟଣ**
- **ଅଜିତ୍ ଡୋଭାଲଙ୍କ ଭଳି ଅଭିଜ୍ଞ ଲୋକ ଥିବାବେଳେ ଏମିତି ଘଟିବା କଥା ନୁହେଁ: ଦେବୀ**

ଭୁବନେଶ୍ୱର, ୨୬।୪(ସୁନିତ୍ ମିଶ୍ର)

ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ କେବଳ ଦେଶ ଭିତରେ ନୁହେଁ, ବିଶ୍ୱବ୍ୟାପୀ ନିନ୍ଦା କରାଯାଉଛି। ଏହି ଆକ୍ରମଣରେ ଓଡ଼ିଶାର ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ହେଲେ ଏହି ଆକ୍ରମଣ ଘଟଣା ପରେ ବିଜେଡି ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ଦେଇଥିବା ଏକ ମନ୍ତବ୍ୟକୁ ନେଇ ଭାଜପା ପକ୍ଷରୁ ତାଙ୍କୁ ଟାର୍ଗେଟ କରାଯାଇଛି। ଫଳରେ ରାଜନୀତି ଜୋର ଧରିଛି।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ବିରୋଧ କରି ଶଙ୍ଖ ଭବନ ସମ୍ମୁଖରେ ଆୟୋଜିତ କ୍ୟାଣ୍ଡେଲ ଶୋଭାଯାତ୍ରା ବେଳେ ସୁଲତା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ, ଯେତିକି ସମୟରେ ଲୋକମାନେ ମରିଥିଲେ ସେତିକି ଭିତରେ ଧର୍ମ ବିଷୟରେ ପଚାରି ହେବନି। ଏହା କେବଳ ଅନୁମାନ ଲଗାଇ କୁହାଯାଇଥାଇପାରେ। କୌଣସି ଆତଙ୍କବାଦୀ କେବେ ହେଲେ ଧର୍ମ, ଜାତି ସହିତ ବନ୍ଧା ନୁହନ୍ତି ବୋଲି ସୁଲତା କହିଥିଲେ। ଏଭଳି ମନ୍ତବ୍ୟ ଦେଇଥିବାରୁ ତାଙ୍କୁ ଭାଜପା ବିଧାୟକ ଜୟନାରାୟଣ ମିଶ୍ର କଡ଼ା ଭାଷାରେ ନିନ୍ଦା କରିଛନ୍ତି।

ଜୟନାରାୟଣ କହିଛନ୍ତି, ପହଲଗାମ୍ ଆକ୍ରମଣ ବେଳେ ଲୋକଙ୍କ ତଥ୍ୟ ଗଣମାଧ୍ୟମ ପାଖରେ ରଖିଛି। ଆମେ ଗଣମାଧ୍ୟମ ତଥ୍ୟକୁ ଭରସା କରିବା ଦରକାର। ଆକ୍ରମଣ ସମୟରେ ଆତଙ୍କବାଦୀମାନେ କେବଳ ଧର୍ମ ପଚାରି ନାହାନ୍ତି ବରଂ ଅନେକ କିଛି କରିଛନ୍ତି। ଏପରି ସ୍ଥଳେ ବିଜେଡି ନେତାଙ୍କ ପାଇଁ ଦେଶ ଗୋଟେ ଉପହାସ ବୋଲି ଜୟନାରାୟଣ କହିଛନ୍ତି। ସେ ମ୍ୟାଡାମ୍ କିଏ ଜାଣିନାହିଁ। ଯୋଗ୍ୟତା ବଳରେ ନୁହେଁ, ଯେମିତି ସେମିତି କରି କି ରାଜ୍ୟ ସଭା ଯାଏ ମ୍ୟାନେଜ କରି ପହଞ୍ଚିଯାଇଛନ୍ତି। ଦେଶର ସ୍ୱାର୍ଥ ଦୃଷ୍ଟିରୁ ଏଭଳି କଥା ଯୁକ୍ତିଯୁକ୍ତ ନୁହେଁ। ଏମିତି କହୁଥିବା ଲୋକଙ୍କ ବିରୋଧରେ ଲୋକମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର। ସାମାଜିକ ସ୍ତରରେ ଏମାନଙ୍କୁ ବୟକଟ କରାଯିବା ଦରକାର। ଗ୍ରାଉଣ୍ଡ୍‌ରେ କ'ଣ ସିଏ ଉପସ୍ଥିତ ଥିଲେ କି ବୋଲି ଜୟନାରାୟଣ ପ୍ରଶ୍ନ କରିଛନ୍ତି। ମ୍ୟାଡାମ୍ ଏମିତି କଥା କୁହନ୍ତି, ତାଙ୍କର ଟିକିଏ ପାଗଳାମି ଅଛି ବୋଲି ଜୟନାରାୟଣ କହିଛନ୍ତି।

ବିଜେଡି ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ଯେକୌଣସି ମର୍ମନ୍ତୁଦ, ବର୍ବରୋଚିତ ଘଟଣାକୁ ସମସ୍ତେ ନିନ୍ଦା କରିବେ। ସରକାରୀ ଓ ବିରୋଧୀ ଦଳ ସମସ୍ତେ ଏହି ଘଟଣାକୁ ନିନ୍ଦା କରୁଛନ୍ତି। ଭବିଷ୍ୟତରେ ଏଭଳି ଘଟଣା ନ ଘଟିବା ଦରକାର। ତେବେ ଯଦି ଅଜିତ ଡୋଭାଲଙ୍କ ଭଳି ଅଭିଜ୍ଞ ଲୋକ ପାଖରେ ଅଛନ୍ତି ଏପରି ଘଟଣା ଘଟିବା କଥା ନୁହେଁ। ଗୋଇନ୍ଦାର ବିଫଳତା ଓ ସୁରକ୍ଷା କର୍ମୀଙ୍କ ଅନୁପସ୍ଥିତି ଯୋଗୁ ଏଭଳି ଘଟିଛି। ସ୍ଥାନୀୟ ଲୋକମାନେ ପର୍ଯ୍ୟଟକଙ୍କ ଉପରେ ନିର୍ଭରଶୀଳ। କିଏ ଉପହାସ କରୁଛନ୍ତି। ଜଣଙ୍କ ଦୁଃଖ ସମୟରେ ଉପହାସ ଠିକ୍ ନୁହେଁ ବୋଲି ସେ କହିଛନ୍ତି।

## ୨୫ ବର୍ଷର ଶାସନରେ କୃଷି ଭିତ୍ତିଭୂମି ସୁଦୃଢ଼ ହୋଇପାରିଲାନି: କଂଗ୍ରେସ

ଭୁବନେଶ୍ୱର, ୨୬।୪(ସୁନିତ୍ ମିଶ୍ର)

**କଲ୍ୟାଣପୁରଠାରେ ଅକ୍ଷିମୁଠି ଅନୁକୂଳ କରିବେ ପିସିସି ସଭାପତି**

ରାଜ୍ୟର ପ୍ରଗତି କୃଷି ବିକାଶ ଉପରେ ନିର୍ଭରଶୀଳ। କୃଷି ରାଜ୍ୟବାସୀଙ୍କ ମୁଖ୍ୟ ଜୀବିକା। ତେଣୁ କୃଷି କାର୍ଯ୍ୟ ଓ କୃଷକ ସମାଜ ପ୍ରତି ସର୍ବଦା ସମ୍ମାନ ପ୍ରଦର୍ଶନ କରିବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ। ୧୯୯୬ରେ ତତ୍କାଳୀନ କଂଗ୍ରେସ ସରକାରଙ୍କ ସମୟରେ ଅକ୍ଷୟତୃତୀୟା ଦିବସକୁ ସରକାରୀସ୍ତରରେ ପ୍ରଥମକରି ପାଳନ କରାଯାଇଥିଲା। ଏହି ଦିବସକୁ କୃଷକ ଦିବସ ରୂପେ ପାଳନ, ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧନା, କୃଷିକୁ ଶିଳ୍ପର ମାନ୍ୟତା ଦିଆଯିବା ସହିତ ରାଜ୍ୟରେ ପ୍ରଥମ କରି ନୂତନ କୃଷିନୀତି ପ୍ରଣୟନ କରାଯାଇଥିଲା, ଯାହାକି ଭାରତ ବର୍ଷର ଥିଲା ପ୍ରଥମ କୃଷିନୀତି। ଦୁର୍ଭାଗ୍ୟର ବିଷୟ ରାଜ୍ୟରେ ଥିବା ବିଜେଡି ଓ ପରବର୍ତ୍ତୀ ଭାଜପା ସରକାରର ସମୁଦାୟ ୨୫ ବର୍ଷ ଶାସନରେ କୃଷି ଭିତ୍ତିଭୂମି ବର୍ତ୍ତମାନ ଯାଏ ସୁଦୃଢ଼ କରାଯାଇପାରିଲା ନାହିଁ। ଫଳରେ ବିହନ, ଆଳୁ ଓ ପିଆଜଠାରୁ ଆରମ୍ଭ କରି ବିଭିନ୍ନ ଅତ୍ୟାବଶ୍ୟକ କୃଷି ସାମଗ୍ରୀ ପାଇଁ ଓଡ଼ିଶା ସବୁବେଳେ ବାହାର ରାଜ୍ୟ ଉପରେ ନିର୍ଭରଶୀଳ। ଏଣୁ ରାଜ୍ୟରେ ଚାଷୀଙ୍କ ହକ୍ ପାଇଁ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଅକ୍ଷୟତୃତୀୟା ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ପ୍ରତି ଜିଲାରେ କଂଗ୍ରେସ ପକ୍ଷରୁ ଅକ୍ଷିମୁଠି ଅନୁକୂଳ ଓ କୃଷକ ସମାବେଶ ପାରମ୍ପରିକ ରୀତିରେ ଆୟୋଜନ କରାଯିବ। ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ଖୋର୍ଦ୍ଧା ଜିଲା ଟିକରପଡ଼ା ଗ୍ରାମପଞ୍ଚାୟତର କଲ୍ୟାଣପୁରଠାରେ ପିସିସି ସଭାପତି ମୁଖ୍ୟ ଅତିଥି ରୂପେ ଯୋଗଦେଇ କ୍ଷେତରେ ଭୂମିପୂଜା କରିବା ସହ ଅକ୍ଷିମୁଠି ଶୁଭାରମ୍ଭ କରିବେ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ବିବାଦୀୟ ପ୍ରିନ୍ସିପାଲଙ୍କ ନିଯୁକ୍ତି ରଦ୍ଦ ନ ହେଲେ ଉଚିତ ଜବାବ୍ ଦିଆଯିବ: ଉଦିତ୍

ଭୁବନେଶ୍ୱର, ୨୬।୪(ସୁନିତ୍ ମିଶ୍ର)

ଡବଲ ଇଞ୍ଜିନ ସରକାର ବିକାଶର ଯେଉଁ ସ୍ୱପ୍ନ ଦେଖାଇଥିଲେ ବାସ୍ତବରେ ତାହା ଏବେ କୁହେଳିକାରେ ପରିଣତ ହୋଇଛି। କଂଗ୍ରେସ ଭବନଠାରେ ଶନିବାର ଖବରଦାତା ସମ୍ମିଳନୀରେ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ କହିଛନ୍ତି, ଜୟଦେବ ବିହାରଠାରେ ବିଜୁ ପଟ୍ଟନାୟକ କଲେଜର ଜଣେ ପୂର୍ବତନ ପ୍ରିନ୍ସିପାଲ ଯିଏ କି ୫ ବର୍ଷ ଧରି ଏହି ଦାୟିତ୍ୱରେ ଥିଲେ, ତାଙ୍କ ବିରୋଧରେ ଆର୍ଥିକ ଅନିୟମିତତା ଓ ଅନ୍ୟାନ୍ୟ ହେରଫେର ଅଭିଯୋଗ ରହିଛି। ସରକାରୀ ନିୟମ ଅନୁଯାୟୀ ଯଦି କୌଣସି ପ୍ରିନ୍ସିପାଲଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଥାଏ, ତେବେ ତାଙ୍କୁ ପୁନର୍ବାର ନିଯୁକ୍ତି ଦିଆଯିବା କଥା ନୁହେଁ। ଏସବୁ ସତ୍ତ୍ୱେ ଉକ୍ତ ବ୍ୟକ୍ତିଙ୍କୁ ପୁନର୍ବାର ସରକାର ସେହି କଲେଜରେ ଆଉଥରେ ପ୍ରିନ୍ସିପାଲ ଭାବେ ନିଯୁକ୍ତି ଦେଇଛନ୍ତି। ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ତଦନ୍ତ କରିବା ଦରକାର। ଯଦି ଏଭଳି ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ ନିଯୁକ୍ତିକୁ ରଦ୍ଦ କରା ନ ଯିବ ତେବେ ଛାତ୍ର କଂଗ୍ରେସ ଏହାର ଉପଯୁକ୍ତ ଉତ୍ତର ଦେବ ବୋଲି ଉଦିତ୍ କହିଛନ୍ତି।

## ପାକିସ୍ତାନୀଙ୍କୁ ବିଦା କରିବା ନେଇ ନେତାଙ୍କ ବୟାନବାଜି

- **୨୦୨୪ରୁ ଭିଜା ରଦ୍ଦ ହୋଇଥିବା ପାକିସ୍ତାନୀ ଏତେଦିନ ଅଛନ୍ତି କେମିତି: ତାରା**
- **ଚିହ୍ନଟ ପ୍ରକ୍ରିୟା ସରିଲାଣି: ହରିଚନ୍ଦନ**

ଭୁବନେଶ୍ୱର, ୨୬।୪(ସୁନିତ୍ ମିଶ୍ର)


ତାରା ପ୍ରସାଦ ବାହିନୀପତି


ପୃଥ୍ୱୀରାଜ ହରିଚନ୍ଦନ

ପାକିସ୍ତାନରୁ ଆସି ଭାରତରେ ରହିଥିବା ଲୋକଙ୍କୁ ପହଲଗାମ୍ ଆକ୍ରମଣ ପରେ ଏବେ ଚିହ୍ନଟ କରି କାଢ଼ିବା ଲାଗି କେନ୍ଦ୍ର ସରକାର ସବୁ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଏହାକୁ ନେଇ ରାଜନୈତିକ ଦଳର ନେତାଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ଯଦି ପାକିସ୍ତାନୀ ଲୋକଙ୍କ ଭିଜା ୨୦୨୪ରେ ରଦ୍ଦ ହୋଇସାରିଛି, ତେବେ ସେମାନେ ଏଠାରେ କ'ଣ କରୁଛନ୍ତି । ରାଜ୍ୟରେ ଯେଉଁ ଗୋଇନ୍ଦା ଅଫିସରମାନେ ରହିଛନ୍ତି ସେମାନେ କ'ଣ କରୁଛନ୍ତି। ସେମାନେ କ'ଣ କେବଳ ଦରମା ନେବା ଲାଗି ଅଛନ୍ତି । କେନ୍ଦ୍ର ସରକାର ଚିଠି ଦେବା ପରେ ଓଡ଼ିଶାରେ ଥିବା ୧୨ ଜଣ ପାକିସ୍ତାନୀଙ୍କ ମଧ୍ୟରୁ କେତେଜଣଙ୍କୁ କାଢ଼ିଲେଣି ତା'ର ତଥ୍ୟ ଦିଅନ୍ତୁ। ସବୁଆଡ଼େ ଆଗ ସର୍ଭେ କରାନ୍ତୁ କେତେଜଣ ବାହାର ଦେଶରୁ ଆସି ଏଠାରେ ଅଛନ୍ତି। ଏବେ ସବୁଆଡ଼େ ଅନେକ ଶହ ମୁସଲମାନ ରାଜ୍ୟରେ ପଶିଗଲେଣି ବୋଲି ତାରା କହିଛନ୍ତି।

ଭାଜପା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ଓଡିଶାରେ କେତେ ପାକିସ୍ତାନୀ ରହିଛନ୍ତି ତା'ର ତାଲିକା କେନ୍ଦ୍ରରୁ ଆସିଥିଲା। ହେଲେ ଏହା ବାହାରେ ଆହୁରି ବହୁତ ଗୁପ୍ତ ହିସାବରେ ରହିଛନ୍ତି। କେବଳ ପାକିସ୍ତାନୀ ନୁହନ୍ତି ଏଠାରେ ବହୁ ସଂଖ୍ୟାରେ ବାଂଲାଦେଶୀ ମଧ୍ୟ ରହିଛନ୍ତି। ସବୁ ବିଦେଶୀ ନାଗରିକଙ୍କୁ କାଢ଼ିବା ଦରକାର ବୋଲି ଜୟନାରାୟଣ କହିଛନ୍ତି।

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଏଠାରେ ଥିବା ପାକିସ୍ତାନୀଙ୍କ ଚିହ୍ନଟ ପ୍ରକ୍ରିୟା ସରିଛି। ସବୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ଓ ସେ ନେଇ କୌଣସି ବିବାଦ ନାହିଁ ବୋଲି ହରିଚନ୍ଦନ କହିଛନ୍ତି। ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି, ଓଡ଼ିଶାରେ ଯେଉଁ ପାକିସ୍ତାନୀ ଅଛନ୍ତି, ସେମାନଙ୍କୁ ନିଶ୍ଚୟ ବାହାର କରାଯିବ।

## 'ସରକାରୀ ଯୋଜନା ଚାଷୀଙ୍କ ନିକଟରେ ଠିକ୍ ଭାବେ ପହଞ୍ଚୁଛି ନା ନାହିଁ ତଦାରଖ କର'

**ଭୁବନେଶ୍ୱର କୃଷି ଅଧିକାରୀଙ୍କୁ ଭେଟିଲା ଭାଜପା କୃଷକ ମୋର୍ଚ୍ଚା**

ଭୁବନେଶ୍ୱର, ୨୬।୪(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାଷୀଙ୍କ ଉନ୍ନତି ପାଇଁ କରୁଥିବା ଯୋଜନା ତୃଣମୂଳସ୍ତରରେ ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ, ସେ ନେଇ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଭୁବନେଶ୍ୱର ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରି ସେଠାରେ ଅଧିକାରୀଙ୍କ ସହ ସେ ଆଲୋଚନା କରିଛନ୍ତି। ରାଜ୍ୟକୁ ଖାଦ୍ୟଶସ୍ୟରେ ଆତ୍ମନିର୍ଭରଶୀଳ କରିବା ପାଇଁ ଭାଜପା ସରକାର ଚାଷୀଙ୍କୁ ଆଳୁ ବିହନ, ମୁଗ, ବିରି, ସୋରିଷ, ମସୁର ଓ ଚିନାବାଦାମ ବିହନ ମାଗଣାରେ ଯୋଗାଇ ଦେଉଛନ୍ତି। ଏସବୁ ଚାଷୀଙ୍କ ପାଖରେ ପହଞ୍ଚୁଛି କି ନାହିଁ ତାହାର ତଦାରଖ କରିବା ପାଇଁ ମହେଶ୍ୱର ସମ୍ପୃକ୍ତ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

# Business

## ବିଶ୍ୱର ଶ୍ରେଷ୍ଠ ୨୫ ଫାର୍ମ୍ସ ମଧ୍ୟରେ ରିଲାଏନ୍ସ

ଭୁବନେଶ୍ୱର,୨୬।୪
(ଅଭୟ ଦାଶ)




**୨୧ତମ ସ୍ଥାନରେ ରିଲାଏନ୍ସ ଗ୍ରୁପ**

ଦେଶର ପ୍ରମୁଖ ଘରୋଇ କମ୍ପାନୀ ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ (ଆରଆଇଏଲ)କୁ ଆଉ ଏକ ବୃହତ୍ ସଫଳତା ମିଳିଛି। ଏପରି କି ରିଲାଏନ୍ସ ଗ୍ରୁପ ବିଶ୍ୱର ଶ୍ରେଷ୍ଠ ୨୫ ଫାର୍ମ୍‌ସ (କମ୍ପାନିଜ) ମଧ୍ୟରେ ପ୍ରବେଶ କରି ଏକ ଐତିହାସିକ ସଫଳତା ହାସଲ କରିଛି। ସେହିଭଳି ବିଶ୍ୱର ସର୍ବବୃହତ୍ କମ୍ପାନୀ ମାଇକ୍ରୋସଫ୍ଟ, ଆଲ୍‌ଫାବେଟ ଏବଂ ସାଉଦି ଆର୍ମକୋ ଭଳି ସଂସ୍ଥା କ୍ଲବରେ ରିଲାଏନ୍ସ ଗ୍ରୁପ ସାମିଲ ହୋଇପାରିଛି। ଏପରି କି ବ୍ଲୁମବର୍ଗର ସୂଚନା ଅନୁଯାୟୀ ରିଲାଏନ୍ସ ଗ୍ରୁପ ବା ଆର୍‌ଆଇଏଲ୍‌ର ମୋଟ ସମ୍ପତ୍ତି ପରିମାଣ ୧୧୮ ବିଲିୟନ ଡଲାର ( ପ୍ରାୟ ୧୦ ଲକ୍ଷ କୋଟି ବା ୧୦ ଟ୍ରିଲିୟନ ଟଙ୍କା) ସହ କମ୍ପାନୀ ବିଶ୍ୱର ଶ୍ରେଷ୍ଠ ୨୫ ଫାର୍ମ୍‌ସ ମଧ୍ୟରେ ୨୧ତମ ସ୍ଥାନରେ ରହିଛି। ସେହିପରି ବିଶ୍ୱର ଶ୍ରେଷ୍ଠ ୨୫ କମ୍ପାନୀ ମଧ୍ୟରେ ସାଉଦି ଆର୍ମକୋ ୪୪୦ ବିଲିୟନ ଡଲାର ସହ ପ୍ରଥମ ସ୍ଥାନରେ ଥିଲାବେଳେ ଗୁଗଲ୍‌ର ପ୍ୟାରେଣ୍ଟ କମ୍ପାନୀ ଆଲଫାବେଟ.ଇଙ୍କ୍‌ର ସମ୍ପତ୍ତି ପରିମାଣ ୩୪୫ ବିଲିୟନ ଡଲାର ସହ ୨ୟ ସ୍ଥାନ ଏବଂ ମାଇକ୍ରୋସଫ୍ଟର ସମ୍ପତ୍ତି ପରିମାଣ ୩୪୫ ବିଲିୟନ ଡଲାର ସହ ୩ୟ ସ୍ଥାନରେ ରହିଛି।

## ଅନନ୍ତ ଅମ୍ବାନୀ ଆର୍‌ଆଇଏଲ୍‌ର ନୂତନ ଇଡି


ଅନନ୍ତ ଅମ୍ବାନୀ

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ (ଆରଆଇଏଲ)ର ନୂତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ଅନନ୍ତ ଅମ୍ବାନୀଙ୍କୁ ନିଯୁକ୍ତି ଦିଆଯାଇଛି। ଏପରି କି ସେ ଆସନ୍ତା ୫ ବର୍ଷ ପାଇଁ ଏହି ପଦରେ କାର୍ଯ୍ୟ କରିବେ।

ସେହିଭଳି ଅନନ୍ତ ଅମ୍ବାନୀ ୨୦୨୫ ମଇ ୧ରୁ ଏହି ପଦରେ କାର୍ଯ୍ୟ କରିବେ ବୋଲି ଆର୍‌ଆଇଏଲ୍‌ର ନିର୍ଦ୍ଦେଶକମଣ୍ଡଳୀ ଏହି ଘୋଷଣା କରିଛନ୍ତି। ବର୍ତ୍ତମାନ ଅନନ୍ତ କମ୍ପାନୀର ଅଣ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଏପରି କି ସେ ଆର୍‌ଆଇଏଲ୍‌ର ଅନେକ ସହାୟକ କମ୍ପାନୀର ମଧ୍ୟ ବୋର୍ଡ ସଦସ୍ୟ ଓ ପ୍ରମୁଖ ଦାୟିତ୍ୱରେ ରହି କାର୍ଯ୍ୟ ସମ୍ପାଦନ କରୁଛନ୍ତି।

## ସ୍ୱିଗି ସିକ୍ସର ଶୁଭାରମ୍ଭ

ଭୁବନେଶ୍ୱର,୨୬।୪

ଭାରତର ଅଗ୍ରଣୀ ଅନ-ଡିମାଣ୍ଡ କନ୍‌ଭେନିଏନ୍ସ ପ୍ଲାଟଫର୍ମ ସ୍ୱିଗି (ସ୍ୱିଗି ଲିମିଟେଡ୍)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ସ୍ୱିଗି ସିକ୍ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରି କି ଏହା ଏକ ରିୟଲ-ଟାଇମ୍, ମ୍ୟାଚ ଲିଙ୍କ୍ ଅଫର ହୋଇଥିଲାବେଳେ ସ୍ୱିଗି ସିକ୍ସ ଜରିଆରେ ଉପଭୋକ୍ତାମାନେ ଦେଶର ୫୦,୦୦୦ରୁ ଅଧିକ ରେଷ୍ଟୁରାଣ୍ଟରୁ ଅର୍ଡର ଉପରେ ୬୬% ରିହାତି, ୨୬୬ଟଙ୍କା ରିହାତି, ୧୬୬ ଟଙ୍କା ରିହାତି କିମ୍ବା ୬୬ଟଙ୍କା ରିହାତି ଭଳି ଆକର୍ଷଣୀୟ ରିହାତି ପାଇପାରିବେ। ସେହିଭଳି ଲାଇଭ୍ କ୍ରିକେଟ୍ ମ୍ୟାଚ୍ ସମୟରେ ଛକା ମାରିବା କ୍ଷଣି ଏହି ସୀମିତ ସମୟ ଅଫର ସକ୍ରିୟ ହୋଇଯାଏ ଏବଂ ମାତ୍ର ୧୦ମିନିଟ୍ ପାଇଁ ବୈଧ ରହିଥାଏ। ଏହି ଅଫରର ଲାଭ ଉଠାଇବା ପାଇଁ ୟୁଜର୍ସଙ୍କୁ ଛକା ମାରିବା ପରେ ୧୦ ମିନିଟ୍‌ର ୱିଣ୍ଡୋ ଭିତରେ ନିଜର ଅର୍ଡର ରଖିବାକୁ ପଡିବ।

## ରବି କିଶନ କପିଳା ପଶୁ ଆହାରର ବ୍ରାଣ୍ଡ ଆମ୍ବାସାଡର

ଭୁବନେଶ୍ୱର,୨୬।୪




କାମଧେନୁ କ୍ୟାଟଲ ଫିଡ୍‌ସ ପ୍ରାଇଭେଟ ଲିମିଟେଡ୍‌ର ପ୍ରମୁଖ ଉତ୍ପାଦ ତଥା କପିଳା ପଶୁ ଆହାରର ନୂତନ ବ୍ରାଣ୍ଡ ଆମ୍ବାସାଡର ଭାବେ ଅଭିନେତା ରବି କିଶନଙ୍କୁ ନିଯୁକ୍ତ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଉତ୍ତରପ୍ରଦେଶର କାନପୁରଠାରେ ଏହି ବ୍ରାଣ୍ଡ ଅବସ୍ଥିତ ରହିଛି। ଏହି ବ୍ରାଣ୍ଡ ବର୍ତ୍ତମାନ ଦେଶର ୧୮ ରାଜ୍ୟରେ ୪୦୦ ଡିଲର୍ସ ଏବଂ ୪୦୦୦ରୁ ଅଧିକ ସବ୍‌ଡିଲରଙ୍କ ଜରିଆରେ କାରବାର କରୁଛି। ବ୍ରାଣ୍ଡ ଗୁଣାତ୍ମକ ପଶୁ ଆହାର ସାଙ୍ଗକୁ ଉନ୍ନତମାନର ଉତ୍ପାଦ ଏବଂ ଅନେକ ପ୍ରକାର ପଶୁ ଖାଦ୍ୟ ବଜାରରେ ଉପଲବ୍ଧ କରାଉଛି। ବଜାର ଚାହିଦା ଓ ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ବ୍ରାଣ୍ଡ ଉତ୍ପାଦ ଉତ୍ପାଦନ କରୁଥିଲାବେଳେ ସୁଲଭ ମୂଲ୍ୟରେ ସବୁବର୍ଗର ଗ୍ରାହକଙ୍କ ପକେଟକୁ ସୁହାଇଲା ଭଳି ଦରରେ ବ୍ରାଣ୍ଡ ଖାଦ୍ୟ ଯୋଗାଇ ଦେଉଛି।

## ଓୟୁଟିଆର୍‌ରେ ଯନ୍ତ୍ରସଜ୍ଜା ପ୍ରଦର୍ଶନୀ


ବିଶ୍ୱବିଦ୍ୟାଳୟର ଅଧିକାରୀ, ଶିକ୍ଷକ ଓ ଅନ୍ୟମାନେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

ଭୁବନେଶ୍ୱର,୨୬।୪

ଓଡ଼ିଶା ବୈଷୟିକ ଏବଂ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର) ରେ ଯନ୍ତ୍ରସଜ୍ଜା ପ୍ରଦର୍ଶନୀ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏପରିକି ଓୟୁଟିଆରର ଯାନ୍ତ୍ରିକ ବିଜ୍ଞାନ (ମେକାନିକାଲ ସାଇନ୍ସ) ବିଭାଗ ପକ୍ଷରୁ ଆୟୋଜିତ ଏହି 'ଯନ୍ତ୍ରସଜ୍ଜା-ପ୍ରଦର୍ଶନୀ ୨୦୨୫'ର ଆୟୋଜନ ସଫଳତାର ସହ ଶେଷ ହୋଇଛି, ଯାହା ଶେଷବର୍ଷର ଛାତ୍ର ପ୍ରକଳ୍ପଗୁଡ଼ିକର ଏକ ମହାନ୍ ପ୍ରଦର୍ଶନୀ ଥିଲା। ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ସ୍ଥାୟୀ ଭବିଷ୍ୟତ ଗଠନ ଲାଗି ସେମାନଙ୍କର ଅଭିନବ ସମାଧାନ ପ୍ରଦର୍ଶନ କରିବା ପାଇଁ ଏକ ସ୍ପନ୍ଦନଶୀଳ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିଥିଲା। ଏହି ଏକ୍ସପୋରେ ସ୍ମାର୍ଟ ଜଳସେଚନ ବ୍ୟବସ୍ଥା, ସ୍ଥାୟୀ ବିଦ୍ୟୁତ୍ ଉତ୍ପାଦନ ମଡେଲ୍, ସୌରଚାଳିତ ଜଳ ପମ୍ପ୍ ଏବଂ ଅନ୍ୟାନ୍ୟ ଅଗ୍ରଣୀ ପଦକ୍ଷେପ ସମେତ ବିଭିନ୍ନ ଯୁଗାନ୍ତକାରୀ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରତ୍ୟେକ ପ୍ରକଳ୍ପ ବାସ୍ତବ ବିଶ୍ୱ ଚ୍ୟାଲେଞ୍ଜର ମୁକାବିଲା ପାଇଁ ଛାତ୍ରୀଛାତ୍ରମାନଙ୍କର ସୃଜନଶୀଳ ଆଭିମୁଖ୍ୟକୁ ପ୍ରତିଫଳିତ କରିଥିଲା, ଯାହା ଅନୁକୂଳନ ଏବଂ ପରିବେଶଗତ ଚେତନା ଉପରେ ଗୁରୁତ୍ୱ ଦେଇଥିଲା। ଏହି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର କୁଳପତି ବିଭୂତି ଭୂଷଣ ବିଶ୍ୱାଳ, ମେକାନିକାଲ୍ ସାଇନ୍ସେସ୍ ସ୍କୁଲ୍‌ର ମୁଖ୍ୟ ପ୍ରଫେସର ସରୋଜ କୁମାର ପ୍ରଧାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା।

## ବଜାରରେ ରୟାଲ ଏନ୍‌ଫିଲ୍ଡର 'ହଣ୍ଟର ୩୫୦'

ଭୁବନେଶ୍ୱର,୨୬।୪




ରୟାଲ ଏନ୍‌ଫିଲ୍ଡର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ହଣ୍ଟର ୩୫୦'ର ଅନାବରଣ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରୟାଲ ଏନ୍‌ଫିଲ୍ଡର ଓଡ଼ିଶା ୟୁନିଟ୍ ପକ୍ଷରୁ ଭୁବନେଶ୍ୱରଠାରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର୍ସଗୁଡିକଙ୍କ ଜରିଆରେ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ୨୦୨୫ ହଣ୍ଟର ୩୫୦ରେ ସମସ୍ତ ପ୍ରକାରର ବୈଶିଷ୍ଟ୍ୟ ସାମିଲ ରହିଛି। ଏପରିକି ଏଥିରେ ଆଧୁନିକ ଫିଚର ସହିତ ୩ଟି ସ୍ପନ୍ଦନଶୀଳ ନୂତନ ରଙ୍ଗ୍ ରିଓ ହ୍ୱାଇଟ୍, ଟୋକିଓ ବ୍ଲାକ୍ ଏବଂ ଲଣ୍ଡନ୍ ରେଡ୍ ଭଳି ରଙ୍ଗର ପ୍ରଚଳନ କରାଯାଇଛି, ଯାହା ରାସ୍ତାରେ ଆହୁରି ଅଧିକ ଷ୍ଟାଇଲ୍ ଯୋଗକରୁଛି। ଅପରପକ୍ଷରେ ଉନ୍ନତ ଭୂମି କ୍ଲିୟରାନ୍ସ, ପୁନଃକାର୍ଯ୍ୟ କରାଯାଇଥିବା ସିଟ୍ ଆରାମ, ଅପଗ୍ରେଡ୍ ସସ୍‌ପେନ୍‌ସନ୍ ଏବଂ ଅଧିକ ସହଜ ଓ ସହଜ ଯାତ୍ରା ପାଇଁ ଏକ ପୁନଃନିର୍ମାଣିତ ଏର୍ଗୋନୋମିକ୍ ତ୍ରିଭୁଜ ଅନ୍ତର୍ଭୁକ୍ତ ରହିଛି। ସେହିପରି ୩୫୦-ସିସି ଲାଇନ୍‌ଅପରେ ପ୍ରଥମଥର ପାଇଁ ହଣ୍ଟରରେ ଏକ ସ୍ଲିପ୍-ଆସିଷ୍ଟ କ୍ଲଚ୍ ରହିବ, ଯାହା ମସୃଣ ଗିଅର୍ ପରିବର୍ତ୍ତନ ଏବଂ ଆରୋହୀଙ୍କ ଥକାପଣକୁ ହ୍ରାସ କରିବ। ଏଲ୍‌ଇଡି ହେଡ୍‌ଲ୍ୟାମ୍ପ, ଟ୍ରିପର ନାଭିଗେଶନ୍ ପଡ୍ ଏବଂ ଟାଇପ୍-ସି ୟୁଏସ୍‌ବି ଫାଷ୍ଟଚାର୍ଜିଂ ସହିତ ସଜ୍ଜିତ ଏକ ସଂଯୁକ୍ତ ଏବଂ ଆରାମଦାୟକ ଚଳାଇବା ଅଭିଜ୍ଞତା ସୁନିଶ୍ଚିତ କରିଥାଏ। ଏପରିକି ହଣ୍ଟର ୩୫୦ ରୟାଲ ଏନ୍‌ଫିଲ୍ଡର ସମସ୍ତ ଶୋ'ରୁମ୍‌ରେ ବୁକିଂ ଖୋଲାରହିଛି। ବର୍ତ୍ତମାନ ଏହା ଅଧିକ ତୀକ୍ଷ୍ଣ, ଅଧିକ ଆରାମଦାୟକ ଏବଂ ଅଧିକ ଆରୋହୀ ଆତ୍ମବିଶ୍ୱାସ ପ୍ରଦାନ କରିବା ପାଇଁ ନିର୍ମିତ ହୋଇଛି। ଏହାର ପରିଚୟ ହେବା ପରଠାରୁ ହଣ୍ଟର ୩୫୦ ଯୁବ ଆରୋହୀମାନଙ୍କ ମଧ୍ୟରେ ଏକ ପ୍ରିୟ ଯାନ ହୋଇପାରିଛି, ଯାହା ସେମାନଙ୍କୁ ସହରର ରାସ୍ତାରେ ଚମତ୍କାର ଏବଂ ଚପଳତାର ସହିତ ନେଭିଗେଟ୍ କରିବାରେ ସାହାଯ୍ୟ କରୁଛି।

## ନିବେଶ ପ୍ଲାଟ୍‌ଫର୍ମରେ ନିବେଶକ ଏକଜୁଟ

ଭୁବନେଶ୍ୱର,୨୬।୪

ବର୍ତ୍ତମାନ ସମୟରେ ଠିକ୍ ବାଟ ଓ ନିବେଶର ସୁବିଧା ନିବେଶକଙ୍କ ପାଇଁ ମିଳୁ ନ ଥିଲାବେଳେ କ୍ରେଡାଇ ଓଡ଼ିଶା ଉଭୟ ନିବେଶକ ଓ ନିବେଶର ପ୍ଲାଟଫର୍ମ 'ହୋମ୍ ଆଣ୍ଡ ଡେକୋର ଏକ୍ସପୋ-୨୦୨୫' ଜରିଆରେ ସବୁ ବର୍ଗଙ୍କୁ ଗୋଟିଏ ସ୍ଥାନରେ ଏକଜୁଟ କରାଇଛି। ଏପରିକି କ୍ରେଡାଇ ଓଡ଼ିଶା 'ହୋମ୍ ଆଣ୍ଡ ଡେକୋର ଏକ୍ସପୋ- ୨୦୨୫'ର ସଫଳତା ଜାରି ରହିଛି। ନିଜ ସ୍ୱପ୍ନର ଘର ବିଷୟରେ ଜାଣିବା ପାଇଁ ଏହି ମେଗା ଇଭେଣ୍ଟକୁ ବିଭିନ୍ନ ବର୍ଗର ଲୋକ ଆସୁଛନ୍ତି। ପ୍ରଦର୍ଶନୀର ସପ୍ତମ ଦିନରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ରାଜ୍ୟ ସଭା ସଦସ୍ୟ/ସାଂସଦ ସୁଜିତ କୁମାର ପ୍ରମୁଖ ଏହି ପ୍ରଦର୍ଶନୀକୁ ପରିଦର୍ଶନ କରିଥିଲେ। ଏହି ଅବସରରେ କ୍ରେଡାଇର ଅଧ୍ୟକ୍ଷ ଡି.ଏସ୍. ତ୍ରିପାଠୀ, ଉପାଧ୍ୟକ୍ଷ ବିନୟକୃଷ୍ଣ ଦାସ, ସଭାପତି ସ୍ୱଦେଶ କୁମାର ରାଉତରାୟ, ଉପସଭାପତି ଉମେଶ ଖଣ୍ଡେଲୱାଲ, ସମ୍ପାଦକ ଅନିଲ କୁମାର ଅଗ୍ରୱାଲ, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ବେହେରା, କାର୍ଯ୍ୟନିର୍ବାହୀ ସଦସ୍ୟ ଶେଖ୍ ମାଇରାଜୁଲ ହକ୍, କଳିଙ୍ଗ କେଶରୀ ରଥ, ଶଶିକାନ୍ତ ବାରିକ, କ୍ରେଡାଇ ସମ୍ବଲପୁର ଅଧ୍ୟକ୍ଷ ଦିନେଶ ସିଘାଂନିଆ, କ୍ରେଡାଇ ପୁରୀ ଯୁଗ୍ମ ସଚିବ ପ୍ରମିତ କୁମାର ଦାସ ଏବଂ କ୍ରେଡାଇ ବାଲେଶ୍ୱର ଅଧ୍ୟକ୍ଷ ବିଭୁ ଚନ୍ଦନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୫ ଏପ୍ରିଲ ୨୦ ରୁ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ୧୦ଦିନିଆ ମହୋତ୍ସବକୁ ଏପର୍ଯ୍ୟନ୍ତ ୧୨ ହଜାରରୁ ଅଧିକ ଦର୍ଶକ ପରିଦର୍ଶନ କରିଛନ୍ତି। ଏହି ଏକ୍ସପୋ ସମ୍ଭାବ୍ୟ ଘର ମାଲିକ ଏବଂ ନିବେଶକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ସୃଷ୍ଟି କରିଛି, ଯାହା ନୂତନ ଫ୍ଲାଟ୍ ଏବଂ ବିଭିନ୍ନ ଘର ଏବଂ ସଜ୍ଜା ସମାଧାନ ପାଇଁ ଗୁରୁତ୍ୱପୂର୍ଣ୍ଣ ଅନୁସନ୍ଧାନ ସୃଷ୍ଟି କରିଛି। ଏହି ଏକ୍ସପୋ ଅଗ୍ରଣୀ ବିଲ୍‌ଡର, ବ୍ୟାଙ୍କ, ବିଲ୍ଡିଂ ମ୍ୟାଟେରିଆଲ ନିର୍ମାତା, ଇଲେକ୍ଟ୍ରୋନିକ୍ସ ଫାର୍ମ, ଇଣ୍ଟେରିୟର ଡିଜାଇନର ଏବଂ ଟାଇଲ ନିର୍ମାତାମାନଙ୍କୁ ଏକାଠି କରିବା ପାଇଁ ଏକ ଗତିଶୀଳ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରୁଛି। ଆଶାୟୀ ଘର ମାଲିକ, ରିୟଲ ଇଷ୍ଟେଟ୍ ନିବେଶକ, ଆର୍କିଟେକ୍ଟ ଏବଂ ଡିଜାଇନ୍ ପେସାଦାରମାନଙ୍କ ପାଇଁ ଡିଜାଇନ୍ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ସ୍ମାର୍ଟ ହୋମ୍ ଟେକ୍ନୋଲୋଜି, ପରିବେଶ ଅନୁକୂଳ ନିର୍ମାଣ ସାମଗ୍ରୀ ଏବଂ ଭବିଷ୍ୟତରେ ପ୍ରସ୍ତୁତ ଜୀବନଶୈଳୀ ଉଦ୍ଭାବନରେ ଅତ୍ୟାଧୁନିକ ପ୍ରଦର୍ଶନ କରାଯାଇଛି।

# ରାଇପାହାଡ଼ର ଘରେ ଘରେ ଆନ୍ଧ୍ର, ଓଡ଼ିଶା ବିଦ୍ୟୁତ୍ ମିଟର

## ୨ରାଜ୍ୟର ଟ୍ୟାପ୍‌ରୁ ପାଣି ପାଉଛନ୍ତି ଗ୍ରାମବାସୀ




ନନ୍ଦପୁର,୨୬।୪ (ତୁଷାରକାନ୍ତ ମହାନ୍ତି)

ଗୋଟିଏ ଘରେ ଲାଗିଛି ଦୁଇ ରାଜ୍ୟର ବିଦ୍ୟୁତ୍ ମିଟର। ଗୋଟିଏ ଆନ୍ଧ୍ରର ଅନ୍ୟଟି ଓଡ଼ିଶାର। ଏଭଳି ଘଟଣା ନନ୍ଦପୁର ବ୍ଲକ୍ ଗୋଲୁର ପଞ୍ଚାୟତର ରାଇପାହାଡ ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମରେ ଆନ୍ଧ୍ର ପକ୍ଷରୁ ଲାଗିଥିବା ମିଟରରେ ବିଦ୍ୟୁତ୍ ସଂଯୋଗ ରହିଛି। କିନ୍ତୁ ଓଡ଼ିଶା ମିଟରରେ ବିଦ୍ୟୁତ୍ ସଂଯୋଗ ନାହିଁ। ଏହି ଗ୍ରାମର ସମସ୍ତ ୧୬ ପରିବାର ଆନ୍ଧ୍ର ବିଦ୍ୟୁତ୍ ବିଭାଗର ଉପଭୋକ୍ତା ରହିଛନ୍ତି। ଆନ୍ଧ୍ରର ବିଦ୍ୟୁତ୍ ସଂଯୋଗ କଟିଲେ ଓଡ଼ିଶା ମିଟରରେ ବିଦ୍ୟୁତ୍ ସଂଯୋଗ ଦେବାକୁ ଟିପିଏସ୍‌ଓଡିଏଲ୍ ବିଭାଗ ଅପେକ୍ଷା କରିରହିଛି। ଗ୍ରାମରେ ପାନୀୟ ଜଳ ଯୋଗାଣ ମଧ୍ୟ ସମାନ ସ୍ଥିତି। ଗ୍ରାମରେ ଆନ୍ଧ୍ର ଏବଂ ଓଡ଼ିଶାର ପାଣି ଟ୍ୟାପ୍ ରହିଛି। ଲୋକେ ଦୁଇ ରାଜ୍ୟରୁ ପାନୀୟ ଜଳ ସୁବିଧା ପାଉଛନ୍ତି। ରାଇପାହାଡ଼ ଗ୍ରାମର ୧୬ ପରିବାର ୨ ରାଜ୍ୟର ହିତାଧିକାରୀ ବୋଲି ଆଲୋଚନା ହେଉଛି। ସୂଚନା ଅନୁଯାୟୀ, ଗତ ୧୮ ତାରିଖରେ ରାଇପାହାଡ଼ବାସୀ ଓଡ଼ିଶା ଦ୍ୱାରା ଅଣଦେଖା ଅଭିଯୋଗ କରି ଆନ୍ଧ୍ରରେ ମିଶିବାକୁ ଇଚ୍ଛା ପ୍ରକାଶ କରିବା ସହ ଆନ୍ଧ୍ରପ୍ରଦେଶର ଡୁମୁରିଗୁଡ଼ା ବ୍ଲକ୍ ବିଡିଓ, ତହସିଲଦାର ଓ କୁଣ୍ଟୁମ୍ ପଞ୍ଚାୟତ ପ୍ରତିନିଧିଙ୍କୁ ଭେଟିଥିଲେ। ଏହାପରେ କୋରାପୁଟ ଜିଲାପାଳ ଭି.କୀର୍ତ୍ତିଭାସନ ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରା ଓ ତହସିଲଦାର ପ୍ରଭାତୀ ଝୋଡିଆଙ୍କୁ ରାଇପାହାଡ଼ ଗ୍ରାମକୁ ଯାଇ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଦୁଇ ଅଧିକାରୀ ଶୁକ୍ରବାର ଗ୍ରାମକୁ ଯାଇ ଗ୍ରାମବାସୀ ଓ ଆନ୍ଧ୍ର ଦ୍ୱାରା ନିଯୁକ୍ତ ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ସହ ଆଲୋଚନା କରିଥିଲେ। ୨୦୨୨ ପର୍ଯ୍ୟନ୍ତ ଓଡ଼ିଶା ପ୍ରଶାସନ ପକ୍ଷରୁ ରାଇପାହାଡ଼କୁ ଅଣଦେଖା କରାଯାଉଥିଲା। ଆନ୍ଧ୍ର ପକ୍ଷରୁ ବିଦ୍ୟୁତ୍, ପାଣି, ଆଧାର, ରାଶନ୍, ଭୋଟର କାର୍ଡ, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ସମସ୍ତ ସୁବିଧା ଗ୍ରାମକୁ ଯୋଗାଇ ଦିଆଯାଉଥିଲା। କିନ୍ତୁ ୨୦୨୩ରେ ଆନ୍ଧ୍ରର ଅନୁପ୍ରବେଶ ଓ ଗ୍ରାମବାସୀଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରିବା ଘଟଣା ସାମ୍ନାକୁ ଆସିବା ପରେ ସେମାନେ କୌଣସି ଗୋଟିଏ ରାଜ୍ୟର ହୋଇପାରୁ ନ ଥିବା ଗ୍ରାମର ରାଜାରାଓ ହନ୍ତାଳ, ଦଶରଥ ଗେମେଲ, କମୂଲୁ ଖରା ଓ ରାମବାବୁ ଗେମେଲ ପ୍ରମୁଖ ନନ୍ଦପୁର ବ୍ଲକ୍ ପ୍ରଶାସନିକ ଟିମ୍‌କୁ କହିଛନ୍ତି। ଓଡ଼ିଶା ଦ୍ୱାରା ସ୍ଥାପିତ ଅଚଳ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପକୁ ମରାମତି, ବିଦ୍ୟୁତ୍ ସଂଯୋଗ ପ୍ରଦାନ କରିବାକୁ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ସୌରଚାଳିତ ପ୍ରକଳ୍ପର ମରାମତି ଦୁଇଦିନରେ କରାଯିବ ବୋଲି ତଦାରଖ କରିବାକୁ ଯାଇଥିବା ନନ୍ଦପୁର ବିଡିଓ ଦୋରା, ତହସିଲଦାର ଝୋଡିଆ ଗ୍ରାମବାସୀଙ୍କୁ କହିଛନ୍ତି। ଟିପିଏସ୍‌ଓଡିଏଲ୍ ଏସ୍‌ଡିଓ ଗୋପାଳକୃଷ୍ଣ ପ୍ରଧାନ ଆନ୍ଧ୍ର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କଲେ ହିଁ ଓଡ଼ିଶା ସ୍ଥାପିତ ମିଟରରେ ବିଦ୍ୟୁତ୍ ସଂଯୋଗ ଦିଆଯାଇପାରିବ ବୋଲି କହିଥିବା ଗ୍ରାମବାସୀ ଅଧିକାରୀଙ୍କୁ ଜଣାଇଥିଲେ। ଏ ନେଇ ଜିଲାପାଳଙ୍କୁ ଅବଗତ କରି ତାଙ୍କ ନିର୍ଦ୍ଦେଶ ମୁତାବକ କାର୍ଯ୍ୟ କରାଯିବ ବୋଲି ବିଡିଓ ଏବଂ ଅନ୍ୟ ଅଧିକାରୀ କହିଛନ୍ତି।

## ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା | ବାଲେଶ୍ୱର ପ୍ରଶାନ୍ତଙ୍କ ଘରେ ଏନ୍‌ଆଇଏ ଟିମ୍


ମୃତ ପ୍ରଶାନ୍ତଙ୍କ ବାସଭବନରେ ଏନ୍‌ଆଇଏ ଟିମ୍।

ବାଲେଶ୍ୱର,୨୬।୪ (ବାଞ୍ଛାନିଧି ଦେ)

ପହଲଗାମ୍ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ବାଲେଶ୍ୱରର ପ୍ରଶାନ୍ତ ଶତପଥୀଙ୍କ ଘରେ ଶନିବାର ପହଞ୍ଚିଥିଲା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ୩ଜଣିଆ ଟିମ୍। ଏହି ଟିମ୍ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ପ୍ରତ୍ୟକ୍ଷଦର୍ଶୀ ଥିବା ପ୍ରଶାନ୍ତଙ୍କ ସ୍ତ୍ରୀ ଓ ପୁଅଙ୍କୁ ପଚରାଉଚୁରା କରିଥିଲା। ଏକ କୋଠରିରେ ଦୀର୍ଘ ୫ ଘଣ୍ଟା ଧରି ପଚରାଉଚୁରା କରି ସେଠାରୁ ଫେରିଯାଇଥିଲେ। ଏହି ସମୟରେ ପ୍ରଶାନ୍ତଙ୍କ ମା’, ବଡ଼ଭାଇ, ଭାଉଜ, ଭଉଣୀ ଓ ଅନ୍ୟ ସଦସ୍ୟମାନେ ବାହାରେ ରହିଥିଲେ। ଦେଶର ସୁରକ୍ଷା ତଥା ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କାରେ ଏନ୍‌ଆଇଏ ଟିମ୍ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲା। ଏନ୍‌ଆଇଏ ଟିମ୍ ଦିଲ୍ଲୀରୁ କାର୍ (ନଂ.-ଡିଏଲ୍‌୩ସିସିୱାଇ-୦୯୫୭) ଯୋଗେ ଆସି ଇଶାଣୀ ଗ୍ରାମରେ ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ପହଞ୍ଚିଥିଲା। ସ୍ତ୍ରୀ, ପୁଅଙ୍କ ସହିତ କଶ୍ମୀରରେ ପ୍ରଶାନ୍ତ ଶତପଥୀ ଛୁଟି କାଟୁଥିବା ବେଳେ ଆତଙ୍କବାଦୀମାନେ ତାଙ୍କୁ ଗୁଳି କରି ହତ୍ୟା କରିଥିଲେ। ଆତଙ୍କବାଦୀଙ୍କ ଏହି ବର୍ବରୋଚିତ କାଣ୍ଡକୁ ନିଜ ଆଖିରେ ଦେଖିଥିଲେ ମୃତ ପ୍ରଶାନ୍ତଙ୍କ ସ୍ତ୍ରୀ ଓ ପୁଅ। ଘଟଣା ସମୟରେ କିପରି ଦୃଶ୍ୟପଟ ଥିଲା ସେନେଇ ଯାଞ୍ଚ କରିଥିଲେ ଟିମ୍‌ର ଅଧିକାରୀମାନେ। ଆତଙ୍କବାଦୀମାନେ ଆସିବା ସମୟରେ କେଉଁ ପ୍ରକାର ପୋଷାକ ପିନ୍ଧିଥିଲେ, କେଉଁ ଦିଗରୁ ଆସିଥିଲେ, କେଉଁ ପ୍ରକାରର ଅସ୍ତ୍ରଶସ୍ତ୍ର ଧରିଥିଲେ, ସେମାନେ ଲୋକଙ୍କୁ କ’ଣ ସବୁ କହିଥିଲେ, ଆକ୍ରମଣ ସମୟରେ କ’ଣ କହି ଗୁଳି ମାରୁଥିଲେ, କେତେ ସମୟ ଧରି ସେମାନେ ଆତଙ୍କ ଖେଳାଇଥିଲେ, ସେହି ସମୟରେ ସ୍ଥାନୀୟ ଲୋକ ବା ଦୋକାନୀମାନଙ୍କ ବ୍ୟବହାର କେମିତି ଥିଲା, ଏମିତି ଅନେକ ପ୍ରଶ୍ନ ଏନ୍‌ଆଇଏ ଟିମ୍ ପଚାରି ବୁଝିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଗତ ୨୨ତାରିଖରେ ଜମ୍ମୁ-କଶ୍ମୀରର ପର୍ଯ୍ୟଟନସ୍ଥଳୀ ପହଲଗାମ୍‌ରେ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଯେଉଁଥିରେ ପ୍ରଥମେ ୨୬ ଜଣ ପ୍ରାଣ ହରାଇଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ୨ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଆତଙ୍କବାଦୀ ଆକ୍ରମଣରେ ମୋଟ୍ ୨୮ଜଣଙ୍କର ମୃତ୍ୟୁ ହୋଇଥିଲା। ଏହାର ତଦନ୍ତ ଭାର ଏନ୍‌ଆଇଏକୁ ଦିଆଯାଇଥିଲା।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଗଣକବି ବୈଷ୍ଣବ ପାଣିଙ୍କ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ: ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ନିକଟ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥଳ, ସମୟ: ସକାଳ ୮ଟା ୩୦।
- ଇଟିକିଲି ମିଟିକିଲିର ୩୦ତମ ଚତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ପାଠାଣି ସାମନ୍ତ ପ୍ଲାନେଟୋରିୟମ, ସମୟ: ସକାଳ ୯ଟା।
- ୧୮ ୟୁସିମାସ ଓଡ଼ିଶା ରାଜ୍ୟସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ଏମ୍.ଏସ୍ ସ୍ୱାମୀନାଥନ ହଲ୍, ସ୍ଥାନ: ଓୟୁଏଟି, ସମୟ: ପୂର୍ବାହ୍ନ ୧୦ଟା।
- ସତ୍ୟବାଦୀର ନବମ ବାର୍ଷିକ ସମାରୋହ, ସ୍ଥାନ: ମାହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ଗୀତି ଗଙ୍ଗୋତ୍ରୀ ପକ୍ଷରୁ କବିତା ପାଠୋତ୍ସବ, ପୁସ୍ତକ ଉନ୍ମୋଚନ ଓ ଆଲୋଚନା, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ବରିଷ୍ଠ ଖବରଦାତା ଏସ୍ ଏ କଲିମ୍‌ଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି, ସ୍ଥାନ: ଉତ୍କଳ କରାଟେ ସ୍କୁଲ ସଭାଗୃହ, ୟୁନିଟ୍-୯, ସମୟ: ଅପରାହ୍ନ ୪ଟା ୩୦।
- 'ଏକ ସାମ୍ କିଶୋର ଦା କେ ନାମ', ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ସମକଣ୍ଠର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।
- ଚଲାପଥର ହୀରକ ଜୟନ୍ତୀ ପାଳନ ଅବସରରେ ପୁସ୍ତକ ଉନ୍ମୋଚନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଡ. ଦୋଳଗୋବିନ୍ଦ ଶାସ୍ତ୍ରୀ ସାରସ୍ୱତ ସନ୍ଧ୍ୟା ଓ ସମ୍ମାନ ପ୍ରଦାନ ସମାରୋହ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା: ୬ଟା ୩୦।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ବିଜୟ କୁମାର ବାରିକଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ବାଜିରାଉତ କୈବର୍ତ୍ତ ଯୁବକ ସଂଘ ପକ୍ଷରୁ ମା' ଅଶ୍ୱେନୀ ବାସେଳୀଙ୍କ ଚୈତ୍ରପର୍ବ ମହୋତ୍ସବ, ସ୍ଥାନ: କଳାପ୍ରକାଶିନୀ କ୍ଲବ ପରିସର, ଚୌଦ୍ୱାର, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ସତ୍ୟଭାମା ସାରସ୍ୱତ ଅନୁଷ୍ଠାନ ପକ୍ଷରୁ କବିତା ପାଠୋତ୍ସବ ଓ ପତ୍ରିକା ଉନ୍ମୋଚନ, ସ୍ଥାନ: ବରାଳ, ସାକ୍ଷୀଗୋପାଳ, ସକାଳ ୯ଟା।
- କଳିଙ୍ଗ ବାହିନୀ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଆୟୁର୍ବେଦିକ ମହାବିଦ୍ୟାଳୟ, ପୁରୀ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା, ସ୍ଥାନ: ରେଲୱେ କଲ୍ୟାଣ ମଣ୍ଡପ, ପୁରୀ ଗରୁଡ଼ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀକ୍ଷେତ୍ର ନୃତ୍ୟଶିଳ୍ପୀ ସଂଘ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ପୁରୀ ପୌରସଦନ, ସମୟ: ପୂର୍ବାହ୍ନ ୧୧ଟା।
- ଏଆଇଟିୟୁସିର ପୁରୀ ଜିଲା କମିଟି ବୈଠକ, ସ୍ଥାନ: କୁଳମଣି ଭବନ, ପୁରୀ, ସମୟ: ମଧ୍ୟାହ୍ନ ୧୨ଟା।
- ନବକୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବୀରଗୋବିନ୍ଦପୁର ବ୍ରାହ୍ମଣ ଶାସନ, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଆର୍‌ଏସ୍‌ଏସ୍‌ର ପ୍ରଶିକ୍ଷଣ ଶିବିର, ସ୍ଥାନ: ମାର୍କୋଣା, ସିମୁଳିଆ, ସମୟ: ଦିବସବ୍ୟାପୀ।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମନ୍ମଥ-ମନୋଜ ଫାଉଣ୍ଡେଶନ ପକ୍ଷରୁ ପଦ୍ମଭୂଷଣ ମନୋଜ ଦାସଙ୍କ ୪ର୍ଥ ରାଜ୍ୟସ୍ତରୀୟ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ଶଙ୍ଖାରୀ ଗ୍ରାମ ମନ୍ମଥ-ମନୋଜ ସ୍ମାରକୀ ସ୍ମୃତି ସମ୍ମିଳନୀ କକ୍ଷ, ଭୋଗରାଇ, ସମୟ: ସକାଳ ୮ଟା ୩୦।
- ଖବରଦାତା ସମ୍ମିଳନୀ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆଇନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ସର୍କିଟ୍ ହାଉସ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ପତ୍ରିକା ଲୋକାର୍ପଣ ଉତ୍ସବ, ସ୍ଥାନ: ଭଗବାନପୁର ବୈଠକ ବଙ୍ଗଳା, ରୂପସା, ସମୟ: ଅପରାହ୍ନ ୩ଟା ୩୦।
- ବାର୍ଷିକ ଉତ୍ସବ 'ସାଇ ଫେଷ୍ଟ'ର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସତ୍ୟସାଇ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ କ୍ୟାମ୍ପସ, ଶ୍ରୀକୋଣା, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ମହାବୀରଙ୍କ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ମିଶ୍ରପୁର, ବାସୁଦେବପୁର, ସମୟ: ସକାଳ ୭ଟା।
- ରକ୍ତଦାନ ଶିବିର, ସ୍ଥାନ: ବିନାୟକପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମର ସିଧାପ୍ରସାରଣ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଚାନ୍ଦବାଲି ଏନ୍‌ଏସି, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ କାର୍ଯ୍ୟକ୍ରମର ସିଧାପ୍ରସାରଣ, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଦିବଂଗତ ସାମାଜିକ କର୍ମୀ ତ୍ରିଲୋଚନ ପ୍ରଧାନଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିସଭା, ସ୍ଥାନ: ଧାମରା, ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା।
- ବୈତରଣୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଦୁର୍ଗାପଡ଼ିଆ, ଚାନ୍ଦବାଲି, ସମୟ: ସନ୍ଧ୍ୟା ୬ଟା।
- ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବର ୩ୟ ସନ୍ଧ୍ୟା, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଲକ୍ଷ୍ମୀନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଓରାଳି, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ମା' ମଙ୍ଗଳା ମନ୍ଦିରର ପ୍ରତିଷ୍ଠା ଉତ୍ସବର ଅଧିବାସ ଓ ଅଙ୍କୁରା ରୋପଣ, ସ୍ଥାନ: ଅସିଆ, ଛେନାପଦି, ସମୟ: ସକାଳ ୮ ଟା।
- କଳିଙ୍ଗ କଲଚୁରାଲ ଏକାଡ଼େମୀ ବାର୍ଷିକ ଉତ୍ସବ, ସ୍ଥାନ: କେନ୍ଦୁଝର ଅଡିଟରିୟମ, ସମୟ: ଅପରାହ୍ନ ୫ଟା।
- ସୀତାରାଣୀ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସତ୍‌ସଙ୍ଗ, ସ୍ଥାନ: ଶାସଙ୍ଗ, ଛେନାପଦୀ, କେନ୍ଦୁଝର, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- କ୍ରିକେଟ ମ୍ୟାଚ୍, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- 'ଆମେ ୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।
- ବାର୍ଷିକ ସାରସ୍ୱତ ସମାରୋହ, ସ୍ଥାନ: ଏମ୍‌ପିସି ଉଚ୍ଚ ବିଦ୍ୟାଳୟ, ବେତନଟୀ, ସମୟ: ସକାଳ ୯ଟା।

## ବ୍ରହ୍ମପୁର

- ମୁଖ୍ୟମନ୍ତ୍ରୀଙ୍କଠାକୁରାଣୀଙ୍କ ଦର୍ଶନ, ସ୍ଥାନ: ଦେଶୀ ବେହେରା ସାହି, ସମୟ: ସକାଳ ୯ଟା ୫୦।
- ରାମଚନ୍ଦ୍ର ନାୟକ ସ୍ମାରକୀ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଭୀମପୁର ବିଦ୍ୟାଳୟର ସତବାର୍ଷିକ ଉତ୍ସବ, ସ୍ଥାନ: ଭୀମପୁର, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀଙ୍କ ଆଗମନ, ସ୍ଥାନ: ଘୋଳପୁର ବୁଗୁଡ଼ା ବ୍ଲକ, ସମୟ: ଅପରାହ୍ନ ୧ଟା ୨୦।

## ଢେଙ୍କାନାଳ

- ସିନର୍ଜି କଲେଜରେ ମନ୍ କି ବାତ କାର୍ଯ୍ୟକ୍ରମ, ସ୍ଥାନ: ସିନର୍ଜି ଇଞ୍ଜିନିୟରିଙ୍ଗ୍ କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଇସ୍କନ ପକ୍ଷରୁ ହରେକୃଷ୍ଣ ଉତ୍ସବ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ସ୍ୱେଚ୍ଛାସେବୀ ସଙ୍ଗଠନ 'ପ୍ରସ୍ତୁତି' ପକ୍ଷରୁ ଜଳଛତ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପ ବନ୍ଦର ଚିକିତ୍ସାଳୟ ସମ୍ମୁଖ ଗେଟ୍, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୮ଟା
- ପାରାଦୀପ କ୍ରିକେଟ ଲିଗ୍(ପିସିଏଲ୍) ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଏନ୍‌ଏସି ପଡ଼ିଆ, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ପଞ୍ଚମ ଆମନ୍ତ୍ରଣୀୟ କର୍ପୋରେଟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଚଇତି ଘୋଡ଼ାନାଚ କାର୍ଯ୍ୟକ୍ରମ, ସ୍ଥାନ: ମା' ବାସୁଳେଇ ଦେବୀ ମନ୍ଦିର ପରିସର, ଡାହାଳପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ନବଘନ ଜେନାଙ୍କ ଜନ୍ମଶତବାର୍ଷିକୀ ସମାରୋହ, ସ୍ଥାନ: ବରୀ ବ୍ଲକ୍‌ର ଅଭିମନ୍ୟୁ ବାଲିଆ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଗଣିଆ ଲଙ୍କାପୋଡି ମହୋତ୍ସବରେ ବ୍ରହ୍ମଜ୍ଞାନ ଚର୍ଚ୍ଚା ଓ ମହିରାବଣ ବଧ, ସ୍ଥାନ: ଗଣିଆ ଯାତ୍ରା ପଡ଼ିଆ, ସମୟ:ରାତି ୧୦ଟା।
- ତ୍ରିନାଥ ଠାକୁରଙ୍କ ବାର୍ଷିକୋତ୍ସବ, ସ୍ଥାନ:ନୂଆଗାଁ ଥାନା ପରିସର, ସମୟ: ପୂର୍ବାହ୍ନ ୧୧ଟା ।

## ନବରଙ୍ଗପୁର

- ରକ୍ତଦାନ ଶିବିର, ସ୍ଥାନ: ପୂଜାରୀଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୭ଟା।

## କୋରାପୁଟ

- ପ୍ରଶିକ୍ଷଣ ଶିବିର, ସ୍ଥାନ: ଶିଶୁ ବିଦ୍ୟା ମନ୍ଦିର, ପାରାବେଡ଼ା, ଜୟପୁର, ସମୟ: ପ୍ରାତଃ ୫ଟା ୩୦।
- କେସିସି ବ୍ୟାଙ୍କ ସାଧାରଣ ପରିଷଦ ବୈଠକ, ସ୍ଥାନ: ଜୟପୁର ମୁଖ୍ୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ୬୦ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୮ଟା।
- ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଆୟୋଜିତ ସମ୍ଭାଗସ୍ତରୀୟ ବାସ୍କେଟ୍ ବଲ କ୍ରୀଡା ଉତ୍ସବ ଉଦ୍‌ଯାପନୀ, ସ୍ଥାନ : ସମ୍ବଲପୁରସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରିୟ ବିଦ୍ୟାଳୟ ପରିସର, ସମୟ : ସକାଳ ୮ଟା।

## ବଲାଙ୍ଗୀର

- ରାଜ୍ୟସ୍ତରୀୟ ବିଶ୍ୱାବସୁ ଶବର ସମାଜ ଚିନ୍ତନ ଶିବିର, ସ୍ଥାନ: ଏଆର ପ୍ୟାଲେସ ସମ୍ମିଳନୀ କକ୍ଷ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୯ଟା।

## ରାଉରକେଲା

- ଶ୍ରୀ ଶ୍ରୀ ଦକ୍ଷିଣକାଳୀ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ସେକ୍ଟର--୧, ସମୟ: ସକାଳ ୬ଟା।
- ବାୟାବାବା ଆଶ୍ରମରେ ଶ୍ରାଦ୍ଧ ବାର୍ଷିକ ଉତ୍ସବ, ସ୍ଥାନ: କଳ୍ପତରୁ ଆଶ୍ରମ, ସମୟ: ସକାଳ ୬ଟା ୩୦।
- ଉତ୍କଳମଣି ହୋମିଓପାଥି ମେଡିକାଲ କଲେଜର ସୁବର୍ଣ୍ଣ ଜୟନ୍ତୀ ପାଳନ ସମାରୋହର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୦ଟା।
- ସିଲେଇ କେନ୍ଦ୍ରରେ ପ୍ରମାଣପତ୍ର ବଣ୍ଟନ, ସ୍ଥାନ: ଜଗଦା, ନବଜୀବନ ମଣ୍ଡଳ, ସମୟ: ସନ୍ଧ୍ୟା ୬ଟା ୩୦।
- ଉତ୍କଳ ସାଂସ୍କୃତିକ ଶିଳ୍ପୀ ଅନୁଷ୍ଠାନ ପକ୍ଷରୁ ନାଟ୍ୟ ନାଟିକା କାର୍ଯ୍ୟକ୍ରମ, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଗୋଡ଼ଭଗା, ଅତାବିରା, ସମୟ:ସକାଳ ୭ଟା।
- ଡୁମାଲ ପରିବାରର ବନ୍ଧୁମିଳନ, ସ୍ଥାନ:ସାଇବାବା ମନ୍ଦିର, ନଦୀଖଣ୍ଡି, ବରଗଡ଼, ସମୟ: ସକାଳ ୮ଟା।
- ମନ୍ଦିର ପ୍ରତିଷ୍ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋଡ଼ଭଗା, ଅତାବିରା, ସମୟ:ଅପରାହ୍ନ ୨ଟା।

## ବୌଦ୍ଧ

- ମା' ଭୈରବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ତୃତୀୟ ଦିନ ଧାନାଧିବାସ, ସ୍ଥାନ: ମା ଭୈରବୀଙ୍କ ପ୍ରାଙ୍ଗଣ ପୁରୁଣା କଟକ, ସମୟ: ସକାଳ ୯ଟା।

## ଦେବଗଡ଼

- ସତ୍ୟ ସାଇ ମନ୍ଦିର କମିଟି ପକ୍ଷରୁ ନଗର କିର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ:ଭୋର ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ:ତିଲେଇବଣି ବ୍ଲକ କଲ୍ୟାଣ ମଣ୍ଡପ, ସମୟ:ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ:ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠ ସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲିରେ ବାବାସାହେବ ଡ. ଭୀମରାଓ ଆମ୍ବେଡ଼କରଙ୍କ ଜୟନ୍ତୀ ପାଳନ ସମାରୋହ, ସ୍ଥାନ: ଏସ୍‌ସି ଏସ୍‌ଟି ଷ୍ଟଲ ପରିସର, ସମୟ: ସକାଳ ୯ଟା।
- ତରଭା ଅନ୍ତର୍ଗତ ସ୍ଥିତ ତ୍ରିନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ପୁରାଣପାଠ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ସଂସ୍କୃତି ରକ୍ଷା ଜାଗରଣ ବିଚାର ମନ୍ଥନ କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଜୁନାନୀ ଗାଁ ଗୁରୁକୂଳ ହରିପୁର, ସମୟ: ସକାଳ ୯ଟା।
- ଜମ୍ମୁ କଶ୍ମୀର ପହଲଗାମ ଆକ୍ରମଣ ଘଟଣା ନେଇ କ୍ୟାଣ୍ଡେଲ ଶୋଭାଯାତ୍ରା, ସ୍ଥାନ: ନୂଆପଡ଼ା ଏକତା ଛକରୁ ଗାୟତ୍ରୀ ମନ୍ଦିର, ସମୟ: ସନ୍ଧା ୬ଟା ୩୦।

## ଝାରସୁଗୁଡ଼ା

- ଝାରସୁଗୁଡ଼ା, ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଲଖନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ ଟା।
- ବ୍ରଜରାଜନଗର ମହୋତ୍ସବ ଉଦ୍‌ଘାଟନ ଉତ୍ସବ, ସ୍ଥାନ:ବ୍ରଜରାଜନଗର ସୁଇମିଂପୁଲ ପଡ଼ିଆ, ସମୟ: ଅପରାହ୍ନ ସାଢ଼େ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ନିଜକୁ ଠିକ୍ ଭାବେ ଆଡ୍‌ଜଷ୍ଟ କରି ଚଳାଇ ନେବାରେ ଅସୁବିଧା ହେବ ନାହିଁ। ଦ୍ୱାଦଶସ୍ଥ ଗ୍ରହ ପ୍ରଭାବରେ ଦୀର୍ଘପଥ ଭ୍ରମଣଜନିତ ଅସୁସ୍ଥତା ଅନୁଭବ କରିପାରନ୍ତି। ଅଟକି ରହିଯାଇଥିବା କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ବନ୍ଧୁ ସାହାଯ୍ୟ କରିବେ। କୃଷି, ବାଣିଜ୍ୟ, ପ୍ରଶାସନ ଓ ଆଇନ ଅଦାଲତ ପ୍ରଭୃତି କ୍ଷେତ୍ରରେ ଚେଷ୍ଟା ସଫଳ ହେବ।

**ବୃଷ** ପାରିବାରିକ ଜୀବନରେ ରହିଥିବା ସମସ୍ୟାକୁ ସୁଧାରି ନେବା ପାଇଁ ପ୍ରୟତ୍ନ କରିବେ। ସାମାଜିକ କ୍ଷେତ୍ରରେ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଗୃହ ନିର୍ମାଣ କାର୍ଯ୍ୟ ଯୋଗୁ ଟେନସନ୍ ଲାଗି ରହିବ। ଖଳପ୍ରକୃତିର ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି, କିନ୍ତୁ କିଛି ଅସୁବିଧା ହେବ ନାହିଁ।

**ମିଥୁନ** ଏକାଦଶସ୍ଥ ରବିଙ୍କ ଯୋଗୁ ବନ୍ଧୁଙ୍କ ସହାନୁଭୂତିର ସୁଯୋଗ ଲାଭ କରି ନିଜକୁ ଧନ୍ୟ ମନେକରିବେ। ଯେଉଁ କାମଟିକୁ ଆଜିଯାଏ ଆପଣ କରି ପାରୁନଥିଲେ, ଆଜି ତାହା ସୁବିଧାରେ ସମ୍ପନ୍ନ ହୋଇପାରିବ। ବନ୍ଧୁଙ୍କ ଜରିଆରେ ପାରିବାରିକ ସମସ୍ୟାର ସମାଧାନ ଘଟିପାରେ। ଦର୍ଶନୀୟ ସ୍ଥାନ ପରିଭ୍ରମଣର ସୁଯୋଗ ଜୁଟିବ।

**କର୍କଟ** ଗତକାଲିଠାରୁ ଯାହା କରିବାକୁ ଚିନ୍ତା କରିଥିଲେ, ସେଥିରେ ଅସୁବିଧା ହେବନାହିଁ। କେତେକ କ୍ଷେତ୍ରରେ କହିଁକ କଥା କହି ପରିସ୍ଥିତିକୁ ସୁଧାରି ନେବେ। କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ କିମ୍ବା ଘରର କଥା ବୁଝିବାକୁ ସମୟ ପାଇବେ ନାହିଁ। ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ସାଙ୍ଗକୁ ବ୍ୟବସାୟିକ କ୍ଷେତ୍ର ଉନ୍ନତ ରହିବ।

**ସିଂହ** ଆଜି ପରିବାରର ଅଭାବ ଓ ଅସୁବିଧାକୁ ନେଇ ସରଗରମ ଆଲୋଚନା ହେବ। ବନ୍ଧୁଙ୍କ ସହିତ ବକେୟା ଟଙ୍କାକୁ କେନ୍ଦ୍ର କରି ଟଣାଓଟରା ଲାଗିପାରେ। ସାମାଜିକ ସ୍ତରରେ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ସ୍ଥଗିତ ରହିଥିବା କାମ ସମୂହକୁ ସମ୍ପନ୍ନ କରିବାରେ ପର ଉପରେ ନିର୍ଭର କରି ଦୁଶ୍ଚିନ୍ତାଗ୍ରସ୍ତ ହୋଇପାରନ୍ତି।

**କନ୍ୟା** ବୁଧଙ୍କ ବଳହୀନତା ଯୋଗୁ ଶାରୀରିକ ସ୍ୱାସ୍ଥ୍ୟ ହାନି କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ବିଷମ ପରିସ୍ଥିତିରେ ବନ୍ଧୁଙ୍କଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହେବାରୁ ବ୍ୟସ୍ତତା ବଢ଼ିଯିବ। ଦୀର୍ଘଦିନ ହେଲା ଯେଉଁ କାମଟିକୁ କରିବାକୁ ମନ ବଳାଇଥିଲେ ଆଜି ତାହା କରିବାରୁ ମନ ଉଚ୍ଚାଟ ରହିବ। ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବ।

**ତୁଳା** ଆଜି ବିଭିନ୍ନ ଦିଗରୁ ରୋଜଗାର କରିବାରେ ସମର୍ଥ ହେବେ। ଚତୁର୍ଥାଧିପ ଶନିଙ୍କ ଦୁର୍ବଳତାଜନିତ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ସାଂସ୍କୃତିକ କାର୍ଯ୍ୟକ୍ରମ କିମ୍ବା ଆନୁଷ୍ଠାନିକ କ୍ଷେତ୍ର ତଥା ସାହିତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କଲେ ସମସ୍ୟାକୁ ସୁଧାରି ନେଇପାରିବେ।

**ବିଛା** ମଙ୍ଗଳ ଏବଂ ଶନିଙ୍କ ଦୁର୍ବଳତା କାରଣରୁ ସ୍ୱାସ୍ଥ୍ୟଗତ ସମସ୍ୟା ମନକୁ ନିରୁତ୍ସାହିତ କରିବ। ଯାହାଠାରୁ ଯାହା ପାଇବା ପାଇଁ ପ୍ରତିଶ୍ରୁତି ପାଇଥିଲେ, ତାହା ନ ପାଇବା ହେତୁ ମନ ଭଲ ରହିବ ନାହିଁ। ପରିବହନ ପାଇଁ ଅସୁବିଧା ହେବ ନାହିଁ ଏବଂ ଆଜିର ବ୍ୟବସାୟ ଭଲ ହେବ। ନିକଟତର ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ।

**ଧନୁ** କେନ୍ଦ୍ରସ୍ଥ ଗ୍ରହଯୋଗ ପ୍ରଭାବରୁ ସହକର୍ମୀ କିମ୍ବା ଆତ୍ମୀୟଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଯେ କୌଣସି କ୍ଷେତ୍ରରେ ଭାବି ଚିନ୍ତି କାମ କରିବା ଭଲ। ଅଫିସରଙ୍କ ସମ୍ମୁଖରେ ମନକଥା କହିବାରେ ପଛାଇଯିବେ। ରୋଗପୀଡ଼ା ଭୋଗ କରୁଥିବା ବ୍ୟକ୍ତିଙ୍କ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ଆଶ୍ୱସ୍ତି ଅନୁଭବ କରିବେ।

**ମକର** ସକାଳୁ ବନ୍ଧୁଙ୍କ ଜରିଆରେ ଶୁଭ ଖବର ପାଇ ମନ ଖୁସି ହୋଇଯିବ। ଧନିଷ୍ଠା ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା, ଧାର କରଜ, ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ଯେତେ ଭଲ କାମ କରନ୍ତୁ ଆଦୌ ପସନ୍ଦୁଥିବା ଲୋକମାନେ ନିନ୍ଦା କରିବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କିମ୍ବା ଅଫିସରେ କଳହ ସୃଷ୍ଟି ହୋଇପାରେ।

**କୁମ୍ଭ** ସବୁ ଦିଗରୁ ଭଲ ଥିଲେ ମଧ ମାନ୍ଦା ବେପାର, ବନ୍ଧୁଙ୍କ ଶତ୍ରୁତା, ପୁଅ ଝିଅଙ୍କ ବାହାଘର ନେଇ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ଅଭାବନୀୟ ସ୍ଥିତିରୁ ସହସା ମୁକ୍ତି ମିଳିବା ଯୋଗୁ ଆନନ୍ଦିତ ହେବେ। ବହୁତ ଦିନର ଯୋଜନାଟିକୁ କାଯ୍ୟକାରୀ କରିବାକୁ ଗୁରୁତ୍ୱ ଦେବେ। ନୀଚ ସଂସର୍ଗରୁ ଦୂରେଇ ରହନ୍ତୁ, ଅନ୍ୟଥା ସମାଲୋଚିତ ହେବାକୁ ପଡ଼ିପାରେ।

**ମୀନ** ଗୋଟିଏ ସମସ୍ୟା ଶେଷ ହେଉ ହେଉ ଅନ୍ୟ ଏକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବ। କର୍ମକ୍ଷେତ୍ର ମନ୍ଥର ରହିବ, କିନ୍ତୁ କୌଣସି କାମ ଅଟକିବ ନାହିଁ। ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଲାଗି ରହିବାଜନିତ ଟେନ୍ସନ ଲାଗି ରହିବ। ପାରିବାରିକ ଜୀବନରେ ସନ୍ତାନଙ୍କ ବୈବାହିକ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ।

ଆଜି ଏପ୍ରିଲ ୨୭ ତାରିଖ, ବୈଶାଖ ମାସର ରୁକ୍ମିଣୀ ଅମାବାସ୍ୟା ରବିବାର, ଅମାବାସ୍ୟାର ନିଶାପାଳନ, କରତୋୟା ଏବଂ ସୂର୍ଯ୍ୟମହତୀ ସ୍ନାନଯୋଗ। କବିବର ରାଧାନାଥଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୩ ଗତେ ଘ.୦୯।୩୭ ମଧ୍ୟେ, ଘ.୦୧।୧୯ ଗତେ ଘ. ୦୧।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୯ ଗତେ ଘ.୦୬।୦୪ ମଧ୍ୟେ ରାହୁକାଳ।

## ଉଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାମରେ ଦେଖିଲେ ବାମ ଶିଆଳ**
**ଡାହାଣେ ଦେଖିଲେ ଶଙ୍ଖା**
**ଆଗରେ ଦେଖିଲେ ଭଦଭଦଳିଆ**
**ପାରି ହୋଇଯିବ ଲଙ୍କା।**

ବାମରେ ଶିଆଳ, ଡାହାଣରେ ଶଙ୍ଖଚିଲ ଓ ଆଗରେ ଭଦଭଦଳିଆ ଦେଖିଲେ ଅନୁକୂଳ ଶୁଭ ହୁଏ। ଏପରି ସ୍ଥିତିରେ ଯେ କୌଣସି କାର୍ଯ୍ୟରେ ଘରୁ ବାହାରିଲେ ସେଥିରେ ସଫଳତା ମିଳିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ବଡ଼ ବୋହୂ ବଡ଼ ହଟି**
**ଶହେ ମଣ୍ଡାକୁ କଳରେ ଜାକିଲା**
**ତେବେ ନ ହଲିଲା ପାଟି।**

କେତେଜଣ ବ୍ୟକ୍ତି ଅତ୍ୟନ୍ତ ଧୂର୍ତ୍ତ ପ୍ରକୃତିର ହୋଇଥାନ୍ତି। ଏମିତି ଖଞ୍ଜରେ କାର୍ଯ୍ୟ କରିଥାନ୍ତି ଯେ ତା'ର ଟେର୍ ମଧ କେହି ପାଇପାରି ନ ଥାନ୍ତି। ଲୁଚେଇ ଛପେଇ ସବୁ ନିଜ ଆୟତ୍ତରେ ରଖି ନୀରବତା ଅବଲମ୍ବନ କରୁଥିବା ଚତୁରୀ ନାରୀଟି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପାକିସ୍ତାନୀ ଝିଅ, ଭାରତୀୟ ବୋହୂ: ରହିବାକୁ ଦିଆଯାଉ

**ବଲାଙ୍ଗୀର/ ଭୁବନେଶ୍ୱର /ନଏଡା, ୨୬।୪**
**(ବୀରେନ୍ଦ୍ର କୁମାର ଝାଙ୍କର/ ସୌମ୍ୟ ରଞ୍ଜନ ରାଉତ)**

ପହଲଗାମ୍ ଆକ୍ରମଣ ପରେ ଭାରତ ସରକାର ପାକିସ୍ତାନୀ ନାଗରିକମାନଙ୍କ ଭିଜା ରଦ୍ଦ କରିବା ସହ ୨୭ ତାରିଖ ସୁଦ୍ଧା ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶୁକ୍ରବାର ମୁଖ୍ୟମନ୍ତ୍ରୀମାନଙ୍କୁ ଫୋନ୍ କରି ଭିଜା ଅବଧି ବାହାରେ ସମ୍ପୃକ୍ତ ରାଜ୍ୟଗୁଡ଼ିକରେ ବସବାସ କରୁଥିବା ପାକିସ୍ତାନୀଙ୍କୁ ଖୋଜି ବିଦା କରିବାକୁ କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଏହି ନିର୍ଦ୍ଦେଶ ପରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସରକାରୀ କଳ ପାକିସ୍ତାନୀ ନାଗରିକମାନଙ୍କୁ ଠାବ କରି ତୁରନ୍ତ ଦେଶ ଛାଡ଼ି ଚାଲିଯିବାକୁ ନୋଟିସ୍ ଦେଇଛି। ହାତରେ ୨୪ ଘଣ୍ଟାରୁ କମ୍ ସମୟ ଥିବାବେଳେ ଏଥିପାଇଁ ପୂର୍ବରୁ ପ୍ରସ୍ତୁତ ହୋଇ ନ ଥିବା ଅନେକ ମହିଳା ପାକିସ୍ତାନୀ ଏବେ ଚିନ୍ତାରେ ପଡ଼ିଛନ୍ତି। ବଲାଙ୍ଗୀର ଠିକାଦାରପଡ଼ାର ଶାରଦା ବାଈଙ୍କଠୁ ନେଇ ଭୁବନେଶ୍ୱରରେ ରହୁଥିବା ନଗମା ୟୁସୁଫ ଏବଂ ଉତ୍ତରପ୍ରଦେଶର ଗ୍ରେଟର ନଏଡାରେ ବସବାସ କରୁଥିବା ସୀମା ହାଇଦର ଅତର୍କିତ ପ୍ରତ୍ୟର୍ପଣର ସମ୍ମୁଖୀନ ହୋଇଛନ୍ତି।

ପାକିସ୍ତାନୀ ମହିଳା ଶାରଦା ବାଈ ୩୫ ବର୍ଷ ତଳେ ବଲାଙ୍ଗୀରର ମହେଶ କୁକ୍ରେଜାଙ୍କୁ ବିବାହ କରିଥିଲେ। ୧୯୯୧ ମସିହାରୁ ତାଙ୍କର ଭିଜା ରଦ୍ଦ ହୋଇଯାଇଥିବା ଜଣାପଡ଼ିବା ପରେ ଶନିବାର ତାଙ୍କୁ ବଲାଙ୍ଗୀର ଜିଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ଜାରି କରାଯାଇଛି। ସାରଦା କହିଛନ୍ତି, ସେ ବଲାଙ୍ଗୀରରେ ୩୫ ବର୍ଷ ହେଲା ସ୍ୱାମୀ ଏବଂ ପରିବାର ସହ ରହୁଛନ୍ତି। ଏଠି ସେ ସ୍ୱାମୀ, ପୁଅ,ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀଙ୍କ ସହ ଖୁସିରେ ଅଛନ୍ତି। ୧୯୯୫ରୁ ସେ ଭୋଟ ମଧ ଦେଇ ଆସୁଛନ୍ତି। ପାକିସ୍ତାନରେ ତାଙ୍କର କେହି ନାହାନ୍ତି। ପରିବାର ଛାଡ଼ି ସେଠାକୁ ଗଲେ କିପରି ରହିବି ବୋଲି ସାରଦା ପ୍ରଶ୍ନ କରିଛନ୍ତି। ସେହିପରି ଭୁବନେଶ୍ୱରର ଜଣେ ବ୍ୟବସାୟୀଙ୍କୁ ୨୦୦୮ରେ ପ୍ରେମ ବିବାହ କରିଥିବା ନଗମା ୟୁସୁଫଙ୍କ ଭିଜା ଅବଧି ୨୦୨୪ରେ ଶେଷ ହୋଇଯାଇଥିଲା। ତେଣୁ ଭୂବନେଶ୍ୱର ଛାଡ଼ି ଯିବା ପାଇଁ ପୋଲିସ ତାଙ୍କୁ ନୋଟିସ୍ କରିଛି। ଘଟଣାକୁ ନେଇ ନଗମାଙ୍କ ସ୍ୱାମୀ ମହମ୍ମଦ ନିଜାମୁଦ୍ଦିନ କହିଛନ୍ତି, ଭିଜା ଅବଧି ଶେଷ ହେବା ପରେ ନଗମା ଏକ୍‌ଜିଟ୍ ଭିଜା ପାଇଁ କମିଶନରେଟ ପୋଲିସ ନିକଟରେ ଆବେଦନ କରିଥିଲେ। ସାମ୍ପ୍ରତିକ ସ୍ଥିତି ଅନୁଯାୟୀ ସରକାର ନଗମାଙ୍କୁ ନୋଟିସ୍ ଜାରି କରିଛନ୍ତି। ସରକାରଙ୍କ ନିଷ୍ପତ୍ତିକୁ ସମ୍ମାନ ଦେବାର ଆବଶ୍ୟକତା ରହିଛି।

ଟିକ୍‌ଟକ୍ ଜରିଆରେ ପ୍ରେମ ସମ୍ପର୍କ ସ୍ଥାପନ କରି ୟୁପିର ସଚିନ ମୀନାଙ୍କୁ ବିବାହ କରିବା ପରଠାରୁ ପାକିସ୍ତାନୀ ମହିଳା ସୀମା ହାଇଦର ସ୍ୱାମୀଙ୍କ ସହ ନଏଡାରେ ରହି ଆସୁଛନ୍ତି। ବିଦା ହେବା ଭୟରେ ସୀମା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଦେଶରେ ରହିବା ପାଇଁ ଅନୁମତି ପ୍ରଦାନ ସକାଶେ ନିବେଦନ କରିଛନ୍ତି। ସୀମା କହିଛନ୍ତି, ସେ ଏବେ ପାକିସ୍ତାନୀ ଝିଅ ନୁହନ୍ତି, ବରଂ ସେ ଭାରତର ବୋହୂ। ତେଣୁ ସେ ପାକିସ୍ତାନ ଯିବାକୁ ଚାହୁଁନାହାନ୍ତି। ପ୍ରେମିକ ସଚିନଙ୍କୁ ବିବାହ କରିବା ପରେ ସେ ହିନ୍ଦୁ ଧର୍ମକୁ ମଧ ଆପଣାଇଛନ୍ତି। ତାଙ୍କୁ ଭାରତରେ ନିଜ ପରିବାର ସହ ରହିବାକୁ ଦିଆଯାଉ ବୋଲି ସୀମା ଏକ ଭିଡିଓରେ କହିଛନ୍ତି, ଯାହା ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଛି।



ସୀମା ହାଇଦର



ସାରଦା ବାଈ

# ଜନ୍ମ ସୋରରେ, ପାକିସ୍ତାନୀ ଦର୍ଶାଇ ନୋଟିସ୍

**ସୋର, ୨୬।୪(ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ପୌରପାଳିକା ଅଧୀନ ପାରମହଲ୍ଲାରେ ରହୁଥିବା ୭୦ ବର୍ଷୀୟା ରେଜିଆ ସୋଲତାନଙ୍କୁ ଶନିବାର ହଠାତ୍ ଜିଲା ପ୍ରଶାସନ ପକ୍ଷରୁ ଭାରତ ଛାଡିବାକୁ ନୋଟିସ୍ ଆସିଛି। ରେଜିଆ ସୋରରେ ଜନ୍ମଗ୍ରହଣ କରିଥିବା ବେଳେ ଥରେ ବି ପାକିସ୍ତାନ ଯାଇନାହାନ୍ତି। ତାଙ୍କୁ କେମିତି ନୋଟିସ ଆସିଲା ତାହା ସେମାନଙ୍କୁ ଚକିତ କରିଛି। ରେଜିଆଙ୍କର ସୋରରେ ଜନ୍ମ ପ୍ରମାଣପତ୍ର, ପାନ କାର୍ଡ, ଆଧାର କାର୍ଡ, ଭୋଟର କାର୍ଡ, ଭତ୍ତା କାର୍ଡ, ବିଜୁ ସ୍ୱାସ୍ଥ୍ୟ କାର୍ଡ ରହିଛି। ତାଙ୍କ ବାପା ହାଇଦର ଅଲ୍ଲୀଙ୍କ ଘର ବିହାର ଅଞ୍ଚଳରେ। ସେ ପଠାଣମହଲ୍ଲା ଗ୍ରାମର କୌଶାର ବିବିଙ୍କୁ ବିବାହ କରିଥିଲେ। ହାଇଦର ସେତେବେଳେ ସୋରରେ ଏକ ଚା' ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ରେଜିଆଙ୍କୁ ୧୩ ବର୍ଷ ହୋଇଥିବାବେଳେ ପାରମହଲ୍ଲା ଗ୍ରାମର ସେକ ସମସୁଦ୍ଦିନଙ୍କୁ ବିବାହ କରିଥିଲେ। ବିବାହ ପରେ ଏବେ ତାଙ୍କର ଦୁଇ ପୁଅ ଏବଂ ୩ ଝିଅ ଅଛନ୍ତି। ବିବାହ ପରେ ରେଜିଆଙ୍କ ବାପା ହାଇଦର ରେଜିଆଙ୍କୁ ଛାଡି ଅନ୍ୟ ପରିବାର ସଦସ୍ୟଙ୍କ ସହିତ ପାକିସ୍ତାନ ବୁଲିବାକୁ ଯାଇ ଆଉ ଫେରି ନ ଥିଲେ। ଇତିମଧ୍ୟରେ ରେଜିଆଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇସାରିଛି। ସେ ଅସୁସ୍ଥ ଥିବା ବେଳେ ପାକିସ୍ତାନ ଯାଇ କେଉଁଠି ରହିବେ ବୋଲି କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି। ରେଜିଆଙ୍କୁ ଭାରତ ଛାଡିବାକୁ ନୋଟିସ ଆସିବା ପରେ ଆମେ ଭାରତ ଛାଡିବୁ ନାହିଁ, ଆମେ ଏଇଠି ଜନ୍ମ ହୋଇଛୁ ଏଇଠି ମରିବୁ ବୋଲି ପରିବାର ଲୋକେ କହିଛନ୍ତି। ଭାରତ ସରକାର ଏହି ଘଟଣାକୁ ଆଉଥରେ ତର୍ଜମା କରି ନୋଟିସ ଫେରାଇ ନେବାକୁ ପରିବାର ପକ୍ଷରୁ ଆକୁଳ ନିବେଦନ କରାଯାଇଛି।



ରେଜିଆ

# ଦେଶରେ ୫୧ ହଜାର, ଓଡ଼ିଶାରେ ୨୫୮ ଜଣଙ୍କୁ ନିଯୁକ୍ତିପତ୍ର

## ୧୫ତମ ରୋଜଗାର ମେଳା

- ନବନିଯୁକ୍ତଙ୍କୁ ଶୁଭକାମନା ଜଣାଇଲେ ପ୍ରଧାନମନ୍ତ୍ରୀ
- ଭୁବନେଶ୍ୱରରେ ନିଯୁକ୍ତିପତ୍ର ବାଣ୍ଟିଲେ କେନ୍ଦ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା



କେନ୍ଦ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା ଜଣେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୨୬।୪(ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ସରକାରୀ ବିଭାଗ ଓ ପ୍ରତିଷ୍ଠାନରେ ନିଯୁକ୍ତି ପାଇଥିବା ୫୧ହଜାରରୁ ଅଧିକ ନବନିଯୁକ୍ତ ଯୁବତୀଯୁବକଙ୍କୁ ଭିଡିଓ କନ୍‌ଫରେନ୍ସରେ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ଦେଶର ୪୭ଟି ସ୍ଥାନରେ ୧୫ତମ ରୋଜଗାର ମେଳା ଅନୁଷ୍ଠିତ ହୋଇଥିବାବେଳେ ଭୁବନେଶ୍ୱରସ୍ଥିତ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପ୍ରେକ୍ଷାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା ଯୋଗଦେଇ ଓଡ଼ିଶାର ୨୫୮ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ସେ କହିଲେ, ନବନିଯୁକ୍ତ କର୍ମଚାରୀମାନେ କେନ୍ଦ୍ର ସରକାରଙ୍କ ରାଜସ୍ୱ ବିଭାଗ, କାର୍ମିକ ଏବଂ ସାଧାରଣ ଅଭିଯୋଗ ଏବଂ ପେନସନ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ଡାକ ବିଭାଗ, ଉଚ୍ଚଶିକ୍ଷା ବିଭାଗ, ରେଳ ମନ୍ତ୍ରଣାଳୟ ଏବଂ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ଅଂଶ ହେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିକଳ୍ପନାକ୍ରମେ ୨୦୨୨ରୁ ଆରମ୍ଭ ହୋଇଥିବା ରୋଜଗାର ମେଳାଗୁଡ଼ିକରେ ୧୦ ଲକ୍ଷରୁ ଅଧିକ ଯୁବତୀଯୁବକଙ୍କୁ ସରକାରୀ ଚାକିରି ଦିଆଯାଇସାରିଛି। ସରକାରୀ କର୍ମଚାରୀଙ୍କୁ କର୍ମଯୋଗୀରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ମିଶନ କର୍ମଯୋଗୀ ଏବଂ ଆଇ-ଗଟ୍ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଏହି ପୋର୍ଟାଲରେ ୧୪ଶହରୁ ଅଧିକ ପାଠ୍ୟକ୍ରମ ରହିଛି। ଏସବୁ ପାଠ୍ୟକ୍ରମ ମାଧ୍ୟମରେ ସରକାରୀ କର୍ମଚାରୀ ସ୍ୱତନ୍ତ୍ର ସହାୟତା ଲାଭ କରିବା ସହିତ ନିଜ ଦକ୍ଷତାରେ ସୁଧାର ଆଣିପାରୁଛନ୍ତି। ଏବେ ସୁଦ୍ଧା ୧କୋଟିରୁ ଅଧିକ କର୍ମଚାରୀ ଏସବୁ ପାଠ୍ୟକ୍ରମର ଲାଭ ଉଠାଇସାରିଛନ୍ତି ବୋଲି ସେ ସୂଚନା ଦେଇଥିଲେ। ବିଗତ ୧୦ବର୍ଷ ମଧ୍ୟରେ ଦେଶର ଅନେକ ପ୍ରଗତି ହୋଇଛି। ଆଜି ଯେଉଁସବୁ ନିଷ୍ପତ୍ତି ନିଆଯାଉଛି ତାହାର ପ୍ରଭାବ ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ଅନୁଭୂତ ହେବ। ଯୁବବର୍ଗ ଓ ମହିଳାଙ୍କ ସ୍ୱପ୍ନ ଶିଖର ଛୁଇଁଛି ଏବଂ ସେମାନଙ୍କ ଆକାଂକ୍ଷା ପୂରଣ ହେଉଛି। ଦେଶରେ ଆସିଥିବା ବ୍ୟାପକ ପରିବର୍ତ୍ତନ କାରଣରୁ ନାଗରିକଙ୍କୁ ସବୁପ୍ରକାର ମୌଳିକ ସୁବିଧା ମିଳିପାରୁଛି। ଦେଶର ଯୁବବର୍ଗ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିପାରିବେ ବୋଲି କେନ୍ଦ୍ରମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ଅନ୍ୟପକ୍ଷରେ ଭିଡିଓ କନଫରେନ୍ସରେ ପ୍ରଧାନମନ୍ତ୍ରୀ ମୋଦି ନବନିଯୁକ୍ତଙ୍କୁ ଶୁଭକାମନା ଜଣାଇଛନ୍ତି। ସେ କହିଲେ, ଦେଶର ଆର୍ଥିକ ସୁରକ୍ଷାକୁ ସୁଦୃଢ଼ କରିବା ନବନିଯୁକ୍ତ ଯୁବଶକ୍ତିର ଦାୟିତ୍ୱ। ସଚ୍ଚୋଟତା ଓ ଦାୟିତ୍ୱବୋଧତା ହିଁ ବିକଶିତ ଭାରତରେ ପ୍ରତିଫଳିତ ହେବ। ନିଯୁକ୍ତି ପତ୍ର ପାଇଥିବା ଯୁବପିଢ଼ିଙ୍କ ମଧ୍ୟରେ ୨୮ ପ୍ରତିଶତ ମହିଳା। ସେହିପରି ଯୁବପିଢ଼ି ଡିଜିଟାଲ ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ୀକରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା ସେ କହିଥିଲେ। କାର୍ଯ୍ୟକ୍ରମରେ ସିଜିଏସ୍‌ଟି ଏବଂ ସୀମାଶୁଳ୍କ ଭୁବନେଶ୍ୱର ପ୍ରାନ୍ତ ମୁଖ୍ୟ ଆୟୁକ୍ତ ଏମ୍.ଏସ୍. ରେଡ୍ଡୀ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର, ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ, ମୁଖ୍ୟ ଡାକପାଳ ନିର୍ମଳଜିତ ସିଂଙ୍କ ସମେତ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ ଓ ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଯୋଗ୍ୟ ବରିଷ୍ଠଙ୍କୁ ମିଳିବ ପଦୋନ୍ନତି

## ପୂର୍ତ୍ତ ବିଭାଗରେ ୩୦୫ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀରେ ପଦୋନ୍ନତି ମାମଲା

କଟକ,୨୬।୪(କାର୍ତ୍ତିକ ସାହୁ)

ବିଭାଗୀୟ ପଦୋନ୍ନତି କମିଟିର ସୁପାରିସ ସତ୍ତ୍ୱେ ପୂର୍ତ୍ତ ବିଭାଗର ୩୦୫ ସହକାରୀ ଯନ୍ତ୍ରୀଙ୍କ ପଦୋନ୍ନତି ସହକାରୀ ନିର୍ବାହୀ ଯନ୍ତ୍ରୀ (ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର) ପଦବୀକୁ ହୋଇପାରୁ ନ ଥିଲା। ଏନେଇ ରୁଜୁ ମାମଲାରେ ହାଇକୋର୍ଟ ଦେଇଥିବା ଅନ୍ତରୀଣ ଆଦେଶ ଯୋଗୁ ପଦୋନ୍ନତି ନ ପାଇ ଇତିମଧ୍ୟରେ କେତେଜଣ ଯନ୍ତ୍ରୀ ଅବସର ଗ୍ରହଣ କରିସାରିଛନ୍ତି। ଶନିବାର ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ମାମଲାର ଶୁଣାଣି କରି ପଦୋନ୍ନତି ଉପରେ ପୂର୍ବରୁ ଦିଆଯାଇଥିବା ଅନ୍ତରୀଣ ଆଦେଶକୁ ବଦଳାଇଛନ୍ତି। ଆବେଦନକାରୀଙ୍କଠାରୁ ଯେଉଁମାନେ ଯୋଗ୍ୟତା ଆଧାରରେ ଚାକିରିରେ ବରିଷ୍ଠ ଓ ଯେଉଁମାନେ ଆସନ୍ତା ଜୁନ ୩୦ ସୁଦ୍ଧା ଅବସର ଗ୍ରହଣ କରିବାକୁ ଯାଉଥିବେ, ସେମାନଙ୍କୁ ପଦୋନ୍ନତି ଦିଆଯାଇପାରିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

ବିବରଣୀ ଅନୁଯାୟୀ, ପୂର୍ତ୍ତ ବିଭାଗରେ ଖାଲି ପଡ଼ିଥିବା ୩୦୫ଟି ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀରେ ପଦୋନ୍ନତି ଦେବା ପାଇଁ ୨୦୨୪ ସେପ୍ଟେମ୍ବର ୪ର ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ବୈଠକରେ ସୁପାରିସ କରାଯାଇଥିଲା। ତେବେ ସୁପାରିସକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ବିଭାଗୀୟ କର୍ତ୍ତୃପକ୍ଷ ଡିପିସି ନିଷ୍ପତ୍ତିକୁ ବାତିଲ କରି ୨୦୨୫ ମାର୍ଚ୍ଚ ୬ରେ ଅନ୍ୟ ଏକ ଡିପିସି ବସାଇଥିଲେ। ନୂଆ ଡିପିସି ସୁପାରିସ ଆଧାରରେ ପଦୋନ୍ନତି ଦିଆଯିବା ପୂର୍ବରୁ ଅଣସଂରକ୍ଷିତ ବର୍ଗର ୫ ଜଣ ସହକାରୀ ଯନ୍ତ୍ରୀ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଏହି ମାମଲାର ମାର୍ଚ୍ଚ ୧୮ ତାରିଖ ଶୁଣାଣିରେ ହାଇକୋର୍ଟ ପଦୋନ୍ନତି ଉପରେ ରହିତାଦେଶ ଜାରି କରିଥିଲେ। ଫଳରେ କାହାକୁ ପଦୋନ୍ନତି ଦିଆଯାଇପାରୁ ନ ଥିଲା। ଏପରିକି କେତେଜଣ ସହକାରୀ ଯନ୍ତ୍ରୀ ଚାକିରିରୁ ଅବସର ଗ୍ରହଣ କରିଥିଲେ ମଧ୍ୟ ପଦୋନ୍ନତି ପାଇପାରି ନ ଥିଲେ। ଅପରପକ୍ଷରେ ପଦୋନ୍ନତି ସୁଯୋଗରୁ ବଞ୍ଚିତ ଉଭୟ ସଂରକ୍ଷିତ ଓ ଅଣସଂରକ୍ଷିତ ବର୍ଗର କେତେକଜଣ ସହକାରୀ ଯନ୍ତ୍ରୀ ଅନ୍ତରୀଣ ଆଦେଶ ପ୍ରତ୍ୟାହାର ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ବି ଅନ୍ତରୀଣ ଆଦେଶ ହଟାଇବା ପାଇଁ ନିବେଦନ କରାଯାଇଥିଲା। ଅଣସଂରକ୍ଷିତ ଆସନ କୌଣସି ବର୍ଗଙ୍କ ପାଇଁ ସଂରକ୍ଷିତ ନୁହେଁ ଏବଂ ଉଭୟ ସଂରକ୍ଷିତ ଓ ଅଣସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ପ୍ରଚଳିତ ଆଇନ, ସୁପ୍ରିମକୋର୍ଟଙ୍କ ବିଭିନ୍ନ ମାମଲାର ରାୟ, ଆଇନ ବିଭାଗର ମତାମତ ଏବଂ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ସଫେଇ ଆଦି ଆଧାରରେ ଅଣସଂରକ୍ଷିତ ଆସନ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ଓ ପଦୋନ୍ନତିରେ ବିଚାର କରାଯାଇପାରିବ ବୋଲି ବଞ୍ଚିତ ପ୍ରାର୍ଥୀମାନେ ଯୁକ୍ତି ବାଢ଼ିଥିଲେ। ଅଣସଂରକ୍ଷିତ ଆସନରେ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ପଦୋନ୍ନତି ଦିଆଯାଇପାରିବ ନାହିଁ ବୋଲି ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ସୁବିର ପାଲିତ ଓ ବିଶ୍ୱବିହାରୀ ମହାନ୍ତି ମାମଲା ରୁଜୁ କରିଥିବା ବେଳେ ପଦୋନ୍ନତିରୁ ବଞ୍ଚିତ ଉଭୟ ସଂରକ୍ଷିତ ଓ ଅଣସଂରକ୍ଷିତ ବର୍ଗର ଯନ୍ତ୍ରୀମାନଙ୍କ ପକ୍ଷରୁ ପ୍ରହଲ୍ଲାଦ କୁମାର ସିଂହ ଏବଂ ଅମିୟ କୁମାର ଛାଟୋଇ ମାମଲା ପରିଚାଳନା କରୁଛନ୍ତି।




# ୨ ମାସ ବନ୍ଦରହିବ ରତ୍ନଭଣ୍ଡାର ମରାମତି

- ରଥଯାତ୍ରା ପରେ କାମ ସରିବା ନେଇ ଆଶା
- ୨୭୭ ଖଣ୍ଡ ପଥର ଲାଗିସାରିଲାଣି


ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏବଂ ଅନ୍ୟ ଅଧିକାରୀ।

ପୁରୀ,୨୬।୪ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଚନ୍ଦନ ଯାତ୍ରା, ସ୍ନାନଯାତ୍ରା, ଅନବସର ଏବଂ ରଥଯାତ୍ରା ସମ୍ପର୍କିତ ନୀତି ସମ୍ପାଦନ ଦୃଷ୍ଟିରୁ ରତ୍ନଭଣ୍ଡାର ସଂରକ୍ଷଣ ତଥା ମରାମତି କାର୍ଯ୍ୟ ଚଳିତ ମାସ ୨୯ରୁ ଜୁନ୍ ୨୭ ତାରିଖ ପର୍ଯ୍ୟନ୍ତ ପ୍ରାୟ ୨ମାସ ଧରି ସ୍ଥଗିତ ରହିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ପ୍ରତିନିଧି, ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀ, ଛତିଶା ନିଯୋଗ ନାୟକ, ଭଣ୍ଡାର ମେକାପ, ତଢାଉକରଣ, ଦେଉଳକରଣଙ୍କ ସମେତ ସମ୍ପୃକ୍ତ ବରିଷ୍ଠ ସେବକମାନେ ଉପସ୍ଥିତ ଥିଲେ।

ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସୂଚନା ଦେଇ କହିଛନ୍ତି, ଆଗାମୀ ଦିନରେ ନୀତି ବହୁଳତା ଦୃଷ୍ଟିରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସ୍ଥଗିତ ରଖାଯିବାକୁ ଦେଉଳକରଣ, ତଢାଉକରଣ ଓ କମାଣ୍ଡର ରିପୋର୍ଟ ଦେଇଥିଲେ। ସେ ସଂକ୍ରାନ୍ତରେ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଲୋଚନା କରାଯାଇଛି। ଆସନ୍ତା ୨୯ ତାରିଖରୁ ଜୁନ ୨୭ ଅର୍ଥାତ ଚନ୍ଦନଯାତ୍ରା ଠାରୁ ଶ୍ରୀଗୁଣ୍ଡିଚା ଯାତ୍ରା ପର୍ଯ୍ୟନ୍ତ ରତ୍ନଭଣ୍ଡାର ମରାମତି ଓ ସରଂକ୍ଷଣ କାର୍ଯ୍ୟ ବନ୍ଦ ରହିବ ବୋଲି ବୈଠକରେ ସ୍ଥିର ହୋଇଛି। ଡିସେମ୍ବର ୧୭ରୁ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଭିନ୍ନ ସମୟରେ ବିଶେଷ ନୀତି ସକାଶେ କାର୍ଯ୍ୟ ବନ୍ଦ ରହିଥିଲେ ହେଁ ଏପ୍ରିଲ ୨୫ ସୁଦ୍ଧା ୧୯୩ ଘଣ୍ଟା ୫ ମିନିଟ୍‌ର କାର୍ଯ୍ୟ ହୋଇସାରିଛି। ଭିତର ରତ୍ନଭଣ୍ଡାର କାର୍ଯ୍ୟ ପ୍ରାୟତଃ ସରିଛି, କେବଳ ଚଟାଣ କାମ ବାକି ରହିଛି। ୨୯ ତାରିଖ ପୂର୍ବରୁ କାର୍ଯ୍ୟ ସାରିବାକୁ କୁହାଯାଇଛି। ସେହିପରି ବାହାର ରତ୍ନଭଣ୍ଡାର କାର୍ଯ୍ୟରେ ଖଣ୍ଡୋଲାଇଟ ପଥର ବ୍ୟବହାର କରାଯିବ। ଆଉ ୫ଟି ବିମ୍ ଲାଗିବ। ଦୁର୍ବଳ ପଥର ସବୁ ସ୍ଥାନାନ୍ତର କରାଯାଉଛି। ବର୍ତ୍ତମାନ ସୁଦ୍ଧା ୨୭୭ ଖଣ୍ଡ ପଥର ଲାଗିସାରିଲାଣି। ବାହାରେ ଆହୁରି କିଛି ପଥର ବ୍ୟବହାର କରାଯିବ। କେତେକ ପଥରରେ କ୍ରାକ୍ ରହିଛି, ସେ ସବୁର କାର୍ଯ୍ୟ କରାଯିବ। କେମିକାଲ ୱାଶ୍ ହେବ। ମହାପ୍ରଭୁଙ୍କ ନୀତିକାନ୍ତିରେ ଯେପରି କୌଣସି ବ୍ୟାଘାତ ହେବନାହିଁ, ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଚନ୍ଦନଯାତ୍ରାଠାରୁ ମହାପ୍ରଭୁଙ୍କ ବିଶେଷ ନୀତି ରହୁଥିବାରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରହିବ। ସେହିପରି ଦେବସ୍ନାନ ପୂର୍ଣ୍ଣିମା ପରେ ମହାପ୍ରଭୁଙ୍କ ଗୁପ୍ତନୀତି ଥିବାରୁ କାର୍ଯ୍ୟ କରାଯିବ ନାହିଁ। ତେଣୁ ଗୁଣ୍ଡିଚା ଯାତ୍ରା ପରେ କାର୍ଯ୍ୟ ହେବ। ଚଳିତବର୍ଷ ଜୁନ ୨୭ରେ ରଥଯାତ୍ରା ଓ ଜୁଲାଇ ୮ରେ ନିଳାଦ୍ରୀ ବିଜେ। ଜୁନ୍ ୨୮ରୁ ଜୁଲାଇ ୬ ପର୍ଯ୍ୟନ୍ତ ରତ୍ନଭଣ୍ଡାର କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ସମୟ ମିଳିବ। ତେଣୁ ଉକ୍ତ ସମୟରେ ଅଧିକ ସମୟ କାର୍ଯ୍ୟ କରିବାକୁ ଏଏସ୍‌ଆଇକୁ ନିର୍ଦ୍ଦେଶ ଦିଆଯାଇଛି। ରଥଯାତ୍ରା ପରେ ହିଁ ରତ୍ନଭଣ୍ଡାର ସଂରକ୍ଷଣ କାର୍ଯ୍ୟ ଶେଷ ହେବ ବୋଲି ଆଶା ରହିଛି। ସରକାରଙ୍କ ଏସ୍‌ଓପି ଅନୁଯାୟୀ କାର୍ଯ୍ୟ କରାଯିବ। ଏହି ସମ୍ବେଦନଶୀଳ କାର୍ଯ୍ୟକୁ ଗୁରୁତ୍ୱର ସହ ସମ୍ପାଦନ କରୁଥିବାରୁ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଅନ୍ତ୍ୟୋଦୟ ଗୃହ: ୧ ଲକ୍ଷ ୯୧୭ ହିତାଧିକାରୀଙ୍କ ତାଲିକା ମାଗିଲେ ଉପସଚିବ

ଭୁବନେଶ୍ୱର, ୨୬।୪(ସୁନିତ୍ ମିଶ୍ର)

ରାଜ୍ୟରେ ୧ ଲକ୍ଷ ୯୧୭ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପକ୍କାଘର ଯୋଗାଇ ଦିଆଯିବାକୁ ସରକାର ଟାର୍ଗେଟ ସ୍ଥିର କରିଛନ୍ତି। ଅନୁଗୋଳରେ ୧୧୮୦, ବାଲେଶ୍ୱରରେ ୪୧୦୭, ବରଗଡ ୩୮୨୫, ଭଦ୍ରକ ୨୮୪୪, ବଲାଙ୍ଗୀର ୩୭୨୪, ବୌଦ୍ଧ ୧୩୦୮, କଟକ ୫୬୭୫, ଦେବଗଡ ୫୮୬, ଢେଙ୍କାନାଳ ୨୩୦୧, ଗଜପତି ୩୨୧୧, ଗଞ୍ଜାମ ୭୧୫୬, ଜଗତ୍‌ସିଂହପୁର ୩୦୯୬, ଯାଜପୁର ୭୧୬, ଝାରସୁଗୁଡ଼ା ୧୫୭୧, କଳାହାଣ୍ଡି ୨୯୯୮, କନ୍ଧମାଳ ୪୦୮୪, କେନ୍ଦ୍ରାପଡ଼ା ୩୦୨୭, କେନ୍ଦୁଝର ୪୫୪୧, ଖୋର୍ଦ୍ଧା ୩୩୪୧, କୋରାପୁଟ ୪୨୬୧, ମାଲକାନଗିରି ୧୯୩୮, ମୟୂରଭଞ୍ଜ ୧୦୯୯୫, ନବରଙ୍ଗପୁର ୩୦୩୪, ନୟାଗଡ ୨୭୬୬, ନୂଆପଡା ୨୧୯୯, ପୁରୀ ୪୪୧୭, ରାୟଗଡା ୨୮୨୦, ସମ୍ବଲପୁର ୨୫୧୬, ସୋନପୁର ୨୧୩୨ ଏବଂ ସୁନ୍ଦରଗଡର ୪୫୪୮ ଜଣ ହିତାଧିକାରୀଙ୍କୁ ଆର୍ଥିକ ବର୍ଷ ୨୦୨୫-୨୬ ଭିତରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପକ୍କାଘର ବଣ୍ଟାଯିବ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଉପ ସଚିବ କୁଳମଣି ମିଶ୍ର ଗତ ୨୪ ତାରିଖରେ ସବୁ ଜିଲାପାଳମାନଙ୍କୁ ଚିଠି ଲେଖି ଜଣାଇଛନ୍ତି।




# କେନ୍ଦ୍ରୀୟ ଡେପୁଟେଶନରେ ଆଇପିଏସ୍ ଅଫିସର ରବି କାନ୍ତ, ମିତ୍ରଭାନୁ ମହାପାତ୍ର

ଭୁବନେଶ୍ୱର, ୨୬।୪(ସୁନିତ୍ ମିଶ୍ର)

ରାଜ୍ୟର ଆଉ ଦୁଇ ଜଣ ଆଇପିଏସ୍ ଅଫିସର ଡେପୁଟେଶନରେ ଚାଲିଯାଇଛନ୍ତି। ୧୯୯୮ ବ୍ୟାଚ୍ ଆଇପିଏସ୍ ଅଫିସର ରବିକାନ୍ତ ଏବଂ ୨୦୧୦ ବ୍ୟାଚ୍ ଆଇପିଏସ୍ ଅଫିସର ମିତ୍ରଭାନୁ ମହାପାତ୍ର କେନ୍ଦ୍ରୀୟ ଡେପୁଟେଶନ ଲାଗି କରିଥିବା ଆବେଦନ ଗ୍ରହଣ ହୋଇସାରିଛି। ରବି କାନ୍ତ ବର୍ଡର ସିକ୍ୟୁରିଟି ଫୋର୍ସ(ବିଏସ୍‌ଏଫ)ର ଆଇଜି ଭାବେ ନିଯୁକ୍ତି ପାଇଛନ୍ତି। ବିଏସ୍‌ଏଫ୍‌ରେ ଖାଲି ଥିବା ଆଇଜି ପଦବୀରେ ତାଙ୍କୁ ନିଯୁକ୍ତି ଦିଆଯାଇଛି। ସେ ଦାୟିତ୍ୱ ଗ୍ରହଣ କରିବାଠାରୁ ୫ ବର୍ଷ ପର୍ଯ୍ୟନ୍ତ ଡେପୁଟେଶନରେ ରହିବେ। ତାଙ୍କୁ ତୁରନ୍ତ ରାଜ୍ୟରୁ ଛାଡ଼ିଲେ କେନ୍ଦ୍ର ତାଙ୍କୁ ନୂଆ ଦାୟିତ୍ୱ ଦେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗତ ୨୪ ତାରିଖରେ ପ୍ରକାଶ କରାଯାଇଥିବା ଚିଠିରେ ଉଲ୍ଲେଖ ରହିଛି। ସେହିପରି ମିତ୍ରଭାନୁଙ୍କୁ ବିଏସ୍‌ଏଫ୍‌ର ଡିଆଇଜି ଭାବେ ନୂଆ ଦାୟିତ୍ୱ ଦିଆଯାଇଛି। ସେ ମଧ୍ୟ ଦାୟିତ୍ୱ ନେବାଠାରୁ ୫ ବର୍ଷ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିବେ। ଗତ ଜୁଲାଇ ମାସରେ ରବି କାନ୍ତ ଓଡ଼ିଶା ଗୃହ ବିଭାଗର ଓଏସ୍‌ଡି ଭାବେ ରାଜ୍ୟ ସରକାର ବଦଳି କରିଥିଲେ। ସେହିପରି ମିତ୍ରଭାନୁ ମଧ୍ୟ ଗୃହ ବିଭାଗ ଓଏସ୍‌ଡି ଭାବେ ନିଯୁକ୍ତି ପାଇଥିଲେ। ସୂଚନାଯୋଗ୍ୟ, ଏହି ଦୁଇ ଆଇପିଏସ୍ ଗତ ବିଜେଡି ସରକାର ସମୟରେ କ୍ଷମତା କେନ୍ଦ୍ରର ବହୁ ନିକଟତର ବୋଲି ଚର୍ଚ୍ଚା ଜୋର୍ ଧରିଥିଲା ; ଯେଉଁଥିଲାଗି ରାଜ୍ୟରେ ସରକାର ବଦଳିବା ପରେ ଉଭୟଙ୍କ ବଦଳି ଗୃହ ବିଭାଗର ଓଏସ୍‌ଡି ଭାବେ କରାଯାଇଥିବା ଚର୍ଚ୍ଚା ଜୋର୍ ଧରିଲା। ସେହିପରି ପୂର୍ବରୁ ମଧ୍ୟ ବିଜେଡି ସରକାର ସମୟରେ ବହୁତ କ୍ଷମତାଶାଳୀ ଥିବା ଆଇପିଏସ୍ ଡି.ଏସ୍ କୁଟେ ଏବଂ ଆଶିଷ ସିଂ କେନ୍ଦ୍ରୀୟ ଡେପୁଟେଶନରେ ଯାଇସାରିଛନ୍ତି।



# ନିକୃଷ୍ଟ ବିଚାର



ଆକାର ପଟେଲ

ଆମେରିକା କହୁଛି ବାଣିଜ୍ୟରେ ବିଶ୍ୱ ତାହାକୁ ଲୁଟିଛି ଏବଂ କ୍ଷତିପୂରଣ ଚାହେଁ। ଦେଖିବାକୁ ଗଲେ ଏହି ଲୁଣ୍ଠନ ନିଜେ ଆମେରିକା ଦ୍ୱାରା ହୋଇଛି କାରଣ ଏକ ମଜଭୁତ ଡଲାର ପାଇଁ ଆମେରିକା ଯେତିକି ଆମଦାନୀ କରିଛି ସେତିକି ରପ୍ତାନି କରି ନାହିଁ। ଆମେରିକା ଏକ ଉଚ୍ଚ ବାଣିଜ୍ୟ ନିଅଣ୍ଟ ସ୍ଥିତିର ସମ୍ମୁଖୀନ ହେବାକୁ ବାଧ୍ୟ ହୋଇଛି। ଏହାର ମିତ୍ର ଦେଶଗୁଡ଼ିକ ସମେତ ଅଧିକାଂଶ ଦେଶ କମ୍ପାନୀଗୁଡ଼ିକୁ ସବ୍‌ସିଡି ଦେଇ ଏବଂ ସେମାନଙ୍କ ମୁଦ୍ରାକୁ ତ୍ରୁଟିପୂର୍ଣ୍ଣ ଭାବେ କମ୍ ରଖି ଆମେରିକାକୁ ଠକିଛନ୍ତି। ଅନ୍ୟପଟେ ଆମେରିକା ବିଶ୍ୱର ବିଭିନ୍ନ ଦେଶରେ ସାମରିକ ଘାଟି ପରିଚାଳନା ଏବଂ ଯୁଦ୍ଧ କରି ବିଶ୍ୱର ସୁରକ୍ଷା ପାଇଁ ଅନେକ ଟ୍ରିଲିୟନ ଡଲାର ଖର୍ଚ୍ଚ କରିଛି। ତେବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହାକୁ ଭରଣା କରିବା ପାଇଁ ନୂଆ ଟାରିଫ୍ ଲାଗୁ କରିଛନ୍ତି। ଏହି କାରଣରୁ ବିଶ୍ୱ ବିନା ପ୍ରତିବାଦରେ ଏହାକୁ ଗ୍ରହଣ କରି ଆମେରିକାକୁ ପରିଶୋଧ କରିବାକୁ ହେବ ଏବଂ ତା'ଠାରୁ ସାମଗ୍ରୀ କିଣିବାକୁ ପଡ଼ିବ, ଏପରି କି ସାମରିକ ଉପକରଣ କ୍ରୟ କରିବାକୁ ହେବ। ଅନ୍ୟଦେଶଗୁଡ଼ିକୁ ଆମେରିକା କମ୍ପାନୀଗୁଡ଼ିକରେ ନିବେଶ କରିବାକୁ ପଡ଼ିବ, ଯେଉଁଥିରେ ସରଳରେ ଆମେରିକା ରାଜକୋଷକୁ ଅର୍ଥ ଦେଇପାରିବେ। ବିଶ୍ୱ ସମ୍ମୁଖରେ ଏହି ଯୋଜନାକୁ ଆମେରିକା ରାଷ୍ଟ୍ରପତି ଉପସ୍ଥାପନ କରି ପରିଶୋଧ କରିବାକୁ କହିଛନ୍ତି। ଏହା ଉଚିତ କି ଅନୁଚିତ, ଭୁଲ୍ କି ଠିକ୍ ହେଉ ; ଏହା କିନ୍ତୁ ଏକ ଭିନ୍ନ ବିଷୟ। ଆମେରିକାର ବାଣିଜ୍ୟ ନିଅଣ୍ଟ ଏହାର ନିଅଣ୍ଟିଆ ବଜେଟ ଓ ଅତ୍ୟଧିକ ବ୍ୟୟ ସହ ସମ୍ପର୍କ ରହିଛି। ଏଣୁ ଏହି ନିଅଣ୍ଟ ବା ଅଭାବ ପୂରଣ କରିବା ପାଇଁ ବିଶ୍ୱର ବିଭିନ୍ନ ଦେଶରୁ ପୁଞ୍ଜି ଆସିବା ଦରକାର ହେଉଛି।

ନିଜ ଦେଶ ବାହାରେ ସାମରିକ ଘାଟିସବୁ ନିର୍ମାଣ କରିବାକୁ ବିଶ୍ୱ ଆମେରିକାକୁ କହିନାହିଁ। ଆମେରିକା ଯାହାକୁ ଆକ୍ରମଣ କରିଛି କିମ୍ବା ଆମେରିକା ଯାହାକୁ ରକ୍ଷା କରିଛି ତାହା ଉପରେ ମଧ୍ୟ ଆମେରିକା ଏକୁଟିଆ ଆକଳନ କରିଛି। ଟାରିଫ୍ ବୃଦ୍ଧି ଭଳି ଏହା ମଧ୍ୟ ଭିନ୍ନ ବିଷୟ। କିନ୍ତୁ ଏବକାର ସମସ୍ୟା ହେଉଛି, ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଏକ ଯୋଗ୍ୟ ଯୋଜନାକୁ କ'ଣ ଅଯୋଗ୍ୟତାପୂର୍ବକ ଭାବେ କ୍ରିୟାନ୍ୱିତ କରାଯାଇପାରେ କି? ଟାରିଫ୍ ଯୋଜନାର ଲକ୍ଷ୍ୟସବୁ ହେଉଛି ଆମେରିକାକୁ ମାନୁଫାକ୍‌ଚରିଂ ଫେରାଇ ଆଣି ଚାଇନା ଉପରେ ନିର୍ଭରଶୀଳତାକୁ ହ୍ରାସ କରିବା। ଡଲାର ମୂଲ୍ୟକୁ ଅପେକ୍ଷାକୃତ ହ୍ରାସ କରିବା ସହ ରିଜର୍ଭ କରେନ୍ସି ଭାବେ ତାହାର ସ୍ଥିତିକୁ ବଜାୟ ରଖିବା। ଏହା ବ୍ୟତୀତ ଟାରିଫ୍‌ରୁ ଅନେକ ବିଲିୟନ ଡଲାର ସଂଗ୍ରହ କରି ତାହାକୁ ଟିକସ ଛାଡ଼ରେ ଖର୍ଚ୍ଚ କରିବା ଏବଂ ବଜେଟରେ ସମନ୍ୱୟ ଆଣିବା। ସଂକ୍ଷେପରେ କହିବାକୁ ଗଲେ, ଆମେରିକାକୁ ମହାନ୍ କରିବା ଟାରିଫ୍ ଯୋଜନାର ଲକ୍ଷ୍ୟ। ଏହା ଏକ ଗମ୍ଭୀର ବିଷୟ ଓ ଏଥିପାଇଁ ଗମ୍ଭୀର ଯୋଜନା କରି ଲାଗୁ କରିବା ଦରକାର। କିନ୍ତୁ ଆମେରିକାର ଟାରିଫ୍ ଯୋଜନାରେ ବିରାମ, ପ୍ରତ୍ୟାହାର ଏବଂ ଛାଡ଼ ଭଳି ଘଟଣା ସାମ୍ନାକୁ ଆସିଛି। ଏହାର ପରିଣାମ ହେଉଛି ଅବ୍ୟବସ୍ଥା। ଆମେରିକାର ବିଜ୍‌ନେସ୍ ନେଟୱର୍କକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଯେ, କୌଣସି ଦିନ ଟାରିଫ୍‌କୁ ନେଇ ସ୍ଥିତି କ'ଣ ହେବ ତାହା ଉପରେ କେହି ନିଶ୍ଚିତ ନୁହନ୍ତି। ଆମେରିକାର ଟ୍ରେଡ୍ ରିପ୍ରେଜେଣ୍ଟେଟିଭ୍ (ୟୁଏସ୍‌ଟିଆର୍) କଂଗ୍ରେସରେ ନିର୍ବାଚିତ ସଦସ୍ୟଙ୍କ ସମ୍ମୁଖରେ କହିଛନ୍ତି ଯେ, ନିର୍ଦ୍ଦିଷ୍ଟ ଭାବେ ଏହି ଘଟଣାରେ ହ୍ୱାଇଟ ହାଉସରେ କରାଯାଇଥିବା ପରିବର୍ତ୍ତନ ସମ୍ପର୍କରେ ଜାଣନ୍ତି ନାହିଁ। ଟ୍ରେଜେରି ସେକ୍ରେଟାରି (ଅର୍ଥ ମନ୍ତ୍ରୀ)ଙ୍କ ମନ୍ତବ୍ୟ ବାଣିଜ୍ୟ ସଚିବଙ୍କ ମନ୍ତବ୍ୟର ସମ୍ପୂର୍ଣ୍ଣ ବିପରୀତ ହୋଇଛି। ଟ୍ରମ୍ପ୍ ଟାଇମ୍ ମାଗାଜିନକୁ କହିଛନ୍ତି, ଚାଇନାର ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ବୁଝାମଣା କରିବା ପାଇଁ ତାଙ୍କୁ କଲ୍ କରିଥିଲେ। ସଙ୍ଗେ ସଙ୍ଗେ ଚାଇନା ପକ୍ଷରୁ ବିବୃତି ଜାରି କରାଯାଇଛି ଯେ, ଏହା ସମ୍ପୂର୍ଣ୍ଣ ମିଥ୍ୟା। ୨୪ ଏପ୍ରିଲରେ ୱାଶିଂଟନ ପୋଷ୍ଟରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଥିଲା, ଭୂଗର୍ଭରୁ ମିଳୁଥିବା ତଥା ସାମରିକ ଡ୍ରୋନ ବ୍ୟବହାର ଯୋଗ୍ୟ ବୈଦ୍ୟୁତିକ ସରଞ୍ଜାମ ଏବଂ ବୈଦ୍ୟୁତିକ କାର୍ ନିର୍ମାଣରେ ବ୍ୟବହାର ହେଉଥିବା କେତେକ ଦୁର୍ଲଭ ଖଣିଜ ପଦାର୍ଥ ରପ୍ତାନି ଚାଇନା ବନ୍ଦ କରିଛି। ଏହା ଆମେରିକାର ବିଭିନ୍ନ ସଂସ୍ଥା ପାଇଁ ବଡ଼ ବିପଦ। ଯେଉଁମାନେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଯୋଜନା କରୁଛନ୍ତି ସେମାନେ ଆଗକୁ କ'ଣ ଘଟିବ ତାହା ଆକଳନ କରିବା ସହିତ ତାହାର ପରିଣାମ ସମ୍ପର୍କରେ ବ୍ୟାପକ ଅଧ୍ୟୟନ କରିବା ଉଚିତ।

ପାଗଳାମି ପ୍ରକାଶ ପାଇଥିବାରୁ ଏହାର ଶେଷ ଲକ୍ଷ୍ୟ କ'ଣ ହେବ ତାହା ଅସ୍ପଷ୍ଟ। ବାସ୍ତବରେ ମୁକ୍ତ ବାଣିଜ୍ୟ ଯଦି ଯୋଜନାର ଲକ୍ଷ୍ୟ ହୋଇଥାଏ, ତେବେ ବିଜ୍‌ନେସ୍ କାର୍ଯ୍ୟକଳାପ କମ୍ ରହିଥିବା ଦେଶଗୁଡ଼ିକରୁ ଆମେରିକାକୁ କିଭଳି ମାନୁଫାକ୍‌ଚରିଂ ଆସିବ ? ଆଇଫୋନ, ଜୋତା, ପୋଷାକ, ଇସ୍ପାତ ଓ ସେମି କଣ୍ଡକ୍ଟର ଯଦି ପୁନର୍ବାର ଆମେରିକାକୁ ଫେରାଇ ଅଣାଯାଏ ଏବଂ ଆମଦାନୀ ହ୍ରାସ ପାଏ, ତେବେ ଟାରିଫ ଅଧିକ ରାଜସ୍ୱ ସଂଗ୍ରହ କରିପାରିବ ନାହିଁ ଏବଂ ନିଅଣ୍ଟିଆ ସ୍ଥିତି ଲାଗି ରହିବ। ଆମେରିକାର ଏବକାର ଦୃଷ୍ଟିକୋଣ ଦ୍ୱାରା ଉଭୟ ସମସ୍ୟା ସମାଧାନ ହୋଇପାରିବ ନାହିଁ। ଆମେରିକା ଯଦି ଅନ୍ୟ ଦେଶଗୁଡ଼ିକୁ ଚାଇନାଠାରୁ ଅଲଗା କରିବାକୁ ଲକ୍ଷ୍ୟ ରଖିଥାଏ ତେବେ ବୁଝାମଣାର କାରଣ କ'ଣ ରହିଛି ? ଏହି ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଏହିସବୁ ପ୍ରଶ୍ନ ପଚାରିବା ଉଚିତ ହୋଇଥାଆନ୍ତା, କିନ୍ତୁ ଏସବୁ ଉଠି ନ ଥିଲା। ସେହି ପ୍ରଶ୍ନକୁ ଫେରିବାକୁ ଚାହୁଁଛି, ଯାହା ଆରମ୍ଭରେ ଉଠାଇଥିଲି, ତାହାର ଉତ୍ତର ହେଉଛି ନା। ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଏକ ସକ୍ଷମ ଯୋଜନାକୁ ଅଯୋଗ୍ୟତାପୂର୍ବକ କାର୍ଯ୍ୟରେ ପରିଣତ କରିବା ସମ୍ଭବ ନୁହେଁ। ଏହାର କାରଣ ହେଉଛି, ଗମ୍ଭୀରତାର ସହ କରାଯାଇଥିବା କୌଣସି ଯୋଜନା ବିଶେଷକରି ତାହାର ନକାରାତ୍ମକ ପରିଣାମ ସମ୍ପର୍କରେ ଆକଳନ କରିବା ଉଚିତ ଥିଲା। ଆମେରିକାର ଏଭଳି ଏକ ସାମୟିକ ଦୃଷ୍ଟିକୋଣ କାର୍ଯ୍ୟକାରିତାରେ ଏପରିକି ଯୋଜନାରେ ପ୍ରତିଫଳିତ ହେଉଛି। ଅର୍ଥାତ୍ ଏହାକୁ ସୃଷ୍ଟି କରିବାରେ ଠିକ୍ ଭାବେ ଚିନ୍ତା କରାଯାଇନାହିଁ। ଏହା ଈପ୍‌ସିତ ଲକ୍ଷ୍ୟ ହାସଲ କରିବ ନା ବିଫଳ ହେବ, ତାହା ଉପରେ ବିଚାର କରାଯାଇନାହିଁ କି ଗୁରୁତ୍ୱ ଦିଆଯାଇନାହିଁ। ଏହା ହେଉଛି ଏକ ନିକୃଷ୍ଟ କାମ ଏବଂ ନିକୃଷ୍ଟ ବିଚାର ; ଯାହା କ୍ରିୟାନ୍ୱୟନର ଅବ୍ୟବସ୍ଥାରୁ ପ୍ରକାଶ ପାଇଛି। ଏହା ହେଉଛି ଏକ ମାଷ୍ଟରଷ୍ଟ୍ରୋକ୍ ବା ଚତୁର କାମ।

Email:aakar.patel@gmail.com

# ମାଗଣା ସ୍ୱାସ୍ଥ୍ୟସେବା



ଡ. ସନ୍ତୋଷ କୁମାର ମହାପାତ୍ର

ସମ୍ପ୍ରତି ଓଡ଼ିଶା ସରକାର ୧୧ ଏପ୍ରିଲ ୨୦୨୫ରେ ଏକ ସମନ୍ୱିତ ସ୍ୱାସ୍ଥ୍ୟବୀମା ଯୋଜନା ଆୟୁଷ୍ମାନ୍ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ବ୍ୟତୀତ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ନୂତନ ଭାବରେ ପ୍ରଚଳିତ ଆୟୁଷ୍ମାନ୍ ବୟୋ-ବନ୍ଦନା ଯୋଜନାକୁ ମଧ୍ୟ ଏହି ପଦକ୍ଷେପରେ ସାମିଲ କରାଯାଇଛି। ୨୦୧୮ରେ ଓଡ଼ିଶାର ପୂର୍ବ ବିଜେଡି ସରକାର କେନ୍ଦ୍ରର ଆୟୁଷ୍ମାନ୍ ଭାରତ ଯୋଜନା କାର୍ଯ୍ୟକାରୀ ନ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (BSKY) କାର୍ଯ୍ୟକାରୀ କରିଥିଲେ। ବର୍ତ୍ତମାନର ଭାଜପା ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ନାମକୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (GJAY)କୁ ପରିବର୍ତ୍ତନ କରିଛନ୍ତି। ଜଣେ ଡାକ୍ତରଙ୍କ କହିବା ଅନୁଯାୟୀ ନୂତନ ଯୋଜନାରେ ସଫ୍ଟୱେୟାର, ଅପରେଶନାଲ ଓ ପ୍ୟାକେଜର ସମସ୍ୟା ରହିଛି। ଗୁଡ଼ାଏ ଓଟିପି ଦରକାର ପଡୁଛି, ପ୍ୟାକେଜ୍ ବହୁତ ମନ୍ଥର ଏବଂ ରୋଗୀକୁ ଆଡ୍‌ମିଶନ ବା ପଞ୍ଜୀକରଣ କରିବା ପାଇଁ ବହୁ ସମୟ ଲାଗୁଛି। ଗୁଡ଼ାଏ ଡାଟା ଦେବାକୁ ପଡୁଛି। ଡାକ୍ତର ଓ ରୋଗୀଙ୍କ ଫଟୋ ଦରକାର ପଡୁଛି, ଯାହା ଡାକ୍ତରମାନେ ଚାହୁଁନାହାନ୍ତି। ଏସବୁକୁ ସରକାର ଧ୍ୟାନ ଦେବା ଜରୁରୀ।

ଏଠାରେ ପ୍ରଶ୍ନ ନୁହେଁ କେଉଁ ଯୋଜନା ଭଲ। ପ୍ରଶ୍ନ ହେଉଛି ଉଭୟ ସରକାରୀ ସ୍ୱାସ୍ଥ୍ୟ ବୀମା ଯୋଜନା। କିନ୍ତୁ ଦେଶ ଯେତେବେଳେ ପ୍ରଗତି ଓ ଅଭିବୃଦ୍ଧି ପଥରେ ଆଗେଇ ଚାଲିଛି ବୋଲି ସରକାର କହୁଛନ୍ତି, ସେତେବେଳେ ସରକାର ସ୍ୱାସ୍ଥ୍ୟସେବା ମାଗଣାରେ ଯୋଗାଇ ନ ଦେଇ ସ୍ୱାସ୍ଥ୍ୟ ବୀମା କାହିଁକି ପ୍ରଚଳନ କରୁଛନ୍ତି? ବୀମା ସଂସ୍ଥାରୁ ଜଣେ ସ୍ୱାସ୍ଥ୍ୟ ବୀମା କ୍ରୟ କରିପାରେ, କିନ୍ତୁ ସରକାର ବୀମା ନ କରି ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇଦେଲେ ସବୁ ଶ୍ରେଣୀର ଲୋକ ଉପକୃତ ହେବେ। ରୋଗୀର କୌଣସି ଚିନ୍ତା ରହିବ ନାହିଁ। ଦେଖିବାକୁ ଗଲେ ସ୍ୱାସ୍ଥ୍ୟ ବୀମା ଦ୍ୱାରା ଘରୋଇ କର୍ପୋରେଟ ହସ୍ପିଟାଲ ବେଶି ଲାଭବାନ୍ ହେଉଛନ୍ତି। ସେମାନେ ବୀମା କଥା ଜାଣିଲେ ବହୁ ଅଧିକ ବିଲ୍ କରୁଛନ୍ତି। ରୋଗୀ କେତେ ଶୀଘ୍ର ଭଲ ହେବ ତାହା ଯେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ, ରୋଗୀର ଚିକିତ୍ସା ମାଧ୍ୟମରେ କେତେ ଅର୍ଥ ରୋଗୀ ବା ସରକାରଙ୍କଠାରୁ ଆଦାୟ କରାଯାଇପାରିବ ତାହା ପ୍ରାଧାନ୍ୟ ପାଉଛି। ପୁନଶ୍ଚ ଦ୍ୱିତୀୟ ଏବଂ ତୃତୀୟ ସ୍ତରୀୟ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତିହେଲେ ସାହାଯ୍ୟ ମିଳିବ। ହସ୍ପିଟାଲରେ ଭର୍ତ୍ତି ନ ହୋଇ ମଧ୍ୟ ଲୋକ ବହୁମାତ୍ରାରେ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ବ୍ୟୟ କରିଥାନ୍ତି।

ଦେଶର ବିଭିନ୍ନ ସ୍ଥାନରେ ୨୦୦୦ ଲୋକଙ୍କ ଉପରେ ଏକ ସ୍ୱାସ୍ଥ୍ୟସେବା ଫାର୍ମ GOQii ଦ୍ୱାରା କରାଯାଇଥିବା ସର୍ଭେ ଉପରେ ଆଧାରିତ 'ଇଣ୍ଡିଆ ଫିଟ୍ ରିପୋର୍ଟ-୨୦୨୫' ଅନୁସାରେ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ପ୍ରାପ୍ତ ହେବା ଆଜି ଅସମ୍ଭବ ହୋଇଛି। ୭୧% କହିଛନ୍ତି ଯେ, ସ୍ୱାସ୍ଥ୍ୟଖର୍ଚ୍ଚ ଏପରି ଆକାଶଛୁଆଁ ହୋଇଛି ଯେ, ବୀମାଭୁକ୍ତ ଭାରତୀୟ ମଧ୍ୟ ଚିକିତ୍ସା ପାଇଁ ଡରୁଛନ୍ତି। ବୀମାଭୁକ୍ତ ଭାରତୀୟଙ୍କ ମଧ୍ୟରୁ ୩୬% କହିଛନ୍ତି- ସେମାନେ ଡାକ୍ତର ପାଖକୁ ଯିବା କମେଇ ଦେଇଛନ୍ତି। କାରଣ ପକେଟରୁ ବହୁତ ଖର୍ଚ୍ଚ କରିବାକୁ ପଡ଼ିଛି। ପ୍ରାୟ ୧୨.୩% ଆର୍ଥିକ ଚାପ ଯୋଗୁଁ ଚିକିତ୍ସା ସ୍ଥଗିତ ରଖିଛନ୍ତି। ପ୍ରାୟ ପାଞ୍ଚ ଜଣଙ୍କ ମଧ୍ୟରୁ ଜଣେ ପ୍ରକାଶ କରିଛନ୍ତି ଯେ, କେବଳ ସ୍ୱାସ୍ଥ୍ୟସେବା ବ୍ୟୟସାପେକ୍ଷ ହେବା ଯୋଗୁ ସେମାନେ ଅତ୍ୟାବଶ୍ୟକ ଚିକିତ୍ସାରୁ ମଧ୍ୟ ବଞ୍ଚିତ ହେଉଛନ୍ତି, ଯାହା ସ୍ୱାସ୍ଥ୍ୟସେବା ଆଜି କେତେ ଅପହଞ୍ଚ ତାହାର ଗମ୍ଭୀରତାକୁ ସ୍ପଷ୍ଟ କରୁଛି। ପ୍ରାୟ ୧୨.୩% କହିଛନ୍ତି ଯେ, ସ୍ୱାସ୍ଥ୍ୟସେବା ଆଜି ଅତ୍ୟାବଶ୍ୟକ ବା ଜରୁରୀ ସେବା ନ ହୋଇ ଏକ ବିଳାସପୂର୍ଣ୍ଣ ଜିନିଷ ପାଲଟିଛି। ୨୦୨୫ରେ ସ୍ୱାସ୍ଥ୍ୟସେବା ପରିବ୍ୟୟ ୧୩% ବୃଦ୍ଧି ପାଇବ ବୋଲି ସେମାନେ ଭାବୁଛନ୍ତି। ପ୍ରାୟ ୩.୮୪% କହିଛନ୍ତି ଯେ, ସେମାନେ ଗତ ବର୍ଷ ଅସୁସ୍ଥ ଥିଲେ। ସେମାନଙ୍କ ମଧ୍ୟରୁ ୪୦% ପୁରୁଷ ଅସୁସ୍ଥ ହୋଇଥିଲାବେଳେ ୬୪% ମହିଳା ଅସୁସ୍ଥ। ଅର୍ଥାତ୍ ମହିଳାମାନେ ବେଶି ଅସୁସ୍ଥ। ଜୀବନଶୈଳୀ ରୋଗରେ ପୀଡ଼ିତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ୪୮.୭% ଉଚ୍ଚ ରକ୍ତଚାପରେ, ୩୯% ମଧୁମେହ ରୋଗ , ୨୪% କୋଲେଷ୍ଟରଲ ଜନିତ ସମସ୍ୟାରେ ପୀଡ଼ିତ।

ବର୍ତ୍ତମାନ ଆମ ରାଜ୍ୟ, ଏପରିକି ଅନ୍ୟ ରାଜ୍ୟରେ ସରକାରୀ ଡାକ୍ତରଖାନାରେ ରୋଗୀଙ୍କ ସଂଖ୍ୟା ଅତ୍ୟଧିକ ହେଉଥିବାବେଳେ ଆବଶ୍ୟକ



ଡାକ୍ତର ରହୁନାହାନ୍ତି। ଏହା ବ୍ୟତୀତ ଆନୁଷଙ୍ଗିକ ଯନ୍ତ୍ରପାତି, ରୋଗୀଙ୍କ ଶଯ୍ୟା ଓ ଭିତ୍ତିଭୂମିର ଘୋର ଅଭାବ ରହିଛି। ବହୁ ସମୟରେ ପିଜି ଛାତ୍ରୀଛାତ୍ର ଚିକିତ୍ସା କରୁଛନ୍ତି। ସରକାରୀ ଡାକ୍ତରଖାନାର ଭିଡ ତଥା ତତକ୍ଷଣାତ ଚିକିତ୍ସା ପ୍ରାପ୍ତ ହେବାର ସମ୍ଭାବନା ନଥିବାରୁ ଅଧିକାଂଶ ବଡ ବଡ ଘରୋଇ ହସ୍ପିଟାଲ ବା ନର୍ସିଂହୋମ ଯିବାକୁ ପସନ୍ଦ କରୁଛନ୍ତି। ପୁନଶ୍ଚ ତାହା ସବୁ ସହରରେ ଉପଲବ୍ଧ ନୁହେଁ। ପ୍ରାୟତଃ ଓଡ଼ିଶାରେ ଭୁବନେଶ୍ୱର, କଟକରେ ଉପଲବ୍ଧ। ଥରେ ପଶିଲେ ସର୍ବନିମ୍ନ ୫୦ ହଜାରରୁ ୧ ଲକ୍ଷ ଟଙ୍କା ଆବଶ୍ୟକ। ଚିକିତ୍ସା ପାଇବା ବହୁତ ବ୍ୟୟସାପେକ୍ଷ। ଏଥିପାଇଁ ଘରୋଇ ହସ୍ପିଟାଲ ବା ନର୍ସିଂହୋମ୍ ମାଲିକ ଯେତିକି ଦାୟୀ ନୁହନ୍ତି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟକ୍ଷେତ୍ରର ବ୍ୟାପକ ଘରୋଇକରଣ ନୀତି ଅଧିକ ଦାୟୀ। ଏକ ବ୍ୟକ୍ତି ବା ଘରୋଇ ସଂସ୍ଥା ଯେତେ ଭଲଲୋକ ହେଲେ ବି ସର୍ବଦା ଚାହିଁବେ ଅଧିକ ଲାଭ ଅର୍ଜନ କରିବା ପାଇଁ, କାରଣ ସେ ସେଥିପାଇଁ ସଂସ୍ଥା ଖୋଲିଛନ୍ତି। କିନ୍ତୁ ସରକାର ନିୟନ୍ତ୍ରଣ କରିବା ଉଚିତ, ଯାହା ଆମ ଦେଶରେ ସମ୍ଭବ ହେଉନାହିଁ।

ସେହିପରି ୫୦ ଲକ୍ଷ ଟଙ୍କାରୁ ଅଧିକ ଦେଇ ଡାକ୍ତରୀ ପଢ଼ି ସାରିବା ପରେ ଅନେକଙ୍କର ସେବା ମନୋବୃତ୍ତି ରହୁନାହିଁ। ବରଂ କେତେ ଅଧିକ ଅର୍ଥ ରୋଜଗାର କରିପାରିବେ ସେଥିପାଇଁ ଚେଷ୍ଟା କରୁଛନ୍ତି। ପୁନଶ୍ଚ ଆଗରୁ ଡାକ୍ତରମାନେ ନିଜ ବୁଦ୍ଧିଖଟାଇ ରୋଗ ନିରୂପଣ କରୁଥିଲେ। କିନ୍ତୁ ବର୍ତ୍ତମାନ ଆବଶ୍ୟକ ଥାଉ ବା ନଥାଉ ଗୁଡ଼ାଏ ପରୀକ୍ଷା ଓ ନିରୀକ୍ଷା କରିବାକୁ କହୁଛନ୍ତି। ରୋଗୀ ଅଯଥାରେ ଖର୍ଚ୍ଚାନ୍ତ ହେଉଛି। ସେହିପରି ଯେଉଁ କମ୍ପାନୀ ବେଶି କମିଶନ ଦେଉଛି, ଡାକ୍ତରମାନେ ସେହି ଔଷଧ ଲେଖୁଛନ୍ତି। ବେଳେବେଳେ ଆବଶ୍ୟକତାଠାରୁ ବହୁ ଅଧିକ ଔଷଧ ଲେଖୁଛନ୍ତି। ଔଷଧ କମ୍ପାନୀ ମନଇଚ୍ଛା ଔଷଧ ମୂଲ୍ୟ ବୃଦ୍ଧି କରୁଛନ୍ତି। ସରକାରଙ୍କ କିଛି ଅଙ୍କୁଶ ନାହିଁ। ବହୁ ଔଷଧର ଉତ୍ପାଦନ ମୂଲ୍ୟଠାରୁ ଔଷଧରେ ଲିଖିତ ସର୍ବାଧିକ ଖୁଚୁରା ମୂଲ୍ୟ ବହୁଗୁଣ ଅଧିକ। ସେବା ମନୋବୃତ୍ତିର ଅଭାବ ପାଇଁ ଆଜିର ଉପଭୋକ୍ତାବାଦ ହିଁ ଦାୟୀ। ଅବଶ୍ୟ ଏହା ସତ୍ତ୍ୱେ ଅନେକ ଡାକ୍ତରଙ୍କ ସେବା ମନୋବୃତ୍ତି ଓ ତ୍ୟାଗ ରହିଛି। ସବୁ ନର୍ସିଂହୋମ୍ ଖରାପ ବୋଲି କୁହାଯାଇପାରିବ ନାହିଁ। ସ୍ୱାସ୍ଥ୍ୟସେବା ସମସ୍ତଙ୍କୁ ଯୋଗାଇଦେବାର ଆବଶ୍ୟକତା ଥିଲାବେଳେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରୀ ବ୍ୟୟ ଜିଡିପି ଅନୁସାରେ ହ୍ରାସ ପାଉଛି। ବିଶ୍ୱରେ ଏହା ହାରାହାରି ୬% ହୋଇଥିଲାବେଳେ ଭାରତରେ କେନ୍ଦ୍ର ଓ ରାଜ୍ୟ ମିଶିକି ୧.୩୫% ରୁ ୧.୯% ମଧ୍ୟରେ ରହୁଛି। ସେଥିରେ ଜଳ ଏବଂ ପରିମଳ ପାଇଁ ଖର୍ଚ୍ଚ, ବୀମା ଆଦି ଅନ୍ତର୍ଭୁକ୍ତ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଜିଡିପି ଅନୁସାରେ କେନ୍ଦ୍ର ସରକାରଙ୍କ ବ୍ୟୟ ୨୦୧୪-୧୫ରେ ୦.୨୫% ଥିଲାବେଳେ ୨୦୨୦-୨୧ରେ ୦.୪୧% ଛୁଇଁଥିଲା। ଏହା କ୍ରମଶଃ ହ୍ରାସ ପାଇ ୨୦୨୫-୨୬ରେ ୦.୨୭% ହେବ ବୋଲି ଆକଳନ କରାଯାଇଛି। କିନ୍ତୁ ଜାତୀୟ ସ୍ୱାସ୍ଥ୍ୟ ନୀତି ଅନୁସାରେ ଏହା ଜିଡିପିର ୨.୫% ରହିବା କଥା।

ମୋ: ୯୪୩୭୨୦୮୭୬୨

# ଚାନ୍ଦା ଧର୍ମ



ହରେକୃଷ୍ଣ ଦାସ

ସେଦିନ ଘରକୁ ଫେରିବା ବାଟରେ ଗୋଟେ ଛକ ପାଖାପାଖି କେତେଜଣ ପିଲା ହାତରେ ଦି'ଟା ରସିଦ ବହି,କିଛି ରଙ୍ଗବେରଙ୍ଗର ପତାକା ଧରି ସାମ୍ନାକୁ ଚାଲିଆସି ଦିଟା ଯାକ ହାତ ମେଲେଇ ଗାଡ଼ି ଆଗରେ ଛିଡ଼ାହୋଇଯାଇ ଅଟକିବାକୁ ଇଙ୍ଗିତକଲେ। ମୁଁ ଅଟକିବା ମାତ୍ରେ ଚାରି ପାଞ୍ଚ ଜଣ ପିଲା ଘେରିଗଲେ। ଦି'ଜଣ ପାଖକୁ ମାଡ଼ି ଆସିଲେ ଏବଂ ତାଙ୍କ ଭିତରୁ ଜଣେ କହିଲା, ''ସାର୍ ନମସ୍କାର। ଆମ ଗାଆଁରେ ବିଶ୍ୱଶାନ୍ତି ଯଜ୍ଞ କରୁଛୁ। କିଛି ଚାନ୍ଦା ଦିଅନ୍ତୁ।'' ପାଖରେ ଥିବା ଆର ପିଲାଟି ଚଟ୍‌କିନା ସଂଶୋଧନକରି କହିଲା,''ହେଃ, ଚାନ୍ଦା କ'ଣ କହୁଛୁ ? କହ, ସାର୍ କିଛି ସାହାଯ୍ୟ କରନ୍ତୁ।'' ରାସ୍ତା କଡ଼ରେ ଗାଡ଼ି ରଖି ଓହ୍ଲାଇ ଆସି ସେ ପିଲା ଦୁହିଁଙ୍କୁ ପାଖକୁ ଡାକି ପଚାରିଲି, ''ଆଚ୍ଛା, ତମ 'ଚାନ୍ଦା' ଓ 'ସାହାଯ୍ୟ' ଭିତରେ କ'ଣ ଫରକ ଅଛି ମତେ ବୁଝାଅ। ତା'ପରେ ମୁଁ ସ୍ଥିର କରିବି ଯେ ଏ ଦିଇଟା ଭିତରୁ ମୁଁ କୋଉଟା ଦେବି।'' ନମସ୍କାର କରିଥିବା ପିଲାଟି ମତେ ଚିହ୍ନିଥିବାରୁ କହିଲା,''ସାର୍, ଆପଣ ଆମ ଚିହ୍ନାଲୋକ। କିଛି ନ ଦେଇ ବି ଯାଇପାରନ୍ତି। କିନ୍ତୁ ଏମିତି ଅବାଗିଆ ପ୍ରଶ୍ନ ପଚାରନ୍ତୁନି।''

ରାଗି ଆସୁଥିବା ପିଲାଟିକୁ ଥାପୁଡ଼େଇ ଦେଇ କହିଲି, ''ଆରେ, ମୁଁ ଖରାପ କରି କହୁନି। କିନ୍ତୁ ମୋର ସନ୍ଦେହ ଟିକିଏ ଦୂରକର।''ସେ କହିଲା, ''ସାର୍, ଆପଣଙ୍କୁ କାଳେ ଖରାପ ଲାଗିବ ବୋଲି ଚାନ୍ଦା ଶବ୍ଦ ବ୍ୟବହାର କରିବାକୁ ସେ ମନାକଲା। ନ ହେଲେ, ଆମେ ପ୍ରକୃତରେ ଚାନ୍ଦା ହିଁ ଆଦାୟ କରୁଛୁ।''''ଆଚ୍ଛା, ତମେ ଏମିତି ରାସ୍ତା ଉପରେ, ଗାଡ଼ି ଆଗକୁ ଚାଲିଆସି ଅଟକେଇଦଉଛ। ଏସବୁ ବେଆଇନ, କିଏ ଅଭିଯୋଗ କଲେ ତମ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଜାଣିଛ ତ ? ଏମିତି ଅବସ୍ଥାରେ ଯଦି ପୋଲିସ ହାବୁଡ଼ରେ ପଡ଼ିଗଲ ତ ସବୁ ଗଲା।''

ତାଚ୍ଛଲ୍ୟଭରା ହସଟିଏ ହସିଦେଇ ସେ କହିଲା,''ସାର୍, ଆପଣ ସିନା ଆଜି ପ୍ରଥମ ଥର ଅଟକିଲେ, ହେଲେ ଆମେ ତ ଏ କାମ ଆଜି ନୂଆ କରୁନୁ। କେତେ ଲୋକ ଚାନ୍ଦା ଦେଇ ଯାଉଛନ୍ତି, କେହି ଜଣେ ବି କାହିଁକି ଅଭିଯୋଗ କରିନାହାନ୍ତି କହିଲେ ? କାରଣ ହେଲା ଯେ ତାଙ୍କ ଭିତରୁ ଅଧିକାଂଶ ଲୋକ ସବୁଦିନ ଏଇ ରାସ୍ତାରେ ଯା'ଆସ କରନ୍ତି। ଭଲ ମନ୍ଦ ଚିନ୍ତା ଅଛି କି ନାହିଁ? ଆଉ, ପୋଲିସ ତ ଆମକୁ ସବୁଦିନ ଦେଖୁଛନ୍ତି। ତାଙ୍କୁ ଦେଖିଲେ ଆମେ ଆଡ଼େଇ ହୋଇଯାଉ, ସେମାନେ ବି ହସିଦେଇ ଚାଲିଯାଆନ୍ତି। ସେ ଆମକୁ କିଛି କହିବେ କାହିଁକି ? ତା' ଛଡ଼ା, ଆମେ ତ ଆପଣମାନଙ୍କ ପାଇଁ ଧର୍ମକାର୍ଯ୍ୟ କରୁଛୁ ଏବଂ ଆପଣମାନଙ୍କୁ ଧର୍ମକାର୍ଯ୍ୟରେ ଲଗଉଛୁ ନା।''

''ଆମମାନଙ୍କ ପାଇଁ ଧର୍ମକାର୍ଯ୍ୟ କେମିତି କରୁଛ ?'' ''ଦେଖନ୍ତୁ, ଆଜିକାଲି ଅଧିକାଂଶ ଲୋକଙ୍କ ପାଖରେ ଠାକୁର ଭକ୍ତି ବୋଲି କିଛି ନାହିଁ। ଘରଟେ କରିଛେ ମାନେ କିଛି ଠାକୁରଙ୍କ ଫଟୋ ନ ରଖିଲେ କାଳେ ଅମଙ୍ଗଳ ହେବ ବୋଲି ଡରରେ ଆମେ ଫଟୋ ରଖିଥାଉ। ବାସିପାଇଟି ସାରିଲା ଭଳିଆ ବହୁ ହିସାବ କିତାବରେ ପୂଜାକରୁ। ଭୋଗ ଲଗାଇସାରିବା ପରେ ସକାଳ ଜଳଖିଆରେ ଆମେ କ'ଣ ଓ କେତେ ପରିମାଣର ଖାଇବୁ, ତାକୁ ଆଖି



ଆଗରେ ରଖି ସେଓ, କଦଳୀ କି ଅଙ୍ଗୁର ଭୋଗ କରାଯାଏ। ପୁଣି ତୁଣ୍ଡରେ ଘର ଲୋକଙ୍କ ସହ କଳି ଝଗଡ଼ା ଚାଲୁଥିବ ଆଉ ହାତଟା ମେଶିନ ଭଳିଆ ଠାକୁରଙ୍କୁ ଭୋଗ, ଧୂପ, ଦୀପ ଲଗାଉଥିବ। କ'ଣ ମିଛ କହିଲି, ଆଜ୍ଞା ? ଆପଣମାନେ କେତେ ଠାକୁର ଭକ୍ତିଆ ଲୋକ, ଆମେ ଜାଣିନୁ ?''

ପିଲାଟାକୁ କି ଜବାବ ଦେବି ମୋ ପାଟି ଖନିମାରିଗଲା। ମୋ ମନ ପଢ଼ିପାରିଲା ଭଳି ସେ କହିଲା,''ବ୍ୟସ୍ତ ହୁଅନ୍ତୁନି, ଆଜ୍ଞା। ଏଇଟା କେବଳ ଆପଣଙ୍କ ଘର କଥା ନୁହେଁ, ଅନେକଙ୍କ ଘରର କାହାଣୀ ଇଏ। ଆମ ଘରେ ବି ମୁଁ ଦେଖିଛି ଏସବୁ।'' ମୁହଁ ଟାଣକରି କହିଲି, ''ତମକୁ ଚାନ୍ଦା ଦେବାରେ ଆମର ଧର୍ମ କେମିତି ହେଲା ?'' ଏକେ ତ ଘରେ ଭକ୍ତିଭାବ ନାହିଁ। ବାହାରେ ବି କୋଉଠି ଠାକୁରଙ୍କ ଉଦ୍ଦେଶ୍ୟରେ ଟଙ୍କାଟିଏ ବି ଦେବା ପରିସ୍ଥିତି ଦେଖିଲେ ଆପଣମାନେ ବାଆଁରେଇ ହୋଇ ଚାଲିଯାଆନ୍ତି। ଆମେ ବହୁ ଫନ୍ଦିକରି ଆପଣଙ୍କ ପାଖରୁ ଯାହା କିଛି ଆଦାୟ କରୁଛୁ, ସେଥିରୁ କିଛି ତ ଠାକୁରଙ୍କ କାମରେ ଲାଗୁଛି ନା। ଆମକୁ ଚାନ୍ଦା ଦେଇ ପରୋକ୍ଷରେ ଆପଣ ଧର୍ମ ଅର୍ଜନ କଲେନି ? ପୁଣ୍ୟ ହେଲାନି ?'

''କିଛି ଠାକୁରଙ୍କ କାମରେ ଲାଗୁଛି। ବାକିତକ ?'' ''ସେ ବି ବେକାର ଯାଉନି। ଆପଣଙ୍କର ପୁଣ୍ୟ ଅର୍ଜନ ପାଇଁ ଏତେ ପିଲା କେତେ ପରିଶ୍ରମ କରୁଛନ୍ତି, ସମୟ ଦେଉଛନ୍ତି। ଦିନଯାକର ପରିଶ୍ରମ ପରେ କ'ଣ ନିଜ ହାତରୁ ଖର୍ଚ୍ଚକରି ରାତିରେ ଖାଇପିଇ ବାଧା ମେଣ୍ଟେଇବେ ? ଆପଣଙ୍କ ଟଙ୍କା ସେମାନଙ୍କ ପେଟ କଥା ବି ବୁଝୁଛି।''

''ବାଧା ମେଣ୍ଟେଇବାର ବ୍ୟବସ୍ଥା କ'ଣ ?'' କୌତୂହଳରେ ପଚାରିଲି। ପିଲାଟି କହିଲା, ''ଟୋକାଟାକାଳିଆ କଥା। କେମିତି ଭୋଜିକରି କ'ଣ ଖିଆପିଆ କରନ୍ତି – ସେକଥା ଆପଣ ସତରେ ଜାଣିନାହାନ୍ତି ?''

''ତା'ହେଲେ ଏମିତି କାର୍ଯ୍ୟକ୍ରମ ପାଇଁ ତମ ଭଳିଆ ଅନେକ ପିଲା ତ ଆଗେଇ ଆସିବା ଉଚିତ। ତା' ଦ୍ୱାରା ଅନେକ ଧର୍ମ କାର୍ଯ୍ୟ, ଅନେକ ଯଜ୍ଞ ଜରିଆରେ ବିଶ୍ୱଶାନ୍ତି ପାଇଁ ନିରନ୍ତର ପ୍ରୟାସ ଜାରିରହିବ। '' ପିଲାଟି କହିଲା, '' ଇଏ ବି ଏତେ ସହଜ କାମ ନୁହେଁ, ଆଜ୍ଞା। ଗୁଡ଼ାଏ ଝାମେଲା। ଯେମିତି ଆମେ ଆରମ୍ଭ କରିଛୁ ,ଆମକୁ ଦେଖି ସେ ପାଖ ଗାଁର ପିଲାମାନେ ବି ଯଜ୍ଞ କରିବେ ବୋଲି ଏକାଠି ହେଲେ। ଯେମିତି ଆମେ ଖବର ପାଇଲୁ, ସେ ଗାଆଁକୁ ଯାଇ ଗଣ୍ଡଗୋଳ କରି, ଧମକଚମକ ଦେଇ ତାଙ୍କୁ ଅଟକେଇବାକୁ ପଡ଼ିଲା। ''

''ପଚାରିଲି,ସେମାନେ କଲେ ତମର କ'ଣ ଅସୁବିଧା ?'' ''ସେମାନେ ଆଗ ଛକରେ ସବୁ ଗାଡ଼ି ଅଟକେଇବେ। ତାଙ୍କୁ ଦେଲା ପରେ ଆମକୁ କିଏ କେତେ ଚାନ୍ଦା ଦେବ ? ଆମର କଲେକଶନ କମିଯିବନି ?ଯଜ୍ଞ ପାଇଁ ଦେବୁ କେତେ, ଆମ ଖର୍ଚ୍ଚ ପାଇଁ ରଖିବୁ କେତେ ?'' ତା' ମାନେ ବିଶ୍ୱଶାନ୍ତି ପାଇଁ କିଏ ନେତୃତ୍ୱ ନେବ ସେଥିପାଇଁ ବି କମ୍ପିଟିଶନ ?

ଆଉ କିଛି ଅବାଞ୍ଛିତ ପ୍ରଶ୍ନ ଆଶଙ୍କାକରି ସେ କହିଲା, ''ମୋର ବହୁତ ସମୟ ଆପଣ ନଷ୍ଟ କଲେଣି। ଯଦି କିଛି ଦେବାକୁ ଚାହୁଁଛନ୍ତି ଦିଅନ୍ତୁ। ମୋର ଡେରି ହେଉଛି, ସାର୍।'' ମୁଁ ପକେଟ ଆଡ଼କୁ ହାତ ନେବା ଦେଖି ସେ ରସିଦ କାଟିବାକୁ ଯାଉଥିଲା। ତାକୁ ଅଟକେଇଦେଇ କହିଲି, ''ଯାକୁଚାନ୍ଦା କୁହ କିସାହାଯ୍ୟ କୁହ, କିନ୍ତୁ ନାଆଁର ପ୍ରମାଣ ରଖନି। କେତେଜଣଙ୍କ ଠାରୁ ଚାନ୍ଦା ନେଇ ତାଙ୍କ ପାଇଁ ଧର୍ମ ଅର୍ଜନର ବ୍ୟବସ୍ଥା କରୁଛ, କେବଳ ତା'ର ହିସାବ ରଖ।''

ମୁହୂର୍ତ୍ତେ ଅପେକ୍ଷା ନ କରି ମୋଠାରୁ ଚାନ୍ଦା ନେଇ ନମସ୍କାରଟେ ଫିଙ୍ଗିଦେଇ ପିଲାଟି ଚାଲିଗଲା

ଅଧ୍ୟାପକ, ଇଂରାଜୀ ବିଭାଗ
ନିଆଳି କଲେଜ, ନିଆଳି, କଟକ
ମୋ: ୯୮୬୧୩୪୫୬୫୮

## ଏଇ ଭାରତରେ

କାଗଜ ପାଇଁ ବହୁସଂଖ୍ୟାରେ ଗଛ ଓ ବାଉଁଶ କଟାଯାଉଛି, ଯାହା ପରିବେଶ ପାଇଁ କ୍ଷତିକାରକ। ତେବେ ଏହାର ସମାଧାନ ବାଟ ପାଇଛନ୍ତି ରୂପଙ୍କର ଭଟ୍ଟାଚାର୍ଯ୍ୟ ଏବଂ ଅଙ୍କିତ୍ ଧର୍। ସେମାନେ ପାଣିରେ ବଢୁଥିବା ଏକପ୍ରକାର ଦଳ(କଳିକତି ଦଳ)ରୁ କାଗଜ ତିଆରି କରୁଛନ୍ତି। ସେମାନଙ୍କ ଅନୁସୃତ ପଦ୍ଧତିରେ କମ୍ କାର୍ବନ ନିର୍ଗମନ ହେଉଛି। ଏହି ସବୁଜ ନୂତନତ୍ୱ ସ୍ଥାନୀୟ ଲୋକଙ୍କୁ ରୋଜଗାର ଦେଇପାରିଛି। କଳିକତି ଦଳକୁ ସଂସ୍କୃତରେ ଜଳକୁମ୍ଭି କୁହାଯାଏ। ଏଣୁ ଏଥିରୁ ତିଆରି ହେଉଥିବା କାଗଜର ନାମ ରଖାଯାଇଛି କୁମ୍ଭି କାଗଜ। ଏହି କାଗଜ ତିଆରି ପାଇଁ ସେମାନେ 'କୁମ୍ଭି କାଗଜ ପ୍ରାଇଭେଟ ଲିମିଟେଡ୍' ପ୍ରତିଷ୍ଠା କରିଛନ୍ତି। ଏହି ଜଳକୁମ୍ଭି ଆସାମର ଅଧିକାଂଶ ଜିଲାରେ ବହୁମାତ୍ରାରେ ବଢୁଥିବାରୁ ସେଠାରେ ସ୍ଥାନୀୟ ଲୋକଙ୍କ ମାଧ୍ୟମରେ ଏସବୁ ସଂଗ୍ରହ କରାଯାଉଛି। କୁମ୍ଭି କାଗଜ ସମ୍ପୂର୍ଣ୍ଣ ରସାୟନମୁକ୍ତ ଏବଂ ଏହା ସହଜରେ ମାଟିରେ ମିଶିଯାଉଛି। ଜଣେ ବନ୍ୟଜନ୍ତୁ ଉଦ୍ଧାରକାରୀ ଭାବେ ଥରେ ପାଇଥନ୍ ଉଦ୍ଧାର କରିବା ସମୟରେ ରୂପଙ୍କର କୁମ୍ଭିଦଳ ସମ୍ପର୍କରେ ଜାଣିପାରିଥିଲେ। ପରେ ସେ ଉଭୟଚର ଜୀବ ବିଶେଷଜ୍ଞ ଡ. ପୁରକାୟସ୍ଥଙ୍କ ତତ୍ତ୍ୱାବଧାନରେ ଗବେଷଣା କରି କାଗଜ ତିଆରିର ଉପାୟ ପାଇପାରିଥିଲେ। ଆସାମ ସରକାରଙ୍କ ସହଯୋଗରେ ରୂପଙ୍କର ଓ ତାଙ୍କ ସାଥୀ ଅଙ୍କିତ୍ ଏକ କମ୍ପାନୀ ପ୍ରତିଷ୍ଠା କରି ୨୦୨୩ରୁ କାଗଜ ଉତ୍ପାଦନ ଆରମ୍ଭ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୨୭ ଏପ୍ରିଲ ୧୯୭୬

- ଉତ୍ତର ଓ ଦକ୍ଷିଣ ଭିଏତ୍‌ନାମରେ ଏକତ୍ରୀକରଣ ଉଦ୍ଦେଶ୍ୟରେ ଉଭୟ ଦେଶର ସାଧାରଣ ଜାତୀୟ ଆସେମ୍ବ୍ଲି ପାଇଁ ସାଧାରଣ ନିର୍ବାଚନ ସମାପ୍ତ।
- ବିହାରର ଜନୈକ ପୂର୍ବତନ ମନ୍ତ୍ରୀ ସୋସାଲିଷ୍ଟ ଦଳ ନେତା ଶ୍ରୀ ରାମଫଲ ଚୌଧୁରୀ ତାଙ୍କ ଦଳରୁ ଇସ୍ତଫା ଦେଇଛନ୍ତି।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | | 9 | | | 3 |
| | 3 | | | | | | 6 | 5 |
| | 2 | | | | | 8 | 4 | |
| | 5 | | | | | | 2 | 7 |
| | | | | 6 | | | 9 | |
| | | | 2 | | | | 3 | |
| | 9 | 6 | 1 | 3 | | | | |
| | | | | 4 | 6 | | | |
| 7 | | 2 | | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 3 | 1 | 5 | 7 | 8 | 9 | 6 |
| 8 | 9 | 6 | 2 | 3 | 4 | 1 | 7 | 5 |
| 7 | 1 | 5 | 8 | 9 | 6 | 4 | 2 | 3 |
| 4 | 2 | 8 | 5 | 1 | 3 | 9 | 6 | 7 |
| 9 | 6 | 7 | 4 | 2 | 8 | 3 | 5 | 1 |
| 5 | 3 | 1 | 7 | 6 | 9 | 2 | 4 | 8 |
| 3 | 7 | 2 | 9 | 8 | 5 | 6 | 1 | 4 |
| 6 | 5 | 9 | 3 | 4 | 1 | 7 | 8 | 2 |
| 1 | 8 | 4 | 6 | 7 | 2 | 5 | 3 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆଉ କେତେଦିନ ଆତଙ୍କବାଦ

ମହାଶୟ,

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଜମ୍ମୁ-କଶ୍ମୀର ରାଜ୍ୟ ସରକାର ଓ ଭାରତ ସରକାରଙ୍କ ଗୋଇନ୍ଦା ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଆଉ କେତେଦିନ ଆତଙ୍କବାଦ୍‌ର ଶିକାର ହେଉଥିବ ଭାରତ। ପାକିସ୍ତାନ ସମର୍ଥିତ ଆତଙ୍କବାଦ ସଂଗଠନ ଏଭଳି ଆକ୍ରମଣ କରୁଛି। ଦୃଢ଼ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେ ସବୁକୁ ସମୂଳେ ଧ୍ୱଂସ ନ କଲେ ଭାରତ ବାରମ୍ବାର ଆତଙ୍କବାଦୀ ଆକ୍ରମଣର ଶିକାର ହେଇ ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥା ପ୍ରତି ବିପଦକୁ ଆମନ୍ତ୍ରଣ କରୁଥିବ। ଅମରନାଥ ଯାତ୍ରା ପୂର୍ବରୁ, ମାତ୍ର ୬/୭ ଜଣ ଆତଙ୍କବାଦୀ ପୋଲିସ ଓ ସୁରକ୍ଷାକର୍ମୀ ବେଶପୋଷାକରେ ସଜ୍ଜିତ ହୋଇ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ପର୍ଯ୍ୟଟକମାନଙ୍କ ନାମ ଓ ଧର୍ମ ପଚାରି କେବଳ ହିନ୍ଦୁମାନଙ୍କୁ ସଂହାର କରିଛନ୍ତି। ଆତଙ୍କବାଦୀମାନେ ୨ ବିଦେଶୀ ନାଗରିକଙ୍କ ସମେତ ପ୍ରାୟ ୨୮ ଜଣ ପର୍ଯ୍ୟଟକଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ପାକିସ୍ତାନ ସୀମା ମଧ୍ୟରେ ଥିବା ସେମାନଙ୍କ ଆଡ୍ଡାସ୍ଥଳକୁ ଧ୍ୱଂସ ନ କଲେ ସେମାନେ ଏହିଭଳି ନରସଂହାର ବାରମ୍ବାର କରିବାକୁ ସାହସ କରୁଥିବେ।

**– ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅସଲ ସତଟି ଘୋଡ଼ାଇବା ପାଇଁ
ଭାଷାର ଚାତୁରୀ ଛଳନା କଥା
ବାକି ଅଛି ସେ କି, ବୁଝିବାକୁ ତାକୁ
ବେକ ପରେ ଯା'ର ରହିଛି ମଥା
(ପ୍ରେମର ଅର୍ଥ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଫିଟ୍‌ନେସ୍ ମନ୍ତ୍ର ସ୍ୱିମିଂ

**ଶରୀରକୁ ଫିଟ୍ ରଖିବା ପାଇଁ ଅନେକେ ଯୋଗ କରିବାଠୁ ଆରମ୍ଭ କରି ଜଗିଂ, ସାଇକ୍ଲିଂ ଏବଂ ଜିମ୍ ଯାଇ ଏକ୍ସରସାଇଜ୍ କରୁଥିବା ମଧ୍ୟ ଦେଖିବାକୁ ମିଳିଥାଏ। ହେଲେ ସ୍ୱିମିଂ ଏକ ଏଭଳି ଏକ୍ସରସାଇଜ୍, ଯାହା ଶରୀରକୁ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଫିଟ୍ ରଖିଥାଏ। ଯେଉଁଥିପାଇଁ ଆଜିର ଯୁବପିଢ଼ି ଫିଟ୍‌ନେସ୍ ପାଇଁ ସ୍ୱିମିଂ ପ୍ରତି ଅଧିକ ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି...**



ଦିନଥିଲା ନଈ କିମ୍ବା ପୋଖରୀ ପାଖରେ ରହୁଥିବା ଅଧିକାଂଶ ପହଁରିବା ଜାଣିଥିଲେ କିମ୍ବା ଏହି ସ୍ପୋର୍ଟ୍ସରେ ଆଗ୍ରହ ରଖୁଥିବା ପିଲା ଅବା ଯୁବପିଢ଼ି ତାଲିମ ନେଉଥିଲେ। ହେଲେ ସ୍ୱିମିଂ ଏକ ଏଭଳି ଏକ୍ସରସାଇଜ୍, ଯେଉଁଥିରେ ଶରୀରକୁ ଅନେକ ପ୍ରକାରର ଉପକାରିତା ମିଳିଥାଏ। ଏହା ଶରୀରକୁ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଫିଟ୍ ରଖୁଥିବା ଜାଣିବା ପରେ ଅଧିକାଂଶ ଏଥିପ୍ରତି ଆଗ୍ରହୀ ହେଉଥିବାର ଦେଖିବାକୁ ମିଳୁଛି। ବର୍ତ୍ତମାନ ସ୍କୁଲ୍, କଲେଜ ଠାରୁ ଆରମ୍ଭ କରି ହୋଟେଲ୍ ଏବଂ ବିଭିନ୍ନ ସ୍ଥାନରେ ସ୍ୱିମିଙ୍ଗ୍ ପୁଲ୍ ବ୍ୟବସ୍ଥା କରାଯାଉଛି। ଏମିତିକି ଏଥିପାଇଁ ସ୍ପେଶାଲ୍ ଟ୍ରେନିଂ ବିଶେଷକରି ଖରାଦିନେ ସମର ସ୍ୱିମିଂ କ୍ଲାସ୍ ମଧ୍ୟ ଉପଲବ୍ଧ ରହୁଛି।

ପହଁରିବା ଦ୍ୱାରା ଅନେକ ଉପକାର ମିଳିଥାଏ। ଜାଣିବା ଏହା ସମ୍ପର୍କରେ...

- ପ୍ରତିଦିନ ସ୍ୱିମିଂ କଲେ ୱାକିଂ ତୁଳନାରେ ଅଧିକ କ୍ୟାଲୋରି ବର୍ନ ହୋଇଥାଏ, ଯାହାକି ମେଦବହୁଳତା ହେବାକୁ ଦିଏ ନାହିଁ ଏବଂ ସ୍ଲିମ୍ ଫିଟ୍ ରଖିବାରେ ସାହାଯ୍ୟ କରେ।
- ଏହାଦ୍ୱାରା ଶରୀର ଫୂର୍ତ୍ତି ହୋଇଥାଏ। ସମସ୍ତ ହାଡ଼ ଏବଂ ଜଏଣ୍ଟ ମଜଭୁତ ହୋଇଥାଏ। ତେଣୁ ଯୁବାବସ୍ଥାରେ ପ୍ରତିଦିନ ସ୍ୱିମିଂ କଲେ ଭବିଷ୍ୟତରେ ଆଣ୍ଠୁଗଣ୍ଠି ବିନ୍ଧା, ଆର୍ଥ୍ରାଇଟିସ୍ ଭଳି ସମସ୍ୟା ଦେଖାଦେଇ ନ ଥାଏ। ଏହାଦ୍ୱାରା ମାଂସପେଶୀ ମଧ୍ୟ ମଜଭୁତ ହୋଇଥାଏ।
- ପହଁରିବା ଯୋଗୁ ହୃତ୍‌ପିଣ୍ଡ ଏବଂ ଫୁସ୍‌ଫୁସ୍ ମଜଭୁତ ହୋଇଥାଏ। ରୋଗପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧିପାଇଥାଏ।
- ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ସ୍ୱିମିଂର ଖୁବ୍ ଭଲ ପ୍ରଭାବ ପଡ଼ିଥାଏ। ଏହା ମୁଡ୍ ଫ୍ରେଶ୍ କରିବା ସହ ଡିପ୍ରେଶନ୍ ସମସ୍ୟାକୁ ବି ଦୂର କରିଥାଏ। ଏହାଦ୍ୱାରା ନିଦ ମଧ୍ୟ ଭଲ ଭାବେ ହୋଇଥାଏ।
- ଶରୀରରେ ରକ୍ତସଞ୍ଚାଳନ ଠିକ୍ ଭାବେ ହୋଇଥାଏ। ଯଦ୍ଦ୍ୱାରା ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ ଏବଂ ହୃଦ୍ ସମ୍ବନ୍ଧୀୟ ରୋଗ ଆଶଙ୍କା ହ୍ରାସ ପାଇଥାଏ।



## ପହଁରିବା ହୃତ୍‌ପିଣ୍ଡ ପାଇଁ ଉପକାରୀ

– ଡା. ରମାରମଣ ଷଡ଼ଙ୍ଗୀ



ପହଁରିବା ଏକ ସୁନ୍ଦର ବ୍ୟାୟାମ। ଅନେକେ ପିଲାଦିନରୁ ପହଁରିବା ଶିଖିଥାଆନ୍ତି ଏବଂ କାଳକ୍ରମେ ନିଜ ସନ୍ତାନ ତଥା ବନ୍ଧୁମାନଙ୍କୁ ମଧ୍ୟ ଶିଖାଇଥାଆନ୍ତି । କାରଣ ହଠାତ୍ କୌଣସି ବିପଜ୍ଜନିତ ପରିସ୍ଥିତି ସୃଷ୍ଟି ହେଲେ, ସେମାନେ ପହଁରା ଶିଖିଥିଲେ ଅନ୍ତତଃ ନିଜ ଜୀବନ ବା ଅନ୍ୟମାନଙ୍କର ଜୀବନ ବଞ୍ଚାଇ ପାରିବେ। ତେବେ ଯୁବାବସ୍ଥାରେ ପହଁରିବା ସବୁଠୁ ଭଲ ଏକ୍ସରସାଇଜ୍।

ଏବେ ଆସନ୍ତୁ ଜାଣିବା ପହଁରିବା ନିଜ ଦେହ ପାଇଁ ବିଶେଷ ଭାବରେ ନିଜ ହାର୍ଟ ପାଇଁ କେତେ ଜରୁରୀ ଓ ଉପକାରୀ– ହୃତ୍‌ପିଣ୍ଡ ପାଇଁ ପହଁରିବା ଏକ ଉତ୍ତମ ବ୍ୟାୟାମ । ନିୟମିତ ପହଁରିଲେ ଏହା ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍‌କୁ ଶକ୍ତିଶାଳୀ କରିବା ସହ ରକ୍ତ ସଂଚାଳନ ଠିକ୍ ଭାବରେ ହୋଇଥାଏ, ଉଚ୍ଚ ରକ୍ତଚାପ କମାଇଦିଏ ତଥା କାର୍ଡିଓଭସ୍କୁଲାର ସିଷ୍ଟମକୁ ଫିଟ୍ ରଖିଥାଏ। ପହଁରିବା ଦ୍ୱାରା ହୃଦ୍‌ରୋଗ, ହୃଦ୍‌ଘାତ ଓ ମସ୍ତିଷ୍କଘାତ (ବ୍ରେନ୍ ଷ୍ଟ୍ରୋକ୍) କମିଯାଏ। ଏହା ରୋଗ ପ୍ରତିରୋଧ ଶକ୍ତି ମଧ୍ୟ ବଢ଼ାଇଥାଏ, ତେଣୁ ବ୍ୟକ୍ତି ବିଶେଷ ଖୁବ୍‌ଶୀଘ୍ର ରୋଗରେ ପଡ଼ନ୍ତି ନାହିଁ ତଥା ମୃତ୍ୟୁମୁଖରେ ପଡି ନ ଥା'ନ୍ତି। ପାଣିରେ ବୁଡ଼ି ପହଁରିବା ଦ୍ୱାରା ପାଣିର ଚାପ ହୃତ୍‌ପିଣ୍ଡ ଉପରେ ପଡ଼ିଲେ ମଧ୍ୟ ହାର୍ଟ ପାଇଁ ଏହା ଉପକାରୀ ହୋଇଥାଏ । ନିୟମିତ ପହଁରିଲେ ହୃତ୍‌ପିଣ୍ଡ ସହ ଫୁସ୍‌ଫୁସ୍, ଖାଦ୍ୟନଳୀ, ପାକସ୍ଥଳୀ, ବୃହଦନ୍ତ୍ର ଆଦି ସୁସ୍ଥ ରହିଥାଏ । ପହଁରିବା ଦ୍ୱାରା ଶରୀରର ଓଜନ ମଧ୍ୟ ନିୟନ୍ତ୍ରିତ ରହିଥାଏ।

ସ୍ୱିମିଂ ବା ପହଁରା ଏକ ଉପଯୁକ୍ତ ବ୍ୟାୟାମ ହେଲେ ମଧ୍ୟ ପହଁରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । କାରଣ କେତେକଙ୍କ କ୍ଷେତ୍ରରେ ଡାକ୍ତରମାନେ ପହଁରିବା ପାଇଁ ମନା କରିଥାନ୍ତି। ଜାଣିବା କେଉଁମାନଙ୍କ ପାଇଁ ପହଁରିବା ମନା ?

– କାନ ପାଚିଥିଲେ ବା' କାନରେ ରୋଗ (କ୍ରିନିକ୍ ମିଡଲ ଇଅର ଡିଜିଜ, ଅଟାଇଟିସ୍ ମିଡିଆ) ଥିଲେ (ବିଶେଷକରି ଛୋଟ ପିଲାଙ୍କର) ପହଁରିବା ଠିକ୍ ନୁହେଁ।

– ଏହାଛଡ଼ା ଯେଉଁମାନଙ୍କ ଠାରେ ବିଶେଷ କରି ବୟସ୍କମାନଙ୍କର ହୃଦ୍‌ରୋଗ ଥିଲେ ବା ହାର୍ଟ ଫେଲିଅର ଥିଲେ, ଶ୍ୱାସରୋଗ ଥିଲେ, ଦେହରେ ଘା' ହୋଇଥିଲେ, ପରିସ୍ରା ବା ଝାଡ଼ାରେ କିଛି ଅସୁବିଧା ଥିଲେ ବେଶି ଜ୍ୱର ବା ସଂକ୍ରମଣ ହୋଇଥିଲେ ତଥା ଗର୍ଭଧାରଣ କରିଥିବା ମହିଳାମାନେ ପହଁରିବା ଆଦୌ ଉଚିତ ନୁହେଁ।

ଲିଙ୍କ୍‌ରୋଡ୍, କଟକ–୧୨
ମୋ: ୯୪୩୭୦୫୫୦୦୭

### କ'ଣ କୁହନ୍ତି ଏମାନେ...

**ସରୋଜ ନାୟକ(କର୍ମଜୀବୀ, ବାଙ୍ଗାଲୋର)–** ଆଜିର କାର୍ଯ୍ୟବ୍ୟସ୍ତତାପୂର୍ଣ୍ଣ ଜୀବନରେ ସମସ୍ତେ ଫିଜିକାଲ୍ ଓ ମେଣ୍ଟାଲ୍ ଷ୍ଟ୍ରେସ୍ ଦେଇ ଗତିକରୁଛନ୍ତି। ତେଣୁ ନିଜକୁ ଫିଟ୍ ରଖିବା ପାଇଁ କିଛି ସମୟ ଏକ୍ସରସାଇଜ୍ କରିବା ନିହାତି ଜରୁରୀ। ଆଉ ମୋ ପାଇଁ ସବୁଠୁ ବେଷ୍ଟ ଏକ୍ସରସାଇଜ୍ ହେଉଛି ସ୍ୱିମିଂ। ଏହାର ଅନେକ ସ୍ୱାସ୍ଥ୍ୟ ଉପକାରିତା ମଧ୍ୟ ରହିଛି। ତେଣୁ ଫାଙ୍କା ସମୟ ମିଳିଲେ କିଛି ସମୟ ସ୍ୱିମିଂ ପୁଲ୍‌ରେ ନିଶ୍ଚୟ ବିତାଏ। ଏହାଦ୍ୱାରା ବଡିକୁ ଆରାମ ମିଳିବା ସହିତ ମାଇଣ୍ଡ ବି ରିଲାକ୍ସ ଲାଗିଥାଏ।



**ରିଙ୍କି ବେହେରା(ବାଙ୍କୀ, କଟକ)–** ପହଁରିବା ନିଶ୍ଚିତ ଭାବେ ସବୁଠୁ ଭଲ ଏକ୍ସରସାଇଜ୍ ବୋଲି ଅନୁଭବ କରିଛି। ଏହାଦ୍ୱାରା ଶରୀରର ସବୁ ଅଙ୍ଗ କାର୍ଯ୍ୟକ୍ଷମ ହୋଇଥାଏ ଏବଂ ପରେ ଖୁବ୍ ଆକ୍ଟିଭ୍ ଲାଗିବା ସହ ମାଇଣ୍ଡ ବି ରିଲାକ୍ସ ଫିଲ୍ ହୋଇଥାଏ। ସବୁ ଜଏଣ୍ଟ ଫ୍ରି ହୋଇଯାଏ ଏବଂ ବ୍ରିଦିଂ କଣ୍ଟ୍ରୋଲ ବି ଆସିଯାଏ। ପାଣି ଭିତରେ ଶରୀର ହାଲୁକା ଲାଗୁଥିବାରୁ ଏଥିରେ ଦୌଡ଼ିବା କିମ୍ବା ଅନ୍ୟ ଏକ୍ସରସାଇଜ୍ ଭଳି କଷ୍ଟ ବି ହୋଇ ନ ଥାଏ। ତେବେ କୌଣସି ସ୍ୱିମିଂପୁଲ୍ ନୁହେଁ, ଘର ପାଖରେ ମହାନଦୀ ବହିଯାଉଥିବାରୁ ପିଲାବେଳୁ ଏଠାରେ ପହଁରିବା ଶିଖିଛି। ଏଠାରେ ପହଁରିବାରେ ଯେଉଁ ଆନନ୍ଦ ଅଛି ତାହା ଅବର୍ଣ୍ଣନୀୟ।







## ଏ ସପ୍ତାହର ପ୍ରଶ୍ନ

୧– ୱାର୍ଲ୍ଡ ହେରିଟେଜ୍ ଡେ' .......... ତାରିଖରେ ପାଳନ କରାଯାଏ ?
୨– ମହାଦେବ କୋଲି ଜନଜାତି ମୁଖ୍ୟତଃ ........ ରାଜ୍ୟରେ ଦେଖାଯାଆନ୍ତି ?
୩– ଚଳିତବର୍ଷ ଆର୍ଥ ଡେ'ର ଥିମ୍ ........... ?
୪– ସିଲ୍କ୍ୟାରା ବେଣ୍ଡ ବାରକୋଟ ଟନେଲ ............ ରାଜ୍ୟରେ ଅବସ୍ଥିତ ?
୫– ମୀରକାଟ୍ ରେଡିଓ ଟେଲିସ୍କୋପ୍ ........... ଦେଶରେ ରହିଛି ?

## ଗତ ଥରର ଉତ୍ତର

୧ ମିନିଷ୍ଟ୍ରୀ ଅଫ୍ ଏନ୍‌ଭାଇରନ୍‌ମେଣ୍ଟ, ଫରେଷ୍ଟ ଆଣ୍ଡ କ୍ଲାଇମେଟ୍ ଚେଞ୍ଜ
୨ ମଧ୍ୟପ୍ରଦେଶ
୩ ନାଗାଲାଣ୍ଡ
୪ ତେଲଙ୍ଗାନା
୫ ହରିୟାଣା

## ଉତ୍ତରଦାତା


ଛବିଲାଲ୍ ଭାଟି, କଳାହାଣ୍ଡି


ପ୍ରଦୀପ କୁମାର ନାଏକ, ବଲାଙ୍ଗୀର

## ଟପ୍ ୧୦

### ଫାଷ୍ଟେଷ୍ଟ କାର୍–୨୦୨୫

୧– କୋଏନିଗ୍‌ସେଗ୍ ଜେସ୍କୋ ଆବ୍‌ସୋଲ୍ୟୁଟ୍ ............ ୪୯୯ କିମି. ପ୍ରତିଘଣ୍ଟା
୨– ଏସ୍‌ଏସ୍‌ସି ଟ୍ୱାଟାରା.................................... ୪୭୫ କିମି. ପ୍ରତିଘଣ୍ଟା
୩– ବୁଗାଟି ଚର୍‌ବିଲନ୍ ................................... ୪୪୬ କିମି. ପ୍ରତିଘଣ୍ଟା
୪– ହେନ୍ନେସେ ଭେନମ୍ ଏଫ୍୫ ........................... ୪୩୮ କିମି. ପ୍ରତିଘଣ୍ଟା
୫– ରିମ୍ୟାକ୍ ନେଭେରା.................................... ୪୧୨ କିମି. ପ୍ରତିଘଣ୍ଟା
୬– ମ୍ୟାକ୍‌ଲରେନ୍ ସ୍ପିଡ୍‌ଟେଲ୍ ............................. ୪୦୨ କିମି. ପ୍ରତିଘଣ୍ଟା
୭– କୋଏନିଗ୍‌ସେଗ୍ ରେଗେରା .......................... ୪୦୨ କିମି. ପ୍ରତିଘଣ୍ଟା
୮– ଅଷ୍ଟନ୍ ମାର୍ଟିନ୍ ଭଲ୍କାଇରୀ ........................ ୪୦୨ କିମି. ପ୍ରତିଘଣ୍ଟା
୯– ପାଗାନି ହୁଆଇରା ................................... ୩୮୩ କିମି. ପ୍ରତିଘଣ୍ଟା
୧୦– ସେଭ୍ରୋଲେଟ୍ କର୍‌ଭେଟ୍ ଜେଡ୍‌ଆର୍୧ ............ ୩୭୫ କିମି. ପ୍ରତିଘଣ୍ଟା



## ଜାଣନ୍ତୁ ଦୁନିଆ

# ଅଜବ ଗାଁ

**ପୃଥିବୀରେ ଏମିତି କିଛି ବିସ୍ମୟକର ଗାଁ ରହିଛି, ଯାହା ସମ୍ପର୍କରେ ଜାଣିଲେ ଯେକେହି ଆଶ୍ଚର୍ଯ୍ୟ ହେବେ ନିଶ୍ଚୟ। ଜାଣନ୍ତୁ ଏଭଳି କିଛି ନିଆରା ଗାଁ ସମ୍ପର୍କରେ...**

**ଚପଲ ପିନ୍ଧିଲେ ମିଳେ ଦଣ୍ଡ:** ପାଦର ସୁରକ୍ଷା ଲାଗି ଆମେ ସମସ୍ତେ ଚପଲ ପିନ୍ଧିଥାଉ। ବର୍ତ୍ତମାନ ଡ୍ରେସ୍ ସହ ମ୍ୟାଚିଂ କରି ବିଭିନ୍ନ ଡିଜାଇନ୍‌ର ଚପଲ ପିନ୍ଧିବା ଫ୍ୟାଶନ୍ ପାଲଟିଗଲାଣି। କେବଳ ମନ୍ଦିର କିମ୍ବା କୌଣସି ପବିତ୍ର ସ୍ଥାନ ବ୍ୟତୀତ ଚପଲ ନ ପିନ୍ଧି କେହି ଘରୁ ବି ବାହାରୁ ନାହାନ୍ତି। ହେଲେ ଏ ମଡର୍ନ ଯୁଗରେ ଏମିତିବି ଏକ ଗାଁ ରହିଛି, ଯେଉଁଠି ଚପଲ ପିନ୍ଧିବା ମନା। କଥାଟି ମିଛ ଭଳି ଲାଗୁଥିଲେ ବି ସତ।



ତାମିଲନାଡୁର ମଦୁରାଇଠାରୁ ପ୍ରାୟ ୨୦ କିମି. ଦୂରରେ ଥିବା କାଲିମାୟାନ ଗାଁର ଗ୍ରାମବାସୀ କେବେ ଚପଲ ପିନ୍ଧନ୍ତି ନାହିଁ। କୁହାଯାଏ, ସେହି ଗାଁର ଲୋକେ ଅପାଚ୍ଛି ନାମକ ଦେବତାଙ୍କୁ ପୂଜା କରିଥା'ନ୍ତି, ଆଉ ସେମାନଙ୍କର ବିଶ୍ୱାସ ଯେ ଗାଁ ଭିତରେ ଚପଲ ପିନ୍ଧିଲେ ଦେବତା ରାଗିବେ। ତେଣୁ ଦେବତାଙ୍କୁ ସମ୍ମାନ ଦେବା ଲାଗି ସେମାନେ ଏପରି କରିଥା'ନ୍ତି। ଗ୍ରାମରୁ ବାହାରକୁ ଯାଉଥିବା ଲୋକେ ଗ୍ରାମ ସୀମା ସରିବା ଯାଏ ଖାଲିପାଦରେ ଯିବା ପରେ ବାହାରେ ଚପଲ ପିନ୍ଧିଥା'ନ୍ତି। ସେହିପରି ତାମିଲନାଡୁର କୋଡାଇକେନାଲ୍ ନିକଟସ୍ଥ ଭିଲ୍ଲାଗାଭି ଗ୍ରାମରେ ମଧ୍ୟ ଚପଲ ନ ପିନ୍ଧିବାର ପରମ୍ପରା ପ୍ରଥମରୁ ଚଳି ଆସିଛି। ସେଠାରେ ଥିବା ସୌନ୍ଦର୍ଯ୍ୟପୂର୍ଣ୍ଣ ପାହାଡର ଦୃଶ୍ୟ ଦେଖିବା ଏବଂ ଟ୍ରେକିଂ କରିବାକୁ ପର୍ଯ୍ୟଟକଙ୍କୁ ବି ଗ୍ରାମ ଆରମ୍ଭରୁ ଚପଲ ଖୋଲି ଭିତରକୁ ଯିବାକୁ ହୋଇଥାଏ।

**ଦୀର୍ଘଦିନ ଶୋଇ ରୁହନ୍ତି ଗ୍ରାମବାସୀ:** ଏମିତି ଏକ ଗାଁ ରହିଛି, ଯେଉଁଠାରେ ଗ୍ରାମବାସୀ ଘର ଭିତରେ ନୁହେଁ, ଯାହାକୁ ଯେଉଁଠାରେ ନିଦ ଆସେ ; ରାସ୍ତା କଡ଼ ହେଉ ଅଥବା ଯେକୌଣସି ସ୍ଥାନ ସେ ସେହିଠାରେ ହିଁ ଶୋଇଥିବା ଦେଖିବାକୁ ମିଳେ। ଆଉ ଏହି ନିଦ କେବେ ଭାଙ୍ଗିବ ତାହାର କୌଣସି ନିର୍ଦ୍ଦିଷ୍ଟ ସମୟ ନ ଥାଏ। ଏହି ଗାଁଟି ରହିଛି କାଜାଖସ୍ତାନର ରାଜଧାନୀ ଆସ୍ତାନାଠାରୁ ପଶ୍ଚିମରେ ୩୦୦ ମାଇଲ୍ ଦୂରରେ। କାଲାଚି ନାମକ ଏହି ସୁନ୍ଦର ପାହାଡ଼ିଆ ଗାଁକୁ ପୃଥିବୀର ଏକ ବିସ୍ମୟ ସ୍ଥାନ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଆଜିର ଅତ୍ୟାଧୁନିକ ଜ୍ଞାନକୌଶଳ ଯୁଗରେ ଡାକ୍ତରଙ୍କଠାରୁ ଆରମ୍ଭ କରି ବୈଜ୍ଞାନିକଙ୍କ ପର୍ଯ୍ୟନ୍ତ କେହି ଏହି ରହସ୍ୟର ଠିକ କାରଣ ଖୋଜି ପାଇ ପାରିନାହାନ୍ତି। ଯେଉଁଥିପାଇଁ ଏହାର ନାମ ସ୍ଲିପିଂ ଏପିଡେମିକ୍ ବା ନିଦ୍ରା ମହାମାରୀ ବୋଲି ରଖାଯାଇଛି। ତେବେ ଆଶ୍ଚର୍ଯ୍ୟର କଥା, ଉକ୍ତ ଗାଁ ନିକଟରେ ଥିବା ଅନ୍ୟ ଗାଁରେ ଏହାର କୌଣସି ପ୍ରଭାବ ନାହିଁ।



## ୟୁଥ୍ ଆଲର୍ଟ

# ଖରାରେ ଥଣ୍ଡା ପାଣି ...

**ଅସହ୍ୟ ଗରମରେ ଟିକେ ଥଣ୍ଡା ପାଣି ପିଇବାକୁ ମିଳିଗଲେ ଯେଉଁ ଆତ୍ମତୃପ୍ତି ମିଳେ, ତାହା ଅବର୍ଣ୍ଣନୀୟ। ହେଲେ ଜାଣନ୍ତିକି ଖରାଦିନେ ଥଣ୍ଡା ପାଣି ପିଇବା ଅତ୍ୟନ୍ତ କ୍ଷତିକାରକ ହୋଇପାରେ...**

- ଖରାରେ ଥଣ୍ଡା ପାଣି ପିଇବା ଦ୍ୱାରା ଶରୀରରେ ଥିବା ଶିରାଗୁଡ଼ିକ ସଂକୁଚିତ ହୋଇଯାଏ ଏବଂ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୋଇଥାଏ। ଯଦ୍ଦ୍ୱାରା ପାକସ୍ଥଳୀ ଏବଂ ଅନ୍ୟ ଠିକ୍ ରକ୍ତ ପହଞ୍ଚି ନ ପାରିବାରୁ ହଜମକ୍ରିୟା ମଧ୍ୟ ପ୍ରଭାବିତ ହୋଇଥାଏ। ଫଳରେ ପେଟରେ ଯନ୍ତ୍ରଣା, କୋଷ୍ଠକାଠିନ୍ୟ, ପୋଷକତତ୍ତ୍ୱର ଅଭାବ ଦେଖାଦେଇଥାଏ। ତା'ଛଡ଼ା ଥଣ୍ଡା ପାଣି ପିଇବା ଦ୍ୱାରା ଡିହାଇଡ୍ରେଶନ୍ ସମସ୍ୟା ଦେଖାଦେବାର ଆଶଙ୍କା ବି ରହିଛି।
- ଖରାଦିନେ ବାହାରୁ ଆସି ଥଣ୍ଡା ପାଣି ପିଇବାର ଅଭ୍ୟାସ ଅନେକଙ୍କର ରହିଛି। ହେଲେ ଖରାରେ ଶରୀର ଗରମ ଥିବାବେଳେ ଥଣ୍ଡା ପାଣି ପିଇଲେ ହଠାତ୍ ଶରୀରର ତାପମାତ୍ରା ପରିବର୍ତ୍ତନ ହୋଇଥାଏ। ଏକ ଗବେଷଣା ରିପୋର୍ଟ ମୁତାବକ ଶରୀରର ତାପମାତ୍ରା ହଠାତ୍ ପରିବର୍ତ୍ତନ ହେବା ଦ୍ୱାରା ହୃତ୍‌ସ୍ପନ୍ଦନ ଧୀର ହୋଇଥାଏ, ଏମିତିକି ମୃତ୍ୟୁ ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ।
- ପାଣିରେ ବରଫ ପକାଇ ପିଇଲେ ଗଳା ଦରଜ, ଫୁଲିବା ଏବଂ ଥଣ୍ଡାରେ ନାକ ବନ୍ଦ ହେବା ଭଳି ସମସ୍ୟା ଦେଖାଦେଇପାରେ। ବିଶେଷକରି ଖାଇବା ପରେ ଥଣ୍ଡା ପାଣି ପିଇଲେ ଶ୍ୱାସନଳୀରେ ମ୍ୟୁକସ୍ ଜମା ହୁଏ ଏବଂ କେବେକେବେ ଇନ୍‌ଫେକ୍ସନ ହୋଇ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିଥାଏ। ଏଥିପାଇଁ ଏଦିନେ ଅନେକଙ୍କଠାରେ କାଶ ସମସ୍ୟା ବି ଲାଗି ରହେ।
- ଅନେକେ ଖାଇବା ପରେ ଥଣ୍ଡା ପାଣି ପିଇବାକୁ ଭଲପାଆନ୍ତି। ହେଲେ ଥଣ୍ଡା ପାଣି ଯୋଗୁ ଚର୍ବି ବା ଫ୍ୟାଟ୍ ଜାତୀୟ ଖାଦ୍ୟ କଠିନ ହୋଇଯିବା ଫଳରେ ହଜମ ହୋଇ ନ ପାରି ଶରୀରରେ ଜମା ହୋଇ ରୁହେ, ଯାହାକି ପରବର୍ତ୍ତୀ ସମୟରେ ମେଦବହୁଳତାର କାରଣ ସାଜିଥାଏ।
- ଥଣ୍ଡା ପାଣି ପିଇବା ଯୋଗୁ ହଠାତ୍ ରକ୍ତନଳୀ ସଂକୁଚିତ ହେବା ଯୋଗୁ ଅନେକଙ୍କଠାରେ ମାଇଗ୍ରେନ୍ ହୋଇ ଅସହ୍ୟ ମୁଣ୍ଡବିନ୍ଧା ମଧ୍ୟ ହୋଇଥାଏ।
- ଥଣ୍ଡା ପାଣି ପିଇବା ଦ୍ୱାରା ଦାନ୍ତମୂଳରେ ଥିବା ନର୍ଭ ଉପରେ ଚାପ ପଡ଼ିଥାଏ। ଫଳରେ ଦାନ୍ତବିନ୍ଧା, ଦାନ୍ତର ଏନାମେଲ୍ ନଷ୍ଟ ହେବା ଭଳି ସମସ୍ୟା ବି ଉପୁଜିଥାଏ।





# ଭାରତୀୟ ମହିଳା ହକି ଦଳ ହାରିଲା

ପର୍ଥ,୨୬।୪(ପି.ଟି.)

ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ଭାରତୀୟ ମହିଳା ହକି ଦଳ ୩–୫ ଗୋଲରେ ଅଷ୍ଟ୍ରେଲିଆ ଏ'ଠାରୁ ପରାସ୍ତ ହୋଇଛି। ଭାରତ ପାଇଁ ମହିମା ଟେଟେ(୨୭ତମ ମିନିଟ୍), ନବନୀତ କୌର (୪୫ତମ) ଓ ଲାଲରେସିଆମି (୫୦ତମ) ଗୋଲ କରିଥିଲେ। ସେହିଭଳି ଅଷ୍ଟ୍ରେଲିଆ ପକ୍ଷରୁ ନେସା ଫ୍ଲିନ (ତୃତୀୟ), ଓଲିଭିଆ ଡନେସ(ନବମ), ରୁବି ହ୍ୟାରିସ (୧୧ତମ), ଟାରୁମ ଷ୍ଟିୱାର୍ଟ (୨୧ତମ) ଓ କେଣ୍ଡ୍ରା ଫିଜପାଟ୍ରିକ (୪୪ତମ) ଗୋଲ ଦେଇଥିଲେ। ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରକାଶ କରିବା ଲାଗି ଭାରତୀୟ ଦଳର ଖେଳାଳିମାନେ କଳା ଆର୍ମବ୍ୟାଣ୍ଡ ପିନ୍ଧିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ପୂରା ସିରିଜରେ ଭାରତୀୟ ଖେଳାଳିମାନେ କଳା ଆର୍ମବ୍ୟାଣ୍ଡ ପିନ୍ଧିବେ।



କଳିଙ୍ଗ ଷ୍ଟାଡିୟମରେ ଶନିବାର ମୋହନ ବାଗାନ ସୁପର ଜାଏଣ୍ଟ ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ଅନୁଷ୍ଠିତ ସୁପର କପ୍ ଫୁଟ୍‌ବଲ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

# ମହିଳା ତ୍ରିରାଷ୍ଟ୍ରୀୟ ସିରିଜ୍ ଆଜିଠାରୁ

କଲମ୍ବୋ, ୨୬।୪(ପି.ଟି.)

ଶ୍ରୀଲଙ୍କାରେ ଖେଳାଯିବାକୁଥିବା ୫୦ ଓଭରବିଶିଷ୍ଟ ତ୍ରିରାଷ୍ଟ୍ରୀୟ କ୍ରିକେଟ ସିରିଜରେ ଭାରତ ରବିବାର ଆୟୋଜକ ଦଳ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଅଧିନାୟକ ହରମନପ୍ରୀତ୍ କୌର ନବାଗତ ସିମର କାଶ୍ଭି ଗୌତମଙ୍କ ସମେତ ତାଙ୍କ ଦଳର ପେସ୍ ବୋଲିଂ ସମ୍ବଳର ଦକ୍ଷତାକୁ ପରଖିବେ। ଚଳିତବର୍ଷର ପରବର୍ତ୍ତୀ ଭାଗରେ ୫୦ ଓଭରବିଶିଷ୍ଟ ବିଶ୍ୱକପ୍ ଭାରତରେ ଅନୁଷ୍ଠିତ ହେବ। ଏଥିପାଇଁ ଭାରତର ବ୍ୟାଟିଂ ବିଭାଗ ପ୍ରାୟତଃ ଠିକ୍ ଥିବା ଭଳି ମନେହେଉଛି। ତେବେ ବୋଲିଂ କମ୍ବୋଜିଶନକୁ ସଜାଡ଼ିବାକୁ ପଡ଼ିବ। କାଶ୍ଭି ହେଉଛନ୍ତି ପୂର୍ବର ୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍ ବିଜୟୀ ଦଳର ଅନ୍ୟତମ ସଦସ୍ୟା। ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ୍)ରେ ସେ ଗୁଜରାଟ ଜାଏଣ୍ଟ୍ସ ତରଫରୁ ୯ଟି ଗେମ୍ ଖେଳି ୬.୪୫ ଇକୋନୋମି ରେଟ୍‌ରେ ୧୧ ଉଇକେଟ ଅକ୍ତିଆର କରିଥିଲେ। ତିତାସ ସାଧୁ ଓ ପୂଜା ବସ୍ତ୍ରାକାର ଆଘାତପ୍ରାପ୍ତ ଥିବାରୁ ଦଳରେ ଅରୁନ୍ଧତୀ ରେଡ୍ଡୀ, ଅମନଜୋତ୍ କୌର ଓ ଅନ୍ୟ ଦୁଇ ମିଡିୟମ ପେସର ରହିଛନ୍ତି। ପ୍ରେମାଦାସା ଷ୍ଟାଡିୟମ ସାଧାରଣତଃ ଧିମା ବୋଲରଙ୍କୁ ସୁହାଇଥାଏ। ତେଣୁ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସର ସିନିୟର ଅଫ୍ ସ୍ପିନର ଶ୍ରୀଚାରାନିଙ୍କ ସହିତ ସିନିୟର ଅଫ୍ ସ୍ପିନରଦ୍ୱୟ ଦୀପ୍ତି ଶର୍ମା ଓ ସ୍ନେହ ରାଣା ସମ୍ଭବତଃ ୫୦ ଓଭରରୁ ୩୦ ଓଭର ପର୍ଯ୍ୟନ୍ତ ବୋଲିଂ କରିପାରନ୍ତି। ଆବଶ୍ୟକ ସ୍ଥଳେ କୌର ଫାଷ୍ଟ ଅଫ୍–ବ୍ରେକ୍ ବୋଲିଂ କରିପାରନ୍ତି। ଶେଫାଳୀ ବର୍ମାଙ୍କୁ ପୁଣି ଉପେକ୍ଷା କରାଯାଇଥିବା ବେଳେ ଅଧିନାୟିକା କୌର, ତାଙ୍କ ଡେପୁଟି ସ୍ମୃତି ମନ୍ଧାନା, ପାୱାର ହିଟର ରିଚା ଘୋଷ, ଜେମିମା ରୋଡ୍ରିଗ୍ସ ଓ ହାର୍ଲିନ ଦେଓଲଙ୍କୁ ନେଇ ଭାରତୀୟ ଦଳର ବ୍ୟାଟିଂ ବେଶ୍ ଶକ୍ତିଶାଳୀ। ଏହାଛଡ଼ା ଦୀପ୍ତି ଓ ଅମନଜୋତ୍ ମଧ୍ୟ ବ୍ୟାଟିଂ କରିପାରନ୍ତି।

**କଳିଙ୍ଗ ସୁପର କପ୍**

(ଆଜିର ମ୍ୟାଚ)
ଇଣ୍ଟର କାଶୀ
ବନାମ
ମୁମ୍ବାଇ ସିଟି
ସମୟ: ଅପରାହ୍ଣ ୪.୩୦

ନର୍ଥଇଷ୍ଟ ୟୁନାଇଟେଡ
ବନାମ
ଜାମସେଦପୁର
ସମୟ: ରାତି ୮.୦୦
ସ୍ଥାନ: କଳିଙ୍ଗ ଷ୍ଟାଡିୟମ

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ୩

# ଗୋଆ–ମୋହନ ବାଗାନ ସେମିଫାଇନାଲ

ଭୁବନେଶ୍ୱର, ୨୬।୪(ତପନ ସ୍ୱାଇଁ)

ଚଳିତ କଳିଙ୍ଗ ସୁପର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଏଫ୍‌ସି ଗୋଆ ଓ ମୋହନ ବାଗାନ ସୁପର ଜାଏଣ୍ଟ ମଧ୍ୟରେ ଅନୁଷ୍ଠିତ ହେବ। ଶନିବାର ଅନୁଷ୍ଠିତ ୨ଟି ସେମିଫାଇନାଲରେ ମୋହନ ବାଗାନ ଏସ୍‌ଜି ୨–୧ ଗୋଲରେ କେରଳ ବ୍ଲାଷ୍ଟର୍ସକୁ ଏବଂ ଏଫ୍‌ସି ଗୋଆ ୨–୧ରେ ପଞ୍ଜାବ ଏଫ୍‌ସିକୁ ପରାସ୍ତ କରିଛି। ଫଳରେ କ୍ୱାର୍ଟର ଫାଇନାଲରୁ କେରଳ ବ୍ଲାଷ୍ଟର୍ସ ଓ ପଞ୍ଜାବ ଏଫ୍‌ସିର ଅଭିଯାନ ଶେଷ ହୋଇଛି। ଶନିବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ଶକ୍ତିଶାଳୀ ମୋହନ ବାଗାନକୁ କଡ଼ା ଟକ୍କର ଦେଇଥିଲା ବ୍ଲାଷ୍ଟର୍ସ। ତେବେ ୨୨ତମ ମିନିଟରେ ସହଲ ଅବଦୁଲ ସମଦଙ୍କ ଗୋଲ ବଳରେ ମୋହନ ବାଗାନ ପ୍ରଥମାର୍ଦ୍ଧ ଶେଷ ବେଳକୁ ୧–୦ରେ ଅଗ୍ରଣୀ ହାସଲ କରିଥିଲା। ୪୪ତମ ମିନିଟରେ ଏହି ଦଳର ମହମ୍ମଦ ଆସିକ କୁରୁନିଆନ ୟେଲୋ କାର୍ଡ଼ ପାଇଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ମଧ୍ୟ ମୋହନ ବାଗାନ ଦଳ ଆଉ ଏକ ଗୋଲ ଦେଇ ଚାପ ସୃଷ୍ଟି କରିଥିଲା। ୫୧ତମ ମିନିଟରେ ସୁହେଲ ଅହମଦ ଭଟ ଏକ ଗୋଲ ଦେଇ ଅଗ୍ରଣୀ ବ୍ୟବଧାନକୁ ୨–୦ରେ ପହଞ୍ଚାଇଥିଲେ। ବିପଜ୍ଜନକ ପ୍ରଦର୍ଶନ ପାଇଁ ୮୯ତମ ମିନିଟରେ କେରଳ ଦଳର ମିଲୋସ ଡ୍ରିନ୍‌କିକ୍ ଓ ୯୦+୨ ମିନିଟରେ ମୋହନ ବାଗାନର ସୌରଭ ଭାନୱାଲା ୟେଲୋ କାର୍ଡ ପାଇଥିଲେ। ଇଞ୍ଜୁରି ଟାଇମ୍ ୯୦+୪ ମିନିଟରେ କେରଳ ଦଳର ଶ୍ରୀକୁଟ୍ଟାନ ଏମ୍.ଏସ୍. ଗୋଟିଏ ଗୋଲ ପରିଶୋଧ କରିଥିଲେ। ମାତ୍ର ସେତେବେଳକୁ ବହୁ ବିଳମ୍ବ ହୋଇ ଯାଇଥିଲା। ଚର୍ଚ୍ଚିଲ ବ୍ରଦର୍ସ ଓହରି ଯିବାରୁ ୱାକ୍‌ଓଭର ପାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ମୋହନ ବାଗାନ ସୁପର କପ୍ ପାଇଁ ଏକ ଯୁବଦଳ ଖେଳାଇଥିଲେ ହେଁ ଆଗକୁ ବଢ଼ିବାକୁ ସକ୍ଷମ ହୋଇଛି। ଦ୍ୱିତୀୟ କ୍ୱାର୍ଟର ଫାଇନାଲର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ୫୭ତମ ମିନିଟରେ ନର୍ବେର୍ଟୋଇଜିକ୍ୱେଲ ଭିଡାଏ ଏକ ଗୋଲ ଦେଇ ପଞ୍ଜାବକୁ ଅଗ୍ରଣୀ କରିଥିଲେ। ତେବେ ଖେଳ ଶେଷ ହେବାର ଅଳ୍ପକିଛି ସମୟ ପୂର୍ବରୁ ଗୋଆ ଦଳ ଅପ୍ରତ୍ୟାଶିତଭାବେ ୨ଟି ଗୋଲ ଦେଇ ମ୍ୟାଚର ଫଳାଫଳକୁ ପାଲଟାଇ ଦେଇଥିଲା। ୮୯ତମ ମିନିଟରେ ବୋର୍ଜା ହେରେରା ଗୋଞ୍ଜାଲେଜ ଓ ୯୦+୩ ମିନିଟରେ ମହମ୍ମଦ ୟାସିର ଏହି ଗୋଲ ୨ଟି ଦେଇଥିଲେ।

# ସର୍ବଭାରତୀୟ ଗେଟ୍‌ବଲ ଆରମ୍ଭ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

ଭୁବନେଶ୍ୱର, ୨୬।୪ (ତପନ ସ୍ୱାଇଁ)

ଓଡ଼ିଶା ଗେଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ସର୍ବଭାରତୀୟ ଗେଟବଲ ପ୍ରତିଯୋଗିତା ଶନିବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶା ସମେତ ମହିଳାରେ ୪ ଓ ପୁରୁଷ ବିଭାଗରେ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ସାମାଜିକକର୍ମୀ ଶକ୍ତିରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଓ ସୁନୀତା ହାଁସଦା ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଆୟୋଜକ ଆସୋସିଏଶନ ସଭାପତି ରଞ୍ଜନ କୁମାର ନନ୍ଦ, ସମ୍ପାଦକ ମହମ୍ମଦ ଆଜମ ଓ ଗୌତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ବାଳିକା ହ୍ୟାଣ୍ଡବଲ ପାଇଁ ଓଡ଼ିଶା ଦଳ


କ୍ରୀଡ଼ାମନ୍ତ୍ରୀଙ୍କ ସହ ଓଡ଼ିଶା ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍।

ଭୁବନେଶ୍ୱର, ୨୬।୪(ତପନ ସ୍ୱାଇଁ)

କର୍ଣ୍ଣାଟକର ଶ୍ରୀରଙ୍ଗାପଟନମ୍‌ଠାରେ ଆସନ୍ତା ୩୦ରୁ ମେ' ୫ ପର୍ଯ୍ୟନ୍ତ ୩୯ତମ ଜାତୀୟ ଜୁନିୟର ବାଳିକା ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ଶନିବାର ଓଡ଼ିଶା ଦଳ ଘୋଷିତ ହୋଇଛି। ଗତ ୧୭ ତାରିଖରୁ କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମରେ ଓଡ଼ିଶା ଦଳର ପ୍ରଶିକ୍ଷଣ ଶିବିର ଚାଲିଥିଲା। କୋଚ୍ ପ୍ରଣୟ କୁମାର ପାଣି ଓ ସହକାରୀ କୋଚ୍ ଅନିତା ନାଏକ ଦଳକୁ ପ୍ରଶିକ୍ଷଣ ଦେଇଥିଲେ। ସେଥିରେ ଖେଳାଳିଙ୍କ ପ୍ରଦର୍ଶନ ଭିତ୍ତିରେ ୧୬ ଜଣିଆ ଦଳ ଚୟନ କରାଯାଇଛି। କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଓଡ଼ିଶା ହ୍ୟାଣ୍ଡବଲ ସଙ୍ଘର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, ଉପସଭାପତି ରୀତିକ ଅଧିକାରୀ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ପ୍ରମୁଖ ଓଡ଼ିଶା ଦଳକୁ ବିଦାୟୀ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ ରବିବାର ଶ୍ରୀରଙ୍ଗାପଟନମ୍ ଯିବ।

**ଓଡ଼ିଶା ଦଳ:** ଶ୍ରେୟଶ୍ରୀ ସୁଜୟା (ଅଧିନାୟିକା), ଶ୍ରେୟଂଶୀ ପାଣି, ପ୍ରତ୍ୟୁଷା ପଲ୍ଲବୀ, ନିକିତା ମହାନ୍ତ, ସୁଭଦ୍ରା ନାୟକ, ମଧୁସ୍ମିତା ମହାରଣା, ମାମାଲି ଜେନା, ଏସ୍. ପୁରଭି ପୃଷ୍ଟି, ଆରତି ସାହୁ, ଲିପ୍ସାରାଣୀ ଖଣ୍ଡୁଆଳ, ଶୁଭଲକ୍ଷ୍ମୀ ସାହୁ, ରୋଜାଲିନ ବାରିକ, ଟ୍ୱିଙ୍କିଲ ବାରିକ, ଶ୍ରୀନିକା ପଣ୍ଡା, ବୈଷ୍ଣବୀ ପୃଷ୍ଟି। କୋଚ୍: ପ୍ରଣୟ କୁମାର ପାଣି, ମ୍ୟାନେଜର: ଅନିତା ନାୟକ।

# ଛତ୍ରପୁର–ବିଏଚ୍‌ସି ଫାଇନାଲ

**ମାଇକେଲ କିଣ୍ଡୋ ସ୍ମାରକୀ ଜୁନିୟର ହକି**

ଭୁବନେଶ୍ୱର, ୨୬।୪(ତପନ ସ୍ୱାଇଁ)

ଭୁବନେଶ୍ୱର ହକି କ୍ଲବ(ବିଏଚ୍‌ସି) ଟ୍ରଷ୍ଟ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ମାଇକେଲ କିଣ୍ଡୋ ସ୍ମାରକୀ ଜୁନିୟର(୧୯ ବର୍ଷରୁ କମ୍) ହକି ଚାମ୍ପିୟନଶିପ୍‌ର ୨ଟି ସେମିଫାଇନାଲ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ଏଚ୍‌ଟିସି ଛତ୍ରପୁର ଓ ଆୟୋଜକ ବିଏଚ୍‌ସି ଦଳ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେମିଫାଇନାଲରେ ଛତ୍ରପୁର ଶୁଟ୍‌ଆଉଟ ୨–୧ ଗୋଲରେ ଏଚ୍‌ପିସି ରଣପୁରକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୧–୧ ଗୋଲରେ ବରାବର ରହିଥିଲା। ଦ୍ୱିତୀୟ ସେମିରେ ବିଏଚ୍‌ସି ୨–୧ ଗୋଲରେ ଏଚ୍‌ପିସି ଭୁବନେଶ୍ୱରକୁ ହରାଇ ଦେଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ହକି ତାରକା ଦୀପ୍‌ସାନ ତିର୍କୀ, ପୋଲିନା ସୋରେନ, କ୍ୟାପ୍‌ଟେନ ତରାଇ, ଧୂପତି ରାଉତ, ଦେବାଶିଷ ଗୌଡ଼ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ରବିବାର ଫାଇନାଲ ଅନୁଷ୍ଠିତ ହେବ।


କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

**ଆଜିଠୁ ଜାତୀୟ ସିନିୟର ପୁରୁଷ ରଗ୍‌ବୀ ସେଭେନ୍ସ**

# ପୁଲ୍ 'ସି'ରେ ଓଡ଼ିଶା

**କିସ୍‌ର ୬ ଖେଳାଳି ସାମିଲ**

ଭୁବନେଶ୍ୱର, ୨୬।୪ (ତପନ ସ୍ୱାଇଁ)

ଆସାମର ଗୁଆହାଟୀଠାରେ ରବିବାର ଜାତୀୟ ସିନିୟର ପୁରୁଷ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ଆରମ୍ଭ ହେବ। ୨ ଦିନ ବିଶିଷ୍ଟ ପ୍ରତିଯୋଗିତା ପାଇଁ ଓଡ଼ିଶା ଗ୍ରୁପ୍ 'ସି'ରେ ସ୍ଥାନ ପାଇଛି। ଏଥିରେ ଖେଳିବାକୁ ଯାଉଥିବା ୧୨ ଜଣିଆ ଓଡ଼ିଶା ଦଳରେ କେବଳ କିସ୍‌ର ୬ ଖେଳାଳି ସାମିଲ ହୋଇଛନ୍ତି। ଏମାନେ ହେଲେ ବିନୋଦ ମାରାଣ୍ଡି, ଜୁଗଲ କିଶୋର ମାଝି, ଆଶିଷ ସବର, ଗଣେଷ ଧାଙ୍ଗଡ଼ା ମାଝି, ଅଶୋକ ହାଁସଦା ଓ ସଞ୍ଜୟ କିସାନ। ପ୍ରତିଯୋଗିତାରେ ମୋଟ ୨୬ଟି ଦଳ ଅଂଶଗ୍ରହଣ କରୁଥିବାବେଳେ ଓଡ଼ିଶା ସହିତ ଗ୍ରୁପ୍ 'ସି'ରେ ଉତ୍ତର ପ୍ରଦେଶ ଓ ମଣିପୁର ସ୍ଥାନ ପାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ପ୍ରୀୟଦର୍ଶୀ ମିଶ୍ର ଓ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶା ଦଳ:** ଶାନୱାଜ ଅହମଦ, ସମ୍ବିତ ପ୍ରଧାନ, ବିନୋଦ ମାରାଣ୍ଡି, ଜୁଗଲ କିଶୋର ମାଝି, ବିଭୂତି ଭୂଷଣ ଶେଟ୍ଟି, ଆଶିଷ ସବର, ଗଣେଷ ଧାଙ୍ଗଡ଼ା ମାଝି, ଅଶୋକ ହାଁସଦା, ସୌମ୍ୟ ରଞ୍ଜନ ସ୍ୱାଇଁ, ସଞ୍ଜୟ କିସାନ, ବିନୟ ବଚନ ହେମ୍ବ୍ରମ, ନାରାୟଣ ସାହୁ। କୋଚ୍: ମୁନା ମୁର୍ମୁ, ଫିଜିଓ: ଶିବାଶିଷ ପତି।



ଓଡ଼ିଶା ଦଳରେ ସାମିଲ କିସ୍‌ର ୬ ଖେଳାଳି।

# ନୀରଜଙ୍କ ସପକ୍ଷରେ ଯୋଗେଶ୍ୱର ଦତ୍ତ

ନୂଆଦିଲ୍ଲୀ,୨୬।୪

ଆସନ୍ତା ମାସରେ ବେଙ୍ଗାଲୁରୁରେ ହେବାକୁଥିବା ଏନ୍‌ସି କ୍ଲାସିକ୍ ଇଭେଣ୍ଟ ଲାଗି ଦୁଇଥରର ଅଲିମ୍ପିକ୍ ମେଡାଲିଷ୍ଟ ନୀରଜ ଚୋପ୍ରା ପାକିସ୍ତାନର ଆର୍ଶଦ ନଦିମଙ୍କୁ ଆମନ୍ତ୍ରଣ କରିଥିଲେ। ଏଥିଯୋଗୁ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ନୀରଜଙ୍କୁ ସୋସିଆଲ ମିଡିଆରେ ଅନେକ ୟୁଜର ଖୁବ୍ ଗାଳିଗୁଲଜ କରିବା ସହ ତାଙ୍କ ଦେଶଭକ୍ତି ଉପରେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ନୀରଜ ନିଜ ମତାମତ ରଖିବା ପରେ ତାଙ୍କ ସପକ୍ଷରେ ଭାରତର ପୂର୍ବତନ ରେସ୍‌ଲର ଯୋଗେଶ୍ୱର ଦତ୍ତ ବାହାରିଛନ୍ତି। ପହଲଗାମ୍ ଆକ୍ରମଣର ଦୁଇଦିନ ପୂର୍ବରୁ ବିଶ୍ୱର ସମସ୍ତ ଶ୍ରେଷ୍ଠ ଜାଭେଲିନ୍ ଥ୍ରୋୟରଙ୍କୁ ଆମନ୍ତ୍ରଣ ପଠାଯାଇଥିଲା। ଏହାକୁ ନେଇ ତାଙ୍କୁ ଓ ତାଙ୍କ ପରିବାରକୁ ସୋସିଆଲ ମିଡିଆରେ ଗାଳି ଗୁଲଜ କରାଯିବା ତାଙ୍କୁ ଆଘାତ ଦେଇଥିବା ନୀରଜ କହିଛନ୍ତି। ତେବେ ନୀରଜଙ୍କୁ ତାଙ୍କ ଦେଶପ୍ରେମ କାହାକୁ ପ୍ରମାଣ ଦେବାର ଆବଶ୍ୟକତା ନ ଥିବା ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ମେଡାଲିଷ୍ଟ ଯୋଗେଶ୍ୱର କହିଛନ୍ତି। ନୀରଜ ଭାଇ ତୁମକୁ ତୁମ ଦେଶଭକ୍ତିର ପ୍ରମାଣ କାହାକୁ ଦେବାର ଆବଶ୍ୟକତା ନାହିଁ। ଖେଳାଳି ଓ ସୈନିକମାନେ ବିଦେଶ ମାଟିରେ ନିଜର ତିରଙ୍ଗା ଉଡ଼ାଇ ଦେଶକୁ ଗୌରବାନ୍ୱିତ କରିଥାନ୍ତି। ତୁମେ ଜଣେ ଖେଳାଳି ହେବା ସହ ଜଣେ ସୈନିକ ମଧ୍ୟ ବୋଲି ଦତ୍ତ ଟୁଇଟ୍ କରିଛନ୍ତି।

# ପଞ୍ଜାବ–କୋଲକାତା ପଏଣ୍ଟ ବାଣ୍ଟିଲେ



ଶଟ୍ ଖେଳୁଛନ୍ତି ପ୍ରଭସିମରନ ସିଂ।

କୋଲକାତା,୨୬।୪

ଚଳିତ ଆଇପିଏଲ୍‌ରେ ଶନିବାର କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଓ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବର୍ଷାରେ ଧୋଇଯାଇଛି। ଫଳରେ ଉଭୟ ଦଳକୁ ୧ ଲେଖାଏ ପଏଣ୍ଟ ଦିଆଯାଇଛି। ଏହି ପଏଣ୍ଟ ସହ ପଞ୍ଜାବ ପଏଣ୍ଟ ଟେବୁଲର ଚତୁର୍ଥ ସ୍ଥାନକୁ ଉନ୍ନିତ ହୋଇଥିବା ବେଳେ କୋଲକାତା ୭ ପଏଣ୍ଟ ସହ ପୂର୍ବ ଭଳି ସପ୍ତମ ସ୍ଥାନରେ ରହିଛି। ଚଳିତ ସିଜନ୍‌ରେ ପ୍ରଥମଥର ପାଇଁ ବର୍ଷା କାରଣରୁ ମ୍ୟାଚ୍ ବାତିଲ ହୋଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବକୁ ଦୁଇ ଓପନର ଭଲ ଆରମ୍ଭ ଦେଇଥିଲେ। ପ୍ରିୟାଂଶ ଆର୍ଯ୍ୟ ଓ ପ୍ରଭସିମରନ ସିଂ ୧୧.୫ ଓଭରରେ ୧୨୦ ରନ ଯୋଡ଼ିଥିଲେ। ପ୍ରିୟାଂଶ ୩୫ ବଲରେ ୮ ଚୌକା ଓ ୪ ଛକା ସହିତ ୬୯ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ପ୍ରଭସିମରନ ୪୯ ବଲରେ ୬ ଲେଖାଏଁ ଚୌକା ଓ ଛକା ସହିତ ୮୩ ରନ କରି ପାଭିଲିଅନ ଫେରିଥିଲେ। ଶେଷ ଆଡ଼କୁ ଅଧିନାୟକ ଶ୍ରେୟସ ୧ ଲେଖାଏଁ ଚୌକା ଓ ଛକା ସହିତ ୨୫ ରନ କରି ଅପରାଜିତ ରହିଥିଲେ। ଫଳରେ ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୦୧ ରନ କରିବାକୁ ସକ୍ଷମ ହୋଇଥିଲା। କୋଲକାତା ପକ୍ଷରୁ ବୈଭବ ଆରୋରା ଦୁଇଟି ଉଇକେଟ ନେଇଥିଲେ। ଜବାବରେ କୋଲକାତା ପ୍ରଥମ ଓଭର ଶେଷ ସୁଦ୍ଧା ବିନା କ୍ଷତିରେ ୭ ରନ କରିଥିଲା। ଏହାପରେ ବର୍ଷା କାରଣରୁ ଖେଳ ସମ୍ଭବ ହୋଇପାରିନଥିଲା।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୨୦ ଓଭରରେ ୨୦୧/୪(ପ୍ରଭସିମରନ ସିଂ–୮୩, ପ୍ରିୟାଂଶ ଆର୍ଯ୍ୟ–୬୯, ଶ୍ରେୟସ ଆୟର–୨୫*, ବୈଭବ ଆରୋରା–୨/୩୪, ଆନ୍ଦ୍ରେ ରସେଲ–୧/୨୭, ବରୁଣ ଚକ୍ରବର୍ତ୍ତୀ–୧/୩୯)। କୋଲକାତା ନାଇଟ୍ ରାଇଡର୍ସ: ୧ ଓଭରରେ ୭/୦।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ମୁମ୍ବାଇ
ବନାମ ଲକ୍ଷ୍ନୌ
ସ୍ଥାନ: ମୁମ୍ବାଇ
ସମୟ: ଅପରାହ୍ଣ ୩.୩୦

ଦିଲ୍ଲୀ
ବନାମ ବେଙ୍ଗାଲୁରୁ
ସ୍ଥାନ: ଦିଲ୍ଲୀ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୮ | ୬ | ୨ | ୦ | ୧୨ | +୧.୧୦୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୬ | ୨ | ୦ | ୧୨ | +୦.୬୫୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୯ | ୬ | ୩ | ୦ | ୧୨ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୯ | ୫ | ୩ | ୧ | ୧୧ | +୦.୧୭୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୫ | ୪ | ୦ | ୧୦ | +୦.୬୭୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୯ | ୫ | ୪ | ୦ | ୧୦ | –୦.୦୫୪ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୫ | ୧ | ୭ | +୦.୨୧୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୩ | ୬ | ୦ | ୬ | –୧.୧୦୩ |
| ରାଜସ୍ଥାନ ରୟାଲ୍ସ | ୯ | ୨ | ୭ | ୦ | ୪ | –୦.୬୨୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୨ | ୭ | ୦ | ୪ | –୧.୩୦୨ |

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years

ପୃଷ୍ଠା–୮+୮

# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୨୭/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, April 27/2025 | Page 16 | ₹ 7.00

୫୧ଶ ଭାଗ ୧୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 152 | ମୂଲ୍ୟ ₹୭/-


## ପହଲଗାମ୍ ଆକ୍ରମଣର ନିରପେକ୍ଷ ତଦନ୍ତ କରାଇବାକୁ କହିଲେ ଶରିଫ୍

# ୩ୟ ପକ୍ଷଙ୍କୁ ଡାକିଲା ପାକିସ୍ତାନ

୧୯୭୦ ଦଶକରେ ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ଜୁଲଫିକର ଅଲୀ ଭୁଟ୍ଟୋ କହିଥିଲେ, ଘାସ ଖାଇ ବଞ୍ଚିବୁ ପଛେ, କଶ୍ମୀର ପାଇଁ ହଜାରେ ବର୍ଷ ଲଢ଼ିବୁ। ପାକିସ୍ତାନର ସେନା ମୁଖ୍ୟ ଅସୀମ ମୁନିର ସମାନ ଚିନ୍ତାଧାରା ପୋଷଣ କରି କିଛିଦିନ ତଳେ ଭାରତ ବିରୋଧୀ ଆଭିମୁଖ୍ୟ ପୋଷଣ କରିବାକୁ ନିଜ ପିଲାଙ୍କୁ ପ୍ରବର୍ତ୍ତାଇବା ପାଇଁ ତାଙ୍କ ଦେଶର ନାଗରିକଙ୍କୁ ପରାମର୍ଶ ଦେଇଥିଲେ। ଏଭଳି ବ୍ୟକ୍ତିଙ୍କ ମନ୍ତବ୍ୟ ଅନେକ ପାକିସ୍ତାନୀଙ୍କୁ ବେଶ୍ ପ୍ରଭାବିତ କରି ଭାରତ ବିରୋଧରେ ଘୃଣାର ପାହାଡ଼ ସୃଷ୍ଟି କରୁଛି। ପହଲଗାମ୍ ଆକ୍ରମଣ ଏହାର ଏକ ପରିଣାମ ବୋଲି ଅନେକ ନିରାପତ୍ତା ବିଶେଷଜ୍ଞ ମତ ଦେଉଛନ୍ତି। ଖାଦ୍ୟାଭାବ, ବେରୋଜଗାରି ଓ ଆଭ୍ୟନ୍ତରୀଣ ଅସୁରକ୍ଷାରେ ଛନ୍ଦି ହୋଇପଡ଼ିଥିବା ପାକିସ୍ତାନ କଶ୍ମୀରକୁ ନିଜର କରିବା ନେଇ ଏବେ ମଧ୍ୟ ଅପଚେଷ୍ଟା ଜାରି ରଖିଛି। ପହଲଗାମ୍ ଆକ୍ରମଣର ଅନ୍ତର୍ଜାତୀୟ ତଦନ୍ତ ଦାବିକରି ତୃତୀୟ ପକ୍ଷର ହସ୍ତକ୍ଷେପକୁ ଭାରତ ଉପରେ ଲଦିଦେବା ପାଇଁ ଇସ୍‌ଲାମାବାଦ ଚାହୁଁଛି। ଅନ୍ୟପକ୍ଷେ ପାକିସ୍ତାନର ଏଭଳି ଦୁଃସାହସ ପଛରେ ଚାଇନା ଓ ଆମେରିକାର କୂଟନୀତି କାମ କରୁଥିବା ମନେହେଉଛି। ଆମେରିକା–ଚାଇନା ବାଣିଜ୍ୟ ଯୁଦ୍ଧର ଲାଭ ଯେପରି ଭାରତ ନ ପାଇବ, ତାହା ବେଜିଂର ଲକ୍ଷ୍ୟ ହୋଇଥିବାବେଳେ ଭାରତକୁ ନିଜ ନିୟନ୍ତ୍ରଣରେ ରଖିବା ଲାଗି ଆମେରିକା ଗୋଟି ଚଳାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର କହିଛନ୍ତି, ଭାରତ–ପାକିସ୍ତାନ ୧,୦୦୦ ବର୍ଷ ହେଲା ପରସ୍ପର ବିରୋଧରେ ଲଢ଼ିଆସୁଛନ୍ତି। ଉଭୟେ ହିଁ ନିଜ ବିବାଦର ସମାଧାନ କରନ୍ତୁ ବୋଲି ଟ୍ରମ୍ପ କହିଛନ୍ତି, ଯାହାକି କଶ୍ମୀର ପ୍ରସଙ୍ଗକୁ ଭିନ୍ନ ମୋଡ଼ ଦେଇପାରେ।


ଶେହବାଜ୍ ଶରିଫ୍

ଇସ୍‌ଲାମାବାଦ/ ୱାଶିଂଟନ,୨୬।୪

ଜମ୍ମୁ–କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁର ନିରପେକ୍ଷ ଏବଂ ସ୍ୱଚ୍ଛ ତଦନ୍ତ ପାଇଁ ପ୍ରସ୍ତୁତ ଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଶନିବାର କହିଛନ୍ତି। ତେବେ ଭାରତ ପଟୁ କୌଣସି ପ୍ରକାର ସାମରିକ ପଦକ୍ଷେପର ମୁକାବିଲା ପାଇଁ ପାକିସ୍ତାନ ପ୍ରସ୍ତୁତ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ୨୦୧୯ ଅଗଷ୍ଟରେ ଜମ୍ମୁ–କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଗତ ମଙ୍ଗଳବାର ପହଲଗାମ୍‌ରେ ସବୁଠୁ ବଡ଼ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏହାକୁ ନେଇ ପାକ୍ ବିରୋଧରେ ଭାରତ କୂଟନୈତିକ ସ୍ତରରେ କେତେକ କଟକଣା ଲଗାଇଥିବାବେଳେ ଆତଙ୍କବାଦୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଛି। ଖାଇବର–ପାଖ୍‌ତୁନ୍‌ଖ୍ୱାର କକୁଲସ୍ଥିତ ପାକିସ୍ତାନ ମିଲିଟାରି ଏକାଡେମୀର ଏକ ଉତ୍ସବରେ ଉଦ୍‌ବୋଧନ ଦେଇ ଶେହବାଜ୍ କହିଛନ୍ତି, ଭାରତ କ୍ରମାଗତ ଭାବେ ଆମ ଉପରେ ଦୋଷ ଲଦି ଚାଲିଥିବାବେଳେ ପହଲଗାମ୍ ଆକ୍ରମଣ ଏହାର ଆଉ ଏକ ଦୃଷ୍ଟାନ୍ତ। ଏହାକୁ ବନ୍ଦ କରିବାକୁ ହେବ। ଏକ ଦାୟିତ୍ୱବାନ୍ ରାଷ୍ଟ୍ର ଭାବେ ଯେକୌଣସି ପ୍ରକାର ନିରପେକ୍ଷ, ସ୍ୱଚ୍ଛ ତଥା ନିର୍ଭରଯୋଗ୍ୟ ତଦନ୍ତରେ ଭାଗନେବାକୁ ଆମେ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଅନ୍ତର୍ଜାତୀୟ ନିରୀକ୍ଷକମାନଙ୍କ ଦ୍ୱାରା ତଦନ୍ତ କରାଗଲେ ପାକିସ୍ତାନ ସହଯୋଗ କରିବ ବୋଲି ଶୁକ୍ରବାର ସେଠାକାର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଅସିଫ୍ କହିଥିଲେ।

## କଶ୍ମୀର ପାଇଁ ଭାରତ, ପାକିସ୍ତାନ ୧୦୦୦ ବର୍ଷ ହେଲା ଲଢୁଛନ୍ତି: ଟ୍ରମ୍ପ

ପହଲଗାମ୍ ଆକ୍ରମଣକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉଭୟ ଦେଶ ମଧ୍ୟରେ ବିବାଦକୁ ନେଇ ଦେଇଥିବା ତ୍ରୁଟିପୂର୍ଣ୍ଣ ମନ୍ତବ୍ୟ ସାରା ବିଶ୍ୱକୁ ବିସ୍ମିତ କରିଛି। କଶ୍ମୀର ପ୍ରସଙ୍ଗକୁ ନେଇ ଭାରତ ଓ ପାକିସ୍ତାନ ୧,୦୦୦ ବର୍ଷ ହେଲା ଲଢ଼ିଆସୁଥିବାବେଳେ ସୀମାକୁ ନେଇ ଉତ୍ତେଜନା ୧,୫୦୦ ବର୍ଷ ଧରି ଲାଗି ରହିଥିବା ଟ୍ରମ୍ପ ଶୁକ୍ରବାର କହିଛନ୍ତି। ତାଙ୍କର ଏଭଳି ମନ୍ତବ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବାବେଳେ ୟୁଜରମାନେ ତାଙ୍କୁ ସମାଲୋଚନା କରି ବିଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି। ପୋପ୍ ଫ୍ରାନ୍ସିସ୍‌ଙ୍କ ଶେଷକୃତ୍ୟରେ ଯୋଗଦେବା ଲାଗି ଟ୍ରମ୍ପ ଭାଟିକାନ୍ ସିଟି ଯାଉଥିବାବେଳେ ବିମାନରେ ଖବରଦାତାମାନଙ୍କୁ କହିଥିଲେ, ସେ ଭାରତ ଓ ପାକିସ୍ତାନ ସହ ବେଶ୍ ଘନିଷ୍ଠ। କଶ୍ମୀରକୁ ନେଇ ସେମାନେ ହଜାରେ ବର୍ଷ ହେଲା ଲଢ଼ିଆସୁଛନ୍ତି। ୨ ଦକ୍ଷିଣ ଏସୀୟ ରାଷ୍ଟ୍ର ମଧ୍ୟରେ ୧,୫୦୦ ବର୍ଷ ହେଲା ବିବାଦ ରହିଥିଲେ ମଧ୍ୟ ସେମାନେ ଏହାର ସମାଧାନ ବାହାର କରିବା ନେଇ ସେ ନିଶ୍ଚିତ ବୋଲି ଟ୍ରମ୍ପ କହିଥିଲେ। ୧୯୪୭ରେ ଦେଶ ବିଭାଜନ ହୋଇ ପାକିସ୍ତାନ ସୃଷ୍ଟି ହେବା ପରେ କାଶ୍ମୀର ଏକ ଅସମାହିତ ବିବାଦ ହୋଇ ରହିଆସିଛି।

## ୬ ଲକ୍ଷ ଯୋଗ୍ୟ ହିତାଧିକାରୀ ପାଇବେ ରାଶନ କାର୍ଡ

**ଭୁବନେଶ୍ୱର,୨୬।୪(ସୁନିତ୍ ମିଶ୍ର):** ରାଜ୍ୟରେ ପ୍ରାୟ ଲକ୍ଷେ ଲୋକଙ୍କ ରାଶନ କାର୍ଡ କଟିଛି। ଏହାବାଦ୍ ଅନ୍ୟ ୫ ଲକ୍ଷ ମୃତ ହିତାଧିକାରୀଙ୍କୁ ମିଶାଇ ମୋଟ ୬ ଲକ୍ଷ କାର୍ଡ କାଟି ଦିଆଯାଇଛି। ଏହି ୬ ଲକ୍ଷ କାର୍ଡ ଗରିବ ଲୋକଙ୍କୁ ଦିଆଯିବ ବୋଲି ଶନିବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ଇ–କେୱାଇସି ବ୍ୟବସ୍ଥାରେ ବହୁ ହିତାଧିକାରୀ ତାଲିକାରୁ କଟିଯାଇଥିବା ନେଇ ଚାରିଆଡୁ ଅଭିଯୋଗ ଆସିବାରେ ଲାଗିଥିବାବେଳେ ମନ୍ତ୍ରୀ କହିଛନ୍ତି, ଯେଉଁଠି ଅଭିଯୋଗ ରହିଛି ସେ ବିଷୟରେ ତାଙ୍କୁ ଜଣାନ୍ତୁ। ସରକାରଙ୍କ ପାଖରେ ପର୍ଯ୍ୟାପ୍ତ କାର୍ଡ ରହିଛି, ସେସବୁ ନୂଆ ଲୋକଙ୍କୁ ଦିଆଯିବ। ଯୋଗ୍ୟ ହିତାଧିକାରୀଙ୍କ କାର୍ଡ ଭୁଲ୍‌ରେ କଟିଯାଇଥିଲେ ସେମାନେ ଆଉଥରେ ଆବେଦନ କରନ୍ତୁ।

### ଓଡ଼ିଶା ସରକାର
### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
### ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

No. T-: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ **ତା28.04.2025ରିଖ** ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ, ୟୁନିଟ୍–୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**



RAMRAJ
SHIRTINGS & SUITINGS
COTTON • LINEN • TRADITIONAL
www.ramrajcotton.in
FOR TRADE ENQUIRY
Distributor : RAMLAL RUPCHAND
NANDI SAHI, CUTTACK - 753 001
CELL : 94370 94433

APTI PLUS
Academy for Civil Services Pvt. Ltd.
CREATING CIVIL SERVANTS FOR THE NATION
Our Odisha Champions in UPSC CSE 2024

RITIKA RATH, AIR 48, CLASSROOM STUDENT
HARSITA AGARWAL AIR 163 IGP
RAJDEEP AIR 789 CLASSROOM PROGRAM
ABHIJEET MALLICK AIR 979 IGP
& many more...
Admissions Open For IAS & OAS
Integrated & Foundation Courses For Graduates & Under Graduates
BHUBANESWAR
Jaydev Vihar, Plot No: 2280, Biju Pattanaik College Road, Bhubaneswar, Odisha- 751013.
web: www.aptiplus.in
mail: registration@aptiplus.in
Call: 9938386166 7327846166 8260677707

DSPL-44

ଓଡ଼ିଶା ଶାସନ


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର : ମୁଫ୍ତ ବିଜୁଳି ଯୋଜନା
(PMSG:MBY)

ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ, ପ୍ରୋତ୍ସାହନ ରାଶି ଦେଶରେ ସର୍ବାଧିକ

ମାସକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଦେୟ ଉପରେ ସଞ୍ଚୟ
ପ୍ରତି ଘର ପିଛା ୩ କିଲୋୱାଟ ପର୍ଯ୍ୟନ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ସବସିଡି

| ରୁଫ୍-ଟପ ସୌର ପ୍ରକଳ୍ପ | କେନ୍ଦ୍ର ସରକାରଙ୍କ ସବସିଡି | ରାଜ୍ୟ ସରକାରଙ୍କ ଅତିରିକ୍ତ ସବସିଡି | ମୋଟ ସବସିଡି |
|---|---|---|---|
| ୧ କିଲୋୱାଟ୍ ପାଇଁ | ୩୦,୦୦୦/- ଟଙ୍କା | ୨୫,୦୦୦/- ଟଙ୍କା | ୫୫,୦୦୦/- ଟଙ୍କା |
| ୨ କିଲୋୱାଟ୍ ପାଇଁ | ୬୦,୦୦୦/- ଟଙ୍କା | ୫୦,୦୦୦/- ଟଙ୍କା | ୧,୧୦,୦୦୦/- ଟଙ୍କା |
| ୩ କିଲୋୱାଟ୍ ପାଇଁ | ୭୮,୦୦୦/- ଟଙ୍କା | ୬୦,୦୦୦/- ଟଙ୍କା | ୧,୩୮,୦୦୦/- ଟଙ୍କା |


ଜଳବାୟୁ ସଂଶୋଧନ ପାଇଁ ସହାୟକ

pmsuryaghar.gov.in ରେ ଅନଲାଇନ ରେଜିଷ୍ଟ୍ରେସନ କରନ୍ତୁ ଏବଂ ଯୋଜନାର ଲାଭ ପାଆନ୍ତୁ।
ଅଧିକ ଜାଣିବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର

ଅଧିକ ସୂଚନା ନିମନ୍ତେ ସ୍କାନ କରନ୍ତୁ

## ସଂକ୍ଷେପରେ

### ଗୁଜରାଟରେ ୧,୦୨୪ ବାଂଲାଦେଶୀ ଅଟକ

**ରହିଛନ୍ତି ଅଲ୍‌କାଏଦା ସ୍ଲିପର ସେଲ୍‌ର ୨ ସନ୍ଦିଗ୍ଧ**

ଅହମଦାବାଦ, ୨୬।୪

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଗୁଜରାଟ ପୋଲିସ ରାଜ୍ୟରେ ଅବୈଧ ଭାବରେ ରହୁଥିବା ବାଂଲାଦେଶୀ ଆପ୍ରବାସୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଛି। ଅହମଦାବାଦ ଏବଂ ସୁରଟ ପୋଲିସ ପକ୍ଷରୁ ଏନେଇ ବଡ଼ ଅପରେଶନ ଚଳାଯାଇ ସେଠାରେ ବେଆଇନ ଭାବେ ରହୁଥିବା ପ୍ରାୟ ୧,୦୨୪ ବାଂଲାଦେଶୀଙ୍କୁ ଶନିବାର ଅଟକ ରଖାଯାଇଛି। ଘଟଣା ସମ୍ପର୍କରେ ଅହମଦାବାଦ କ୍ରାଇମବ୍ରାଞ୍ଚ ଡିସିପି ଅଜିତ ରାଜିୟନ କହିଛନ୍ତି, ପୋଲିସ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଅବୈଧ ଭାବେ ରହୁଥିବା ବିଦେଶୀ ପ୍ରବାସୀମାନଙ୍କୁ ଧରିବା ପାଇଁ ସନ୍ଧାନ ଅଭିଯାନ ଆରମ୍ଭ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କେବଳ ଅହମଦାବାଦରୁ ୮୯୦ ଅବୈଧ ବାଂଲାଦେଶୀ ଆପ୍ରବାସୀଙ୍କୁ ଅଟକ ରଖାଯାଇଛି। ସେହିପରି ସୁରଟ ପୋଲିସର ସ୍ପେଶାଲ ଅପରେଶନ ଗ୍ରୁପ୍ (ଏସ୍ଓଜି) ୧୩୪ ଜଣ ଅବୈଧ ବାଂଲାଦେଶୀ ଆପ୍ରବାସୀଙ୍କୁ ଅଟକ ରଖିଛି। ଅଟକ ୧୦୨୪ ଜଣଙ୍କ ମଧ୍ୟରୁ ୪ ଜଣ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ ସହ ଜଡ଼ିତ ଥିବାବେଳେ ୨ ଜଣ ଅଲକାଏଦା ସ୍ଲିପର ସେଲ ସହ ଜଡ଼ିତ ଥିବା ନେଇ ପୋଲିସ ସନ୍ଦେହ କରୁଛି।

### ମାଡ଼ିଗଲା ଭ୍ୟାନ୍, ୮ ସଫେଇ କର୍ମଚାରୀ ମୃତ

ନୂଆଦିଲ୍ଲୀ, ୨୬।୪

ହରିୟାଣାର ନୁହଁ ସ୍ଥିତ ଦିଲ୍ଲୀ, ମୁମ୍ବାଇ ଏକ୍ସପ୍ରେସ୍ ୱେରେ ଶନିବାର ଭୟଙ୍କର ଦୁର୍ଘଟଣା ଘଟିଛି। ସ୍ଥାନୀୟ ଇବ୍ରାହିମବାସ ଗ୍ରାମ ନିକଟରେ ଶନିବାର ସକାଳେ କେତେଜଣ ସଫେଇ କର୍ମଚାରୀ ରାସ୍ତା ସଫେଇ କାର୍ଯ୍ୟ କରୁଥିବାବେଳେ ଏକ ପିକଅପ୍ ଭ୍ୟାନ୍ ଦ୍ରୁତ ଗତିରେ ଆସି ସେମାନଙ୍କୁ ମଡ଼ାଇଦେଇଥିଲା। ଘଟଣାରେ ୮ ଜଣ ସଫେଇ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ଇରାନରେ ବିସ୍ଫୋରଣ: ୮ ମୃତ, ୭୦୦ ଆହତ

ତେହରାନ,୨୬।୪



ଇରାନର ଶହୀଦ ରାଜାଇ ବନ୍ଦରରେ ବିସ୍ଫୋରଣ ପରେ ପ୍ରବଳ ଧୂଆଁ ଉଠୁଛି।

ଇରାନର ବନ୍ଦର ଆବ୍ବାସ ସହର ବାହାରେ ଥିବା ଶହୀଦ ରାଜାଇ ବନ୍ଦରରେ ଶନିବାର ଭୟାବହ ବିସ୍ଫୋରଣ ଘଟି ୮ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟୂନ ୭୦୦ ଜଣ ଆହତ ହୋଇଛନ୍ତି। ମିଶାଇଲ ପ୍ରୋପେଲାଣ୍ଟ ପ୍ରସ୍ତୁତ ପାଇଁ ବ୍ୟବହୃତ ରାସାୟନିକ ଉପାଦାନ ପରିବହନ ସହ ବିସ୍ଫୋରଣର ସମ୍ପୃକ୍ତି ଥିବା କୁହାଯାଉଛି। ଏହି ବନ୍ଦର ଦେଇ ବର୍ଷକୁ ୭୨.୫ ନିୟୁତ ଟନ୍ ପଣ୍ୟ କାରବାର ହୋଇଥାଏ। ସେଠାରେ ପେଟ୍ରୋକେମିକାଲ କାରଖାନା ରହିଛି। ବିସ୍ଫୋରଣ ପରେ ସେଠାରୁ କଳା ଧୂମକୁଣ୍ଡଳୀ ବହୁତ ଉଚ୍ଚ ପର୍ଯ୍ୟନ୍ତ ଉଠୁଥିବା ଦେଖିବାକୁ ମିଳିଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ବହୁ କିଲୋମିଟର ଦୂରରେ ଥିବା କୋଠାଗୁଡ଼ିକର କାଚ ଭାଙ୍ଗିଯାଇଛି। ଅନ୍ୟପକ୍ଷରେ ବିସ୍ଫୋରଣରେ କୌଣସି ଶକ୍ତି ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇ ନ ଥିବା ଇରାନର ସରକାରୀ ଟିଭି ପକ୍ଷରୁ କୁହାଯାଇଛି। ରାଜାଇ ବନ୍ଦରରେ ଥିବା କଣ୍ଟେନରଗୁଡ଼ିକରୁ ବିସ୍ଫୋରଣ ଘଟିଥିବା ସେଠାର ପ୍ରାଦେଶିକ ବିପର୍ଯ୍ୟୟ ପରିଚାଳନା ଅଧିକାରୀ ମେହର୍ଦାଦ ହାସନଜାଦେ କହିଛନ୍ତି। ବିସ୍ଫୋରଣ ଯୋଗୁ ଏକ ବିଲ୍ଡିଂ ଭୁଶୁଡ଼ି ପଡ଼ିଛି। ଇରାନ ରାଜଧାନୀ ତେହରାନଠାରୁ ୧,୦୫୦ କିଲୋମିଟର ଦୂରରେ ଅବସ୍ଥିତ ଏହି ବନ୍ଦର ଦେଇ ଦେଶର ୨୦ ପ୍ରତିଶତ ତୈଳ ପରିବହନ ହୋଇଥାଏ। ତେହରାନ୍ ଆଣବିକ କାର୍ଯ୍ୟକ୍ରମରେ ଦ୍ରୁତ ଅଗ୍ରଗତି କରିଚାଲିଥିବାବେଳେ ଏହା ଉପରେ ବୁଝାମଣା ପାଇଁ ଓମାନରେ ଶନିବାର ଇରାନ ଏବଂ ଆମେରିକା ମଧ୍ୟରେ ତୃତୀୟ ପର୍ଯ୍ୟାୟ ଆଲୋଚନା ଚାଲିଥିବାବେଳେ ବିସ୍ଫୋରଣ ଘଟିଛି।

# ସାମରିକ ସଞ୍ଚାଳନର ସିଧା ପ୍ରସାରଣରୁ ଦୂରେଇ ରୁହ

**ଗଣମାଧ୍ୟମ ଚ୍ୟାନେଲଙ୍କୁ କେନ୍ଦ୍ରର ପରାମର୍ଶ**

ନୂଆଦିଲ୍ଲୀ,୨୬।୪

ଆତଙ୍କବାଦୀ ନିରୋଧୀ ଅଭିଯାନ, ଜାତୀୟ ସୁରକ୍ଷା ସ୍ୱାର୍ଥରେ ସୁରକ୍ଷାବଳର ଗତିବିଧି ଆଦିର ସିଧା ପ୍ରସାରଣଠାରୁ ଗଣମାଧ୍ୟମ ଚ୍ୟାନେଲଗୁଡ଼ିକ ଦୂରେଇ ରହିବା ପାଇଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଆଡଭାଇଜରି ଜାରି କରିଛି। ଜାତୀୟ ସ୍ୱାର୍ଥର ସୁରକ୍ଷାରେ ଗଣମାଧ୍ୟମ, ଡିଜିଟାଲ ପ୍ଲାଟଫର୍ମ ଏବଂ ବ୍ୟକ୍ତିବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ପରାମର୍ଶ ଦିଆଯାଇଛି। ସାମରିକ ସଞ୍ଚାଳନ କିମ୍ବା ସୈନ୍ୟ ପ୍ରେରଣ ସମ୍ପର୍କିତ ସୂତ୍ର ଆଧାରିତ ରିପୋର୍ଟ ପ୍ରକାଶ ନ କରିବାକୁ ମନ୍ତ୍ରଣାଳୟ କହିଛି। ସମ୍ବେଦନଶୀଳ ତଥ୍ୟଗୁଡ଼ିକର ଆଗୁଆ ପ୍ରଘଟ ଶତ୍ରୁଙ୍କ ପାଇଁ ସହାୟକ ହୋଇପାରେ ଏବଂ ପ୍ରଭାବୀ କାର୍ଯ୍ୟାନୁଷ୍ଠାନ ଏବଂ ସୁରକ୍ଷା ବଳର ନିରାପତ୍ତା ପ୍ରତି ବିପଦ ଆଣିପାରେ। ପୂର୍ବରୁ କାର୍ଗିଲ ଯୁଦ୍ଧ, ୨୬/୧୧ ମୁମ୍ବାଇ ଆକ୍ରମଣ ଏବଂ କାନ୍ଦାହାର ବିମାନ ଅପହରଣ ଘଟଣାରେ କଟକଣାବିହୀନ ଖବର ପ୍ରସାରଣ ଯୋଗୁ ଜାତୀୟ ସ୍ୱାର୍ଥ ଉପରେ ଉଦ୍ଦ୍ୟମହୀନ ପ୍ରତିକୂଳ ପ୍ରଭାବ ପଡ଼ିଥିଲା। ସୁରକ୍ଷା ବଳ ଦ୍ୱାରା କୌଣସି ଆତଙ୍କବାଦ ନିରୋଧୀ ଅଭିଯାନର ସିଧା ପ୍ରସାରଣ କେବୁଲ ସର୍ଭିସ ଜରିଆରେ କରାଯିବା ଉଚିତ ନୁହେଁ ବୋଲି କେବୁଲ ଟେଲିଭିଜନ ନେଟ୍‌ୱର୍କ ସଂଶୋଧନ ନିୟମାବଳୀରେ ବ୍ୟବସ୍ଥା ରହିଛି। ତେଣୁ ଜାତୀୟ ସୁରକ୍ଷା ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ ଗଣମାଧ୍ୟମ ପ୍ଲାଟଫର୍ମ, ନ୍ୟୁଜ୍ ଏଜେନ୍ସି ଏବଂ ସୋସିଆଲ ମିଡିଆ ୟୁଜରମାନଙ୍କୁ ପ୍ରତିରକ୍ଷା ବା ସୁରକ୍ଷା ଅଭିଯାନ ସମ୍ପର୍କିତ ବିଷୟ ଉପରେ ଅତ୍ୟନ୍ତ ଦାୟିତ୍ୱବାନ୍ ସହ କାର୍ଯ୍ୟ କରିବା ଏବଂ ପ୍ରଚଳିତ ଆଇନ ଓ ନିୟମାବଳୀକୁ କଡ଼ାକଡ଼ି ଅନୁପାଳନ କରିବାକୁ ପରାମର୍ଶ ଦିଆଯାଇଛି।

# ପହଲଗାମ୍ ଆକ୍ରମଣ ପରେ କଶ୍ମୀରରେ ବ୍ୟାପକ ଚଢ଼ାଉ

**ଶତାଧିକ ଅଟକ, ୭ ଆତଙ୍କବାଦୀଙ୍କ ଘର ଧ୍ୱଂସ**

ଶ୍ରୀନଗର,୨୬।୪ (ପି.ଟି.)



ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ କଶ୍ମୀରରେ ଥିବା ଆତଙ୍କବାଦୀ ଓ ସେମାନଙ୍କ ସମର୍ଥକମାନଙ୍କୁ ଧରିବା ପାଇଁ ବ୍ୟାପକ ଚଢ଼ାଉ ଜାରି ରହିଛି। କେତେଜଣ ଆତଙ୍କବାଦୀଙ୍କ ଘର ଭଙ୍ଗାଯିବା ସହ ସେମାନଙ୍କ ସୁରକ୍ଷିତ ଆଡ୍ଡା ଉପରେ ଚଢ଼ାଉ କରାଯାଇ ଶତାଧିକ ସହାୟକଙ୍କୁ ଅଟକ ରଖାଯାଇଛି।

ଗତ ମଙ୍ଗଳବାର ଆତଙ୍କବାଦୀମାନେ ପହଲଗାମ୍‌ର ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ବୈସରନରେ ଆକ୍ରମଣ କରି ୨୬ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ। ସୁରକ୍ଷା ବଳ ସମଗ୍ର ଉପତ୍ୟକାରେ ଥିବା ଜଣାଶୁଣା ଆତଙ୍କବାଦୀ ସଂଗଠନ ଏବଂ ସେମାନଙ୍କ ସହଯୋଗୀଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରଖିଛି। ଗତ ୪୮ ଘଣ୍ଟା ମଧ୍ୟରେ ୭ ଜଣ ଆତଙ୍କବାଦୀଙ୍କ ଘର ଭଙ୍ଗାଗଲାଣି। ଆତଙ୍କବାଦ ସହ ଜଡ଼ିତ ଅନ୍ୟମାନଙ୍କ ବିରୋଧରେ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରୀମାନେ କହିଛନ୍ତି। ଗୁରୁବାର ରାତିରେ ଏକ ରହସ୍ୟମୟ ବିସ୍ଫୋରଣରେ ୨ ସକ୍ରିୟ ଆତଙ୍କବାଦୀ ବିଜବେହରା ଅଞ୍ଚଳର ଆଦିଲ ଠୋକର ଏବଂ ତ୍ରାଲ ଅଞ୍ଚଳର ଅସିଫ୍ ଶେଖ୍‌ଙ୍କ ଘର ଧ୍ୱଂସ ହୋଇଥିଲା। ଉଭୟ ପହଲଗାମ୍ ଆକ୍ରମଣ ସହ ସମ୍ପୃକ୍ତ ଥିବା କୁହାଯାଉଛି।

୪ ଦକ୍ଷିଣ କଶ୍ମୀର ଜିଲାରୁ ସୁରକ୍ଷା ବଳ ଶତାଧିକ ଓଭରଗ୍ରାଉଣ୍ଡ ୱାର୍କର(ଓଡବ୍ଲୁଜି) ଓ ସେମାନଙ୍କ ସହଯୋଗୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ଶୁକ୍ରବାର ବନ୍ଦିପୋରା ଜିଲାରେ ଏଭଳି କାର୍ଯ୍ୟାନୁଷ୍ଠାନ ବେଳେ ଆତଙ୍କବାଦୀଙ୍କ ଗୁଳିରେ ଓଡବ୍ଲୁଜି ଅଲତାଫ ଲାଲ୍ଲି ନିହତ ହେବା ସହ ୨ ଜଣ ପୋଲିସ ଆହତ ହୋଇଥିଲେ। ଶନିବାର ଶ୍ରୀନଗରରେ ୨ ଡଜନରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ କରାଯାଇଛି। ଅନନ୍ତନାଗ ଜିଲାରେ ୨୪ ଘଣ୍ଟିଆ ତଲାସି ଅଭିଯାନ ଜାରି ରହିଥିବାବେଳେ ସୁରକ୍ଷା ବଳ ସଜାଗ ରହିଛନ୍ତି।

# ଆକ୍ରମଣକୁ କଡ଼ା ନିନ୍ଦା କଲା ୟୁଏନ୍‌ଏସ୍‌ସି

ଜାତିସଂଘ, ୨୬।୪

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଗତ ମଙ୍ଗଳବାର ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଶନିବାର ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) କଡ଼ା ଭାଷାରେ ନିନ୍ଦା କରିଛି। ୟୁଏନ୍‌ଏସ୍‌ସି ପକ୍ଷରୁ ଜାରି ହୋଇଥିବା ଏକ ନିନ୍ଦା ପ୍ରସ୍ତାବରେ କୁହାଯାଇଛି, ଅନ୍ତର୍ଜାତୀୟ ଶାନ୍ତି ଏବଂ ସୁରକ୍ଷା ପାଇଁ ଆତଙ୍କବାଦ ହେଉଛି ସବୁଠାରୁ ବଡ଼ ବିପଦ। ୧୫ ଦେଶ ସଦସ୍ୟ ଥିବା ଏହି ପରିଷଦ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ବିବୃତିରେ କୁହାଯାଇଛି, ପହଲଗାମ୍‌ରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ଅତ୍ୟନ୍ତ ଘୃଣ୍ୟ ଏବଂ ନିନ୍ଦନୀୟ କାର୍ଯ୍ୟ ଥିଲା। ଏହାର ଅପରାଧୀ ଏବଂ ଷଡ଼ଯନ୍ତ୍ରକାରୀଙ୍କୁ ଯଥାଶୀଘ୍ର ଦଣ୍ଡବିଧାନ ଉପରେ ୟୁଏନ୍‌ଏସ୍‌ସି ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି।

# ଏଲ୍‌ଓସିରେ ପୁଣି ପାକ୍ ସେନାର ଗୁଳିବର୍ଷା

ଶ୍ରୀନଗର/ ନୂଆଦିଲ୍ଲୀ,୨୬।୪

ପାକିସ୍ତାନୀ ସେନା କ୍ରମାଗତ ଦ୍ୱିତୀୟ ଦିନ ପାଇଁ ଅସ୍ତ୍ରବିରତି ଉଲ୍ଲଂଘନ କରି ନିୟନ୍ତ୍ରଣ ରେଖା ଆରପଟୁ ଜୋର୍‌ଦାର ଗୁଳିମାଡ଼ କରିଛି। ଭାରତୀୟ ସେନା ଏହାର ଠିକଣା ଜବାବ ଦେଇଥିବା ସାମରିକ ସୂତ୍ରରୁ ଜଣାପଡ଼ିଛି। ଗୁରୁବାର ରାତିରେ ଭାରତୀୟ ଘାଟିଗୁଡ଼ିକୁ ଟାର୍ଗେଟ କରି ପାକ୍ ସୈନ୍ୟ ଗୁଳିମାଡ଼ କରିବାରୁ ସେନା ଏହାର ଉପଯୁକ୍ତ ଜବାବ ଦେଇଥିଲା। ଶୁକ୍ରବାର ମଧ୍ୟ ଅନୁରୂପ ଭାବେ ଗୁଳି ବିନିମୟ ହୋଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି।

ପହଲଗାମ୍ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ଖୋଜି ବାହାର କରିବୁ ବୋଲି ଭାରତ ଘୋଷଣା କରିବା ପରେ ପାକିସ୍ତାନୀ ସେନା ହାଇ ଆଲର୍ଟରେ ରହିଛି। ଯେଉଁ ପାକିସ୍ତାନୀ ଅଟ୍ଟାରୀ ସୀମା ଦେଇ ଭାରତ ଆସିଥିଲେ, ସେମାନେ ମେ’ ୧ ସୁଦ୍ଧା ଦେଶଛାଡ଼ି ଚାଲିଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାର ଜବାବରେ ପାକିସ୍ତାନ ଏହାର ବାୟୁସୀମାକୁ ଭାରତୀୟ ବିମାନଗୁଡ଼ିକ ପାଇଁ ବନ୍ଦ କରିଦେବା ସହ ନୂଆଦିଲ୍ଲୀ ସହ ବାଣିଜ୍ୟ କାରବାରକୁ ସ୍ଥଗିତ ରଖିଛି।

# ‘ସ୍ତନ ସ୍ପର୍ଶ ଉଦ୍ୟମ ବଳାତ୍କାର ନୁହେଁ’

**କୋଲକାତା ହାଇକୋର୍ଟଙ୍କ ଟିପ୍ପଣୀ**

କୋଲକାତା,୨୬।୪

ପୋକ୍‌ସୋ ଆଇନ ଅନୁଯାୟୀ, ପୀଡ଼ିତାଙ୍କ ସ୍ତନ ସ୍ପର୍ଶ କରିବା ଉଦ୍ୟମ ବଳାତ୍କାର ନୁହେଁ ବରଂ ଗମ୍ଭୀର ଯୌନ ଉତ୍ପୀଡ଼ନ ବୋଲି କୋଲକାତା ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ଏଭଳି ଏକ ମାମଲାରେ ପଶ୍ଚିମବଙ୍ଗର ଏକ ତଳକୋର୍ଟ ଜଣେ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ଦଣ୍ଡ ଶୁଣାଇଥିବାବେଳେ ଶୁକ୍ରବାର ହାଇକୋର୍ଟ ଏହାକୁ ସ୍ଥଗିତ ରଖିଛନ୍ତି। ତଳକୋର୍ଟ ଅଭିଯୁକ୍ତଙ୍କୁ ଯୌନ ଉତ୍ପୀଡ଼ନ ଓ ବଳାତ୍କାର ଉଦ୍ୟମରେ ଦୋଷୀସାବ୍ୟସ୍ତ କରି ୧୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ଏହା ବିରୋଧରେ ହୋଇଥିବା ଅପିଲ୍‌ର ଶୁଣାଣି କରି ଜଷ୍ଟିସ୍ ଅରିଜିତ ବାନାର୍ଜୀ ଏବଂ ବିଶ୍ୱରୂପ ଚୌଧୁରୀଙ୍କ ଖଣ୍ଡପୀଠ କହିଛନ୍ତି, ପୀଡ଼ିତାଙ୍କୁ ବଳାତ୍କାର କିମ୍ବା ବଳାତ୍କାର ଉଦ୍ୟମ ହୋଇଥିବା ଡାକ୍ତରୀ ରିପୋର୍ଟରୁ ଜଣାପଡ଼ିନାହିଁ। ଉଲ୍ଲେଖଯୋଗ୍ୟ, ଏକ ଅନୁରୂପ ଘଟଣାରେ ଏହାପୂର୍ବରୁ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ରାମ ମନୋହର ନାରାୟଣ ମିଶ୍ରା ଏଭଳି ମନ୍ତବ୍ୟ ଦେଇ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଥିଲେ। ତାଙ୍କ ବିବାଦୀୟ ରାୟକୁ ସୁପ୍ରିମକୋର୍ଟ ଭର୍ତ୍ସନା କରିଥିଲେ।



ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ବିରୋଧରେ ଶନିବାର ମୀରଟରେ ସଂଯୁକ୍ତ ବ୍ୟାପାର ସଂଘ ପକ୍ଷରୁ ବନ୍ଦ ପାଳନ ବେଳେ ଲୋକେ ବିକ୍ଷୋଭ କରୁଛନ୍ତି।

# ପୋପ୍ ଫ୍ରାନ୍ସିସ୍‌ଙ୍କୁ ଅଶ୍ରୁଳ ବିଦାୟ ଦେଲା ବିଶ୍ୱ

ଭାଟିକାନ୍ ସିଟି,୨୬।୪



ଭାଟିକାନ୍‌ର ସେଣ୍ଟ ପିଟର୍ସ ସ୍କୋୟାରରେ ପୋପ୍ ଫ୍ରାନ୍ସିସ୍‌ଙ୍କୁ ଶେଷକୃତ୍ୟ ପୂର୍ବରୁ କାର୍ଡିନାଲ ଗିଓଭାନି ବାଟିଷ୍ଟା ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

ରୋମାନ କାଥୋଲିକ୍‌ର ସର୍ବୋଚ୍ଚ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍‌ଙ୍କ ଶେଷକୃତ୍ୟ ଶନିବାର ସମ୍ପନ୍ନ ହୋଇଯାଇଛି। ରୋମ୍ ସମେତ ସମଗ୍ର ବିଶ୍ୱ ତାଙ୍କୁ ଅଶ୍ରୁଳ ବିଦାୟ ଜଣାଇଛି। ତାଙ୍କ ଅନ୍ତିମ ଶୋଭାଯାତ୍ରାରେ ୨.୫ ଲକ୍ଷ ଲୋକ ସାମିଲ ହୋଇଥିଲେ। ରୋମ୍‌ର ସେଣ୍ଟ ମେରି ମେଜର ବାସିଲିକାରେ କାର୍ଡିନାଲମାନେ ପୋପ୍‌ଙ୍କ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। ଏଥିରେ କେବଳ ଶୀର୍ଷ କାର୍ଡିନାଲ ଏବଂ ପୋପ୍‌ଙ୍କ ଘନିଷ୍ଠମାନେ ସାମିଲ ହୋଇଥିଲେ। ପୋପ୍‌ଙ୍କ କଫିନ୍ କବର ମଧ୍ୟରେ ପ୍ରବେଶ ପୂର୍ବରୁ ଭାଟିକାନ ଚଳାଉଥିବା କାର୍ଡିନାଲ କେଭିନ୍ ଫାରେଲ୍ ଆଶୀର୍ବାଦ ଦେଇଥିଲେ। ଏହା ପୂର୍ବରୁ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସମେତ ବହୁସଂଖ୍ୟାରେ ବିଶ୍ୱନେତା ପୋପ୍‌ଙ୍କୁ ଶେଷ ବିଦାୟ ଜଣାଇଥିଲେ। ମୁର୍ମୁଙ୍କ ସହ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ, ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁିଏନ୍, ଗୋଆ ବିଧାନସଭାର ଉପବାଚସ୍ପତି ଜୋଶୁଆ ଡେ ସୁଜା ଭାରତୀୟ ପ୍ରତିନିଧି ଦଳରେ ସାମିଲ ରହି ପୋପ୍‌ଙ୍କ ଶେଷକୃତ୍ୟ ବେଳେ ଉପସ୍ଥିତ ଥିଲେ। ପାଖାପାଖି ୧,୩୦୦ ବର୍ଷ ପରେ ଜଣେ ଅଣୟୁରୋପୀୟ ଭାବେ ଫ୍ରାନ୍ସିସ୍ ପୋପ୍ ହୋଇଥିଲେ। ଗତ ସୋମବାର ୮୮ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା।

## ଫୁରସତ୍

# ବିମାନରେ ବିଶ୍ୱବିଦ୍ୟାଳୟ ଯାଉଛନ୍ତି ଜାପାନୀ ଗାୟିକା

**ଦୈନିକ ୨୦ ହଜାର ଟଙ୍କା ଖର୍ଚ୍ଚ**

ଟୋକିଓ



ଜାପାନର ପପ୍ ସିଙ୍ଗର ନାକାସିମା ୟୁଜୁକି (୨୨) ନିଜ ବିଶ୍ୱବିଦ୍ୟାଳୟ ପାଠପଢ଼ା ପାଇଁ ଦୈନିକ ବିମାନରେ ୪ ଘଣ୍ଟା ଯାତ୍ରା କରୁଛନ୍ତି। ୟୁଜୁକି ନିଜର ଏଣ୍ଟରଟେନ୍‌ମେଣ୍ଟ କ୍ୟାରିୟର ପାଇଁ ଜାପାନର ରାଜଧାନୀ ଟୋକିଓରେ ରହୁଥିବା ବେଳେ ତାଙ୍କ ବିଶ୍ୱବିଦ୍ୟାଳୟ ଦକ୍ଷିଣ-ପଶ୍ଚିମ ଜାପାନର ଫୁକୁଓକାଠାରେ ରହିଛି, ଯାହା ଟୋକିଓଠାରୁ ପ୍ରାୟ ହଜାରେ କିଲୋମିଟର ଦୂର। ପପ୍ ସିଙ୍ଗର ଭାବେ ନିଜ କ୍ୟାରିୟରକୁ ଦୃଷ୍ଟିରେ ରଖି ସେ ଟୋକିଓ ଛାଡ଼ି ଫୁକୁଓକାରେ ରହିବାକୁ ସକ୍ଷମ ହୋଇପାରିନାହାନ୍ତି ବୋଲି ୟୁଜୁକି କହିଛନ୍ତି। ଫଳରେ ପ୍ରତିଦିନ ବିମାନ ଯୋଗେ ତାଙ୍କୁ ଫୁକୁଓକାସ୍ଥିତ ବିଶ୍ୱବିଦ୍ୟାଳୟକୁ କ୍ଲାସ୍ ଆଟେଣ୍ଡ କରିବା ପାଇଁ ଯିବାକୁ ପଡ଼ିଥାଏ। ତେଣୁ ପ୍ରତିଦିନ ସେ ଭୋର୍ ୫ଟାରେ ଉଠିଥାନ୍ତି ବୋଲି ୟୁଜୁକି କହିଛନ୍ତି। ସକାଳ ୬.୩୦ ସୁଦ୍ଧା ସେ ବିଶ୍ୱବିଦ୍ୟାଳୟ ପାଇଁ ପ୍ରସ୍ତୁତ ହୋଇ ଟୋକିଓସ୍ଥିତ ହନେଡା ଏୟାରପୋର୍ଟରେ ପହଞ୍ଚି ଯାଆନ୍ତି। ସେଠାରୁ ଯାଉଥିବା ପ୍ରଥମ ଫ୍ଲାଇଟ୍‌ରେ ୟୁଜୁକି ଫୁକୁଓକା ଅଭିମୁଖେ ବାହାରିଯାଆନ୍ତି। ସେ ପୂର୍ବାହ୍ନ ୯.୩୦ ସୁଦ୍ଧା କିତାକ୍ୟୁଶୁ ଏୟାରପୋର୍ଟରେ ପହଞ୍ଚି ସେଠାରୁ ଟାକ୍ସି କିମ୍ବା ବସ୍ ଧରି ପୂର୍ବାହ୍ନ ୧୦ଟା ସୁଦ୍ଧା ୟୁନିଭର୍ସିଟି କ୍ୟାମ୍ପସ୍‌ରେ ପହଞ୍ଚିଆନ୍ତି। ଏହିପରି ତାଙ୍କୁ ପ୍ରତିଦିନ ଘରୁ ବିଶ୍ୱବିଦ୍ୟାଳୟକୁ ଏବଂ ବିଶ୍ୱବିଦ୍ୟାଳୟରୁ ଘରକୁ ଯିବା ଆସିବା କରିବା ପାଇଁ ସମୁଦାୟ ୪ ଘଣ୍ଟାର ବିମାନ ଯାତ୍ରା କରିବାକୁ ପଡ଼ିଥାଏ। ଏହି ବିମାନ ଯାତ୍ରା ପାଇଁ ସେ ଦୈନିକ ୩୦ ହଜାର ୟେନ୍ (ପ୍ରାୟ ୨୦ ହଜାର ଟଙ୍କା) ଖର୍ଚ୍ଚ କରନ୍ତି ବୋଲି ୟୁଜୁକି କହିଛନ୍ତି। ସମୟର ସଦୁପଯୋଗ କରିବା ପାଇଁ ୟୁଜୁକି ନିଜ ବିମାନ ଯାତ୍ରା ସମୟରେ ପଢାପଢ଼ି କରିବା ସହ ନିଜ ହୋମ୍‌ୱର୍କକୁ ଶେଷ କରି ଦେଇଥାନ୍ତି। କ୍ଲାସ୍ ସରିବା ପରେ ସେ ପୁଣି ବିମାନରେ ବସି ଟୋକିଓ ଫେରି ଆସନ୍ତି। ସନ୍ଧ୍ୟା ସୁଦ୍ଧା ୟୁଜିକି ଟୋକିଓରେ ପହଞ୍ଚିବା ସହ ନିଜ ନୃତ୍ୟ ଏବଂ ଗୀତ ତାଲିମ ପାଇଁ ଷ୍ଟୁଡିଓକୁ ଯାଇଥାନ୍ତି। ଗତ ୪ ବର୍ଷ ଧରି ସେ ଏହିପରି ଭାବେ ନିଜ କଠିନ ଦିନଚର୍ଯ୍ୟା ଜାରି ରଖିଛନ୍ତି ବୋଲି ୟୁଜୁକି କହିଛନ୍ତି। କେବଳ ୱିକ୍‌ଏଣ୍ଡ ଏବଂ ବିଶ୍ୱବିଦ୍ୟାଳୟର ଛୁଟିଦିନଗୁଡ଼ିକରେ ତାଙ୍କୁ ପର୍ଯ୍ୟାପ୍ତ ସମୟ ମିଳିଥାଏ ଏବଂ ସେ ବିଭିନ୍ନ ସ୍ଥାନରେ ଷ୍ଟେଜ୍ ଶୋ’ କରି ଅର୍ଥ ଉପାର୍ଜନ କରନ୍ତି। ଉଭୟ ଶିକ୍ଷା ଏବଂ କ୍ୟାରିୟର ପ୍ରତି ୟୁଜୁକିଙ୍କର ଏହି ପ୍ରତିବଦ୍ଧତାକୁ ସବୁଆଡୁ ପ୍ରଶଂସା କରାଯାଇଛି।

# ଅମୃତସରରେ ‘ଧୁରନ୍ଧର’ର ଶୁଟିଂ

ଅମୃତସର



ରଣବୀର ସିଂ

ଅଭିନେତା ରଣବୀର ସିଂ ସମ୍ପ୍ରତି ନିଜର ଆଗାମୀ ଫିଲ୍ମ ‘ଧୁରନ୍ଧର’ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଆଦିତ୍ୟ ଧର ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି। ବିଭିନ୍ନ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଏହି ଫିଲ୍ମର ପ୍ରଥମ ପର୍ଯ୍ୟାୟ ଶୁଟିଂ ମୁମ୍ବାଇରେ ଶେଷ ହୋଇସାରିଛି। ଫିଲ୍ମର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ଶୁଟିଂ ଅମୃତସରରେ ହେବ। ତେଣୁ ଫିଲ୍ମର ପୂରା ଟିମ୍ ଏବେ ଅମୃତସରରେ ପହଞ୍ଚିବା ସହ ପ୍ରସିଦ୍ଧ ସ୍ୱର୍ଣ୍ଣ ମନ୍ଦିରର ଦର୍ଶନ କରିଛନ୍ତି। ରିପୋର୍ଟ ଅନୁଯାୟୀ, ଗତ ପ୍ରାୟ ବର୍ଷେ ଧରି ମୁମ୍ବାଇର ମଧ ଦ୍ୱୀପରେ ଏହି ଫିଲ୍ମର ପ୍ରଥମ ପର୍ଯ୍ୟାୟ ଶୁଟିଂ ଜାରି ରହିଥିଲା, ଯାହା ଏବେ ଶେଷ ହୋଇଛି। ମଧ୍ ଦ୍ୱିପରେ ଫିଲ୍ମର ଅନେକ ଗୁରୁତ୍ୱପୂର୍ଣ୍ଣ ଦୃଶ୍ୟକୁ ଶୁଟ୍ କରାଯାଇଛି, ଯେଉଁଥିରେ ବହୁ ଆକ୍ସନ ଦୃଶ୍ୟ ମଧ୍ୟ ରହିଛି। ‘ଧୁରନ୍ଧର’ ଫିଲ୍ମରେ ରଣବୀରଙ୍କ ବ୍ୟତୀତ ଅଭିନେତା ଆର୍ ମାଧବନ୍, ସଞ୍ଜୟ ଦତ୍ତ, ଅର୍ଜୁନ ରାମପାଲ, ଅଭିନେତ୍ରୀ ୟାମି ଗୌତମଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏହି ଫିଲ୍ମ ଚଳିତ ବର୍ଷର ଶେଷ ଆଡ଼କୁ ରିଲିଜ୍ ହେବ। ଏକ ସତ୍ୟ ଘଟଣାକୁ ନେଇ ‘ଧୁରନ୍ଧର’ର କାହାଣୀ ଆଧାରିତ ଥିବା ନେଇ ଫିଲ୍ମ ନିର୍ମାତାଙ୍କ ସୂତ୍ରରୁ ଜଣାପଡ଼ିଛି। ଫିଲ୍ମରେ ରଣବୀରଙ୍କୁ ଜଣେ ପ୍ରଭାଶାଳୀ ର’ ଏଜେଣ୍ଟଙ୍କ ଭୂମିକାରେ ଦେଖିବାକୁ ମିଳିବ।

# ବିଖଣ୍ଡିତ ଓଡ଼ିଶା, ଓଡ଼ିଆ ଭାଷାର ପୁନରୁଦ୍ଧାର କରିଥିଲେ କୃଷ୍ଣଚନ୍ଦ୍ର

## ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

ଭୁବନେଶ୍ୱର, ୨୬।୪ (ସୌମ୍ୟରଞ୍ଜନ ରାଉତ)



ସମାରୋହରେ ବାଚସ୍ପତି ସୁରମା ପାଢ଼ୀ, ଅବସରପ୍ରାପ୍ତ ପ୍ରଶାସକ ତଥା ସୁବକ୍ତା ସରୋଜ କୁମାର ସାମଲ ଓ ଅନ୍ୟମାନେ।

ପାରଳା ଗଜପତି ବିକାଶ ମଞ୍ଚ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶନିବାର ସୂଚନା ଭବନଠାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ୀ କହିଲେ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏକାଧାରରେ ଜଣେ ସୁଯୋଗ୍ୟ ଶାସକ, ଜାତିପ୍ରାଣ, ଦକ୍ଷ ପ୍ରଶାସକ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନନ୍ୟ ବିନ୍ଧାଣି ଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଥିଲା। ବିଖଣ୍ଡିତ ଓଡ଼ିଶା ଏବଂ ଲୁପ୍ତପ୍ରାୟ ଓଡ଼ିଆ ଭାଷାର ପୁନରୁଦ୍ଧାର କରି ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ଏକ ଶାସନାଧୀନ କରିବା ପାଇଁ ସେ ଆପ୍ରାଣ ଉଦ୍ୟମ କରିଥିଲେ। ସମସ୍ତ ଓଡ଼ିଆ ଭାଷାଭାଷୀ ଲୋକେ ଗୋଟିଏ ଅଞ୍ଚଳରେ ରହିଲେ, ଉନ୍ନତି ସମ୍ଭବ ବୋଲି କୃଷ୍ଣଚନ୍ଦ୍ର ଦେବ ହୃଦୟଙ୍ଗମ କରିପାରିଥିଲେ। ମହାରାଜାଙ୍କ ମହିମାମୟ ବ୍ୟକ୍ତିତ୍ୱ ସହିତ ସ୍ୱାଭିମାନ, ଓଡ଼ିଆ ଅସ୍ମିତା ଏବଂ ଜାତୀୟତା ଭାବ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ଚଳିତ ବର୍ଷଠାରୁ ସରକାରୀ ଭାବେ ୩୦ ଜିଲାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ମହାରାଜାଙ୍କ ଜୟନ୍ତୀ ପାଳନ କରାଯାଉଛି ବୋଲି ବାଚସ୍ପତି ପାଢ଼ୀ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସକ ତଥା ସୁବକ୍ତା ସରୋଜ କୁମାର ସାମଲ ଯୋଗଦେଇ ପାରଳା ମହାରାଜାଙ୍କ ଜୀବନୀ, କୃତି ଓ କୀର୍ତ୍ତି ଉପରେ ବକ୍ତବ୍ୟ ରଖିଥିଲେ। ରାଜା, ପ୍ରଜା, ଜାତି ଓ ଦେଶ ପାଇଁ କୃଷ୍ଣଚନ୍ଦ୍ର ମହାରାଜା ଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ ସଭାପତିତ୍ୱ କରି କହିଲେ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାରମାନେ ସମସ୍ତେ ଉପାନ୍ତ ଅଞ୍ଚଳର। ଓଡ଼ିଶା ଦିବସ ପାଳନ ଅବସରରେ ଯେଉଁ ଚିରସ୍ମରଣୀୟ ବ୍ୟକ୍ତିତ୍ୱ ଆମ ସାମ୍ନାକୁ ଆସନ୍ତି, ସେମାନଙ୍କ ମଧ୍ୟରେ ମହାରାଜା ଥିଲେ ଅନନ୍ୟ ଓ ଅନ୍ୟତମ ବୋଲି ଦାଶ ସୂଚନା ଦେଇଥିଲେ। ଏହି ଅବସରରେ ଭକ୍ତିସଙ୍ଗୀତ ସଂସଦ ପାରଳାଖେମୁଣ୍ଡି କଳାକାରଙ୍କ ଦ୍ୱାରା ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପାରଳା ଗଜପତି ବିକାଶ ମଞ୍ଚ ଭୁବନେଶ୍ୱରର ସଭାପତି ଦିଗ୍‌ବିଜୟ ନାଥ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଗୌତମ


@ ଜିପୁନ୍


@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ଜମ୍ମୁ-କଶ୍ମୀର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଭାରତ ତୁରନ୍ତ ପଦକ୍ଷେପ ସ୍ୱରୂପ ପାକିସ୍ତାନ ଉପରେ ମିସାଇଲ ଆକ୍ରମଣ କରିବାକୁ ଦାବିକରି ବନ୍ଦେ ମାତରମ୍ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଶନିବାର ଅନୁଷ୍ଠିତ ପଥପ୍ରାନ୍ତ ନାଟକ। (ଫଟୋ-ବିକାଶ)

# ୩ କୋଟି, କାର୍ ଜିତିଲେ ସୌମ୍ୟରଞ୍ଜନ

ଜଟଣୀ, ୨୬।୪ (ରବୀନ୍ଦ୍ରନାଥ ମହାକୁଡ଼)

କେତେବେଳେ କାହା ଭାଗ୍ୟ ବଦଳିବ କେହି କହିପାରିବେ ନାହିଁ। ଅନଲାଇନ ଗେମ୍‌ରେ ମାତ୍ର ୪୯ଟଙ୍କା ଲଗାଇ ଜିତିଛନ୍ତି ୩ କୋଟି ଟଙ୍କା ଏବଂ ମହିନ୍ଦ୍ରା ଥାର୍। ସେ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅନ୍ତର୍ଗତ ଦେଉଳିଆପାଟଣା ଗ୍ରାମର ସୌମ୍ୟରଞ୍ଜନ ବେହେରା। ସୂଚନା ମୁତାବକ, ବର୍ତ୍ତମାନ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଜାରି ରହିଛି। ମାଇଁ-୧୧ସର୍କଲରେ କ୍ରିକେଟ ଗେମ୍ ଖେଳି ବହୁଜଣ କୋଟିପତି ହେଉଛନ୍ତି। ଗତ ଶୁକ୍ରବାର ଚେନ୍ନାଇ ଏବଂ ହାଇଦ୍ରାବାଦ ମଧ୍ୟରେ ମ୍ୟାଚ ହୋଇଥିଲା। ଏହି ମ୍ୟାଚରେ ସୌମ୍ୟରଞ୍ଜନ ୪୯ଟଙ୍କା ଲଗାଇବା ସହ ଖେଳାଳି ଚୟନ ସହ ଟିମ୍ କରି ଏକ ନମ୍ବର ସିରିଏଲରେ ରହି ଉକ୍ତ ପୁରସ୍କାର ଜିତିଛନ୍ତି। ସେ ଯୁକ୍ତ ୩ରେ ପାଠ ପଢୁଛନ୍ତି। ଏହି ସଫଳତାକୁ ନେଇ ସେ ଖୁସି ଥିବା କହିଛନ୍ତି।

# ନନ୍ଦନକାନନରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ

ବାରଙ୍ଗ,୨୬।୪(ଲିଙ୍ଗରାଜ ରାଉତ)

ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ନନ୍ଦନକାନନର ସମ୍ମିଳନୀ କକ୍ଷରେ ଶନିବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାଣୀ ସ୍ୱାସ୍ଥ୍ୟ ଓ ଚିକିତ୍ସାଳୟ କର୍ମଚାରୀଙ୍କ ଭୂମିକାକୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ନନ୍ଦନକାନନର ବରିଷ୍ଠ ପଶୁଚିକିତ୍ସା ଅଧିକାରୀ ଡା. ଶରତ କୁମାର ମିଶ୍ର ଏବଂ ନନ୍ଦନକାନନ ଉପନିର୍ଦ୍ଦେଶକ ସନତ କୁମାର ଏନ୍ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରେ ନନ୍ଦନକାନନ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ସଫଳତାର ସହ କରାଯାଇଥିବା ଚିକିତ୍ସା, ଲାଳନପାଳନ କେନ୍ଦ୍ରରେ ମା' ଛେଉଣ୍ଡଙ୍କୁ ପାଳିବା, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ୍ ଏବଂ ନନ୍ଦନକାନନରେ ଚିକିତ୍ସାଧୀନ ଆହତ ହାତୀଙ୍କ ବିଷୟରେ ଡା. ଶରତ କୁମାର ମିଶ୍ର, ବରିଷ୍ଠ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶରତ କୁମାର ସାହୁ, ଡା. ସାରଙ୍ଗ ଏସ୍, ଡା. ପି ହରିକୃଷ୍ଣ ପ୍ରମୁଖ ଚିଡ଼ିଆଖାନା ପ୍ରାଣୀ ଚିକିତ୍ସା ଅଧିକାରୀ ମାନେ ଉପସ୍ଥାପନ କରିଥିଲେ। ପରେ ନନ୍ଦନକାନନର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିବା ୮ ଜଣ ପୂର୍ବତନ ପ୍ରଖ୍ୟାତ ପ୍ରାଣୀଚିକିତ୍ସା କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସମସ୍ତ ପ୍ରାଣୀଚିକିତ୍ସା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଣୀ ବିଭାଗ ଏସିଏଫ୍ ଡା. ରୁଦ୍ର ପ୍ରସାଦ ରଥ ଧନ୍ୟବାଦ ଦେଇଥିଲେ। ସେଲଫି ପଏଣ୍ଟରେ ଏକ ଗୋଷ୍ଠୀ ଫଟୋ ଏବଂ ଫଟୋଗ୍ରାଫ୍ କ୍ଲିକ କରାଯାଇ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ୱେଭ୍ସ ଆନିମେଶନ ଚଳଚ୍ଚିତ୍ର ପ୍ରତିଯୋଗିତା ଫାଇନାଲରେ ୨ଓଡ଼ିଆ

ଭୁବନେଶ୍ୱର, ୨୬।୪ (ସୌମ୍ୟରଞ୍ଜନ ରାଉତ)

ବିଶ୍ୱ ଦୃଶ୍ୟ ଶ୍ରାବ୍ୟ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ 'ୱେଭ୍ସ' ଆସନ୍ତା ୧ ତାରିଖରୁ ମୁମ୍ବାଇରେ ଆରମ୍ଭ ହେବ। ୪ ତାରିଖ ଯାଏ ଚାଲିବାକୁ ଥିବା ଏହି ସମ୍ମିଳନୀ ଦେଶର ସୃଜନଶୀଳ ଯୁବପ୍ରତିଭାମାନଙ୍କୁ ନିଜ ସୃଜନଶୀଳତା ପ୍ରଦର୍ଶନ ନିମନ୍ତେ ମଞ୍ଚ ଯୋଗାଇଦେବ। ଏହି ଅବସରରେ 'ଆନିମେଶନ ଚଳଚ୍ଚିତ୍ର ନିର୍ମାତା ପ୍ରତିଯୋଗିତା'ର ଫାଇନାଲ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବା ଲାଗି ସାରା ଦେଶରୁ ୪୨ଜଣ ଫାଇନାଲିଷ୍ଟଙ୍କୁ ଚୟନ କରାଯାଇଛି। ଓଡ଼ିଶାର ୨ଜଣ ପ୍ରତିଯୋଗୀ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେମାନେ ହେଲେ ଯାଜପୁର ଧର୍ମଶାଳା ଜାରକା ଅଞ୍ଚଳର ଭାଗ୍ୟଶ୍ରୀ ଶତପଥୀ ଏବଂ ଭୁବନେଶ୍ୱରର ଋଷଭ ମହାନ୍ତି। ଭାଗ୍ୟଶ୍ରୀ ଅହମ୍ମଦାବାଦସ୍ଥିତ ରାଷ୍ଟ୍ରୀୟ ଡିଜାଇନ ପ୍ରତିଷ୍ଠାନରେ ଆନିମେଶନ ଓ ଚଳଚ୍ଚିତ୍ର ଡିଜାଇନ୍‌ରେ ଅଧ୍ୟୟନ କରୁଛନ୍ତି। ସେ ଭାରତୀୟ ପୁରାଣ ଏବଂ ସ୍ଥାନୀୟ ଲୋକକଥାକୁ ନେଇ ଆନିମେଶନ ଚଳଚ୍ଚିତ୍ର ପ୍ରସ୍ତୁତ କରୁଛନ୍ତି। ତାଙ୍କର ଉପସ୍ଥାପନାରେ ସାଧାରଣତଃ ଶକ୍ତି, ନୈତିକତା ଓ ଆତ୍ମପରିଚୟର ଝଲକ ଦେଖିବାକୁ ମିଳିଥାଏ। ଚଳଚ୍ଚିତ୍ର'ପସା' ପାଇଁ ସେ ଏଥର ୱେଭ୍ସ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ପୂର୍ବରୁ ସେ 'ହାପି ବାର୍ଥ ଡେ ତାରା' ନାମକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରସ୍ତୁତ କରିଥିଲେ। ଏହାବ୍ୟତୀତ ସେ ଚିଲିକା ହ୍ରଦର ମା' କାଳିଜାଇଙ୍କୁ ନେଇ ଏକ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। ସେହିପରି ଭୁବନେଶ୍ୱରର ଋଷଭ ମହାନ୍ତି ଅହମ୍ମଦାବାଦସ୍ଥିତ ରାଷ୍ଟ୍ରୀୟ ଡିଜାଇନ ପ୍ରତିଷ୍ଠାନରେ ଅଧ୍ୟୟନରତ ଅଛନ୍ତି। ସେ ତାଙ୍କ 'ଖଟି' ଆନିମେଶନ ପ୍ରାମାଣିକ ଚଳଚ୍ଚିତ୍ର ପାଇଁ ୱେଭ୍ସ ଫାଇନାଲରେ ପହଞ୍ଚିଛନ୍ତି। ସୂଚନାଯୋଗ୍ୟ ଯେ, ଆନିମେଶନ ଚଳଚ୍ଚିତ୍ର ନିର୍ମାଣ ପ୍ରତିଯୋଗିତାର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ପ୍ରତିଭାଶାଳୀ ପ୍ରତିଯୋଗୀମାନେ ୱେଭ୍ସ ୨୦୨୫ରେ ନିଜର ପ୍ରକଳ୍ପ ଉପସ୍ଥାପନ କରିବେ। ୩ଜଣ ଶୀର୍ଷ ବିଜେତାଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ନଗଦ ପୁରସ୍କାର ଦିଆଯିବ।

# ଏଲ୍‌ଆଇସି ପକ୍ଷରୁ ପ୍ରଶାନ୍ତଙ୍କ ପରିବାରକୁ ତତ୍କାଳ ମୃତ୍ୟୁକାଳୀନ ବୀମାରାଶି ପ୍ରଦାନ

ଭୁବନେଶ୍ୱର,୨୬।୪(ଅନୁରାଧା ମହାରଣା)

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ଗତ ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ୍ୟୁବରଣ କରିଥିବା ବାଲେଶ୍ୱର ଜିଲାର ପ୍ରଶାନ୍ତ କୁମାର ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି। ଏହାସହ ଏପ୍ରିଲ ୨୩ରେ ସ୍ୱର୍ଗତ ଶତପଥୀଙ୍କ ପରିବାର ବର୍ଗଙ୍କୁ ମୃତ୍ୟୁକାଳୀନ ଦାବି ସମାଧାନପୂର୍ବକ ସମସ୍ତ ବୀମାରାଶି ତତ୍କାଳ ପ୍ରଦାନ କରାଯାଇଛି। ଏଲ୍‌ଆଇସିର ସିଇଓ ତଥା ଏମ୍‌ଡି ସିଦ୍ଧାର୍ଥ ମହାନ୍ତି, ପୂର୍ବ ମଧ୍ୟକ୍ଷେତ୍ରର କ୍ଷେତ୍ରୀୟ ପ୍ରବନ୍ଧକ ଶ୍ରବଣ କୁମାର ଓ ପ୍ରେମେନ୍ଦ୍ର ହରିଙ୍କ ନିର୍ଦ୍ଦେଶକ୍ରମେ କଟକ ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅସୀମ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲେଶ୍ୱର ଶାଖାର ମୁଖ୍ୟ ପ୍ରବନ୍ଧକ ମୃଣ୍ମୟ କୁମାର ଚକ୍ରବର୍ତ୍ତୀ ଓ ପୂରା ଟିମ୍‌ର ଉଦ୍ୟମ ଯୋଗୁ ଦିନକରେ ବୀମାରାଶି ପ୍ରଦାନ ସମ୍ଭବ ହୋଇଥିବା ନିଗମ ପକ୍ଷରୁ ସୂଚନା ଦିଆଯାଇଛି।

# ପରିବହନ କ୍ଷେତ୍ରରେ ରେଳ ସହଭାଗିତା ବୃଦ୍ଧିକୁ ଗୁରୁତ୍ୱ

## ସିଟିଆର୍‌ଏଏମ୍ ପକ୍ଷରୁ ନ୍ୟାଶନାଲ ଲଜିଷ୍ଟିକ୍ ସେମିନାର

ଭୁବନେଶ୍ୱର,୨୬।୪(ଅନୁରାଧା ମହାରଣା)



ରେଳ ଅଧିକାରୀ ହିତେନ୍ଦ୍ର ମାଲହୋତ୍ରାଙ୍କ ସହ ଅନ୍ୟ ଅତିଥିମାନେ।

ପରିବହନ ଗବେଷଣା ଏବଂ ପରିଚାଳନା କେନ୍ଦ୍ର(ସିଟିଆର୍‌ଏଏମ୍) ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଆମ୍ବେଡ୍‌କର ଭବନରେ ନ୍ୟାଶନାଲ ଲଜିଷ୍ଟିକ୍ ସେମିନାର-୨୦୨୫ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରେଳ ବୋର୍ଡର ଅପରେଶନ ଏବଂ ବିଜ୍‌ନେସ ଡେଭଲପ୍‌ମେଣ୍ଟର ସଦସ୍ୟ ହିତେନ୍ଦ୍ର ମାଲହୋତ୍ରା, ସିଓଏନ୍‌ସିଓଆର୍ ସିଏମ୍‌ଡି ସଞ୍ଜୟ ସ୍ୱରୂପ ଓ ସିଟିଆର୍‌ଏଏମ୍‌ର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଦେଶରେ ଲଜିଷ୍ଟିକ୍ କ୍ଷେତ୍ର ସମ୍ପର୍କରେ ମତ ରଖିଥିଲେ। ସେହିପରି ସିମେଣ୍ଟ, ଅଟୋମୋବାଇଲ ଏବଂ କାର୍ଗୋ ଏଗ୍ରିଗେଶନ ଲଜିଷ୍ଟିକ୍‌ର ପ୍ରତିନିଧିମାନେ ସାମିଲ ହୋଇ ରେଳ ସହଭାଗିତା ବୃଦ୍ଧି ଉପରେ ଆଲୋଚନା କରିଥିଲେ। ଅତିଥିମାନେ ଲଜିଷ୍ଟିକ୍ସରେ ରେଳର ବଜାର ଅଂଶ ହ୍ରାସ, ଭୂରାଜନୈତିକ ବାଧା, ଗତିଶୀଳ ବ୍ୟବସାୟିକ ପରିବେଶ ଏବଂ ପରିବର୍ତ୍ତିତ ଗ୍ରାହକ ପସନ୍ଦ ସହ ଜଡ଼ିତ ବିଭିନ୍ନ ଚ୍ୟାଲେଞ୍ଜର ମୁକାବିଲା ଉପରେ ଆଲୋକପାତ କରିଥିଲେ। ଡିଜିଟାଲାଇଜେଶନ, ନବସୃଜନ ଏବଂ ସ୍ଥିରତା ଉପରେ ବର୍ଦ୍ଧିତ ଗୁରୁତ୍ୱ ମାଧ୍ୟମରେ ରେଳର ବଜାର ଅଂଶ ବୃଦ୍ଧି କରିବାର ସୁଯୋଗ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ରେଳର ଭୂମିକା ବୃଦ୍ଧି ଏବଂ ବହୁମୁଖୀ ସମନ୍ୱୟକୁ ପ୍ରୋତ୍ସାହିତ କରିବା ପାଇଁ ଉତ୍ସର୍ଗୀକୃତ ମାଲ୍ ପରିବହନ କରିଡର ପ୍ରତିଷ୍ଠା, ରେଳ ଭିତ୍ତିଭୂମିର ଉନ୍ନତି ପାଇଁ ଲକ୍ଷ୍ୟ ରଖାଯାଇଥିବା ଯଥେଷ୍ଟ ନିବେଶ ଏବଂ ୧ ଲକ୍ଷରୁ ଅଧିକ ନୂତନ ୱାଗନ ପ୍ରଚଳନ ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ପ୍ରାଣୀ ସ୍ୱାସ୍ଥ୍ୟରକ୍ଷା ପାଇଁ ସମ୍ମିଳିତ ପ୍ରଚେଷ୍ଟା ଆବଶ୍ୟକ

## ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

ଭୁବନେଶ୍ୱର, ୨୬।୪(ବନ୍ଦନା ସେଠୀ)


ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କାର୍ଯ୍ୟକ୍ରମର ଉଦ୍‌ଘାଟନ କରୁଛନ୍ତି।

ରାଜ୍ୟସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଶନିବାର ଲୋକସେବା ଭବନଠାରେ ପାଳିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏହାକୁ ଉଦ୍‌ଘାଟନ କରି ପ୍ରାଣୀ ସ୍ୱାସ୍ଥ୍ୟସେବା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ସମ୍ମିଳିତ ପ୍ରଚେଷ୍ଟା ଉପରେ ଗୁରୁତ୍ୱାରୋପ କରିଥିଲେ। 'ୱାନ୍ ପ୍ଲାନେଟ୍ ୱାନ୍ ହେଲ୍‌ଥ' ବର୍ତ୍ତମାନ ସମୟର ଆବଶ୍ୟକତା ବୋଲି ସେ କହିବା ସହ ପରିବେଶ ସୁରକ୍ଷାରେ ପ୍ରାଣୀ ଚିକିତ୍ସକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ରାଷ୍ଟ୍ରୀୟ ଗୋକୁଳ ମିଶନ ଉପରେ ଏକ କର୍ମଶାଳା ଆୟୋଜନ ହୋଇଥିଲା। ଡା. ବିସ୍ମିତା ନନ୍ଦୀ, ଡା. ସତ୍ୟପ୍ରକାଶ ମହାପାତ୍ର ଏଥିରେ ବିଶେଷଜ୍ଞ ଭାବେ ସହଯୋଗ କରିଥିବାବେଳେ ଡା. ରାଜୀବ ଶର୍ମା ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ଡ. ଅନ୍ତର୍ଯ୍ୟାମୀ ଖୁଣ୍ଟିଆ, ସ୍ୱପ୍ନାନନ୍ଦ ମହାପାତ୍ର, ଓମ୍‌ଫେଡ୍‌ର ଡେପୁଟି ମ୍ୟାନେଜର ଡ. ବିଶ୍ୱରଞ୍ଜନ ତ୍ରିପାଠୀ ପ୍ରମୁଖ ବିଭିନ୍ନ ସରକାରୀ ଯୋଜନା, ମଇଁଷି, ଗୋପାଳନ ଆଦିରେ ମିଳୁଥିବା ଆର୍ଥିକ ସହାୟତା, ବୀମାର ଆବଶ୍ୟକତା ସମ୍ପର୍କରେ ପ୍ରାଣୀପାଳକଙ୍କୁ ସଚେତନ କରାଇଥିଲେ। ପରେ 'ପ୍ରାଣୀ ପାଳକ, ନାଗରିକ ସମାଜ ଏବଂ ପ୍ରାଣୀ ଚିକିତ୍ସକ: ପ୍ରାଣୀ ସ୍ୱାସ୍ଥ୍ୟକ୍ଷେତ୍ରରେ ଦଳଗତ ଆଭିମୁଖ୍ୟ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଭାଗର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ଡ. ରବୀନ୍ଦ୍ର ମୋହନ ମହାରଥା, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡ. ସନତ୍ ମିଶ୍ର, ଡ. କୁମାରେଶ ବେହେରା, ଓଡ଼ିଶା କେନାଲ କ୍ଲବ୍ ସଭାପତି ସୁବ୍ରତ ପୃଷ୍ଟି ପ୍ରମୁଖ ପ୍ରାଣୀ ପାଳକଙ୍କୁ ପ୍ରାଣୀ ସ୍ୱାସ୍ଥ୍ୟରକ୍ଷା, ରୋଗର ନିରାକରଣ ପାଇଁ ପଦକ୍ଷେପ, ପ୍ରାଣୀଙ୍କ ସ୍ୱାସ୍ଥ୍ୟରକ୍ଷାରେ ନାଗରିକ ସମାଜର ଦାୟିତ୍ୱ ଆଦି ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଜିଲାରୁ ୩୦୦ରୁ ଅଧିକ ପ୍ରାଣୀପାଳକ ଅଂଶଗ୍ରହଣ କରିଥିଲେ।

# ଦିଲ୍ଲୀରେ ବର୍ଜ୍ୟବସ୍ତୁରୁ ଶକ୍ତି ପ୍ଲାଣ୍ଟ ପରିଦର୍ଶନ କଲେ ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର, ୨୬।୪(ବନ୍ଦନା ସେଠୀ)


ଶକ୍ତି ପ୍ଲାଣ୍ଟରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଅଧିକାରୀଙ୍କ ସହ କଥା ହେଉଛନ୍ତି।

ଦିଲ୍ଲୀ ନଗର ନିଗମ ପକ୍ଷରୁ ଓଖ୍‌ଲାଠାରେ ବର୍ଜ୍ୟବସ୍ତୁରୁ ଅତ୍ୟାଧୁନିକ ଶକ୍ତି ପ୍ଲାଣ୍ଟ ପରିଚାଳିତ ହେଉଛି। ଏହି ପ୍ଲାଣ୍ଟ ପ୍ରତିଦିନ ପ୍ରାୟ ୨୦୦୦ ମେଟ୍ରିକ ଟନ୍(ଏମ୍‌ଟି) ପୌର କଠିନ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରୁଛି ଓ ଏଥିରୁ ପ୍ରାୟ ୨୩ ମେଗାୱାଟ୍ ସବୁଜ ଶକ୍ତି ଉତ୍ପାଦନ ହେଉଛି। ରାଜ୍ୟ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଶନିବାର ଦିଲ୍ଲୀ ଗସ୍ତରେ ଯାଇ ଉକ୍ତ ପ୍ଲାଣ୍ଟ ପରିଦର୍ଶନ କରିଥିଲେ। ଏହି ସମୟରେ ଉପସ୍ଥିତ ଥିବା ପ୍ଲାଣ୍ଟର ପ୍ରକଳ୍ପ ପରିଚାଳନା ମୁଖ୍ୟ ସନ୍ଦୀପ ଦତ୍ତା, ଦିଲ୍ଲୀ ନଗର ନିଗମର ବରିଷ୍ଠ ଅଧିକାରୀଙ୍କ ସହିତ ପ୍ଲାଣ୍ଟର କାର୍ଯ୍ୟକାରିତା, ପ୍ରଯୁକ୍ତିବିଦ୍ୟା ଏବଂ କାର୍ଯ୍ୟକ୍ଷମ ଆଦି ବିଷୟରେ ଆଲୋଚନା କରିଥିଲେ। ଏହି ପ୍ଲାଣ୍ଟର କ୍ଷମତାକୁ ୩ ହଜାର ମେଟ୍ରିକ୍ ଟନ୍ ବସ୍ତୁ ପ୍ରକ୍ରିୟାକରଣ ଏବଂ ୩୦ ମେଗାୱାଟ୍ ଶକ୍ତି ଉତ୍ପାଦନକୁ ବୃଦ୍ଧି କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ନେଇ ଅଧିକାରୀମାନେ ସୂଚନା ଦେଇଥିଲେ। ଏପରି ଏକ ପଦକ୍ଷେପ ଓଡ଼ିଶାରେ ସ୍ୱଚ୍ଛ ଶକ୍ତି ଉତ୍ପାଦନରେ ଯୋଗଦାନ ଦେବା ସହିତ ବର୍ଜ୍ୟବସ୍ତୁ ପରିଚାଳନା ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ବୋଲି ମନ୍ତ୍ରୀ ମହାପାତ୍ର ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ପୂର୍ବଶତ୍ରୁତାରୁ ଗଣ୍ଡଗୋଳ: ପୁତୁରା ଆକ୍ରମଣରେ ଦାଦା ଗୁରୁତର

ବାଙ୍କୀ,୨୬।୪ ( ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଥାନା ଅନ୍ତର୍ଗତ ଶିମିଳିପୁର ପଞ୍ଚାୟତରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଶନିବାର ଦାଦା ଓ ପୁତୁରା ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ଦାଦା ଗୁରୁତର ହୋଇଛନ୍ତି।

ବାଙ୍କୀ ଥାନା ଅଧୀନ ଶିମିଳିପୁର ଗ୍ରାମରେ ଶରତ ବେହେରା ଏବଂ ପୁତୁରା ବାବୁ ବେହେରାଙ୍କ ମଧ୍ୟରେ ପାରିବାରିକ ଶତ୍ରୁତା ଲାଗି ରହିଥିଲା। ଶନିବାର ଶରତ ଏବଂ ତାଙ୍କ ପୁଅ ସନ୍ତୋଷ ବେହେରା ପାଳିତ ମଇଁଷିମାନଙ୍କୁ ନେଇ ନିକଟସ୍ଥ ବିଲିପଡ଼ା ରାସ୍ତାକଡ଼ ପଡ଼ିଆରେ ଚରାଉଥିଲେ। ଏହି ସମୟରେ ବାବୁ ସେଠାରେ ପହଞ୍ଚି ପୂର୍ବଶତ୍ରୁତାକୁ କେନ୍ଦ୍ର କରି ସେମାନଙ୍କ ସହ ବଚସା କରିଥିଲେ। ପରେ ଏହା ତୀବ୍ର ହୋଇ ଗଣ୍ଡଗୋଳର ରୂପ ନେଇଥିଲା। ବାବୁଙ୍କ ଠେଙ୍ଗା ମାଡ଼ରେ ଶରତ ଓ ପୁଅ ସନ୍ତୋଷ ଆହତ ହୋଇ ଥିଲେ। ଖବରପାଇ ପରିବାର ଲୋକେ ଓ ଗ୍ରାମବାସୀଙ୍କ ସହାୟତାରେ ଉଭୟଙ୍କୁ ଚିକିତ୍ସା ନିମନ୍ତେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଶରତଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଖବରପାଇ ବାଙ୍କୀ ଥାନା ଏସ୍‌ଡିପିଓ ବାଳକୃଷ୍ଣ କହଁର ଏବଂ ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂଇଁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଥାନାରେ ମାମଲା (ନଂ. ୧୫୧/୨୫) ରୁଜୁ କରିଛନ୍ତି।

### 'ମହାରାଜା କୃଷ୍ଣଚନ୍ଦ୍ର ଦେଶପ୍ରେମୀ ଥିଲେ'

କଟକ,୨୬।୪(ଶିଳ୍ପା ପ୍ରିୟଦର୍ଶିନୀ): କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୩ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଓଏମ୍‌ପି ଛକସ୍ଥିତ ଶିଶୁ ଉଦ୍ୟାନରେ ମହାସଭାର ସଭାପତି ଡା. ରବିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମହାରାଜା ଜଣେ ଦେଶପ୍ରେମୀ, ଭାଷାପ୍ରେମୀ, ସୁଶାସକ, ପ୍ରଜାବତ୍ସଳ ରାଜା ଥିଲେ। ଓଡ଼ିଶାର ଅଂଶଗୁଡ଼ିକୁ ଯୋଡ଼ି ସ୍ୱତନ୍ତ୍ର ଉତ୍କଳ ରାଜ୍ୟ ଗଠନ ନିମନ୍ତେ ତାଙ୍କର ଉଦ୍ୟମ ଅବିସ୍ମରଣୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସମରେନ୍ଦ୍ର ଘୋଷ, ସୁରେନ୍ଦ୍ରନାଥ ଛୋଟରାୟ, ଡ. ବସନ୍ତ ମଞ୍ଜରୀ ନନ୍ଦ, ନିବାସ ଚନ୍ଦ୍ର ମିଶ୍ର, ରବୀନ୍ଦ୍ର ପଣ୍ଡା, ଗଜେନ୍ଦ୍ର ପାଣି, ମାଧବ ମିଶ୍ର, ଶ୍ୟାମସୁନ୍ଦର ସାହୁ, ଶରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ୩ କୋଟି, କାର୍ ଜିତିଲେ ସୌମ୍ୟରଞ୍ଜନ

ଜଟଣୀ, ୨୬।୪(ରବୀନ୍ଦ୍ରନାଥ ମହାକୁଡ଼): କେତେବେଳେ କାହା ଭାଗ୍ୟ ବଦଳିବ କେହି କହିପାରିବେ ନାହିଁ। ଅନଲାଇନ ଗେମ୍‌ରେ ମାତ୍ର ୪୯ଟଙ୍କା ଲଗାଇ ଜିତିଛନ୍ତି ୩ କୋଟି ଟଙ୍କା ଏବଂ ମହିନ୍ଦ୍ରା ଥାର୍। ସେ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅନ୍ତର୍ଗତ ଦେଉଳିଆପାଟଣା ଗ୍ରାମର ସୌମ୍ୟରଞ୍ଜନ ବେହେରା। ସୂଚନା ମୁତାବକ, ବର୍ତ୍ତମାନ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଜାରି ରହିଛି। ମାଇଁ-୧୧ସର୍କଲରେ କ୍ରିକେଟ ଗେମ୍ ଖେଳି ବହୁଜଣ କୋଟିପତି ହେଉଛନ୍ତି। ଗତ ଶୁକ୍ରବାର ଚେନ୍ନାଇ ଏବଂ ହାଇଦ୍ରାବାଦ ମଧ୍ୟରେ ମ୍ୟାଚ ହୋଇଥିଲା। ଏହି ମ୍ୟାଚରେ ସୌମ୍ୟରଞ୍ଜନ ୪୯ଟଙ୍କା ଲଗାଇବା ସହ ଖେଳାଳି ଚୟନ ସହ ଟିମ୍ କରି ଏକ ନମ୍ବର ସିରିଏଲରେ ରହି ଉକ୍ତ ପୁରସ୍କାର ଜିତିଛନ୍ତି। ସେ ଯୁକ୍ତ ୩ରେ ପାଠ ପଢୁଛନ୍ତି। ଏହି ସଫଳତାକୁ ନେଇ ସେ ଖୁସି ଥିବା କହିଛନ୍ତି।

### ପହଲଗାମ୍ ମୃତକଙ୍କ ଉଦ୍ଦେଶ୍ୟରେ ମହମବତି ଶୋଭାଯାତ୍ରା

ତ୍ରିଶୂଳିଆ,୨୬।୪(ତୁଷାରକାନ୍ତ ବେହେରା) କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍‌ଗତି ଓ ଆହତ ପର୍ଯ୍ୟଟକଙ୍କ ଆଶୁ ଆରୋଗ୍ୟ କାମନା କରି ନନ୍ଦନକାନନ ଛକରେ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପା ସୋମନାଥ ଗ୍ରାମୀଣ ମଣ୍ଡଳ ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରା କାନନକ୍ଷେତ୍ରର ଜଗନ୍ନାଥ ମନ୍ଦିରରେ ଶନିବାର ସନ୍ଧ୍ୟାରେ ପହଞ୍ଚି ସାମୂହିକ ଦୀପଦାନ କରାଯାଇଥିଲା। ପୂର୍ବତନ ଜିଲା ପରିଷଦ କୁନାଲ ରାଉତଙ୍କ ନେତୃତ୍ୱରେ ମହମବତି ଶୋଭାଯାତ୍ରା ନନ୍ଦନକାନନ ବଜାର ପରିକ୍ରମା କରିଥିଲା।

# ଏସ୍‌ସିବି ମେଡିକାଲ: ଛୁଟିଦିନରେ ରୋଗୀଙ୍କୁ ମିଳୁନି ଚିକିତ୍ସା

କଟକ,୨୬।୪(ଶିଳ୍ପା ପ୍ରିୟଦର୍ଶିନୀ):

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ (ଏସ୍‌ସିବି)ରେ ଛୁଟିଦିନରେ ରୋଗୀଙ୍କୁ ସେବା ମିଳୁନାହିଁ। ଫଳରେ ସେମାନଙ୍କୁ ନିରାଶରେ ଫେରିବାକୁ ପଡୁଛି। ଶନିବାର ଏସ୍‌ସିବିରେ କେତେଜଣ ରୋଗୀଙ୍କ ଅଲଟ୍ରା ସାଉଣ୍ଡ କରାଯାଇନାହିଁ, ବରଂ ଦୁଇଦିନ ପରେ କରାଯିବ ବୋଲି କୁହାଯାଇ ଫେରାଇ ଦିଆଯାଇଛି। ସେହିପରି ଅନ୍ୟ କେତେଜଣ ରୋଗୀଙ୍କ ଏଚ୍‌ଆଇଭି ଓ ରକ୍ତ ପରୀକ୍ଷା କରାଯାଇଛି, ହେଲେ ରିପୋର୍ଟ ମଙ୍ଗଳବାର ଦିଆଯିବ ବୋଲି କୁହାଯାଇଛି। ତେଣୁ ରୋଗୀ ନିରାଶ ହୋଇ ଫେରିଛନ୍ତି। ଏହାକୁ ନେଇ ରୋଗୀ ଓ ସେମାନଙ୍କ ସହ ଆସୁଥିବା ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ମୁତାବକ, ଯାଜପୁର ଜିଲା ଚଣ୍ଡିଖୋଲର ବାସିନ୍ଦା ଗୌରୀ ସ୍ୱାଇଁ(୭୦) ଏସ୍‌ସିବିର ସ୍ତ୍ରୀ ଓ ପ୍ରସୂତି ବିଭାଗକୁ ଚିକିତ୍ସା ନିମନ୍ତେ ଆସିଥିଲେ। ଡାକ୍ତର ଦେଖାଇବା ପରେ ପରାମର୍ଶ ଅନୁଯାୟୀ, ପରୀକ୍ଷା ନିରୀକ୍ଷା କରାଇବାକୁ ମେଡିକାଲର ରଞ୍ଜନରଶ୍ମି ବିଭାଗକୁ ଯାଇଥିଲେ। ତେବେ ସେଠାରେ ତାଙ୍କର ଅଲଟ୍ରାସାଉଣ୍ଡ କରା ନ ଯାଇ ଫେରାଇ ଦିଆଯାଇଥିଲା। ସେହିପରି ରକ୍ତ ଓ ଏଚ୍‌ଆଇଭି ପରୀକ୍ଷା କରାଇବା ନିମନ୍ତେ ଗୌରୀ ଯାଇଥିଲେ। ତାଙ୍କର ରକ୍ତନମୁନା ନିଆଯାଇଥିଲେ ମଧ ମଙ୍ଗଳବାର ରିପୋର୍ଟ ଦିଆଯିବ ବୋଲି ଦାୟିତ୍ୱରେ ଥିବା କର୍ମଚାରୀ କହିଥିଲେ। ସେ ଏହାର କାରଣ ପଚାରିବାରୁ ଶନିବାର ଓ ରବିବାର ଛୁଟି ଥିବାରୁ କିଛି ହୋଇପାରିବ ନାହିଁ ବୋଲି କୁହାଯାଇଥିଲା। ଫଳରେ ଗୌରୀ ବାଧହୋଇ ନିରାଶରେ ନିଜ ଘରକୁ ଫେରିଯାଇଛନ୍ତି। ଏନେଇ ଗୌରୀଙ୍କ ପୁଅ ଅଭିଯୋଗ କରିଛନ୍ତି ଯେ, ମାସର ଚତୁର୍ଥ ଶନିବାର ଛୁଟି ଅଛି ବୋଲି କହି ଫେରାଇ ଦିଆଯାଇଛି। ଯଦି ଛୁଟି ଥିଲା, ତେବେ ମେଡିକାଲ କର୍ତ୍ତୃପକ୍ଷ ଏନେଇ ପୂର୍ବରୁ ନୋଟିସ ଜାରି କରିବା କଥା। ୭୦ବର୍ଷୀୟ ମା'ଙ୍କୁ ଧରି ଏଭଳି ତାତିରେ ମେଡିକାଲରେ ଚିକିତ୍ସା ପାଇଁ ଅପେକ୍ଷା କରିବା ପରେ ପରୀକ୍ଷା କରାଇ ରିପୋର୍ଟ ନ ପାଇ ଫେରିବାକୁ ବାଧ ହେଉଛି। ଏଭଳି ଅବ୍ୟବସ୍ଥା ହେବା ଉଚିତ୍ ନୁହେଁ। ତେବେ ଏ ସମ୍ପର୍କରେ ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଅଧୀକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟପକ୍ଷରେ ଏସ୍‌ସିବିରେ ଡାକ୍ତର ପ୍ରତିଦିନ ପ୍ରାୟ ୫୦୦ ରୋଗୀଙ୍କୁ ଅଲଟ୍ରାସାଉଣ୍ଡ ପାଇଁ ପରାମର୍ଶ ଦେଇଥାନ୍ତି। ଏସ୍‌ସିବିରେ ମାତ୍ର ଦୁଇଟି ମେଶିନ ଥିବାରୁ ଦୈନିକ ପ୍ରାୟ ଦେଢ଼ ଶହରୁ ଦୁଇଶହ ରୋଗୀଙ୍କ ଅଲଟ୍ରାସାଉଣ୍ଡ ହେଉଛି। ଏପରିକି ଦୁଇଟି ମେଶିନ ମଧ୍ୟରୁ ଅନେକ ସମୟରେ ଗୋଟିଏ ମେଶିନ ଅଚଳ ହୋଇଯାଉଛି। ଏଥିଯୋଗୁ ରୋଗୀଙ୍କୁ ହଇରାଣ ହେବାକୁ ପଡୁଛି।



ଡ୍ରିମ୍‌ସ ୟୁନିଭର୍ସିଟି ଅଧୀନସ୍ଥ ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର କମ୍ପ୍ୟୁଟର ସାଇନ୍ସ ବିଭାଗ ପକ୍ଷରୁ ଆୟୋଜିତ ବୈଷୟିକ ପ୍ରକଳ୍ପ ପ୍ରଦର୍ଶନୀରେ ଅତିଥି ଓ ଅଧ୍ୟାପିକା ଅଧ୍ୟାପକଙ୍କ ସହ ଛାତ୍ରମାନେ।

## ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକଙ୍କ ତୈଳଚିତ୍ର ଉନ୍ମୋଚିତ

କଟକ, ୨୬।୪(କାର୍ତ୍ତିକ ସାହୁ):

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ତଥା ଦୈନିକ ଓଡ଼ିଆ ଖବରକାଗଜ 'କାଳାନ୍ତର'ର ପ୍ରତିଷ୍ଠାତା ସ୍ୱର୍ଗତ ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ ଶନିବାର ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନର ସଭାପତି ନୃସିଂହନାଥ ସିଂହ ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସର୍ବେଶ୍ୱର ଦାଶ ଯୋଗଦେଇ ସାରସ୍ୱତ ସାଧକ ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକଙ୍କ ତୈଳ ଚିତ୍ରକୁ ଉନ୍ମୋଚିତ କରି କହିଲେ ଯେ, କବିତା ରଚନା ସାହିତ୍ୟ ସଂଗଠନ, ପତ୍ରିକା, ସମ୍ବାଦପତ୍ର ସମ୍ପାଦନା ଓ ସମାଜସେବା କ୍ଷେତ୍ରରେ ତାଙ୍କର ଅବଦାନ ଉତ୍ତରପିଢ଼ିକୁ ମାର୍ଗଦର୍ଶନ ଦେଇଆସିଛି। ଏହି ଅବସରରେ ମାତୃବନ୍ଦନା ଗାନ କରାଯାଇଥିଲା। ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରସାଦ ଧଳ ସ୍ୱାଗତ ଭାଷଣ ଓ ସଂଗଠକ ସମ୍ପାଦକ ଡ. ସୁନାମଣି ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। କାଳାନ୍ତର ଖବରକାଗଜର ଉତ୍ତରଦାୟଦ ସୌମ୍ୟକାନ୍ତ ସାମନ୍ତରାୟ ଉପେନ୍ଦ୍ର ବାବୁଙ୍କ ସହ ବିତାଇଥିବା ସ୍ମୃତିକୁ ବଖାଣିଥିଲେ। ପ୍ରାରମ୍ଭରେ ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ କାର୍ଯ୍ୟକାରୀ ସଦସ୍ୟ ଦିଲୀପ ଦାସ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଶଶିକାନ୍ତ ରାଉତ, ତପନ କୁମାର ସ୍ୱାଇଁ, ରାଧାଶ୍ୟାମ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଗୌତମ



@ ଜିପୁନ୍



@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାଣିରେ ବୁଡ଼ି ୨ ଶିଶୁ ମୃତ

ନିଶ୍ଚିନ୍ତକୋଇଲି,୨୬।୪ (ଅଶୋକ କୁମାର ମହାପାତ୍ର):

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ରାମକୃଷ୍ଣପୁର ପଞ୍ଚାୟତରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ପୋଖରୀରେ ବୁଡି ୨ କୋମଳମତି ଶିଶୁଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ନିଶ୍ଚିନ୍ତକୋଇଲି ଥାନା ରାମକୃଷ୍ଣପୁର ଗ୍ରାମର ଦିଲୀପ କୁମାର ସାହୁଙ୍କ ପୁତ୍ର କାମେଶ୍ୱର (୨) ଓ ମାହାଙ୍ଗା ବ୍ଲକ ଉମର ପଞ୍ଚାୟତ ଅନ୍ତର୍ଗତ ଓସ୍ତପୁର ଗ୍ରାମର ବଲ୍ଲଭ ସାହୁଙ୍କ ଝିଅ ଭାଗ୍ୟଲକ୍ଷ୍ମୀ (୩)। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ବଲ୍ଲଭଙ୍କ ସ୍ତ୍ରୀ ମଧୁସ୍ମିତା ଝିଅ ଭାଗ୍ୟଲକ୍ଷ୍ମୀଙ୍କୁ ନେଇ ରାମକୃଷ୍ଣପୁରସ୍ଥିତ ଭିଣୋଇ ଦିଲୀପଙ୍କ ଘରକୁ ଆସିଥିଲେ। ଶନିବାର ପୂର୍ବାହ୍ନରେ ଦିଲୀପଙ୍କ ପରିବାର ଲୋକେ ଘରେ ବିଶ୍ରାମ ନେଉଥିଲେ। ଏହି ସମୟରେ କାମେଶ୍ୱର ଓ ଭାଗ୍ୟଲକ୍ଷ୍ମୀ ଘର ନିକଟରେ ଖେଳୁଥିଲେ। ଅସାବଧାନତା ହେତୁ ଏହି ୨ ଶିଶୁ ଘର ପାଖରେ ଥିବା ପୋଖରୀକୂଳକୁ ଯାଇ ପାଣିରେ ବୁଡ଼ିଯାଇଥିଲେ। ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ପୋଖରୀକୁ ଶୌଚ ହେବାକୁ ଯାଇଥିବାବେଳେ ପାଣିରେ ଶିଶୁକନ୍ୟା ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏହାପରେ ପରିବାର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ଭାଗ୍ୟଲକ୍ଷ୍ମୀଙ୍କୁ ପାଣିରୁ ବାହାର କରିବା ସହ ବହୁ ସମୟ ଧରି ଖୋଜାଖୋଜି କରି ପୋଖରୀରୁ କାମେଶ୍ୱରଙ୍କୁ ଉଦ୍ଧାର କରିଥିଲେ। ଉଭୟଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଉଭୟ ଶିଶୁଙ୍କ ମୃତଦେହ ଜବତ କରିଛି। ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଯିବ ବୋଲି ସୂଚନା ମିଳିଛି।



କାମେଶ୍ୱର ସାହୁ



ଭାଗ୍ୟଲକ୍ଷ୍ମୀ ସାହୁ।

# ୨ କାର୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ମା'ପୁଅ ଗୁରୁତର

ସାଲେପୁର,୨୬।୪(ଅରବିନ୍ଦ ଭୂୟାଁ):

କଟକ-ସାଲେପୁର ରାସ୍ତାର ନାଳିଆମୁହାଁ ଠାରେ ଶନିବାର ଅପରାହ୍ନରେ ୨ଟି କାର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ମା' ଓ ପୁଅ ଗୁରତର ହୋଇଛନ୍ତି। ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍ ଦ୍ୱୟକୁ ଜବତ କରି ତଦନ୍ତ ଚଳାଇଛି।

ଖବରରୁ ପ୍ରକାଶ ଯେ, ଅପରାହ୍ନ ପ୍ରାୟ ୩ଟାବେଳେ କଟକ-ସାଲେପୁର ରାସ୍ତାର ନାଳିଆମୁହାଁ ଦେଇ ଏକ ୱାଗନର କାର କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଯାଉଥିଲା। ସେତେବେଳେ କଟକରୁ ସାଲେପୁର ଅଭିମୁଖେ ଆସୁଥିବା ଏକ ସୁଇଫ୍ଟ ଡିଜାୟାର କାର ଆସୁଥିଲା। ଉଭୟ କାର ଧକ୍କା ପରସ୍ପର ସହ ଧକ୍କା ହେବା ଯୋଗୁ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ୱାଗନର ଗାଡ଼ି ଚାଳକ କେନ୍ଦ୍ରାପଡ଼ା ଅଞ୍ଚଳର ଶାରଦା ପ୍ରସନ୍ନ ରାଉତଙ୍କ ମୃତ୍ୟୁ ଘଟିଛି। ଅପରପକ୍ଷେ ସୁଇଫ୍ଟ ଡିଜାୟାର ଗାଡ଼ିରେ ଆସୁଥିବା ଶ୍ରୀକାନ୍ତ କୁମାର ସେଠୀ ଓ ତାଙ୍କ ମା' ସରସ୍ୱତୀ ସେଠୀ ଗୁରୁତର ହୋଇଥିବାବେଳେ ଉକ୍ତ ଗାଡ଼ି ଚାଳକ ବିଶ୍ୱଜିତ ଜେନା ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତରମାନଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ଖଣ୍ଡା ବୁଲାଇଲେ ବରଯାତ୍ରୀ : ୨ ଗିରଫ

ବାଙ୍କୀ, ୨୬।୪ (ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦେଶ୍ୱର ଗ୍ରାମର କନ୍ୟା ସହ ତିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା ଗ୍ରାମର ଜଣେ ବ୍ୟକ୍ତିଙ୍କ ବିବାହ ସ୍ଥିର କରାଯାଇଥିଲା। ତାଙ୍କ ବିବାହ ଶୋଭାଯାତ୍ରାରେ ଶନିବାର ତୁମୁଳକାଣ୍ଡ ହୋଇଛି। ଏହି ସମୟରେ ଧମକ ଦେବାକୁ ଯାଇ ଖଣ୍ଡା ବୁଲାଇବାରୁ ପୋଲିସ ବରଯାତ୍ରୀ ଦଳର ୩ ଗାଡ଼ି ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିନ୍ଧାଣିମା ଗ୍ରାମର ସନ୍ତୋଷ କୁମାର ବେହେରା ଓ ଦିବ୍ୟରଞ୍ଜନ ଚିନାରା।

ମିଳିଥିବା ସୂଚନା ଅନୁଯାୟୀ, ବରଯାତ୍ରୀ ଦଳ ବିବାହ ଶୋଭାଯାତ୍ରାରେ ଯୋଗଦେବାକୁ ବୈଦେଶ୍ୱର ଗ୍ରାମରୁ ଗ୍ରାମ୍ୟବ୍ୟାଙ୍କ ଛକ ଦେଇ ରାମନାଥଙ୍କ ପୀଠକୁ ଯାଉଥିଲେ। ଏହି ସମୟରେ ବୈଦେଶ୍ୱର ଗ୍ରାମର ସୁବଳ ଦାଶଙ୍କ ପୁଅ ଓ ବୋହୂ ତାଙ୍କ ଶଶୁରଘରକୁ ଯାଉଥିଲେ। ସେମାନେ ବରଯାତ୍ରୀ ଦଳକୁ ସାଇଡ୍ ହେବାକୁ ବାରମ୍ବାର କହିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଏହି ଘଟଣା ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଏହି ସମୟରେ ବରଯାତ୍ରୀ ଦଳ ସହ ଆସିଥିବା ଜଣେ ଯୁବକ ଏକ ସ୍କର୍ପିଓରୁ ଖଣ୍ଡା ଆଣି ଆକ୍ରମଣ କରିଥିଲେ। ଫଳରେ ସୁବଳଙ୍କ ପୁଅ ଓ ବୋହୂ ଆହତ ହୋଇଥିଲେ। ସେମାନେ କଳାପଥର ଡାକ୍ତରଖାନାରେ ଚିକିତ୍ସିତ ହୋଇ ଫେରିଥିବା ଜଣାପଡ଼ିଛି।

ଅପରପକ୍ଷେ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍କର୍ପିଓ, କାର ଓ ଡିଜେ ଗାଡ଼ିକୁ ଜବତ କରିଛି। ଏଥିସହ ସନ୍ତୋଷ ଓ ଦିବ୍ୟଙ୍କୁ ଥାନାକୁ ନେଇଥିଲା। ତେବେ ପ୍ରକୃତରେ ଯେଉଁ ଯୁବକ ଖଣ୍ଡାରେ ଆକ୍ରମଣ କରିଥିଲେ ସେ ଫେରାର ଅଛନ୍ତି। ସମ୍ପୃକ୍ତ ଯୁବକଙ୍କୁ ତୁରନ୍ତ ଗିରଫ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ବାବା ବାଲୁଙ୍କେଶ୍ୱର ମନ୍ଦିର: ନୂତନ ଶିବଲିଙ୍ଗ ପ୍ରତିଷ୍ଠା

ବାଙ୍କୀ,୨୬।୪ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅଧୀନ କିଆପଲା ଗ୍ରାମରେ ରାଜପତ୍ରିଷ୍ଠିତ ବାବା ବାଲୁଙ୍କେଶ୍ୱର ମନ୍ଦିରରେ ନୂତନ ଶିବଲିଙ୍ଗ ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘବର୍ଷ ଧରି ପ୍ରଭୁଙ୍କ ଲିଙ୍ଗ ପାତାଳୀ ହୋଇଯାଇଥିଲେ। ପୁରୀ ମୁକ୍ତିମଣ୍ଡପ ପଣ୍ଡିତଙ୍କ ପରାମର୍ଶକ୍ରମେ ନୂତନ ଶିବଲିଙ୍ଗ ପ୍ରତିଷ୍ଠା ହୋଇଛି। ୩ ଦିନ ଧରି ମହାଯଜ୍ଞ ଅନୁଷ୍ଠିତ ହୋଇ ବ୍ରାହ୍ମଣଙ୍କ ଦ୍ୱାରା ବେଦପାଠ କରାଯାଇଥିଲା। ମହାନଦୀରୁ ଶତାଧିକ ବ୍ୟକ୍ତି କଳସ ଯାତ୍ରାରେ କୁମ୍ଭ ଧରି ପାଟ ପଟୁଆରରେ ବାବାଙ୍କ ମନ୍ଦିର ପ୍ରାଙ୍ଗଣକୁ ଆସି ବାବାଙ୍କୁ ଜଳସ୍ନାନ କରାଇଥିଲେ। କାର୍ଯ୍ୟକ୍ରମରେ ବାଙ୍କୀ ରାଜା, ବଡ଼ମ୍ବା ରାଜା, ବ୍ଲକର ପୂର୍ବତନ ଅଧ୍ୟକ୍ଷ ଇଂ. ସତ୍ୟନାରାୟଣ ସାମନ୍ତ, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ, ଭାଜପା ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ, କଟକ ଏମ୍‌ପିଙ୍କ ପ୍ରତିନିଧି ସରୋଜ ମତଗଜସିଂଙ୍କ ସମେତ ଗ୍ରାମାବାସୀ ଯୋଗଦେଇ ସୂଚାରୁ ରୂପେ ପରିଚାଳନା କରିଥିଲେ। କିଆପଲା ବାବା ବାଲୁଙ୍କେଶ୍ୱର ଯୁବକ ସଂଘ ଗ୍ରାମବାସୀଙ୍କ ସହାୟତାରେ ଶିବଭକ୍ତ ଦାତାଙ୍କ ଆର୍ଥିକ ସହାୟତାରେ କାର୍ଯ୍ୟ ସମ୍ପାଦନ ହୋଇଥିଲା।



# ଶୁଖିଗଲାଣି ମହାନଦୀ, ଚିନ୍ତାରେ ଚାଷୀକୁଳ

ବାଙ୍କୀ,୨୬।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଓଡ଼ିଶାର ସବୁଠାରୁ ବଡ଼ ନଦୀ ମହାନଦୀ ଉପରେ ୧୪ଟି ଜିଲାର ଜୀବନଜୀବିକା ନିର୍ଭର କରେ। ମହାନଦୀ ବାଙ୍କୀ ଉପଖଣ୍ଡ ଦେଇ ୪୨ କି.ମି. ବାଟ ଦେଇ ପ୍ରବାହିତ ହୋଇଥିବାବେଳେ ଉପଖଣ୍ଡର ୩୫ଟି ଗ୍ରାମପଞ୍ଚାୟତର ପ୍ରାୟ ୨ ଲକ୍ଷ ଲୋକ ଏହା ଉପରେ ନିର୍ଭରଶୀଳ। ଏହି ନଦୀରୁ ବାଙ୍କୀର ବିଭିନ୍ନ ସ୍ଥାନରେ କାଳିଗିରି, ଚନ୍ଦ୍ରପା ଓ ରଣଆଦି ଶାଖାନଦୀ ବାହାରିଛି। ବର୍ତ୍ତମାନ ନଦୀସାରା ବାଲିର ପାହାଡ଼ ସହ ନଦୀ ଭିତରେ ବୁଦା ବୁଦା ଗଛ ହୋଇ ଜଙ୍ଗଲର ଭ୍ରମ ସୃଷ୍ଟିକରୁଛି। ପୂର୍ବଭଳି ନଦୀରେ ଆଉ ଜଳସ୍ରୋତ ନାହିଁ ଓ ଯେଉଁ ଜଳସ୍ରୋତ ରହିଛି ସେଥିରେ ଅଳ୍ପ ପରିମାଣର ଜଳ ପ୍ରବାହିତ ହେଉଛି। ନଦୀଶଯ୍ୟା ପୋତିହେବା ଫଳରେ ଅଧିକାଂଶ ସ୍ଥାନରେ ବାଲିସ୍ତର ଜମାଟ ବାନ୍ଧିଛି। ବାଙ୍କୀ ଅଞ୍ଚଳର ୮୦ ଭାଗ ଜନସାଧାରଣ କୃଷି ଉପରେ ନିର୍ଭରଶୀଳ। ବିଶେଷକରି ଧାନ ଓ ପନିପରିବା ବାଙ୍କୀ ସାରା ରାଜ୍ୟକୁ ଯୋଗାଇଥାଏ। ନଦୀରେ ପାଣି ନ ଥିବାରୁ ଖରାଦିନିଆ ଧାନ ଓ ପନିପରିବା ଚାଷ ଆଉ ସେତେ ପରିମାଣରେ ହେଉନାହିଁ। ଏଥିପାଇଁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବାଲୁକାରେ ପରିପୂର୍ଣ୍ଣ ହେବାରୁ ମହାନଦୀ ପୋତି ହୋଇପଡୁଛି। ଏହାର ଖନନ କରି ପୁନଃଉଦ୍ଧାର ପାଇଁ ପରିବେଶବିତ୍, ପ୍ରକୃତିବନ୍ଧୁ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ମତବ୍ୟକ୍ତ କରିଛନ୍ତି। ଏବେ ଚାଷକାମ ବ୍ୟାହତ ହେଉଥିବାରୁ ଏ ଅଞ୍ଚଳର ଚାଷୀ କୌଶିକ ନାୟକ, ଅକ୍ଷୟ କୁମାର ସାମଲ, ମନୋଜ କୁମାର ରାଉତ ପ୍ରମୁଖ କିପରି ଚାଷୀକୁଳକୁ ପାଣି ଯୋଗାଇବା ବ୍ୟବସ୍ଥା କରାଯିବ, ସେଥିପାଇଁ ସରକାର ମହାନଦୀକୁ ଖନନ କିମ୍ବା ନଦୀର ବିଭିନ୍ନ ଜାଗାରେ ଆନିକଟ ନିର୍ମାଣ କରି ପାଣି ଅଟକାଇବାକୁ ଦାବି କରିଛନ୍ତି।



ଶୁଖିଯାଇଥିବା ମହାନଦୀ ଜଳ।

## ସଂକ୍ଷେପରେ

### ବଜ୍ରପାତରେ ଜଳିଗଲା ନଡ଼ିଆ ଗଛ



**ବେଗୁନିଆ,୨୬।୪(ସନ୍ଧ୍ୟାରାଣୀ ମିଶ୍ର)**

ବାଘମାରୀ ଗ୍ରାମସ୍ଥିତ ଗୌଡସାହିରେ ଥିବା ଏକ ନଡ଼ିଆ ଗଛ ଉପରେ ଶନିବାର ସନ୍ଧ୍ୟାରେ ବଜ୍ରପାତ ହୋଇଥିଲା। ପରେ ଏହି ନଡ଼ିଆ ଗଛ ଜଳୁଥିବା ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ମଦ ଜବତ: ଜଣେ ଗିରଫ

**ବାଲୁଗାଁ,୨୬।୪(ସଂଗ୍ରାମ ପାଇକରାୟ)**

ବାଲୁଗାଁ ପୋଲିସ ଶନିବାର ଚଢ଼ାଉ କରି ବଡ଼କୁଳ ପାନ୍ଥନିବାସ ରୋଡ୍‌ରୁ ଦେଶୀ ବିଦେଶୀ ମଦ ଜବତ କରିବା ସହ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା ଭେଜିପୁଟ ଗ୍ରାମର କାର୍ତ୍ତିକ ସାହୁ। ପ୍ରକାଶ ଯେ, ପାନ୍ଥନିବାସ ରୋଡ୍‌ସ୍ଥିତ ଏକ ପରିତ୍ୟକ୍ତ ଘରେ ବେଆଇନ ଭାବେ ମଦ କାରବାର ହେଉଥିବା ନେଇ ଅଭିଯୋଗ ହୋଇଥିଲା। ବାଲୁଗାଁ ଆଇଆଇସି ଜୟପ୍ରକାଶ ପରିଡ଼ା ସଦଳେବେଳେ ଶନିବାର ସକାଳେ ଚଢ଼ାଉ କରି ୫୫ଟି ବିଦେଶୀ ଏବଂ ୨୫ଟି ଦେଶୀ ମଦ ବୋତଲ ଜବତ କରିବା ସହ କାର୍ତ୍ତିକଙ୍କ ଗିରଫ କରିଥିଲେ।

### ଦୋକାନ ଉପରକୁ ବୋମାମାଡ଼ ଘଟଣା, ୩ ଗିରଫ

**ଟାଙ୍ଗୀ,୨୬।୪(ରଘୁନାଥ ସାହୁ)**

କୁହୁଡ଼ି ବସ୍‌ଷ୍ଟାଣ୍ଡସ୍ଥିତ ଏକ ଗ୍ରୋସରି ଦୋକାନ ଉପରେ ହୋଇଥିବା ବୋମାମାଡ଼ ଘଟଣାରେ ଟାଙ୍ଗୀ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅନ୍ତର୍ଗତ ଦୀକ୍ଷିତପଡ଼ା ଗ୍ରାମର ଶେଖ୍ ବୁନା, ଶେଖ୍ ରଫିଦ ଏବଂ ଶେଖ୍ ଚାନ୍ଦ। ଏନେଇ ଥାନାରେ ଏକ ମାମଲା(ନଂ.୨୯୯/୨୫) ରୁଜୁ ପରେ ଶନିବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳ କହିଛନ୍ତି। ସୂଚନାଥାଉ କି, କୁହୁଡ଼ି ବସ୍‌ଷ୍ଟାଣ୍ଡଠାରେ ଲକ୍ଷ୍ମୀଧର ବରାଡ଼ଙ୍କ ଏକ ଗ୍ରୋସରି ଦୋକାନ ରହିଛି। ଗତ ୨୩ ତାରିଖ ରାତି ୧୦ଟାରେ ଦୋକାନ ବନ୍ଦ ଥିବାବେଳେ କେତେଜଣ ଯୁବକ ପହଞ୍ଚି ଲକ୍ଷ୍ମୀଧରଙ୍କୁ କିଛି ସାମଗ୍ରୀ ଦେବାକୁ କହିଥିଲେ। ଦୋକାନ ବନ୍ଦ ଥିବାରୁ ଏବେ ସାମଗ୍ରୀ ଦେଇହେବନି ଲକ୍ଷ୍ମୀଧର କହିବାରୁ ଅଭିଯୁକ୍ତମାନେ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ପରେ ପରିବାର ଲୋକେ ଲକ୍ଷ୍ମୀଧରଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲ ନେଉଥିବା ବେଳେ ଅଭିଯୁକ୍ତମାନେ ତାଙ୍କ ଦୋକାନ ଉପରକୁ ବୋମାମାଡ଼ କରିଥିଲେ। ଏନେଇ ଲକ୍ଷ୍ମୀଧରଙ୍କ ସ୍ତ୍ରୀ ଗୀତାଞ୍ଜଳିଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଅନ୍ୟପଟେ ଅଭିଯୁକ୍ତଙ୍କ ପକ୍ଷରୁ ଥାନାରେ ଏକ ପାଲଟା ଅଭିଯୋଗ ହୋଇଛି।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ବାଘମାରୀ,୨୬।୪(ମିହିର ରଞ୍ଜନ ମହାପାତ୍ର)**

ସିମୋର ପଞ୍ଚାୟତ କଣ୍ଟାମଳିମ ଗ୍ରାମସ୍ଥିତ ମା' ବାଉତୀ ଦେବୀଙ୍କ ପୀଠରେ ଅଷ୍ଟମ ବାର୍ଷିକ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଯଜ୍ଞାଚାର୍ଯ୍ୟ ବିଜୟାନନ୍ଦ ଷଡ଼ଙ୍ଗୀ ତତ୍ତ୍ୱାବଧାନରେ ଏବଂ ଗ୍ରାମବାସୀଙ୍କ ସହଯୋଗରେ ବୁଧବାର ଅଙ୍କୁରାରୋପଣ, ଗୁରୁବାର ପ୍ରାତଃରେ ସୋମନାଥ ଦେବଙ୍କ ପୁଷ୍କରିଣୀଠାରେ ପୂଜାର୍ଚ୍ଚନା ପରେ କଳସ ଯାତ୍ରା ଆରମ୍ଭ ହୋଇ ମା'ଙ୍କ ପୀଠରେ ସ୍ଥାପନ କରାଯାଇଥିଲା। ପରେ ବିଭିନ୍ନ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ପ୍ରବଚକ ବାଉରିବନ୍ଧୁ ପ୍ରଧାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଶୁକ୍ରବାର ସୂର୍ଯ୍ୟପୂଜା, ଗୋପୂଜା,ଶାଳାପୂଜା, ମା'ଙ୍କ ଷୋଡ଼ଶ ଉପଚାର, ଚଣ୍ଡୀ ଆହୁତି ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ଭାଜପା ନେତା ପ୍ରକାଶ ବିଜୁଳି ଏବଂ ମୃତ୍ୟୁଞ୍ଜୟ ଜେନା ଯୋଗଦେଇ ଜଗତ କଲ୍ୟାଣ ପାଇଁ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

# ଲୋକଙ୍କ ସମସ୍ୟା ବୁଝି ସମାଧାନ କର

### ବିଭିନ୍ନ ଯୋଜନାର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

**ଖୋର୍ଦ୍ଧା,୨୬।୪(ପ୍ରଭାତ ପାଣିଗ୍ରାହୀ)**

ଓଡ଼ିଶା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଶନିବାର ଖୋର୍ଦ୍ଧା ଗସ୍ତକରି ବିଭିନ୍ନ ଯୋଜନା, କୃଷକ ପଞ୍ଜୀକରଣ, ପ୍ରଜାଖାନ ସଂଶୋଧନର ସମୀକ୍ଷା କରଛନ୍ତି। ଗ୍ରାମାଞ୍ଚଳର ଜନ୍ମମୃତ୍ୟୁ ପଞ୍ଜୀକରଣର ମଧ୍ୟ ସମୀକ୍ଷା କରିଥିଲେ। ପ୍ରଶାସନିକ ଅଧିକାରୀମାନେ ତୃଣମୂଳସ୍ତରକୁ ଯାଇ ଯୋଜନାର ଅଗ୍ରଗତି ଦେଖିବା ସହ ଲୋକଙ୍କ ସହ ଆଲୋଚନା କରନ୍ତୁ। ସେମାନଙ୍କ ସମସ୍ୟାର ସମାଧାନ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଶାସନ ସଚିବଙ୍କ ସହ କୃଷି ବିଭାଗ ନିର୍ଦ୍ଦେଶକ ଶୁଭମ ସକ୍ସେନା, ରାଜସ୍ୱ ବିଭାଗର ଯୁଗ୍ମ ସଚିବ ପ୍ରଦୀପ ସାହୁ ଉପସ୍ଥିତ ଥିଲେ।

ପୂର୍ବାହ୍ନ ସାଢ଼େ ୧୦ଟାରେ ମୁଖ୍ୟ ଶାସନ ସଚିବ ଆହୁଜା ଖୋର୍ଦ୍ଧା ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। କୃଷକ ପୋର୍ଟାଲର ସକ୍ରିୟତା, ଅଧିକରୁ ଅଧିକ କୃଷକଙ୍କ ନାମ ପଞ୍ଜୀକରଣ ଏବଂ ପ୍ରଜାଖାନ ସଂଶୋଧନ ଉପରେ ଗୁରୁତ୍ୱ ଦେଇଥିଲେ। ଗ୍ରାମାଞ୍ଚଳରେ ଜନ୍ମିତ ଶିଶୁ, ମୃତ ବ୍ୟକ୍ତିଙ୍କ କିଭଳି ପଞ୍ଜୀକରଣ କରାଯାଉଛି ସେ ସମ୍ପର୍କରେ ଖୋର୍ଦ୍ଧା ପୌରାଞ୍ଚଳ ପଲ୍ଲା-୨ର ଅଙ୍ଗନୱାଡି କର୍ମୀ ସସ୍ମିତା ଦାଶଙ୍କୁ ପଚାରି ବୁଝିବା ସହ ରେକର୍ଡପତ୍ର ଯାଞ୍ଚ କରିଥିଲେ। ଜନ୍ମମୃତ୍ୟୁ ପ୍ରମାଣପତ୍ର ଡିଜିଟାଲାଇଜେଶନ ଉପରେ ଗୁରୁତ୍ୱ ଦେଇଥିଲେ। କୃଷକ ପୋର୍ଟାଲରେ କିଭଳି ପଞ୍ଜୀକରଣ ଚାଲିଛି ସେ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତିଙ୍କ ସହ ଆଲୋଚନା କରିଥିଲେ। ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା, ତହସିଲଦାର ବିଭାସ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଡି. ଗୋପାଳ ରେଡ୍ଡୀ, ସହକାରୀ ଜିଲାପାଳ ନିବେଦିତା ପରିଡ଼ା ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। କୃଷି ବିଭାଗର ସୂଚନା ପ୍ରକାରେ, ଖୋର୍ଦ୍ଧା ଜିଲାରେ ୪୧ଟି କ୍ୟାମ୍ପ ମାଧ୍ୟମରେ ଶନିବାର ସୁଦ୍ଧା ୧୧,୪୩୮ କୃଷକ ପଞ୍ଜୀକରଣ କରିଛନ୍ତି। ସେଥିରୁ ଖୋର୍ଦ୍ଧା ବ୍ଲକରେ ୧୬୪୭, ବେଗୁନିଆରେ ୧୧୨୪, ବୋଲଗଡ଼ରେ ୧୪୭୫, ଟାଙ୍ଗୀରେ ୧୪୮୧, ଚିଲିକାରେ ୧୦୫୫, ବାଣପୁରରେ ୯୧୪, ଭୁବନେଶ୍ୱରରେ ୮୮୯, ଜଟଣୀରେ ୬୮୬, ବାଲିଅନ୍ତାରେ ୧୧୮୮ ଏବଂ ବାଲିପାଟଣା ବ୍ଲକରେ ୯୭୯ ଜଣ ପଞ୍ଜୀକୃତ ହୋଇଛନ୍ତି।



ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ୩୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର



ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ଏମ୍‌ପି ସମ୍ବିତ ପାତ୍ର ଏବଂ ଅନ୍ୟମାନେ।

**ବାଣପୁର,୨୬।୪(ଦିଲୀପ କୁମାର ସ୍ୱାଇଁ)**

ଆଇନ ମନ୍ତ୍ରୀ ତଥା ଚିଲିକା ବିଧାୟକ ପୃଥ୍ୱୀରାଜ ହରିଚନ୍ଦନ ଏବଂ ପୁରୀ ଏମ୍‌ପି ଡା. ସମ୍ବିତ୍ ପାତ୍ର ଶନିବାର ଚିଲିକା ଗସ୍ତକରି ୩୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୫୧୭.୨୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହଜ୍‌ଠାରୁ ଦୀନବନ୍ଧୁପୁର ଭାୟା କାଲୁନିଆରୀ ଓ ଗମେଇ ରାସ୍ତା ନିର୍ମାଣ କାର୍ଯ୍ୟ, ୫୧୩.୧୮ଲକ୍ଷ ଟଙ୍କା ବ୍ୟୟରେ ଶାଳିଆ ଡ୍ୟାମ୍ ପଣସଠାରୁ ନୀଳାଦ୍ରିପ୍ରସାଦ ଭାୟା ବରକୋଳି ରାସ୍ତା ନିର୍ମାଣ, ୬୮୮.୭୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୀଳାଦ୍ରିପ୍ରସାଦଠାରୁ ପଣସ ଭାୟା ବରକୋଳି ରାସ୍ତାର ୧୦.୨୦ କି.ମି.ଠାରେ ଶାଳିଆ ୱାଟର ଚ୍ୟାନେଲ ଉପରେ ସୁଉଚ୍ଚ ସେତୁ ନିର୍ମାଣ କାର୍ଯ୍ୟ, ୩୧୫.୨୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୫ନମ୍ବର ଜାତୀୟ ରାଜପଥରୁ ରାହାଣବେଳି ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଏବଂ ପୂର୍ତ୍ତ ବିଭାଗ ପକ୍ଷରୁ ୧୪.୭୮ କୋଟି ଟଙ୍କା ବ୍ୟୟ ଅଟକଳରେ ସୁନାଖଳାଠାରୁ ଆୟତ୍ତପୁର ରାସ୍ତାର ଉନ୍ନତୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପଗୁଡିକ ନିର୍ମାଣ ହେବା ଦ୍ୱାରା ଚିଲିକା ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପକୃତ ହେବା ସହ ସେମାନଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ହେବ ବୋଲି ଜନପ୍ରତିନିଧିମାନେ କହିଛନ୍ତି।

### କାର୍ ଧକ୍କାରେ ଚାଷୀ ଗୁରୁତର

**ଟାଙ୍ଗୀ,୨୬।୪(ରଘୁନାଥ ସାହୁ)**

ଟାଙ୍ଗୀ ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର ଚଣ୍ଡେଶ୍ୱର ଛକଠାରେ କାର୍ ଧକ୍କାରେ ଜଣେ ଚାଷୀ ଗୁରୁତର ହୋଇଛନ୍ତି। ସେ ହେଲେ ନରମାନବୀ ଗ୍ରାମର ବିଶ୍ୱନାଥ ଜେନା। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ବିଶ୍ୱନାଥ ପରିବା ବିକ୍ରିକରିବା ପାଇଁ ସ୍କୁଟିରେ ଚାନ୍ଦପୁର ବଜାର ଆସୁଥିବା ବେଳେ ଚଣ୍ଡେଶ୍ୱର ଠାରେ ଏକ କାର୍ ଦ୍ରୁତଗତିରେ ଆସି ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସେ ସ୍କୁଟିରୁ ଛିଟିକି ପଡ଼ିବା ସହ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି।

### ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ଦହିପଣା ବଣ୍ଟନ

**ବାଲୁଗାଁ,୨୬।୪(ସଂଗ୍ରାମ ପାଇକରାୟ)**

ବାଲୁଗାଁ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ଚିଲିକା କୂଳରେ ଶନିବାର ଜଳଛତ୍ର ତଥା ଦହିପଣା ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା ଏବଂ ଅଧ୍ୟାପିକା ରୀନା ରାଉତଙ୍କ ନେତୃତ୍ୱରେ ଦହିପଣାର ଶୁଭାରମ୍ଭ ଅଧ୍ୟକ୍ଷ ଡ.ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ଦ୍ୱାରା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀଙ୍କ ସହ ଅଧ୍ୟାପିକା ସ୍ୱାତୀ ସ୍ୱାଗତିକା ସାହୁ, କୀର୍ତ୍ତିମୟୀ ବାରିକ, ପ୍ରିୟମ୍ବଦା ମହାପାତ୍ର ଉପସ୍ଥିତ ରହି ପର୍ଯ୍ୟଟକ ଏବଂ ପଥଚାରୀଙ୍କୁ ପାନୀୟଜଳ ବିତରଣ କରିଥିଲେ। ସ୍ୱେଚ୍ଛାସେବୀ ପ୍ରଜ୍ଞାସ୍ମିତା ସାହୁ, ନୀଳକଣ୍ଠ ଦାସ, ରୁପାଲୀ ବିଶ୍ୱାଳ, ରବିନା ଦାସ, ସାଇନ ସୁବୁଦ୍ଧି ପ୍ରମୁଖଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁକ୍ତ ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ଡ. ସନ୍ତୋଷ କୁମାର ରଥ, ପ୍ରବୀଣ କୁମାର ଜେନା, ଝରଣା ନାଥ, ଶୁଭଦର୍ଶିନୀ ବିଶ୍ୱାଳ, ଶୁଚିସ୍ମିତା ମହାପାତ୍ର, ସୁଧାକର ନାୟକ, କ୍ଷୀରୋଦ ନାଥ ନାୟକ ପ୍ରମୁଖ ଯୋଗଦେଇ ଉତ୍ସାହିତ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଗୌତମ



@ ଜିପୁନ୍



@ ସୁନୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ତେରସାହି ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ

**ଖୋର୍ଦ୍ଧା,୨୬।୪(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ ମହୁଲ ଗ୍ରାମର ଦୁର୍ଗା ମନ୍ଦିରଠାରେ ତେରସାହି ତୈଳିକ ବୈଶ୍ୟ ସମାଜର ୪୯ତମ ବାର୍ଷିକ ଅଧିବେଶନ ସଭାପତି ରତ୍ନାକର ସାହୁଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱ-ଜାତୀୟ ପତାକା ଉତ୍ତୋଳନ କରାଯିବା ପରେ ମିଳିତ କାର୍ଯ୍ୟକାରୀ କମିଟି ବୈଠକ ହୋଇଥିଲା। ଅପରାହ୍ନରେ ବନ୍ଧୁମିଳନ ହୋଇଥିଲା। ପରେ ଉପସ୍ଥିତ ମୁରବି ଏବଂ ଅତିଥିମାନେ ନଗର ପରିକ୍ରମା କରିଥିଲେ। ଉପସଭାପତି ରାଜକିଶୋର ସାହୁ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁ, ସହ ସମ୍ପାଦକ ଅଖିଳ କୁମାର ସାହୁ, ଅଡିଟର ଅଭୟ କୁମାର ସାହୁ, ଲକ୍ଷ୍ମୀଧର ସାହୁ, ଛୟାନବେ ସାହୁ ସଭାପତି ଉପେନ୍ଦ୍ର କୁମାର ସାହୁ, ଶରତ ଚନ୍ଦ୍ର ସାମନ୍ତରାୟ, ରାଜ୍ୟ ସଭାପତି ଶିଶିର କୁମାର ସାହୁ, ଶୀର୍ଷ ସମ୍ମିଳନୀ ସଭାପତି ବିଦ୍ୟାଧର ସାହୁ, ନିଖିଳ ଉତ୍କଳର ବରିଷ୍ଠ ସଭ୍ୟ ନିଧି ସାହୁ, ସନ୍ତୋଷ କୁମାର ସାହୁ, ହଳଦିଆର ପୂର୍ବତନ ସରପଞ୍ଚ ଶୋଭନ କୁମାର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସମ୍ପାଦକ ବାନାମ୍ବର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପିଲାମାନଙ୍କୁ ଶିକ୍ଷା ବୃତ୍ତି ୧୨ଜଣ ଓ ନାରୀ ଅସହାୟ ପାର୍ଶ୍ୱରେ ଦୁଇଟି ସିଲାଇ ମେଶିନ, ଦୁଇ ଜଣ ଗରିବ ପିଲାଙ୍କୁ ସାଇକେଲ ପ୍ରଦାନ କରାଯାଇଛି। ସେହିପରି ଅନୁଷ୍ଠାନର ବିଭିନ୍ନ ସମସ୍ୟାର ସମାଧାନ, ଅଂଶଧନ କମିଟି ଗଠନ ଉପରେ ଆଲୋଚନା ହୋଇଥିଲା। ଦୁର୍ଯ୍ୟୋଧନ ସାହୁ, ପ୍ରଭାକର ସାହୁ, ବିରଞ୍ଚି ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ବାର୍ଷିକ ଅଧିବେଶନରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ୩ କୋଟି, କାର୍ ଜିତିଲେ ସୌମ୍ୟରଞ୍ଜନ

**ଜଟଣୀ, ୨୬।୪(ରବୀନ୍ଦ୍ରନାଥ ମହାକୁଡ଼)**

କେତେବେଳେ କାହା ଭାଗ୍ୟ ବଦଳିବ କେହି କହିପାରିବେ ନାହିଁ। ଅନଲାଇନ ଗେମ୍‌ରେ ମାତ୍ର ୪୯ଟଙ୍କା ଲଗାଇ ଜିତିଛନ୍ତି ୩ କୋଟି ଟଙ୍କା ଏବଂ ମହିନ୍ଦ୍ରା ଥାର୍। ସେ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅନ୍ତର୍ଗତ ଦେଉଳିଆପାଟଣା ଗ୍ରାମର ସୌମ୍ୟରଞ୍ଜନ ବେହେରା। ସୂଚନା ମୁତାବକ, ବର୍ତ୍ତମାନ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଜାରି ରହିଛି। ମାଇଁ-୧୧ସର୍କଲରେ କ୍ରିକେଟ ଗେମ୍ ଖେଳି ବହୁଜଣ କୋଟିପତି ହେଉଛନ୍ତି। ଗତ ଶୁକ୍ରବାର ଚେନ୍ନାଇ ଏବଂ ହାଇଦ୍ରାବାଦ ମଧ୍ୟରେ ମ୍ୟାଚ ହୋଇଥିଲା। ଏହି ମ୍ୟାଚରେ ସୌମ୍ୟରଞ୍ଜନ ୪୯ଟଙ୍କା ଲଗାଇବା ସହ ଖେଳାଳି ଚୟନ ସହ ଟିମ୍ କରି ଏକ ନମ୍ବର ସିରିଏଲରେ ରହି ଉକ୍ତ ପୁରସ୍କାର ଜିତିଛନ୍ତି। ସେ ଯୁକ୍ତ ୩ରେ ପାଠ ପଢୁଛନ୍ତି। ଏହି ସଫଳତାକୁ ନେଇ ଖୁସି ଥିବା ସେ କହିଛନ୍ତି।



ସୌମ୍ୟରଞ୍ଜନ ବେହେରା

# ୫ ପରିବାରର ୧୫ ବଖରା ଜଳିଗଲା

**ଟାଙ୍ଗୀ,୨୬।୪(ରଘୁନାଥ ସାହୁ)**

ଟାଙ୍ଗୀ ପଞ୍ଚାୟତ ଅନ୍ତର୍ଗତ ବିନ୍ଧାଣିଆ ଗ୍ରାମରେ ଶନିବାର ଅଗ୍ନିକାଣ୍ଡ ଘଟି ୫ଟି ପରିବାରର ୧୫ ବଖରା ସହ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଟାଙ୍ଗୀ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗ୍ରାମର ସୁଧାକର ବେହେରା, ବୃନ୍ଦାବନ ବେହେରା, ଗୋପୀନାଥ ବେହେରା, କାର୍ତ୍ତିକ ବେହେରା ଓ ରବୀନ୍ଦ୍ର ବେହେରାଙ୍କ ଘର ଜଳିଯାଇଛି। ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା ପହଞ୍ଚି ଅଗ୍ନିବିପନ୍ନ ପ୍ରତ୍ୟେକ ପରିବାରଙ୍କୁ ୫୨କେଜି ଚାଉଳ ଏବଂ ୨ହଜାର ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ସମସ୍ତ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଛି। ଅଗ୍ନିବିପନ୍ନ ପରିବାରଙ୍କୁ ପକ୍କାଘର ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି। ପ୍ରକାଶ ଯେ, ଗତ ୪ମାସ ମଧ୍ୟରେ ଏହି ଗ୍ରାମରେ ୩ ଥର ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି।



ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

# ଉତ୍କଳ ପ୍ରଦେଶ ଗଠନର ବିନ୍ଧାଣି ଥିଲେ କୃଷ୍ଣଚନ୍ଦ୍ର ଗଜପତି

### ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ସମାରୋହ

**ଖୋର୍ଦ୍ଧା,୨୬।୪(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜିଲାସ୍ତରୀୟ ଜୟନ୍ତୀ ସମାରୋହ ଶନିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ସାଫଲ୍ୟମଣ୍ଡିତ ପ୍ରଧାନ ଯୋଗଦେଇ କହିଥିଲେ, କୃଷ୍ଣଚନ୍ଦ୍ର ଗଜପତି ଏକାଧାରାରେ ଜଣେ ସୁଯୋଗ୍ୟ ଶାସକ, ଜାତିପ୍ରାଣ, ଦକ୍ଷ ପ୍ରଶାସକ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନନ୍ୟ ବିନ୍ଧାଣି ଥିଲେ। ମହାରାଜାଙ୍କ ବ୍ୟକ୍ତିତ୍ୱ, ସ୍ୱାଭିମାନ, ଓଡ଼ିଆ ଅସ୍ମିତା ଏବଂ ଜାତୀୟତା ଭାବ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ଓଡ଼ିଶାକୁ ସମୃଦ୍ଧ ରାଜ୍ୟ ଭାବେ ଗଢ଼ିବାରେ ଉତ୍କଳମଣି ଗୋପବନ୍ଧୁ ଦାସ, ମଧୁସୂଦନ ଦାସ ଏବଂ ଫକୀରମୋହନ ସେନାପତିଙ୍କ ସହ ଉତ୍କଳ ସମ୍ମିଳନୀରେ ସେ ପ୍ରମୁଖ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହକରି ୧ ଏପ୍ରିଲ ୧୯୩୬ ମସିହାରେ ଓଡ଼ିଶାକୁ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟର ମାନ୍ୟତା ଦେବାରେ ଗଜପତିଙ୍କ ଅତୁଳନୀୟ ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ମୁଖ୍ୟବକ୍ତା ଗବେଷକ ଗୋପାଳ କୃଷ୍ଣ ଦାସ କହିଥିଲେ, ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ଇତିହାସରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ତ୍ୟାଗ, କର୍ତ୍ତବ୍ୟ ସର୍ବାଗ୍ରେ ରହିବ। ମହାରାଜାଙ୍କ ଖୋର୍ଦ୍ଧା ମାଟି ସହ ନିବିଡ଼ ସମ୍ପର୍କ ଥିଲା। ଓଡ଼ିଶାର ଅସ୍ମିତା, ଭାଷା, ସାହିତ୍ୟକୁ ମଜଭୁତ କରିବା ପାଇଁ ମୟୂରଭଞ୍ଜ ରାଜାଙ୍କ ସହ ସେ ନିବିଡ଼ ସମ୍ପର୍କ ରଖିଥିଲେ। ଓଡ଼ିଆ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଁ ସେ ଖୁବ୍ ଚେଷ୍ଟା କରିଥିଲେ। ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଗଜପତି ମହାରାଜା ପୁରୋଧା ଥିଲେ। ଓଡ଼ିଶାରେ ଶିକ୍ଷା, ଶିଳ୍ପ, ଅର୍ଥନୈତିକ ମେରୁଦଣ୍ଡକୁ ସୁଦୃଢ଼ କରିବା, ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସୁଧାର ଆଣିବା ପାରଳା ମହାରାଜାଙ୍କ ଅବଦାନ। ସେ ମଧ୍ୟ ବିହାର ଏବଂ ଓଡ଼ିଶା ପକ୍ଷରୁ ଲଣ୍ଡନରେ ରାଉଣ୍ଡ ଟେବୁଲ ବୈଠକରେ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ପାଇଥିଲେ। ତାଙ୍କ ବ୍ୟକ୍ତିତ୍ୱ ଅନନ୍ୟ ଏବଂ ଅସାଧାରଣ ବୋଲି କହିଥିଲେ। ଉପଜିଲାପାଳ କିଶୋର କୁମାର ପଣ୍ଡା, ଜିଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସଭା ସଞ୍ଚାଳନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷୟିତ୍ରୀ ଶିକ୍ଷକ, କ୍ରୀଡ଼ାବିତ୍, ସାମାଜିକ କର୍ମୀ, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।



ସମାରୋହରେ ମଞ୍ଚାସୀନ ଅତିଥି।

**ଧାନ, ଚାଉଳ ବସ୍ତା ଚୋରି, ଜଣେ ଗିରଫ**

ବଲଙ୍ଗା,(କେଦାରେଶ୍ୱର ନନ୍ଦ): ବଲଙ୍ଗାର ସୁଦର୍ଶନ ପୃଷ୍ଟିଙ୍କ ଧାନ, ଚାଉଳ ଗୋଦାମ ଘରୁ ଚୋରି ହୋଇଥିବା ନେଇ ସୁଦର୍ଶନ ବଲଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଗୁରୁବାର ସୁଦର୍ଶନଙ୍କ ଗୋଦାମ ଘରୁ ଅଭିଯୁକ୍ତ ଚୋରି କରୁଥିବା ସମୟରେ କିଛି ଶବ୍ଦ ଶୁଣି ତାଙ୍କର ନିଦ ଭାଙ୍ଗି ଯାଇଥିଲା। ସେ ଉଠି ଦେଖିବା ବେଳକୁ ବଲଙ୍ଗା ମହାପାତ୍ର ସାହିର ସୁବ୍ରତ କୁମାର ମହାପାତ୍ର ଏକ ଅଟୋରେ ଚାଉଳ ଲୋଡ୍ କରୁଥିଲେ। ସୁବ୍ରତ ସୁଦର୍ଶନଙ୍କୁ ଦେଖିବାରୁ ଗାଡ଼ି ଛାଡି ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ଏନେଇ ସୁଦର୍ଶନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ଗାଡ଼ି ଜବତ କରିବା ସହ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ସୁବ୍ରତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୬।୪।୨୦୨୫

| | |
|---|---|
| ୫,୩୩,୪୧୦ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୧୮.୨୦୦ ଗ୍ରାମ୍ |

# ନୂଆ ରୂପ ପାଇପାରିନି ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର

**ନୂତନ କୋଠା ନିର୍ମାଣ ଏବେ ବି ସ୍ୱପ୍ନ: ଅଞ୍ଚଳବାସୀଙ୍କ ଅସନ୍ତୋଷ**

ଅସ୍ତରଙ୍ଗ,୨୬।୪(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୂପରେଖ ପରିବର୍ତ୍ତନ ପାଇଁ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ ପ୍ରସ୍ତୁତ ହୋଇଥିଲା। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଝରିଆକୁ ସ୍ଥାନାନ୍ତର କରାଯାଇ ଭିତ୍ତିଭୂମି ବିକାଶ କରାଯିବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଅଦ୍ୟାବଧି ସେହି ଯୋଜନା କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସୂଚନା ଅନୁଯାୟୀ, ତତ୍କାଳୀନ ବିଜେଡି ସରକାରଙ୍କ ସମୟରେ ଝରିଆଠାରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣ କରାଯିବାକୁ ସରକାରୀ ସ୍ତରରେ ସ୍ଥିର ହୋଇଥିଲା। ପୂର୍ତ୍ତବିଭାଗର ଅଧିକାରୀମାନେ ଜାଗା ଅନୁଧ୍ୟାନ କରିଥିବାବେଳେ ପ୍ରଶାସନ ପକ୍ଷରୁ ଅନେକ ଥର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ୩୫ ଏକରରୁ ଉର୍ଦ୍ଧ୍ୱ ପରିମିତ ଜାଗାରେ ଆନୁସଙ୍ଗିକ ବ୍ୟବସ୍ଥା ସହ ୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ନିର୍ମାଣ କରାଯିବାର ଯୋଜନା ରହିଥିଲା। କିନ୍ତୁ ଅଦ୍ୟାବଧି କୋଠା ନିର୍ମାଣ ଆରମ୍ଭ ହୋଇପାରି ନାହିଁ। ମେଡିକାଲ ନିର୍ମାଣ ଖର୍ଚ୍ଚ ଠାରୁ ସମ୍ପୃକ୍ତ ସ୍ଥାନରେ ଅତ୍ୟଧିକ ଖର୍ଚ୍ଚ ହେବ ବୋଲି ଏହା ସ୍ଥଗିତ ରହିଥିବା ଶୁଣିବାକୁ ମିଳୁଛି। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଅସ୍ତରଙ୍ଗ ବ୍ଲକ ଅଧୀନ ୧୫ଟି ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ବିକାଶ ଦ୍ୱାରା ଅଞ୍ଚଳବାସୀ ଅଧିକ ଉପକୃତ ହୋଇଥାନ୍ତେ। ତେବେ ଏପର୍ଯ୍ୟନ୍ତ ନୂତନ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇ ନ ଥିବାରୁ ଅସ୍ତରଙ୍ଗବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସଞ୍ଜୟ ପ୍ରଧାନ କହିଛନ୍ତି, ସରକାରଙ୍କ ପକ୍ଷରୁ ଯାହା ନିର୍ଦ୍ଦେଶ ଆସିବ, ତାହାକୁ କାର୍ଯ୍ୟକାରୀ କରାଯିବ।

## ସଂକ୍ଷେପରେ

### ଅପହୃତା ଯୁବତୀ, ଅପହରଣକାରୀ ଯୁବକ ଝାଡ଼ଖଣ୍ଡରୁ ଉଦ୍ଧାର

ନିମାପଡ଼ା,୨୬।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳରୁ ଗତ ୨୩ ତାରିଖରେ ୧୮ ବର୍ଷୀୟାଙ୍କୁ ଜଣେ ୩୩ ବର୍ଷୀୟ ଯୁବକ ଅପହରଣ କରି ନେଇଯାଇଥିଲେ। ବିଶେଷ ସୂତ୍ରରୁ ଖବର ପାଇ ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁଙ୍କ ନେତୃତ୍ୱ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଠିତ ଏକ ସ୍ୱତନ୍ତ୍ର ପୋଲିସ ଟିମ୍‌ରେ ଏଏସ୍‌ଆଇ ଲକ୍ଷ୍ମୀକାନ୍ତ ମହାନ୍ତି, ହାବିଲଦାର ଲକ୍ଷ୍ମୀଧର ନାୟକ, ଅମୀତ ମହାନ୍ତି ପ୍ରମୁଖ ଝାଡ଼ଖଣ୍ଡର ଜାମସେଦପୁର ଜିଲା ଜୁଗୁସରାଇ ଥାନା ଅଞ୍ଚଳରେ ଚଢ଼ାଉ କରି ଉକ୍ତ ଯୁବତୀ ଓ ଯୁବକଙ୍କୁ ଉଦ୍ଧାର କରିଥିଲେ। ଯୁବକଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଏହି ଅପହରଣ ସମ୍ପର୍କରେ ଅପହୃତା ଯୁବତୀଙ୍କ ବାପା ଗତ ୨୪ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସମ୍ପର୍କରେ ଅପହରଣକାରୀ ଯୁବକ ନିମାପଡ଼ା ଥାନା ଅଧୀନ ବଡ଼ମାଛପୁର ଦକ୍ଷିଣ ମହଲା ଗ୍ରାମର ସେକ୍ ସରତାଜ୍ ତାମିମ୍ ଓ ତାଙ୍କ ଭାଇଙ୍କ ବିରୋଧରେ ୧୧୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ଦକ୍ଷତା ହିଁ ଆଜିର ସମାଜରେ ମହିଳାଙ୍କୁ ସ୍ୱୀକୃତି ଦେଇଛି




ସମାରୋହରେ ଯୋଗଦେଇଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ଅନ୍ୟ ଅତିଥିମାନେ।

ନିମାପଡ଼ା,୨୬।୪(ବିଚିତ୍ରାନନ୍ଦ ସାହୁ)

ମହିଳାମାନଙ୍କ ନିଜର ଦକ୍ଷତା ହିଁ ଆଜିର ସମାଜରେ ମହିଳାଙ୍କୁ ସ୍ୱୀକୃତ ଦେଇଛି। ପ୍ରକୃତିର ସ୍ୱରୂପ ହେଉଛନ୍ତି ଝିଅ ଓ ମା'ମାନେ। ସେମାନଙ୍କ ବିକାଶ ହେଲେ ଆମ ଦେଶ ଓ ରାଜ୍ୟ ବିକଶିତ ଦେଶ ଓ ରାଜ୍ୟ ହୋଇପାରିବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିମାପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଆୟୋଜିତ ଏକ ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନୀଲ କୁମାର ନନ୍ଦ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଶକ୍ତିବ୍ରତ ଜେନା ପ୍ରମୁଖ ଯୋଗଦେଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ସେନାପତି ଉତ୍ସବରେ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ୧ କୋଟି ୫ ଲକ୍ଷ ଟଙ୍କା ବ୍ୟୟରେ ବିଦ୍ୟାଳୟର ନବନିର୍ମିତ ଶ୍ରେଣୀଗୃହ ଓ ଇ-ଲାଇବ୍ରେରୀକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଉଦ୍‌ଘାଟନ କରିଥିଲେ। ସେହିପରି ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ୧୬ ଲକ୍ଷ ୬୧ ହଜାର ଟଙ୍କା ବ୍ୟୟରେ ନବନିର୍ମିତ ବାଳିକା ବିଶ୍ରାମ କକ୍ଷକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଥିବାବେଳେ ୬ କୋଟି ୭୭ ଲକ୍ଷ ଟଙ୍କା ବ୍ୟୟରେ ୨୦୦ ଶଯ୍ୟା ବିଶିଷ୍ଟ ନୂତନ ଛାତ୍ରୀ ନିବାସର ପରିଡ଼ା ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। କଲେଜଠାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପରିଡ଼ା, ସମ୍ମାନିତ ଅତିଥି ଭାବେ କଲେଜ ଅଧ୍ୟକ୍ଷା ଶିକ୍ଷାବିତ୍ ପୁଷ୍ପିତା ରାଜଗୁରୁ ପ୍ରଶାସନିକ ଅଧିକାରୀ ଡ. ରବୀନ୍ଦ୍ରନାଥ ପାଢ଼ୀ, ପ୍ରଦୀପ ଦାଶ, ଚନ୍ଦ୍ରମଣୀ ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ୍.ଇ ସତ୍ୟଜିତ୍ ଦଳାଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ବଡ଼ଜେନା, ସହକାରୀ ସ୍ମୃତି ରଞ୍ଜନ କାନୁନ୍‌ଗୋ, ପୁରାତନ ଛାତ୍ର ସଂସଦ ସଭାପତି ବସନ୍ତ ମହାନ୍ତି, ସମ୍ପାଦକ ବସନ୍ତ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ଆନନ୍ଦ ଉତ୍ସବ-୨୦୨୫ ପାଳିତ

ପୁରୀ,୨୬।୪(ଅଜିତ୍ କୁମାର ମହାନ୍ତି)

ପୁରୀର ସ୍ୱେଚ୍ଛାସେବୀ ସଙ୍ଗଠନ ହାପିନେସ ଫାଉଣ୍ଡେଶନର ୫ମ ପ୍ରତିଷ୍ଠା ଦିବସ 'ଆନନ୍ଦ ଉତ୍ସବ-୨୦୨୫' ଜିଲା ସଂସ୍କୃତି ଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ମୁଖ୍ୟବକ୍ତା ଭାବେ ଭାରତୀୟ ମାନକ ବ୍ୟୁରୋର ଡାଇରେକ୍ଟର ତଥା ଭୁବନେଶ୍ୱର ମୁଖ୍ୟ ଏ. କେ. ପୁରୋହିତ, ବିଶିଷ୍ଟ ଅତିଥି ଭାବେ ପୁରୀ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଇ-୨୪ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଇଂ. ରାଜେଶ ମିଶ୍ର, ଭାରତ ବିକାଶ ପରିଷଦର ରାଜ୍ୟ ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ, ଦି ବେଲ୍ ଅନୁଷ୍ଠାନର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ଏବଂ ବିଶିଷ୍ଟ ସାମାଜିକ କର୍ମୀ ଅଭିମନ୍ୟୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମାଜସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରୀ ଜିଲା ଏବଂ ଜିଲା ବାହାରୁ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ବିଭିନ୍ନ ସମୟରେ ସାମାଜିକ ସେବା କାର୍ଯ୍ୟରେ ଜଡିତ ଥିବା ସମସ୍ତ ସଭ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ହାପିନେସ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଦୀପ୍ତ କୁମାର ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟ ରଞ୍ଜନ ସାହୁ ପରିଚାଳନା କରିଥିଲେ। ଶୁଭଜିତ୍ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ପରିବେଶ ସୁରକ୍ଷା, ରକ୍ତଦାନ ଓ ଜରୁରୀକାଳୀନ ପରିସ୍ଥିତିରେ ଅନୁଷ୍ଠାନ କାର୍ଯ୍ୟ କରିଆସୁଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଗୌତମ



@ ଜିପୁନ୍



@ ସୁନିଲ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କଳା ପରିଷଦର ନୂତନ ପରିଚାଳନା କମିଟି ଗଠିତ




ସାକ୍ଷୀଗୋପାଳ,୨୬।୪(ଭରତ ରାଉତ)

ପ୍ରିୟଦର୍ଶିନୀ ସାଂସ୍କୃତିକ କଳା ପରିଷଦର ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି। ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଶୁକଳ ପଞ୍ଚାୟତର ବାଣପୁର ଶୁକଳପଡ଼ା ଛକରେ ଥିବା ଅନୁଷ୍ଠାନକୁ ସୁଚାରୁରୂପେ ପରିଚାଳନା କରିବା, ଗ୍ରାମାଞ୍ଚଳ ଛାତ୍ରୀଛାତ୍ରମାନଙ୍କ ଅନ୍ତର୍ନିହିତ କଳାର ବିକାଶ ଓ ଛାତ୍ରୀଛାତ୍ରଙ୍କ ନିମନ୍ତେ ସମସ୍ତ ସୁବିଧା ସୁଯୋଗ ପାଇଁ ବିହିତ ପଦକ୍ଷେପ ନେବାକୁ ଆଲୋଚନା କରାଯାଇଥିଲା। ଶନିବାର ଅପରାହ୍ନରେ ଅନୁଷ୍ଠାନର କକ୍ଷ ମଧ୍ୟରେ କଳା ପରିଷଦର ପ୍ରତିଷ୍ଠାତା ରମାକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଶିକ୍ଷାବିତ୍‌ମାନଙ୍କ ଉପସ୍ଥିତିରେ ଏକ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। ବୈଠକରେ ବୟୋଜ୍ୟେଷ୍ଠ ତଥା ଗ୍ରାମ ମୁରବୀ ଚନ୍ଦ୍ରଭାନୁ ପ୍ରଧାନଙ୍କୁ ସର୍ବସମ୍ମତିକ୍ରମେ ନବଗଠିତ ସଭାପତି ରୂପେ ମନୋନିତ କରାଯାଇଛି। ଆବାହକ ରବିନାରାୟଣ ମହାନ୍ତି, ଉପସଭାପତି ବିଦ୍ୟାଧର ପ୍ରଧାନ, ସମ୍ପାଦକ ଅଭିମନ୍ୟୁ ଜେନା, ସହସମ୍ପାଦକ ନିରଞ୍ଜନ ବରାଳ, ମୁଖ୍ୟ ଉପଦେଷ୍ଟା ବାସନ୍ତୀ ମହାପାତ୍ରଙ୍କୁ ନେଇ ଏକ ପୂର୍ଣ୍ଣାଙ୍ଗ କମିଟି ଗଠିତ ହୋଇଛି। ନୂତନ ପରିଚାଳନା କମିଟି ସଭାପତି ପ୍ରଧାନ ଓ ଆବାହକ ମହାନ୍ତି ଅନୁଷ୍ଠାନର ବିକାଶ ଦିଗରେ ପୂର୍ଣ୍ଣ ସହଯୋଗ କରିବାକୁ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିବା ସହ ସମସ୍ତଙ୍କ ସହଯୋଗରେ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାକୁ ଗଢ଼ି ତୋଳିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଚ୍ଚିକାନ୍ତ ସାହୁ, ଅକ୍ଷୟ କୁମାର ପ୍ରଧାନ, ପୀତବାସ ପ୍ରଧାନ, ଧବଳେଶ୍ୱର ପ୍ରଧାନ, ନିରଞ୍ଜନ ବିଶ୍ୱାଳ, ରବିନ୍ଦ୍ର ବସ୍ତି, ଅକ୍ଷୟ କୁମାର ବରାଳଙ୍କ ସମେତ ସ୍ଥାନୀୟ ଅଭିଭାବକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ପରିଷଦ ପକ୍ଷରୁ ଅଜୟ କୁମାର ସେଠୀ, ଲକ୍ଷ୍ମୀଧର ରାଉତ ଓ ପ୍ରଭାକର ବିଶ୍ୱାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଉଦ୍‌ଘାଟନୀ ଜିତିଲା ଉଗ୍ରତାରା କ୍ଲବ୍

ଅସ୍ତରଙ୍ଗ,୨୬।୪(ମମତା ଜେନା)

କାକଟପୁର ମିନି ଷ୍ଟାଡିୟମଠାରେ ତୁଷାରକାନ୍ତି ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, କାକଟପୁର ମଙ୍ଗଳା ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡ. ସଂଗ୍ରାମ ଛାଟୋଇ, ସୁନିଲ ମହାନ୍ତି ଓ ଶୁଭେନ୍ଦୁ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଶୋଭର୍ସ ସ୍ପୋର୍ଟିଂକୁ ୨୦ ରନ୍‌ରେ ହରାଇ ଉଗ୍ରତାରା କ୍ରିକେଟ କ୍ଲବ୍ ବିଜୟୀ ହୋଇଛି।

ଟସ ଜିତି ପ୍ରଥମେ ଚନ୍ଦନପୁର ଉଗ୍ରତାର କ୍ରିକେଟ କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୫୩ ରନ କରିଥିଲା। ଦଳ ପରୁ ଶକ୍ତିସ୍ୱରୂପ ଦାସ ୩୦ ବଲ୍‌ରେ ୫୮ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ ଶୋଭର୍ସ ସ୍ପୋର୍ଟିଂ ଟିମ୍ ନିର୍ଦ୍ଧାରିତ ଓଭରରେ ୮ ୱିକେଟ୍ ହରାଇ ୧୨୩ ରନ କରି ପରାଜୟ ହୋଇଥିଲା। ମ୍ୟାନ୍ ଅଫ ଦ ମ୍ୟାଚ୍ ଭାବେ ଶକ୍ତିସ୍ୱରୂପ ଦାସଙ୍କୁ ଘୋଷଣା କରାଯାଇଥିଲା। କାକଟପୁର ସରପଞ୍ଚ ଅଭୟ କୁମାର ସେଠୀ ମ୍ୟାନ୍ ଅଫ ଦ ମ୍ୟାଚ୍ ପୁରସ୍କାର ଦେଇଥିବା ଖେଳ ପରିଚାଳନା କରିଥିଲେ ରଞ୍ଜିତ ମହାରଣା ଓ ତ୍ରିଭୁବନ ଦାସ। ଦ୍ୱିତୀୟ ଦିବସରେ ମହାବୀର ସ୍ପୋର୍ଟିଂ ପୁରୀ ଓ ଗୋପ କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୋପ କ୍ରିକେଟ୍ କ୍ଲବକୁ ୪୨ରନ୍‌ରେ ହରାଇ ମହାବୀର ସ୍ପୋର୍ଟିଂ ବିଜୟୀ ହୋଇଛି। ମହାବୀରର ସୌମେନ୍ଦ୍ର ବେହେରାଙ୍କୁ ମ୍ୟାନ୍ ଅଫ ଦ ମ୍ୟାଚ୍ ପୁରସ୍କାର ଘୋଷଣା କରାଯାଇଛି। ସ୍କୋରର ଭାବେ ଦୟାନିଧି, ପ୍ରକାଶ, ପିଙ୍କୁଲା, ସଭ୍ୟ ରାଜା, ନିନୁ, ଅମ୍ଳାନ, ରାହୁଲ, ଦିପୁ, ବବୁଲ, ଡେଭିଡ୍ ସହଯୋଗ କରିଥିଲେ। ଭାଷ୍ୟକାର ଭାବେ ପ୍ରଦୀପ କୁମାର ପଣ୍ଡା ଦାୟିତ୍ୱ ତୁଲାଇଥିଲେ।

## ବ୍ରହ୍ମଗିରିରେ ବିଜେଡିର ମଶାଲ ଶୋଭାଯାତ୍ରା



ପୁରୀ,୨୬।୪(ଅଜିତ୍ କୁମାର ମହାନ୍ତି)

କଶ୍ମୀର ପହଲଗାମ ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଘଟଣାରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ବ୍ରହ୍ମଗିରି ସଚେତନ ନାଗରିକ, ଯୁବ, ଛାତ୍ର ଓ ମହିଳା ସଙ୍ଗଠନ ତରଫରୁ ଶନିବାର ବ୍ରହ୍ମଗିରିଠାରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସିନେମା ହଲ୍ ଛକଠାରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇ ବ୍ରହ୍ମଗିରି ବଜାର ଦେଇ ଅଲାରନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି କ୍ୟାଣ୍ଡେଲ ଶୋଭାଯାତ୍ରାରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି କାର୍ଯ୍ୟକ୍ରମ ରୂପାୟନ କମିଟିର ଅଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଉପସ୍ଥିତ ରହି ଆତଙ୍କବାଦୀ ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାସହିତ ଦେଶରୁ ଆତଙ୍କବାଦ ମୂଳପୋଛ ପାଇଁ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି ଦାସବର୍ମା। କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବରିଷ୍ଠ ସାମାଜିକ କର୍ମୀ ସୁରେନ୍ଦ୍ର ନାଥ ଜେନା, କମ୍ୟୁନିଷ୍ଟ ନେତା ଭୀମ ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଦ୍ୟାଧର ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ବ୍ରହ୍ମଗିରି ବ୍ଲକ ପୂର୍ବତନ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ରାୟ, ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ଆଇନଜୀବୀ ଭାସ୍କର ଜେନା, ଯୁବ ନେତୃତ୍ୱ ବିଜୟ ଦଳାଇ, ଜୟନ୍ତୀ କୁମାର ମହାନ୍ତି, ବ୍ରହ୍ମଗିରିର ଯୁବ, ଛାତ୍ର ସମାଜ, ମହିଳା ନେତୃତ୍ୱ ମାନସୀ ହରିଚନ୍ଦନ, ସସ୍ମିତା ସାହୁ ଏବଂ ସାଧାରଣ ଜନତା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ବିନା ସୁରକ୍ଷାରେ କାମ କରୁଛନ୍ତି ଶ୍ରମିକ

କଣାସ,୨୬।୪(ବିଭୂତି ଭୂଷଣ ତ୍ରିପାଠୀ)

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଦିନକୁ ଦିନ ବଢ଼ିଚାଲିଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିନ ୯ଟା ପରେ ମଜୁରିଆମାନେ କାମ ନ କରିବା ପାଇଁ ନିର୍ଦ୍ଦେଶ ରହିଛି। ଏନେଇ ମଧ୍ୟ ଗଣମାଧ୍ୟମରେ ଡେଙ୍ଗୁରା ପିଟାଯାଉଥିବାବେଳେ ଶନିବାର କଣାସ ବ୍ଲକ ପାଣ୍ଡିଆକେରା ପଞ୍ଚାୟତର ପାଣ୍ଡିଆକେରା ଗ୍ରାମରେ ନିର୍ମାଣ କରାଯାଉଥିବା ୫୦ ଫୁଟରୁ ଉର୍ଦ୍ଧ୍ୱ ଓଭରହେଡ୍ ପାଣିଟାଙ୍କି ଉପରେ ବିନା ସୁରକ୍ଷାରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ କଣାସ ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ରଞ୍ଜନ ସାମନ୍ତରାୟ କହିଛନ୍ତି, ଶ୍ରମିକମାନେ କାମ କରୁଥିବା ଖବର ପାଇ ଘଟଣାସ୍ଥଳରେ ୧ଟା ବେଳେ ପହଞ୍ଚି ଦେଖିଥିଲି, କେତେଜଣ ଶ୍ରମିକ ବିନା ସୁରକ୍ଷାରେ କାମ କରୁଛନ୍ତି। ସେମାନଙ୍କୁ ମନା କରିବାରୁ ସେମାନେ ତଳକୁ ଓହ୍ଲାଇ ଆସିଥିଲେ। କେଉଁ ସରକାରୀ ଅଧିକାରୀଙ୍କ ନିର୍ଦ୍ଦେଶରେ ଶ୍ରମିକମାନେ ବିନା ସୁରକ୍ଷାରେ ଖରାରେ କାମ କରୁଥିଲେ ତାହା ଆଲୋଚନାର ବିଷୟ ହୋଇଛି।

## ଲାଇଫଗାର୍ଡ ସାର୍ଟିଫିକେଟ ପାଠ୍ୟକ୍ରମ ପ୍ରଶିକ୍ଷଣ ଶିବିର

କୋଣାର୍କ,୨୬।୪(ଜ୍ୟୋତିରାଜ ମହାନ୍ତି)

ଚନ୍ଦ୍ରଭାଗା ବହୁମୁଖୀ ବାତ୍ୟାଆଶ୍ରୟସ୍ଥଳୀଠାରେ ପର୍ଯ୍ୟଟନ ବିଭାଗ ଓ ଭାରତୀୟ ପର୍ଯ୍ୟଟନ ପ୍ରତିଷ୍ଠାନ ଟ୍ରାଭେଲ ମ୍ୟାନେଜମେଣ୍ଟ ମିଳିତ ଆନୁକୂଲ୍ୟରେ ଚନ୍ଦ୍ରଭାଗା ସମୁଦ୍ରକୂଳରେ ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ଲାଇଫ୍‌ଗାର୍ଡ ସାର୍ଟିଫିକେଟ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ୧୦୦ ଜଣ ଯୁବ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ସମାରୋହରେ ଅତିଥି ଭାବେ ଭାରତୀୟ ପର୍ଯ୍ୟଟନ ପ୍ରତିଷ୍ଠାନ ଓ ଟ୍ରାଭେଲ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନର ବରିଷ୍ଠ ସହପ୍ରାଧ୍ୟାପକ ଡ. ସ୍ୱଜନ ଶ୍ରୀୟନ, ପ୍ରତିଷ୍ଠାନର ବରିଷ୍ଠ ପ୍ରାଧ୍ୟାପିକା ସରିତା ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ରଞ୍ଜନ ସେଠୀ, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ, ବରିଷ୍ଠ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ର ନାଥ ବାହିନୀପତି, ଏନ୍‌ସିସି ଅଧିକାରୀ ବିନୟ ଭୂଷଣ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଯୁବ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଶିକ୍ଷଣ ଶିବିରରେ ସ୍ଥାନୀୟ ଅଞ୍ଚଳର ୧୦୦ ଯୁବ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲା ବେଳେ ପ୍ରଶିକ୍ଷକ ଭାବେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମାଷ୍ଟର ଟ୍ରେନର ବାଇଧର ପ୍ରଧାନ, ପର୍ଯ୍ୟଟନ ବିଭାଗ ସ୍ୱୀକୃତିପ୍ରାପ୍ତ ଗାଇଡ୍ ବିରଞ୍ଚି ନାରାୟଣ ରଥ, ରାଜ୍ୟସ୍ତରୀୟ ଭଲିବଲ କୋଚ୍ ସୁକାନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ଅନ୍ୟ ପାଇଁ ପ୍ରେରଣା ସାଜିଛନ୍ତି ନରସିଂହ

ସାକ୍ଷୀଗୋପାଳ,୨୬।୪(ଭରତ ରାଉତ)



ଚାଷୀ ନରସିଂହ ବିଶ୍ୱାଳ

ଜଣେ ପରିଶ୍ରମୀ ମଣିଷର ନିଷ୍ଠାପର ଉଦ୍ୟମ ଅସମ୍ଭବକୁ ସମ୍ଭବ କରିଥାଏ। ସେହି ଉଦ୍ୟମୀ ଓ ସଫଳ ଚାଷୀ ଜଣଙ୍କ ହେଲେ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଅଳଗୁମ ପଞ୍ଚାୟତର ଜିପୁର ପ୍ରଧାନସାହିର ନରସିଂହ ବିଶ୍ୱାଳ। ବର୍ତ୍ତମାନ ଚାଷୀମାନେ ଚାଷପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବା ବେଳେ ସବୁଜ ପନିପରିବା ଚାଷ କରି ନରସିଂହ ପରିବାର ଚଳାଇବା ସହିତ ବର୍ଷକୁ ଲକ୍ଷାଧିକ ଟଙ୍କା ରୋଜଗାର କରିପାରୁଛନ୍ତି। ସମ୍ପ୍ରତି ଚାଷୀଙ୍କ ପାଇଁ ସରକାର ଅନେକ ଯୋଜନା କରିବା ସହିତ ବିଭିନ୍ନ ସମୟରେ ଋତୁ ଅନୁସାରେ ବିହନଠାରୁ ଆରମ୍ଭ କରି କୃଷି ଉପକରଣ ଯୋଗାଇ ଦେଉଛନ୍ତି। କିନ୍ତୁ ଏହି ଚାଷୀ ଜଣଙ୍କ ନିଜସ୍ୱ ଉଦ୍ୟମରେ ବର୍ଷର ସବୁ ସମୟରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରି ଲୋକଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

ପିଲାଟି ଦିନରୁ ଅଭାବ ଅନଟନରେ ବଢ଼ିବା ସହିତ ନିଜେ ରୋଜଗାର କରିବା ଲକ୍ଷ୍ୟନେଇ ପରିବା ଚାଷକୁ ଆପଣେଇ ନେଇଥିଲେ। ଉତ୍ପାଦିତ ପନିପରିବାକୁ ନିଜେ ବାଇକରେ ଗାଁ ଗାଁ ବୁଲି ବିକିଥାନ୍ତି। ସେ ପ୍ରଥମେ ପରିବା ଚାଷ ସମ୍ବନ୍ଧରେ କୌଣସି ଅଭିଜ୍ଞତା ନ ଥିବାରୁ ବାରମ୍ବାର ପରିବା ଚାଷ କରି କ୍ଷତି ସହି ଆସୁଥିଲେ। ତଥାପି ସେ ଚାଷ କାମରୁ ନିବୃତ୍ତ ନ ହୋଇ ଧୈର୍ଯ୍ୟର ସହିତ କରି ଆସୁଥିଲେ। ଆଜକୁ ୧୫ ବର୍ଷରୁ ଉର୍ଦ୍ଧ୍ୱ ହେବ ସେ ପରିବା ଚାଷକୁ ଭଲ ଭାବରେ କରିବା ସହିତ ପରିବା ଚାଷରେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ରୋଜଗାର କରିପାରୁଥିବା ପ୍ରକାଶ କରିଛନ୍ତି। ନରସିଂହ ବର୍ତ୍ତମାନ ପନିପରିବା ଚାଷକୁ ଏପରି ସୁନ୍ଦର ଭାବେ କରୁଛନ୍ତି ଯାହା ଚାଷୀଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଏହି ସଫଳ ଚାଷୀ ଜଣଙ୍କ କୃଷି ବିଭାଗର ବିନା ପରାମର୍ଶରେ ସୁନ୍ଦର ଭାବେ ଚାଷ କରି ଜୀବିକା ନିର୍ବାହ କରୁଛନ୍ତି। ବର୍ଷା ଦିନେ ମୂଳା ଚାଷ କରିବା ସହିତ ବର୍ଷାଦିନିଆ ଫୁଲକୋବି, ଲଙ୍କା, ଧନିଆ, ବିଲାତି, ଭେଣ୍ଡି ଚାଷ କରିଥାନ୍ତି। ଶୀତ ଆସିଲା ମାତ୍ରେ ଫୁଲକୋବି, ବନ୍ଧାକୋବି, ବିଲାତି ଆଦି ଚାଷ କରିଥାନ୍ତି। ସେହିପରି ଖରାଦିନରେ ଝୁଡ଼ଙ୍ଗ, କଲରା, କାକୁଡ଼ି ଆଦି ଚାଷ କରି ବର୍ଷକୁ ହାରାହାରି ୮ରୁ ୧୦ ଲକ୍ଷ ଟଙ୍କା ରୋଜଗାର କରିପାରୁଛନ୍ତି।

ଚଳିତ ବର୍ଷ ଶୀତଦିନେ ୫ ହଜାର ଫୁଲକୋବି, ୩ ହଜାର ବିଲାତି ଏବଂ ୨ ହଜାର ବନ୍ଧାକୋବି ଚାଷ କରିଥିଲେ। ଏହି ଚାଷୀ ପ୍ରତିଦିନ ପନିପରିବା ଚାଷରେ ୫ରୁ ୭ ଜଣ ଚାଷୀଙ୍କୁ ରକ୍ଷଣାବେକ୍ଷଣ କରିବା ପାଇଁ ନିୟୋଜିତ କରିଥାନ୍ତି। ପ୍ରତିବର୍ଷ ୪ରୁ ୫ ଲକ୍ଷ ସଞ୍ଚୟ କରିପାରୁଛନ୍ତି ବୋଲି କହିଛନ୍ତି। ସଫଳ ଚାଷୀ ନରସିଂହଙ୍କଠାରୁ ଦେଖି ଗ୍ରାମର ଅନେକ ଚାଷୀ ପରିବା ଚାଷ ଆରମ୍ଭ କରୁଛନ୍ତି। ସତ୍ୟବାଦୀ ବ୍ଲକ ଜିପୁର ଗ୍ରାମର ନରସିଂହ ନିଜସ୍ୱ ଉଦ୍ୟମରେ ବ୍ଲକର ଜଣେ ସଫଳ ଚାଷୀ ଭାବେ ପରିଗଣିତ ହୋଇପାରିଛନ୍ତି। ପରିବା ଚାଷ ତାଙ୍କୁ ଆତ୍ମସନ୍ତୋଷ ଦେଇପାରିଛି ବୋଲି ପ୍ରକାଶ କରିଛନ୍ତି।

# ସ୍ୱପ୍ନାଦେଶରୁ ଝିଅକୁ ହତ୍ୟା କରିଥିଲେ ମା’

ବୀରମହାରାଜପୁର,୨୬।୪
(ଯୁଗଳ କିଶୋର ମିଶ୍ର)


ନିଶା

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ କୋଟସମଲେଇ ଗ୍ରାମରେ ଜଣେ ମା’ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ନିଜ ୬ବର୍ଷର ଝିଅର ତଣ୍ଟିଚିପି ହତ୍ୟା କରିଥିଲେ। ୨ମାସ ତଳେ ଘଟିଥିବା ଏହି ଘଟଣାର ରହସ୍ୟ ଉନ୍ମୋଚନ କରି ବୀରମହାରାଜପୁର ଥାନା ପୋଲିସ ଶନିବାର ଅଭିଯୁକ୍ତ ମା’ ଆଶାଲତା ମହାପାତ୍ର(୪୨)ଙ୍କୁ ଗିରଫ କରିଛି।

ପୋଲିସ ସୂଚନା ଅନୁସାରେ କୋଟସମଲେଇର ଗଣେଶ ମହାପାତ୍ରଙ୍କ ଝିଅ ନିଶା ସ୍ଥାନୀୟ ସ୍କୁଲରେ ପ୍ରଥମ ଶ୍ରେଣୀରେ ପାଠ ପଢୁଥିଲେ। ସବୁଦିନ ଭଳି ଗତ ଫେବୃଆରୀ ୨୪ ଅପରାହ୍ନରେ ସ୍କୁଲ ଛୁଟି ହେବା ପରେ ସେ ଘରକୁ ଫେରିଥିଲେ। ଖାଇ ସାରି ଘରେ ଶୋଇଥିବା ବେଳେ ମା’ ଆଶାଲତା ନିଶାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ନିଶାଙ୍କ ବାପା ଗଣେଶ ଏବଂ ତାଙ୍କ ଦୁଇ ପୁଅ ବିବାହ ଭୋଜିରେ ଖାଦ୍ୟ ପରିବେଷଣ କରିବାକୁ ଯାଇଥିଲେ। ଘରକୁ ଫେରି ଗଣେଶ ଝିଅକୁ ଉଠାଇଥିଲେ ହେଁ ସେ ଉଠି ନ ଥିଲା। ନିଶାର ବେକରେ ଦାଗ ଚିହ୍ନ ଥିବା ଗଣେଶ ଦେଖିଥିଲେ। ଅବିଳମ୍ବେ ଝିଅକୁ ଉଲୁଣ୍ଡା ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୀରମହାରାଜପୁର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ସ୍ତ୍ରୀଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା ଗଣେଶ ସେତେବେଳ ପୋଲିସକୁ କହିଥିଲେ। ହେଲେ ନିଶାଙ୍କ ବେକରେ ଥିବା ଦାଗକୁ ନେଇ ପୋଲିସ ତଦନ୍ତ ଜାରି ରଖିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଶ୍ୱାସରୁଦ୍ଧ କରି ନିଶାକୁ ମାରି ଦିଆଯାଇଥିବା ପୋଲିସର ସନ୍ଦେହ ଦୃଢୀଭୂତ ହୋଇଥିଲା। ଶନିବାର ପୋଲିସ ଆଶାଲତାଙ୍କୁ ଥାନାକୁ ଆଣି ପଚରାଉଚରା କଲା ପରେ ସେ ନିଜ ଦୋଷ ସ୍ୱୀକାର କରିଥିଲେ। ଦେବୀ ମା’ ସ୍ୱପ୍ନରେ ନିର୍ଦ୍ଦେଶ ଦେବାରୁ ସେ ଝିଅର ତଣ୍ଟିଚିପି ମାରିଦେଲେ ବୋଲି କହିଥିଲେ। ଫଳରେ ପୂର୍ବରୁ ରୁଜୁ ଅପମୃତ୍ୟୁ ମାମଲା ହତ୍ୟା ମାମଲା (ନଂ. ୯୬/୨୫)ରେ ପରିବର୍ତ୍ତିତ ହୋଇଥିଲା। ଆଶାଲତାଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବୀରମହାରାଜପୁର ଉପକାରାଗାରକୁ ପଠାଇ ଦିଆଯାଇଥିବା ଆଇଆଇସି ଶୋଭାକର ସେଠ କହିଛନ୍ତି।

# ୩ ଦିନରେ ୧୧ଜଣଙ୍କ ବୟାନ ରେକର୍ଡ

ବ୍ରହ୍ମପୁର, ୨୬।୪(ସୁବାସ ଚନ୍ଦ୍ର ପାଢ଼ୀ)

**ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲା**


କ୍ରାଇମବ୍ରାଞ୍ଚ ଅଧିକାରୀମାନେ ତଦନ୍ତ କରି ଫେରୁଛନ୍ତି।

ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲାର ତଦନ୍ତ ଜାରି ରଖିଛି କ୍ରାଇମ୍‌ବ୍ରାଞ୍ଚ। ଶନିବାର କ୍ରାଇମ୍‌ବ୍ରାଞ୍ଚ ଏଏସ୍‌ପି ବିଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଅଭିଯୁକ୍ତ ଗୋପାଳ ଦାସଙ୍କ ବ୍ରହ୍ମପୁରସ୍ଥିତ ବାସଭବନକୁ ଯାଇଥିଲା। ଆଙ୍କୋଲି ଶିଳ୍ପାଞ୍ଚଳ ନିକଟସ୍ଥ ପଞ୍ଚଶୀଳମାର୍ଗରେ ଥିବା ବାସଭବନରେ ଗୋପାଳଙ୍କ ସ୍ତ୍ରୀ ଜୟନ୍ତୀ ଦାସଙ୍କ ସହିତ କ୍ରାଇମବ୍ରାଞ୍ଚ ଟିମ୍ ଆଲୋଚନା କରିଥିଲା। ଗୁଳିମାଡ଼ ଦିନ ଓ ଏହା ପୂର୍ବରୁ ସ୍ତ୍ରୀଙ୍କ ସହିତ ଗୋପାଳ କ’ଣ ସବୁ କଥା ହୋଇଥିଲେ ସେନେଇ କ୍ରାଇମ୍‌ବ୍ରାଞ୍ଚ ଟିମ୍ ତାଙ୍କୁ ପଚରାଉଚରା କରିଥିଲା। ଏଥିସହ ତାଙ୍କର ବୟାନ ରେକର୍ଡ କରାଯାଇଥିବା ଏଏସ୍‌ପି ମଲ୍ଲିକ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୧ଜଣଙ୍କୁ ଜେରା କରାଯାଇ ବୟାନ ରେକର୍ଡ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଘଟଣାର ତଦନ୍ତ ଜାରି ରହିଥିବା ବେଳେ ଆହୁରି କିଛି ଲୋକଙ୍କୁ ପଚରାଉଚରା କରାଯିବ ବୋଲି ମଲ୍ଲିକ କହିଛନ୍ତି। ଏହି ମାମଲାର ଖୋଳତାଡ଼ ପାଇଁ ଗତ ୨୩ ତାରିଖରୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ବ୍ରହ୍ମପୁରରେ ଡେରା ପକାଇଛି। ୨୪ ତାରିଖରୁ ବିଭିନ୍ନ ଲୋକଙ୍କୁ ଡାକି ଜେରା କରୁଛି। ହତ୍ୟା ପୂର୍ବରୁ ଗୋପାଳ ଯେଉଁମାନଙ୍କ ସହିତ ଫୋନ୍‌ରେ କଥା ହୋଇଥିଲେ ତା’ର ସିଡିଆର୍ (କଲ ଡିଟେଲ ରେକର୍ଡ) ବାହାର କରି ଜଣକ ପରେ ଜଣେ ବ୍ୟକ୍ତିଙ୍କୁ କ୍ରାଇମବ୍ରାଞ୍ଚ ଜେରା କରୁଛି। ପୂର୍ବରୁ କ୍ରାଇମବ୍ରାଞ୍ଚ ଟିମ୍ ଗୋପାଳଙ୍କ ପୁଅ ମନୋଜ ଦାସ, ଭାଇ ସତ୍ୟ ନାରାୟଣ ଦାସ ଓ ତାଙ୍କ ପୁତୁରା ପ୍ରଦୀପ ଦାସଙ୍କୁ ପଚରାଉଚରା କରି ବୟାନ ରେକର୍ଡ କରିଛି।

# ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା

ଦିଗପହଣ୍ଡି,୨୬।୪(ଅଶେଷ ନାଥ ମିଶ୍ର)


ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ।

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ଗ୍ରାମରେ ଘଟିଛି ଏକ ହୃଦୟବିଦାରକ ଘଟଣା। ଶୁକ୍ରବାର ସନ୍ଧ୍ୟାରୁ ନିଖୋଜ ଥିବା ଜଣେ ୪ ବର୍ଷୀୟା ଶିଶୁକନ୍ୟାଙ୍କ କ୍ଷତାକ୍ତ ମୃତଦେହ ଶନିବାର ସକାଳେ ପାଟପୁର ପୋଲିସ ଜବତ କରିଛି। ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଗ୍ରାମବାସୀ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ମୃତ ଶିଶୁ ଜଣକ ହେଲେ ସାନଖେମୁଣ୍ଡି ବ୍ଲକ ମହାନଳା ଅଞ୍ଚଳର। ଗତ ୧୮ ତାରିଖରୁ ଚାଲିଥିବା ଯାତ୍ରା ଦେଖିବାକୁ ଶିଶୁକନ୍ୟା ଜଣକ ମା’ଙ୍କ ସହ ଅଜା ଘର ଖଲିଙ୍ଗି ଗ୍ରାମ ଚନ୍ଦନ ନଗରକୁ ଆସିଥିଲେ। ଶୁକ୍ରବାର ଥିଲା ଯାତ୍ରାର ଉଦ୍‌ଯାପନୀ ଦିବସ। ସନ୍ଧ୍ୟାରେ ଶିଶୁକନ୍ୟାଟି ଘର ନିକଟରେ ସାଙ୍ଗସାଥୀଙ୍କ ସହ ଖେଳୁଥିବା ବେଳେ ହଠାତ୍ ନିଖୋଜ ହୋଇ ଯାଇଥିଲେ। ଏନେଇ ଯାତ୍ରା କମିଟି ପକ୍ଷରୁ ମାଇକ୍ ଯୋଗେ ସୂଚନା ଦିଆଯାଇଥିଲା। ପରେ ପାଟପୁର ଥାନାରେ ଶିଶୁ ନିଖୋଜ ସମ୍ପର୍କରେ ଅବଗତ କରାଯିବା ପରେ ପୋଲିସ ଗାଁରେ ପହଞ୍ଚି ତଦନ୍ତ କରି ଫେରିଥିଲେ। ପରିବାର ଲୋକେ ରାତିସାରା ଗ୍ରାମବାସୀଙ୍କ ସହାୟତାରେ ବିଭିନ୍ନ ସ୍ଥାନ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା।

ଅନ୍ୟପକ୍ଷରେ ଗ୍ରାମର କେତେ ଜଣ ବ୍ୟକ୍ତି ଶନିବାର ସକାଳେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ନିର୍ମାଣାଧୀନ ଅଙ୍ଗନୱାଡି କେନ୍ଦ୍ରଠାରେ ଶିଶୁକନ୍ୟାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଏନେଇ ପାଟପୁର ଥାନାକୁ ଖବର ଦେବାରୁ ଆଇଆଇସି ଦୀପ୍ତି ରଞ୍ଜନ ବେହେରା ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ଆସିକା ଏସ୍‌ଡିପିଓ ସନ୍ତୋଷ ଜେନା ଏବଂ ଛତ୍ରପୁରରୁ ଆସିଥିବା ପୋଲିସ ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାଡ୍‌ର ତଦନ୍ତ ପରେ ଶିଶୁକନ୍ୟାଙ୍କୁ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ପୋଲିସ ଘଟଣା ସ୍ଥଳରୁ କେତେକ ସାମଗ୍ରୀ ଜବତ କରିଛି। ଖବରପାଇ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଗ୍ରାମରେ ପହଞ୍ଚି ଗ୍ରାମବାସୀ ଏବଂ ଶୋକସନ୍ତପ୍ତ ପରିବାର ଲୋକଙ୍କୁ ଭେଟି ଆଲୋଚନା କରିଛନ୍ତି।

## ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ

କୋକସରା,୨୬।୪
(ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)

ଉଭୟେ ପରସ୍ପରକୁ ଭଲ ପାଉଥିଲେ। ହେଲେ ଅଲଗା ଜାତିର ହୋଇଥିବାରୁ ସେମାନଙ୍କ ପ୍ରେମକୁ ସାମାଜିକ ସ୍ୱୀକୃତି ମିଳି ନ ଥିଲା। ଶେଷରେ ଦୁହେଁ ଚରମ ନିଷ୍ପତ୍ତି ନେଇ ଗଛରେ ଫାଶ ଲଗାଇ ଝୁଲି ପଡ଼ିଥିବା କୁହାଯାଉଛି। ଏଭଳି ଘଟଣା ଶନିବାର କଳାହାଣ୍ଡି ଜିଲା ଆମପାଣି ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଆମପାଣି ଥାନା କାଉଡୋଳା ଗ୍ରାମର ଦିଲୀପ ମୁଣ୍ଡଙ୍କ ପୁଅ ନିତେଶ (୨୩) ଓ କାଉଡୋଳା ଗ୍ରାମରେ ବଡମା’ ପାଖରେ ରହୁଥିବା ମା’ବାପା ଛେଉଣ୍ଡ ନାବାଳିକା(୧୭)ଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ିଉଠିଥିଲା। ହେଲେ ଜାତିପ୍ରଥା ପ୍ରତିବନ୍ଧକ ସାଜିବାରୁ ସେମାନେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନାଙ୍କ ଉପସ୍ଥିତିରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ତଦନ୍ତ କରିଛି। କୋକସରା ଡାକ୍ତରଖାନାରେ ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ୨ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଚାକିରି କରାଇଦେବା ନାଁରେ ୧୫ଲକ୍ଷ ଠକେଇ

ଖୋର୍ଦ୍ଧା,୨୬।୪ (ପ୍ରଭାତ ପାଣିଗ୍ରାହୀ)

**ଜଣେ ଗିରଫ**



ରେଳୱେରେ ଆସିଷ୍ଟାଣ୍ଟ ଷ୍ଟେଶନ ମାଷ୍ଟର ଚାକିରି କରାଇଦେବା ନାଁରେ ୧୫ଲକ୍ଷ ଟଙ୍କା ଠକେଇ ହୋଇଛି। ଏନେଇ ଅଭିଯୋଗ ପରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ପୋଲିସ ଏକ ମାମଲା (ନଂ.୧୦୪/୨୫) ରୁଜୁ କରି ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅଧୀନ ଓସ୍ତପଡ଼ାର ସୁକାନ୍ତ ପାଇକରାୟ। ତାଙ୍କ ନିକଟରୁ ୨୨ହଜାର ଟଙ୍କା, ଦୁଇଟି ଏଟିଏମ୍ କାର୍ଡ, ଦୁଇଟି ମୋବାଇଲ ଫୋନ, ଆଧାରକାର୍ଡ ଏବଂ ପାନ୍‌କାର୍ଡ ଜବତ ହୋଇଛି। ତେବେ ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଅଭିଯୋଗ ମୁତାବକ, ଖୋର୍ଦ୍ଧା ମୁକୁନ୍ଦପ୍ରସାଦର ଅମିତ କୁମାର ପଣ୍ଡା ତାଙ୍କ ବାପାଙ୍କ ମୃତ୍ୟୁ ପରେ ମାନସିକସ୍ତରରେ ଭାଙ୍ଗିପଡ଼ିଥିଲେ। ଅମିତ ଚାକିରି ଖୋଜୁଥିବା ଅଭିଯୁକ୍ତ ସୁକାନ୍ତ ଜାଣିବାକୁ ପାଇଥିଲେ। ଏହା ପରେ ଅଭିଯୁକ୍ତ ଫୋନ ମାଧ୍ୟମରେ ଅମିତଙ୍କ ମା’ଙ୍କ ସହ ଯୋଗାଯୋଗ କରିଥିଲେ। ଅଭିଯୁକ୍ତ ନିଜକୁ ପୂର୍ବତନ ଜିଲା ଶିକ୍ଷାଧିକାରୀ ବୋଲି ପରିଚୟ ଦେଇଥିଲେ। ରେଳୱେ କର୍ମଚାରୀଙ୍କ ସହିତ ତାଙ୍କର ଭଲ ସମ୍ପର୍କ ଅଛି, ସେ ଅମିତଙ୍କୁ ରେଳୱେରେ ଚାକିରି କରାଇଦେବେ ବୋଲି କହିବା ସହ ୧୫ଲକ୍ଷ ଟଙ୍କା ଦେବାକୁ କହିଥିଲେ। ଏହା ପରେ ଅମିତ୍ ଡକ୍ୟୁମେଣ୍ଟ ସହିତ ଫୋନ ପେ ମାଧ୍ୟମରେ ପର୍ଯ୍ୟାୟକ୍ରମେ ଅଭିଯୁକ୍ତଙ୍କୁ ଟଙ୍କା ପଠାଇଥିଲେ। ଦୀର୍ଘଦିନ ପର୍ଯ୍ୟନ୍ତ ଅଭିଯୁକ୍ତ ଯୋଗାଯୋଗ ନ କରିବାରୁ ଅମିତ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଅମିତ୍ ଭୁବନେଶ୍ୱର ସାଇବର ଥାନାରେ ଅଭିଯୋଗ କରିଥିଲେ। ଏହା ପରେ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରାଯାଇଥିଲା। ଏଥିରେ ଅଭିଯୁକ୍ତ କ୍ରୋଧିତ ହୋଇ ଅମିତଙ୍କ ମା’ଙ୍କୁ ଫୋନରେ ଗାଳିଗୁଲଜ କରିବା ସହ ବିଭିନ୍ନ ଧମକ ଦେଇଥିଲେ। ଏନେଇ ଅମିତଙ୍କ ମା’ ଶୁକ୍ରବାର ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଗାୟତ୍ରୀ ମିଶ୍ରଙ୍କ ନେତୃତ୍ୱରେ ଏସ୍‌ଆଇ ସୁନୀତା ବେହେରା, ଏସ୍‌ଆଇ ବାସୁଦେବ ଜୟସିଂହଙ୍କ ସହ ଅନ୍ୟମାନଙ୍କୁ ନେଇ ଗଠିତ ଏକ ଟିମ୍ ଅଭିଯୁକ୍ତଙ୍କ ମୋବାଇଲ ଫୋନ ଟ୍ରାକିଂ କରିବା ସହ ତାଙ୍କୁ ଗିରଫ କରିଥିଲା। ପ୍ରକାଶ ଯେ, ଅଭିଯୁକ୍ତ ସୁକାନ୍ତ ପୂର୍ବରୁ ନିଜକୁ ସିବିଆଇ ଅଫିସର ପରିଚୟ ଦେଇ ଠକେଇ କରିଥିବା ଅଭିଯୋଗରେ ତାଙ୍କ ନାମରେ ଖୋର୍ଦ୍ଧା ଆଦର୍ଶ ଥାନା ଏବଂ ପୁରୀ ଜିଲା ଚନ୍ଦନପୁର ଥାନାରେ ଦୁଇଟି ମାମଲା ରହିଥିବା ପୋଲିସ କହିଛି।

# ଜମି ବିକ୍ରି ପାଇଁ ଅରାଜି ହେବାରୁ ସ୍ତ୍ରୀ, ୨ ପୁଅଙ୍କୁ ଆକ୍ରମଣ

ଜଟଣୀ,୨୬।୪(ରବୀନ୍ଦ୍ରନାଥ ମହାକୁଡ଼)


ଆହତ ମହିଳା ଓ ଅଭିଯୁକ୍ତ ଅମୂଲ୍ୟ

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ରେତଙ୍ଗ କଲୋନୀ ଅଞ୍ଚଳରେ ଜମି ବିକ୍ରି ପାଇଁ ଅରାଜି ହେବାରୁ ସ୍ତ୍ରୀ ଏବଂ ୨ପୁଅଙ୍କୁ ଜଣେ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଛନ୍ତି। ପୋଲିସ ଶନିବାର ଅଭିଯୁକ୍ତ ଅମୂଲ୍ୟ କୁମାର ସାହୁ(୪୯)ଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ଏକ ଲୁହାତାୱା, ହାତୁଡ଼ି, ଲୁହାରଡ୍ ଏବଂ ସ୍କୁଟି ଜବତ ହୋଇଛି। ଥାନାରେ ଏକ ମାମଲା (ନଂ.୧୮୮/୨୫) ରୁଜୁ ସହ ଅମୂଲ୍ୟଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି। ଅମୂଲ୍ୟ ଦୀର୍ଘବର୍ଷ ହେବ ଦିଲ୍ଲୀରେ ରହି ମେକାନିକ ଭାବେ କାମ କରୁଥିଲେ। ୨୦୨୫ ଜାନୁଆରୀରେ ଜଟଣୀ ଆସି ପରିବାର ସହ ରହୁଥିଲେ। ତାଙ୍କ ସ୍ତ୍ରୀଙ୍କ ନାମରେ ଭୁବନେଶ୍ୱର ଉପକଣ୍ଠ ବାଳକାଟୀ ଅଞ୍ଚଳରେ ଦୁଇଟି ପ୍ଲଟ ରହିଛି। ତାହାକୁ ବିକ୍ରି କରି ସେ ବ୍ୟବସାୟ କରିବେ ବୋଲି ଯୋଜନା କରିଥିଲେ। ତେବେ ଦୁଇ ପୁଅଙ୍କ ଭବିଷ୍ୟତକୁ ଦୃଷ୍ଟି ରଖି ଉକ୍ତ ପ୍ଲଟକୁ ବିକ୍ରି ନ କରିବା ପାଇଁ ତାଙ୍କ ସ୍ତ୍ରୀ ମନାକରିଆସୁଥିଲେ। ଏନେଇ ସେମାନଙ୍କ ମଧ୍ୟରେ ବିଭିନ୍ନ ସମୟରେ ପାଟିତୁଣ୍ଡ ହେଉଥିଲା। ଶୁକ୍ରବାର ପୁଣି ଅମୂଲ୍ୟ ଜମି ବିକ୍ରି କରିବାକୁ କହିବାରୁ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅମୂଲ୍ୟ ତାଙ୍କ ସ୍ତ୍ରୀ ଓ ୨ପୁଅଙ୍କୁ ଏକ ହାତୁଡ଼ି ଏବଂ ତାୱାରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ସ୍ତ୍ରୀ ଓ ଦୁଇ ପୁଅ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇ ଅମୂଲ୍ୟଙ୍କୁ ଗିରଫ କରିଛି।

## କୁଲାଡ଼ ବ୍ୟାଘ୍ରଦେବୀ ମନ୍ଦିରରୁ ଚୋରି

ଭଞ୍ଜନଗର,୨୬।୪(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ କୁଲାଡ଼ ବ୍ୟାଘ୍ରଦେବୀ ମନ୍ଦିରରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଦେବୀଙ୍କ ୩୫ଟି ରୁପା ଆଖି, ୩ଟି ସୁନା ଚିତା, ୨ଟି ରୁପା ଭୂଲତା ଚୋରି ହୋଇଛି। ଏହି ଅଳଙ୍କାରଗୁଡ଼ିକର ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ। ତେବେ ଦୁର୍ବୃତ୍ତମାନେ ଆହୁରି ଅନେକ ଅଳଙ୍କାର ନେଇ ନ ପାରି ଛାଡ଼ି ଚାଲି ଯାଇଛନ୍ତି। ୪ ଜଣ ଦୁର୍ବୃତ୍ତ ଶୁକ୍ରବାର ରାତି ୩ଟାରେ ମନ୍ଦିରରେ ମୁଖା ପିନ୍ଧି ପଶି ପ୍ରଥମେ ଲାଗିଥିବା ସିସି କ୍ୟାମେରାକୁ ଉପରକୁ କରିଦେଇଥିଲେ। ପରେ ଠାକୁରଘର କବାଟ ଭାଙ୍ଗି ଅଳଙ୍କାର ଚୋରି କରିନେଇଥିବା ଜଣାପଡ଼ିଛି। ଖବର ପାଇ ଭଞ୍ଜନଗର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଛୁରି ଭୁସି ଯୁବକଙ୍କୁ ହତ୍ୟା

ସମ୍ବଲପୁର,୨୬।୪(ପ୍ରମୋଦ ବହିଦାର)

**କଳି ସମାଧାନ କରିବାକୁ ଯାଇଥିଲେ**

ଦୁଇ ସାଙ୍ଗଙ୍କ ମଧ୍ୟରେ ଲାଗିଥିବା କଳି ସମାଧାନ କରିବାକୁ ଯାଇଥିବା ଜଣେ ଯୁବକଙ୍କ ଛୁରିମାଡ଼ରେ ମୃତ୍ୟୁ ଘଟିଛି। ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ଚେରୁଆପଡ଼ାରେ ଏଭଳି ଏକ ଘଟଣା ଘଟିଛି। ମୃତକ ହେଲେ ଚେରୁଆପଡ଼ାର ଶ୍ରୀରାମ ଭୋଇଙ୍କ ପୁତ୍ର ତଥା ରେଙ୍ଗାଲି ପଲିଟେକ୍ନିକ ମହାବିଦ୍ୟାଳୟର ପ୍ରଥମବର୍ଷ ଛାତ୍ର ଉତ୍ତମ ଭୋଇ(୧୯)। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପଚାରଉଚରା କରୁଛି। ମିଳିଥିବା ସୂଚନା ଅନୁସାରେ ଶନିବାର ରାତି ପ୍ରାୟ ୮ଟାରେ ଚେରୁଆପଡ଼ାରେ କୌଣସି କଥାକୁ ନେଇ କେତେଜଣ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳ ସମାଧାନ କରିବାକୁ ଉତ୍ତମ ସେଠାରେ ପହଞ୍ଚି ବୁଝାଶୁଝା କରିବାକୁ ପ୍ରୟାସ କରିଥିଲେ। ମାତ୍ର ତାଙ୍କ କଥାକୁ କେହି ମାନି ନ ଥିଲେ। ଫଳରେ ବୀତସ୍ପୃହ ହୋଇ ସେ ସେଠାରୁ ଚାଲିଆସି ଅନ୍ୟ ସାଙ୍ଗମାନଙ୍କ ସହିତ ନିକଟରେ ଥିବା ହାଉସିଂ ବୋର୍ଡ ପଡ଼ିଆରେ ବସି କଥାବାର୍ତ୍ତା କରୁଥିଲେ। ଏହି ସମୟରେ ସେଠାରେ କାହ୍ନା ନାମକ ଜଣେ ଯୁବକ ପହଞ୍ଚି ଏକ ଛୁରିରେ ତାଙ୍କୁ ଆକ୍ରମଣ କରି ସେଠାରୁ ଫେରାର ହୋଇଯାଇଥିଲେ। ଉତ୍ତମଙ୍କ ବେକ କଟିଯାଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ଉତ୍ତମଙ୍କୁ ଆକ୍ରମଣ କରି ଫେରାର ହେବାକୁ ଉଦ୍ୟମ କରୁଥିବା କାହ୍ନାଙ୍କୁ ତାଙ୍କ ସାଙ୍ଗମାନେ ନିସ୍ଥୁକ ମାଡ଼ ମାରିଥିଲେ। ଏହି ମସୟରେ ସେହିବାଟ ଦେଇ ଯାଉଥିବା ପୋଲିସ ପାଟ୍ରୋଲିଂ ଦଳ ତାଙ୍କୁ ଉଦ୍ଧାର କରି ଟାଉନ ଥାନାରେ ଅଟକ ରଖିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଉତ୍ତମଙ୍କ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟର ଶବଗୃହରେ ରଖାଯାଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣା ପଡ଼ିଛି। ଘଟଣାକୁ ନେଇ ଡାକ୍ତରଖାନା ଓ ଚେରୁଆପଡ଼ା ଅଞ୍ଚଳରେ ଚାପା ଉତ୍ତେଜନା ଲାଗିରହିଛି।

# ବିପୁଳ ମାଓବାଦୀ ସାମଗ୍ରୀ ଜବତ

ବୌଦ୍ଧ,୨୬।୪(ଅଜିତ କୁମାର ବାରିକ)


ଜବତ ହୋଇଥିବା ମାଓବାଦୀ ସାମଗ୍ରୀ।

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅନ୍ତର୍ଗତ କନାଗୁନା ଗ୍ରାମଠାରୁ ପ୍ରାୟ ୧ କି.ମି ଦକ୍ଷିଣ ପଶ୍ଚିମରେ ଏକ ମାଓବାଦୀ ଡି ପଏଣ୍ଟ ଥିବା ପୋଲିସକୁ ସୂଚନା ମିଳିଥିଲା। ଏହି ସୂଚନାକୁ ଆଧାର କରି ମାତାକୁପା ସଂରକ୍ଷିତ ଜଙ୍ଗଲରେ ଗତ ଶୁକ୍ରବାର ଏସ୍‌ଓଜି ଯବାନ, ଡିଭିଏଫ୍, ବୋମା ନିଷ୍କ୍ରିୟକାରୀ ଦଳ ପକ୍ଷରୁ ଜଙ୍ଗଲରେ ଅପରେଶନ ଆରମ୍ଭ କରାଯାଇଥିଲା। ସୁରକ୍ଷା ବାହିନୀ ଶନିବାର ସକାଳେ ଡମ୍ପିଂ ପଏଣ୍ଟ ନିକଟରେ ପହଞ୍ଚି ଯାଞ୍ଚ କରିବା ପରେ ସେଠାରୁ ୩୬ ଡିଟୋନେଟର, ୩୩ ଜିଲୋଟିନ, ୨ ମିଟର ଲାଲ ତାର, ୫ ଯୋଡା ଘୁଙ୍ଗୁର, ଢୋଲ, ୟୁନିଫର୍ମ, କଳା ଟି-ସାର୍ଟ, ବେଲ୍ଟ, ଜୋତା, ମଶାରୀ, ମାଓବାଦୀ ପୁସ୍ତିକା ଏବଂ ଖାଦ୍ୟ ସାମଗ୍ରୀ ଜବତ କରିଥିଲେ।

# ଶିଶୁଙ୍କ ମୁଣ୍ଡରେ ବନ୍ଧୁକ ରଖି ଡକାୟତି

ବରଗଡ଼,୨୬।୪(ପ୍ରେମାନନ୍ଦ ଖମାରୀ)

- ସୁନା, ରୁପା ଅଳଙ୍କାର ସହ ଟଙ୍କା ନେଇ ଚମ୍ପଟ
- ବନ୍ଧୁକ, ଭୁଜାଲି ଏବଂ ଲୁହାରଡ୍ ଧରି ଆସିଥିଲେ

ବରଗଡ଼ ଜିଲା ଭେଡେନ ଥାନା ରୁଷୁଡ଼ା ଫାଣ୍ଡି ଅନ୍ତର୍ଗତ ଦେଶ ପଥର୍ଲା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଘଟିଛି ସଶସ୍ତ୍ର ଡକାୟତି। ପ୍ରହଲ୍ଲାଦ ସିଂଙ୍କ ଘରେ ଡକାୟତମାନେ ପଶି ଶିଶୁଙ୍କ ମୁଣ୍ଡରେ ବନ୍ଧୁକ ରଖି ନଗଦ ଟଙ୍କା ସହିତ ସୁନା, ରୁପା ଅଳଙ୍କାର ଲୁଟି ନେଇ ଫେରାର ହୋଇଯାଇଛନ୍ତି। ପରିବାର ଲୋକଙ୍କ ଏତଲା କ୍ରମେ ଶନିବାର ସକାଳେ ପୋଲିସ ଅନୁସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମ୍ ନେଇ ତଦନ୍ତ କରୁଛି। ଘଟଣାସ୍ଥଳରୁ ପୋଲିସ ଏକ ଲୁହାରଡ୍ ଜବତ କରିଛି।

ପ୍ରହଲ୍ଲାଦଙ୍କ ପରିବାର ଲୋକେ ରାତ୍ରଭୋଜନ ସାରି ଶୋଇଥିଲେ। ରାତି ପ୍ରାୟ ୨ଟା ୨୦ରେ ୪ଜଣ ଡକାୟତ ଘରଛାତ ଦେଇ ବନ୍ଧୁକ, ଭୁଜାଲି ଏବଂ ଲୁହାରଡ୍ ଧରି ପ୍ରହଲ୍ଲାଦଙ୍କ ଘର ଭିତରକୁ ପଶିଥିଲେ। ଏହାଜାଣି ପାରି ପରିବାର ଲୋକେ ଉଠି ପଡ଼ିଥିଲେ। ଏହାପରେ ଡକାୟତମାନେ ସାଙ୍ଗରେ ଆଣିଥିବା ବନ୍ଧୁକ ଓ ଭୁଜାଲିକୁ ଘରେ ଥିବା ଶିଶୁପୁତ୍ର ଓ ଶିଶୁକନ୍ୟାଙ୍କ ମୁଣ୍ଡରେ ରଖି ପରିବାର ଲୋକଙ୍କୁ ଭୟଭୀତ କରିବା ସହିତ ନଗଦ ଟଙ୍କା, ସୁନା, ରୁପା ଅଳଙ୍କାର ଦେବାକୁ କହିଥିଲେ। ଘରେ କିଛି ନାହିଁ ବୋଲି କହିବାରୁ ଡକାୟତମାନେ ଘରେ ଥିବା ବାକ୍ସ, ଆଲମିରା ଚାବି ମାଗିଥିଲେ। ଚାବି ନ ଦେବାରୁ ଶିଶୁଙ୍କ ମୁଣ୍ଡରେ ବନ୍ଧୁକ, ଭୁଜାଲି ରଖି ମାରିଦେବା ପାଇଁ ଧମକ ଦେଇଥିଲେ। ଭୟଭୀତ ହୋଇ ପ୍ରହଲ୍ଲାଦଙ୍କ ପୁତ୍ରବଧୂ ଗୀତାଞ୍ଜଳି ଚାବି ଦେଇଥିଲେ। ଡକାୟତମାନେ ଘରର ସମସ୍ତ ବାକ୍ସ, ଆୱାରା, ଟ୍ରେଜେରି ଖୋଲିଥିଲେ। ସେଥିରେ ରହିଥିବା ନଗଦ ୭ହଜାର ଟଙ୍କା ସହିତ ସୁନା, ରୁପା ଅଳଙ୍କାର ନେଇ ଯାଇଥିଲେ।

# ପୁଅର ଦ୍ୱିତୀୟ ବିବାହ ପାଇଁ ନାତିକୁ ହତ୍ୟା

**ନାବାଳକଙ୍କୁ ପଥର ଖାଦାନକୁ ଠେଲିଦେଇଥିଲେ ଜେଜେମା’**

- ମୁଖ୍ୟ ଅଭିଯୁକ୍ତ ଜେଜେ ମା’ଙ୍କ ସମେତ ୫ ଗିରଫ

ଧର୍ମଶାଳା/ଜେନାପୁର,୨୬।୪
(ବଟକୃଷ୍ଣ ପରିଡ଼ା/ଅଶୋକ ଦାସ)


ଗୁଣ୍ଡି ରାଉତ


ବର୍ଷାରାଣୀ ରାଉତ


ବିରଞ୍ଚି ରାଉତ


ବାହୁଡ଼ା ରାଉତ


ମଦନ ରାଉତ

ଯାଜପୁର ଜିଲା ଜେନାପୁର ଥାନା ସାହାଣୀଡ଼ିହ ପଞ୍ଚାୟତ ଚାରଗୋଠ ଗ୍ରାମର ୬ ବର୍ଷର ନାବାଳକ ଶିବୁ ରାଉତଙ୍କୁ ପଥର ଖାଦାନକୁ ଠେଲି ହତ୍ୟା କରିଥିଲେ ତାଙ୍କ ଜେଜେମା’ ଗୁଣ୍ଡି ରାଉତ। ପୋଲିସ ଏହି ଘଟଣାରେ ଗୁଣ୍ଡି ରାଉତଙ୍କ ସମେତ ପରିବାରର ୫ଜଣଙ୍କୁ ଗିରଫ କରି ଶନିବାର ଚଣ୍ଡିଖୋଲ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଯାଜପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅନ୍ୟ ଅଭିଯୁକ୍ତମାନେ ହେଲେ ଶିବୁଙ୍କ ଜେଜେବାପା ମଦନ ରାଉତ, ବାପା ବାହୁଡ଼ା ରାଉତ ଓରଫ୍ ଦୀପକ, ବଡ଼ବାପା ବିରଞ୍ଚି ରାଉତ ଓ ବଡ଼ ବୋଉ ବର୍ଷା ରାଣୀ ରାଉତ। ଶିବୁଙ୍କୁ ତାଙ୍କ ବାପା ହତ୍ୟା କରିଥିବା ସନ୍ଦେହ କରାଯାଉଥିଲା। ମାତ୍ର ପ୍ରକୃତ ହତ୍ୟାକାରୀ ଜେଜେମା’ ଗୁଣ୍ଡି ରାଉତ ବୋଲି ସେ ନିଜେ ଏକଥା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଦୀପକ ତାଙ୍କ ସ୍ତ୍ରୀଙ୍କୁ ନାବାଳିକା ଅବସ୍ଥାରେ ଗର୍ଭବତୀ କରି ବିବାହ କରିଥିଲେ। ଦୀପକଙ୍କୁ ଦ୍ୱିତୀୟ ବିବାହ କରାଇବା ପାଇଁ ପରିବାର ଲୋକେ ଏଭଳି ଘଟଣା ଘଟାଇଥିବା ପୋଲିସ ନିକଟରେ କହିଛନ୍ତି।

ଶିବୁ ୨୩ ତାରିଖ ସନ୍ଧ୍ୟାରେ ଟ୍ୟୁଶନରୁ ଫେରି ମାମୁଘର ଗାଁ ଦାଣ୍ଡରେ ଖେଳୁଥିଲେ। ଏହି ସମୟରେ ଜେଜେ ମା’ ସେଠାରୁ ତାଙ୍କୁ ନେଇ ଯାଇ ଗ୍ରାମ ନିକଟ ପାହାଡ଼ ସଂଲଗ୍ନ ଏକ ପରିତ୍ୟକ୍ତ ସ୍ଥାନରେ ଥିବା ପଥର ଖାଦାନକୁ ଠେଲି ଦେଇଥିଲେ। ପରେ ସେ ଘରକୁ ଆସି ପରିବାର ଲୋକଙ୍କୁ ଏକଥା ଜଣାଇଥିଲେ। ପରିବାର ଲୋକେ ଘଟଣାକୁ ଲୁଚାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଶିବୁ ନିଖୋଜ ନେଇ ତାଙ୍କ ମାମୁ ଘର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପରଦିନ ଅର୍ଥାତ୍ ଗୁରୁବାର ସକାଳୁ ଗ୍ରାମବାସୀ ପଥର ଖାଦାନ ପାଣିରେ ଶିବୁଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଶିବୁଙ୍କ ମୃତଦେହ ମିଳିବା ପରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଗୁଣ୍ଡିଙ୍କ ଘରକୁ ଘେରାଉ କରିଥିଲେ। ପୋଲିସ ଆସି ବୁଝାଶୁଝା କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପରେ ଗ୍ରାମବାସୀ ଶାନ୍ତ ପଡ଼ିଥିଲେ। ଏନେଇ ଥାନାରେ ନଂ.୧୪୭/୨୫ରେ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଦୀପକ ସେହି ଗ୍ରାମର ମମତା ରାଉତଙ୍କୁ ବିବାହ କରିଥିଲେ। ଦମ୍ପତିଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ମମତା ପୁଅକୁ ଧରି ଆସି ବାପଘରେ ରହୁଥିଲେ। ତେବେ ଦ୍ୱିତୀୟ ବିବାହ ପାଇଁ ଶିବୁ କଣ୍ଟା ସାଜିବା ଆଶଙ୍କା କରି ତାଙ୍କୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଶିବୁଙ୍କ ଅଜା କଳାକାର ରାଉତ ଏହି ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା।

# ସେବା, ସାମାଜିକ ସଂହତିର ଦୃଷ୍ଟାନ୍ତ ଅନୁଗୋଳ: ମୁଖ୍ୟମନ୍ତ୍ରୀ

ଅନୁଗୋଳ,୨୬।୪(ମାନସ ବିଶ୍ୱାଳ)

ଓଡ଼ିଆ ଅସ୍ମିତା ଏବଂ ଓଡ଼ିଆ ସଂସ୍କୃତିକୁ ଅଙ୍ଗେ ଅଙ୍ଗେ ପାଳନ କରୁଥିବା ଅନୁଗୋଳ ଜିଲା ସେବା, ସଂସ୍କାର ଓ ଓଡ଼ିଆ ସାମାଜିକ ସଂହତିର ଜଳନ୍ତ ଉଦାହରଣ। ଏହି ଜିଲା ଶିକ୍ଷା, କ୍ରୀଡ଼ା ଓ ବୈଷୟିକ ଜ୍ଞାନ ଆଦି କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିବାରେ ସକ୍ଷମ ହୋଇପାରିଛି। ଅନୁଗୋଳ ଜିଲାର ଦ୍ୱାଦଶତମ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାକୁ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ଅନୁଗୋଳ ଷ୍ଟାଡିୟମରେ ଅନୁଷ୍ଠିତ ଏହି ୩ ଦିନିଆ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମାଝୀ ସର୍ବପ୍ରଥମେ ଅନୁଗୋଳବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ମହାପ୍ରଭୁ ଜଗନ୍ନାଥ, ମା'ବୁଢ଼ୀ ଠାକୁରାଣୀ ଓ ମା' ହିଙ୍ଗୁଳାଙ୍କ ନିକଟରେ ଅନୁଗୋଳବାସୀଙ୍କ ସୁଖ ଓ ସମୃଦ୍ଧି କାମନା କରିଥିଲେ। ରାଜା ସୋମନାଥ ସିଂହଙ୍କ ବ୍ରିଟିଶ ବିରୋଧୀ ଲଢ଼େଇ, ପବିତ୍ର ମୋହନ ପ୍ରଧାନଙ୍କ ଗଡ଼ଜାତ ବିରୋଧୀ ପ୍ରଜାମଣ୍ଡଳ ଆନ୍ଦୋଳନ, ନୃସିଂହ ରାୟଗୁରୁ ଓ ରାଧାମୋହନ ଗଡ଼ନାୟକଙ୍କ ଭଳି ମହାନ ମନିଷୀଙ୍କ ଅତୁଳନୀୟ ଅବଦାନ ଏହି ମାଟିର ମହତ୍ୱକୁ ଜାତୀୟ ସ୍ତରରେ ଗୌରାବାନ୍ୱିତ କରିଛି ବୋଲି ସେ କହିଥିଲେ। ମହାନ ଗାନ୍ଧୀବାଦୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ଓ ତାଙ୍କ ସ୍ତ୍ରୀ ସ୍ୱର୍ଗତ ମାଳତୀ ଚୌଧୁରୀଙ୍କ ବାଜି ରାଉତ ଆଶ୍ରମର ପୂର୍ବ ଗୌରବ, ସର୍ବାଙ୍ଗୀନ ଉନ୍ନତି ଓ ଗୁଣାତ୍ମକ ମାନ ବଢ଼ାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବାଜି ରାଉତ ଛାତ୍ରାବାସ ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିମନ୍ତେ ୧ କୋଟି ୨୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଏକ ସ୍ମୃତି ପାଠ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆଗାମୀ ବର୍ଷରେ ଅନୁଗୋଳରେ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଓ ୫୦ ହଜାର ଚାକିରି ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି କହିଥିଲେ। ଏହି ଅବସରରେ ସେ ଜିଲାର ୯ ବିଭାଗର ୩୫୦ କୋଟି ୭୬ ଲକ୍ଷ ଟଙ୍କାର ମୋଟ ୪୫ଟି ପ୍ରକଳ୍ପର ଉଦ୍‌ଘାଟନ ଓ ୪୪୯ ଲକ୍ଷ ଟଙ୍କାର ମୋଟ ୮୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମାରୋହରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଅନୁଗୋଳ ପୌରପାଳିକା ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଜିଲାପାଳ ଅବଦଲ ମହମ୍ମଦ ଅଖତାର ମଞ୍ଚାସୀନ ଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଦ୍ୱାଦଶତମ ଅନୁଗୋଳ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ




ଅନୁଗୋଳ ଜିଲା ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରୁଛନ୍ତି।

# ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ ହାତରେ ଗୁରୁ ଦାୟିତ୍ୱ

ପୁରୀ,୨୬।୪
(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରର ସୁରକ୍ଷା ଓ ଶୃଙ୍ଖଳା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ କମାଣ୍ଡାଣ୍ଟ ଭାବେ ତାପସ ରଞ୍ଜନ ଦାସଙ୍କୁ ନିଯୁକ୍ତି ମିଳିଛି। ତାଙ୍କ ସହ ୨ଜଣ ଡେପୁଟି କମାଣ୍ଡାଣ୍ଟ ଓ ୩ଜଣ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କୁ ନିୟୋଜିତ କରାଯାଇଛି। ଏହି ୬ଜଣ ଅଧିକାରୀ ଆସନ୍ତା ୨୮ ତାରିଖ ପୂର୍ବରୁ ଡ୍ୟୁଟିରେ ଯୋଗଦେବାକୁ ବା ଦାୟିତ୍ୱ ନେବାକୁ ପୋଲିସ ହେଡକ୍ୱାର୍ଟରର ଅତିରିକ୍ତ ଡିଜିଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ପୁରୀ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପାଇଁ ଦିନକୁ ଦିନ ଶ୍ରୀମନ୍ଦିରରେ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ଚ୍ୟାଲେଞ୍ଜ ପାଲଟିଛି। ତେଣୁ ଶୃଙ୍ଖଳିତ ଓ ସୁରକ୍ଷିତ ଦର୍ଶନ ବ୍ୟବସ୍ଥା ପାଇଁ ସରକାର ଅଣ୍ଟା ଭିଡ଼ିଛନ୍ତି। ଏହି କ୍ରମରେ ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ ଗଠନ କରାଯାଇଛି। ଏହି ବାହିନୀରେ ଅଭିଜ୍ଞତା ଥିବା ପୋଲିସଙ୍କୁ ୩ ବର୍ଷ ପାଇଁ ଡେପୁଟେଶନରେ ଅଣାଯିବ। ରାଜ୍ୟ ସଶସ୍ତ୍ର କ୍ୟାଡର୍‌ର

**ଦାୟିତ୍ୱ ନେବେ କମାଣ୍ଡାଣ୍ଟ, ୫ ସହଯୋଗୀ ଅଧିକାରୀ**

ଜଣେ କମାଣ୍ଡାଣ୍ଟ, ୨ଜଣ ଡେପୁଟି କମାଣ୍ଡାଣ୍ଟ, ୩ଜଣ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କ ସମେତ, ୮ ଇନ୍ସପେକ୍ଟର, ୩୧ ସବ୍‌ଇନ୍ସପେକ୍ଟର, ୨୪ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ନିଯୁକ୍ତ ହେବେ। ଏହି ସୁରକ୍ଷା ବାହିନୀ ଆଣ୍ଟି ଟେରରିଷ୍ଟ ଅପରେଶନ ସହ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ, ଶ୍ରୀଗୁଣ୍ଡିଚା ମନ୍ଦିର, ପରିକ୍ରମା ପ୍ରକଳ୍ପ, ମାଉସୀ ମା' ମନ୍ଦିର ସୁରକ୍ଷା ଦାୟିତ୍ୱରେ ନିୟୋଜିତ ହେବେ। ୧୦୮୩ ଜଣଙ୍କୁ ନିଯୁକ୍ତି ଦେବାକୁ ପୂର୍ବରୁ ଯୋଜନା ହୋଇଥିଲେ ହେଁ ଏବେ ଏହି ସଂଖ୍ୟା ୧୨ ଶହରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଆଗକୁ ନାଟମଣ୍ଡପ ଧାଡ଼ି ଦର୍ଶନ ବ୍ୟବସ୍ଥା ଲାଗୁ କରିବାକୁ ରାଜ୍ୟ ସରକାର ଯୋଜନା କରୁଥିବା ବେଳେ ଏହି ସଶସ୍ତ୍ର ସୁରକ୍ଷା ବାହିନୀ ନିଯୁକ୍ତି ଫଳପ୍ରଦ ହେବ ବୋଲି ଆଶା କରାଯାଉଛି। ଏନେଇ ପୁରୀ ଏସ୍‌ପି ବିନିତ୍ ଅଗ୍ରୱାଲ କହିଛନ୍ତି, ସରକାରଙ୍କ ପକ୍ଷରୁ ଶ୍ରୀମନ୍ଦିର ସ୍ୱତନ୍ତ୍ର ସୁରକ୍ଷା ବାହିନୀ ନିଯୁକ୍ତି ନେଇ ନୋଟିଫିକେଶନ ଜାରି ହୋଇଥିଲା। ଏହାପରେ ନିଯୁକ୍ତି ପ୍ରକ୍ରିୟା ସରିଛି। ଅଧିକାରୀମାନେ ଖୁବଶୀଘ୍ର କାର୍ଯ୍ୟରେ ଯୋଗଦେବେ।

## କୁମ୍ଭୀର ପ୍ରଜନନ ଋତୁ, ୩ ମାସ ଭିତରକନିକା ବନ୍ଦ

ରାଜନଗର, ୨୬।୪
(ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତା ମେ' ୧ରୁ ଜୁଲାଇ ୩୧ ତାରିଖ ୩ ମାସ ଧରି ଦେଶ ବିଦେଶର ପର୍ଯ୍ୟଟକଙ୍କ ଲାଗି ବନ୍ଦ ରହିବ। ଭିତରକନିକା ଜାତୀୟ ଉଦ୍ୟାନ ବଉଳା କୁମ୍ଭୀରଙ୍କ ଶ୍ରେଷ୍ଠ ପ୍ରଜନନ ସ୍ଥଳୀ ଭାବେ ବେଶ୍ ପ୍ରସିଦ୍ଧି ଲାଭ କରିଛି। ଏହି ସମୟରେ ବଉଳା କୁମ୍ଭୀରମାନେ ଅଣ୍ଡା ଦେବା ପାଇଁ ଏହା ନିରାପଦ ସ୍ଥାନ ବୋଲି ମନେକରିଥାନ୍ତି। ଜୁଆର ମାଡୁ ନ ଥିବା ସ୍ଥାନ ଅର୍ଥାତ୍ ସ୍ଥଳଭାଗରେ କୁମ୍ଭୀର ବସାକରି ଅଣ୍ଡା ଦେଇଥାନ୍ତି। ପ୍ରଜନନ ଋତୁ ବେଳେ ମା' କୁମ୍ଭୀରମାନେ ଅଧିକ ହିଂସ୍ର ହୋଇପଡ଼ିଥାନ୍ତି। ବଉଳା କୁମ୍ଭୀର ପର୍ଯ୍ୟଟକଙ୍କୁ ଆକ୍ରମଣ କରିବା ଆଶଙ୍କା ଥିବାରୁ ଏହି ସମୟରେ ଭିତରକନିକା ବନ୍ଦ ରଖାଯାଇଥାଏ।

## ଗଛରେ ପିଟି ହେଲା ସ୍କର୍ପିଓ, ୩ ମୃତ

କୁଆଁରମୁଣ୍ଡା,୨୬।୪
(ମହେନ୍ଦ୍ର କୁମାର ସାହୁ)

ଝାଡ଼ଖଣ୍ଡ ରାଜ୍ୟ ରାଞ୍ଚି ଥାନା ଅନ୍ତର୍ଗତ ଚତରାରେ ଶନିବାର ଅପରାହ୍ନରେ ଏକ ସ୍କର୍ପିଓ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ସୁନ୍ଦରଗଡ଼ ଜିଲା ରାଏବୋଗା ଥାନାର ହୋମ୍‌ଗାର୍ଡ ରଶ୍ମିରଞ୍ଜନ ସାହୁ ଗୁରୁତର ହୋଇ ରାଞ୍ଚି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ସ୍ତ୍ରୀ, ଶାଶୁ ଓ ଦେଢ଼ଶାଶୁଙ୍କ ମୃତ୍ୟୁ ହୋଇଛି। ମୃତକମାନଙ୍କ ନାଁ ଜଣାପଡିନାହିଁ। ରାଞ୍ଚି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ସେହିପରି ରାଏବୋଗା ଥାନାଧିକାରୀ ପ୍ରହ୍ଲାଦ ପ୍ରଧାନଙ୍କ ସୂଚନା ଅନୁଯାୟୀ, ସପ୍ତାହ ତଳେ ହୋମ୍‌ଗାର୍ଡ ରଶ୍ମିରଞ୍ଜନ ଝାଡ଼ଖଣ୍ଡର ଚତରା ଅଞ୍ଚଳରେ ବିବାହ କରିଥିଲେ। ଗତ ୨ଦିନ ତଳେ ସେ ସ୍ତ୍ରୀଙ୍କ ସହ ଶ୍ୱଶୁର ଘରକୁ ଯାଇଥିଲେ। ଶନିବାର ସେ ସ୍ତ୍ରୀଙ୍କ ସମେତ ଶ୍ୱଶୁରଘର ଲୋକଙ୍କୁ ନେଇ ନିକଟସ୍ଥ କାଳୀ ମନ୍ଦିରକୁ ଯାଇଥିଲେ। ମନ୍ଦିରରୁ ଶ୍ୱଶୁରଘରକୁ ଫେରିବା ବାଟରେ ଚତରା ନିକଟରେ ଭାରସାମ୍ୟ ହରାଇ ସ୍କର୍ପିଓଟି ରାସ୍ତାପାର୍ଶ୍ୱ ଏକ ଗଛରେ ପିଟି ହୋଇ ଓଲଟି ପଡ଼ିଥିଲା।

## ଫ୍ୟୁମ୍ ଗ୍ୟାସ୍ ଲିକ୍ ୨ ଜଳିଗଲେ

ଝାରସୁଗୁଡ଼ା, ୨୬।୪
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ମରାକୁଠାରେ ଥିବା ଓଡ଼ିଶା ମେଟାଲିକଠାରେ କାର୍ଯ୍ୟରତ ଦୁଇ ଜଣ ବ୍ୟକ୍ତି ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଫ୍ୟୁମ ଗ୍ୟାସ୍ ଲିକ୍ ହେବାରୁ ଜଳିଯାଇଛନ୍ତି। ସେମାନେ ହେଲେ ଶେଷଦେବ ବାରିକ ଓ ସଞ୍ଜୀବ ଚୌଧୁରୀ। ଏମାନଙ୍କ ମଧ୍ୟରୁ ଶେଷଦେବଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଓଡ଼ିଶା ମେଟାଲିକରେ କାର୍ଯ୍ୟରତ ଶେଷଦେବ ଓ ସଞ୍ଜୀବ କମ୍ପାନୀ ମଧ୍ୟରେ ଥିବା ଫୁଏଲ ଟ୍ୟାଙ୍କ ଚେକ୍ କରିବାକୁ ଯାଇଥିଲେ। ସେମାନେ ଟ୍ୟାଙ୍କର ଠିପି ଖୋଲିବାରୁ ସେଥିରୁ ଫ୍ୟୁମ୍ ଗ୍ୟାସ ଲିକ୍ ହୋଇ ନିଆଁ ଲାଗିଯାଇଥିଲା।


## झारखण्ड सरकार, पेयजल एवं स्वच्छता विभाग

ई–प्रोक्योरमेन्ट सूचना अल्पकालिन (प्रथम आमंत्रण)
ई–निविदा सूचना संख्या - (धनबाद) 06/2025-26 तिथि – 25-04-2025

| | | | |
|---|---|---|---|
| 1 | वेबसाइट पर निविदा प्रकाशन की तिथि | :- | 02-05-2025 समय 02.00 बजे अपराह्न तक |
| 2 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | :- | 13.05-2025 समय 04.00 बजे अपराह्न तक |
| 3 | सरकार के सचिव, सूचना प्रौद्योगिकी एवं ई–गवर्नेस, झारखंड मंत्रालय के ज्ञापांक–120 दिनांक–03.10.2023 के आलोक में विपत्र का मूल्य एवं अग्रधन का राशि ऑनलाईन जमा करने का अंतिम तिथि एवं समय | :- | 13-05-2025 समय 04.00 बजे अपराह्न तक |
| 4 | तकनीकी बिड खोलने की तिथि एवं समय | :- | 14-05-2025 समय 04:00 बजे अपराह्न |
| 5 | तकनीकी बिड खोलने का स्थान | :- | अधीक्षण अभियंता का कार्यालय पेयजल एवं स्वच्छता यांत्रिक अंचल, दुमका। |
| 6 | निविदा आमंत्रित करने वाले पदाधिकारी का नाम/पदनाम | :- | ई0 मयंक कुमार भगत, कार्यपालक अभियंता, पेयजल एवं स्वच्छता यांत्रिक प्रमंडल, धनबाद। |
| 7 | निविदा आमंत्रित करने वाले कार्यालय का टेलिफोन नं0 | :- | 0326-2308988 |
| 8 | ई– प्रोक्यूरमेन्ट सेल का हेल्प लाईन सं0 | :- | 0651-480345 |

| | कार्य का नाम | ग्रुप | प्राक्कलित राशि (रू0 में) | अग्रधन की राशि (रू0 में) | परिमाण विपत्र का मूल्य (रू0 में) | कार्य पूर्ण करने की अवधि |
|---|---|---|---|---|---|---|
| 1 | Renovation of Electro-Mechanical System at Rural Water Supply Scheme at Mairanwatand under D.W & S mechanical Division, Dhanbad. | A | 21,14,924.00 | 42,500.00 | 5,000.00 | 03 माह |
| 2 | Renovation of Electro-Mechanical System at Rural Water Supply Scheme at Ojhadih-Katania under D.W & S mechanical Division, Dhanbad. | B | 38,90,557.00 | 78,000.00 | 5,000.00 | 03 माह |

नोट – केवल ई निविदा ही स्वीकार किये जायेंगे।
उपरोक्त किसी तिथि को अवकाश घोषित होने पर अगले कार्य दिवस की तिथि को माना जायेगा।
ऐसे संवेदक जिन्हें पेयजल एवं स्वच्छता विभाग झारखण्ड सरकार का निबंधन प्राप्त नहीं है वे भी निविदा में भाग ले सकते है बशर्ते कि वैसे सफल निविदादाता को एकरारनामा के पूर्व पेयजल एवं स्वच्छता विभाग,झारखण्ड, में निबंधन पत्र प्राप्त कर लेना होगा।
निविदा की सूचना तथा नियम भार्ते की जानकारी प्रमंडलीय तथा अंचल कार्यालय से प्राप्त की जा सकती है। निविदा की जानकारी के लिए वेबसाईट http://jharkhandtender.gov.in पर देखा जा सकता है।

कार्यपालक अभियंता
पेयजल एवं स्वच्छता यांत्रिक प्रमंडल, धनबाद।

PR.NO.351154 Drinking Water and Sanitation(25-26):D



## कार्यपालक अभियंता का कार्यालय
ग्रामीण विकास विशेष प्रमंडल, पश्चिमी सिंहभूम, चाईबासा

अति अल्पकालीन ई-निविदा आमंत्रण सूचना
ई– निविदा सूचना संख्या – RDD/SD/CHAIBASA/18/2024-25(2nd Call) (MMGSY)

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | पश्चिमी सिंहभूम जिला के चक्रधरपुर प्रखण्ड अन्तर्गत इटोर ग्राम परिया नदी पर पुल निर्माण। | 28018800.00 | 561000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 02.05.2025
3. ई–निविदा प्राप्ति की तिथि एवं समय–दिनांक 02.05.2025 से दिनांक 08.05.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय –.10.05.2025 अपराह्न 3:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
7. ई–निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति/दावा दर्ज कराये अन्यथा अवधि बीतने के पश्चात् कोई भी आपत्ति /दावा मान्य नहीं होगा।
11. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
12. किसी भी समय बिना सूचना के निविदा रद्द एवं किसी भी प्रकार का संशोधन करने का अधिकार अधोहस्ताक्षरी को सुरक्षित रहेगा एवं इस पर किसी प्रकार का दावा एवं आपत्ति मान्य नहीं होगा।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

ह०/–
कार्यपालक अभियंता
ग्रामीण विकास विशेष प्रमंडल,
पश्चिमी सिंहभूम, चाईबासा

PR 351178 West Singhbhum (25-26)_D



## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲି଼ଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Lifeline of Odisha

OFFICE OF THE EXECUTIVE DIRECTOR, SOUTHERN ZONE, BERHAMPUR

No. CAD-
**NOTIFICATION**

**No. 02/2025-ED-Southern Zone/Gazette** **Dated : 21.04.2025**

In accordance with section-164 of Indian Electricity Act. 2003 and in exercise of the power conferred upon OPTCL vide Department of Energy, Government of Odisha order No. 2353 -R&R-II-10/2006 dated the 9th March 2006, the following Transmission scheme which are intended to be under taken by the Odisha Power Transmission Corporation Limited for execution is published for general information. The estimated cost of the project is Rs. 4.45 Crores. It is also notified in the interest of general public that any person interested in making representation regarding the execution of the above scheme may submit such representation in writing so as to reach the Chief General Manager (O&M), OPTCL , Southern Zone, Berhampur, 220/132/33 KV Grid Sub-station Campus, Narendrapur, At: Sanakushasthali Po: Badakushasthali, Berhampur, Odisha - 760007 within two months from the date of publication of this notification. Full details of the scheme and plan may be seen in the office of the Dy. General Manager (Elect.) E.H.T (O&M), Division, Bhanjanagar as mentioned against the work on any working day during office hours.

**Name of the Work:-** Construction of proposed 220 KV LILO Line from 220 KV Bhanjanagar-Nayagarh D/C Line between Loc. No. 58 & 59 to proposed 40 MW Solar PV Power Plant at Landeihill, Jagannath Prasad, Dist: Ganjam.

**Name of the Village in which the line will Pass :**
**Tahasil:** Jagannath Prasad, **RI Circle:** Patapur, **Revenue Village:** Landeihill, **RI Circle:** Jhadabhumi, **Revenue Village:** Kandhanuapali, Gochabadi, Jamagarada, Gandadhar.

**Perceived benefit that may accrue :** For development of Solar Power Plant in Ganjam District and Electrical energy growth of Odisha State as a whole.

Sd/- CHIEF GENERAL MANAGER (O&M)
SOUTHERN ZONE, BERHAMPUR.

FIPR-04/2025-26

/optcl.odisha /optcl_odisha



## ରାଜ୍ୟ ନିର୍ବାଚନ ଆୟୋଗ, ଓଡ଼ିଶା
ତୋଷାଳି ଭବନ, ବ୍ଲକ-ବି ୨, ପ୍ରଥମ ମହଲା,
No.D- ଭୁବନେଶ୍ୱର-୭୫୧୦୦୭
Email ID : stateelectioncommission.odisha@gmail.com/sec.odisha@gov.in

### ବିଶେଷ ସୂଚନା

ରାଜ୍ୟର ପଞ୍ଚାୟତ ସ୍ତରରେ ବିଭିନ୍ନ କାରଣ ଯୋଗୁଁ ଖାଲି ପଡ଼ିଥିବା ୧୧୩୪ଟି ପଦବୀ ପୂରଣ ପାଇଁ ଉପନିର୍ବାଚନ ନିମନ୍ତେ ପ୍ରାଥମିକ ଭୋଟର ତାଲିକା ପ୍ରକାଶନ ପାଇଁ ରାଜ୍ୟ ନିର୍ବାଚନ କମିଶନ, ଓଡ଼ିଶାଙ୍କ ତରଫରୁ ପଦକ୍ଷେପ ନିଆଯାଇଅଛି। ଉକ୍ତ ପଦବୀ ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ୱାର୍ଡୱାରୀ ଭୋଟର ତାଲିକା ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ୱାର୍ଡଗୁଡ଼ିକ ପାଇଁ ତା ୧୭.୦୪.୨୦୨୫ ରିଖ ଠାରୁ ତା ୨୨.୦୪.୨୦୨୫ ରିଖ ମଧ୍ୟରେ ସମ୍ପୃକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀମାନେ ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ତା ୦୧.୦୧.୨୦୨୫ ରିଖରେ ବିଧାନସଭା/ଲୋକସଭା ନିମନ୍ତେ ପ୍ରକାଶିତ ଭୋଟର ତାଲିକା ଆଧାରରେ ପ୍ରସ୍ତୁତ କରିଛନ୍ତି ଯାହାକି ତା ୨୪.୦୪.୨୦୨୫ ରିଖରେ ସମ୍ପୃକ୍ତ ଗ୍ରାମପଞ୍ଚାୟତ ମୁଖ୍ୟାଳୟରେ ୱାର୍ଡୱାରୀ ପ୍ରାଥମିକ ଭୋଟର/ଚିଠା ତାଲିକା ପ୍ରକାଶିତ ହୋଇସାରିଛି।

ସମ୍ପୃକ୍ତ ଜିଲ୍ଲା/ଅଞ୍ଚଳର ଭୋଟରଙ୍କୁ ଅନୁରୋଧ କରାଯାଉଅଛି ଯେ କି ସେମାନେ ନିଜର ନାମ ପ୍ରକାଶିତ ପ୍ରାଥମିକ ଭୋଟର ତାଲିକାରେ ଅଛି କି ନାହିଁ କିମ୍ବା ସଠିକ ଭାବରେ ଦରଜ ହୋଇଛି କି ନାହିଁ ତନଖି କରି ନିଅନ୍ତୁ। ଏହି ପ୍ରାଥମିକ ଭୋଟର ତାଲିକା/ଚିଠା ତାଲିକା ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ନିରୀକ୍ଷଣ/ଆବେଦନ ନିମନ୍ତେ ତା ୩୦.୦୪.୨୦୨୫ ରିଖ ପର୍ଯ୍ୟନ୍ତ ରଖାଯାଇଛି। ନିର୍ବାଚନ ଅଧିକାରୀ ତା ୦୨.୦୫.୨୦୨୫ ରିଖଠାରୁ ତା ୦୫.୦୫.୨୦୨୫ ରିଖ ମଧ୍ୟରେ ସମସ୍ତ ଆପତ୍ତି ଅଭିଯୋଗଗୁଡ଼ିକୁ ବିଚାରକୁ ନେଇ ଫଇସଲା କରି ଚୂଡ଼ାନ୍ତ ଭୋଟର ତାଲିକା ତା ୦୬.୦୫.୨୦୨୫ ରିଖରେ ପ୍ରକାଶନ କରିବେ।

ସଚିବ
ରାଜ୍ୟ ନିର୍ବାଚନ ଆୟୋଗ, ଓଡ଼ିଶା



## OFFICE OF THE PRINCIPAL
## RAMAMANI MAHAVIDYALAYA
At/Po. : Kantabad, Via - Baghamari, Dist. : Khordha-752061
Ph : 06755-225888(O), Email : principalrmm@gmail.com

**QUOTATION CALL NOTICE**

Sealed Quotations are invited from G.S.T registered Firms/Agencies on or before dt.05.05.2025 to supply Desktop Computers, UPS systems, Multifunction Printer machines, L.E.D. T.V (65 inch), Wireless Mice, Cameras for virtual meeting etc. under Govt. of Odisha upgrading I.T. infrastructure scheme. For details contact in email I.D - principalrmm@gmail.com / Mobile no. - 9937821390/7008940392.

Sd/- Principal
Ramamani Mahavidyalaya, Kantabad, Khordha



## केंद्रीय पेट्रोरसायन इंजीनियरिंग और प्रौद्योगिकी संस्थान
## CENTRAL INSTITUTE OF PETROCHEMICALS ENGINEERING & TECHNOLOGY (CIPET)-IPT
Department of Chemicals & Petrochemicals, Ministry of Chemicals & Fertilizers, Govt of India
B/25, CNIC, Patia, Bhubaneswar, Odisha 751024, E-mail: bhubaneswar@cipet.gov.in, www.cipet.gov.in

### ADMISSIONS - 2025

CIPET: IPT Bhubaneswar, Govt. of India a premier national institution invites online applications for admission in following Under Graduate and Post Graduate programs in Engineering and Science for the Academic Year 2025-26.

| PROGRAMME | QUALIFICATION | DURATION |
|---|---|---|
| B.Tech. (Plastics Engineering)<br>B.Tech. (Manufacturing Engineering & Technology) (Equivalent to Production Engg.) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 4 Years |
| Int. M.Sc. (B.Sc. + M.Sc.) (Material Science and Engineering) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 5 Years |
| Lateral Entry for B. Tech (Plastics Engineering)<br>Lateral Entry for B. Tech. (Manufacturing Engineering & Technology) | Passed Diploma with minimum 45% mark (40% mark for SC/ST category) from any branch. **or** Passed B.Sc. degree with minimum 45% mark (40% mark for SC/ST category) and passed 10+2 examination with Mathematics as a subject. | 3 Years |
| M.Sc. (Polymer Science) | Any B.Sc. degree with Chemistry as one of the subject. | 2 Years |
| M.Tech. (Plastics Engineering)<br>M.Tech. (Polymer Nanotechnology) | Passed B. Tech in Plastics Engineering or Tech. / Mechanical Engg. / Production Engg./ Polymer Engg. / Chemical Engg. / Manufacturing Engg. / Metallurgical Engg. / Materials Sc. & Engg. / Rubber & Plastcs Tech. / Textile Engg./M.Sc. in Polymer Science / Polymer Chemistry / Polymer Physics / Biopolymer Science / Chemistry / Applied Chemistry. with minimum 50% mark (45% mark for SC/ST category) | 2 Years |

Excellent Placement Track Record

Candidates may apply through the link : **https://forms.gle/nUbAXmQFSfpeqe9e8**
Last date for filling online application : **26.05.2025**
Date of CIPET-Joint Entrance Examination : **30.05.2025**
Please visit our website : **www.cipet.gov.in** for detailed information for Admission

**Contact: 8144919800/ 8170044113/ 9348795434**

Scan Me



## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ: ବ୍ରହ୍ମପୁର
୨ୟ ଲେନ୍, ବ୍ରହ୍ମାନଗର, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା-୭୬୦୦୦୧

## ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨) ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହୋଇଛନ୍ତି ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ, ୨୦୦୨ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲ କରିଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ଉପଲବ୍ଧ ଥିବା ସମୟ ମଧ୍ୟରେ ବନ୍ଧକମୁକ୍ତ କରନ୍ତୁ।**

| ଏସିବି ବୃନ୍ଦାବନ ବିହାର ଶାଖା, ଆଙ୍କୁଶପୁର / ଆକାଉଣ୍ଟ ନଂ./ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକ ସମ୍ପତ୍ତିଗୁଡ଼ିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ /ଦଖଲ ତାରିଖ |
|---|---|---|---|
| ଆକାଉଣ୍ଟ ନଂ.: ୩୯୭୯୨୬୦୫୪୯୪ (ଏବିଏଲ୍), ୩୯୭୮୦୬୯୨୨୪୩ (ଏବିଏଲ୍) / ୧) ଋଣଗ୍ରହୀତା: ଶ୍ରୀ ଗୌରହରି ପ୍ରଧାନ, ପିତା: ତ୍ରିନାଥ ପ୍ରଧାନ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସରସ୍ୱତୀ ପ୍ରଧାନ, ପିତା: ୰ ଦଣ୍ଡପାଣି ପ୍ରଧାନ, ଉଭୟଙ୍କ ଠିକଣା- ସା: ନରସିଂହପୁର, ପୋ: ବଣବୁଲାପଲି, ଥାନା: ଚମାଖଣ୍ଡି, ଜିଲ୍ଲା: ଗଞ୍ଜାମ-୭୬୧୦୨୦, ୨) ଋଣଗ୍ରହୀତା: ଶ୍ରୀମତୀ ସରସ୍ୱତୀ ପ୍ରଧାନ, ପିତା: ୰ ଦଣ୍ଡପାଣି ପ୍ରଧାନ, ସା: ନରସିଂହପୁର, ପୋ: ବଣବୁଲାପଲି, ଥାନା: ଚମାଖଣ୍ଡି, ଜିଲ୍ଲା: ଗଞ୍ଜାମ-୭୬୧୦୨୦ | ଶ୍ରୀମତୀ ସରସ୍ୱତୀ ପ୍ରଧାନ, ପିତା: ୰ ଦଣ୍ଡପାଣି ପ୍ରଧାନଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନରସିଂହପୁର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୪୧୨/୪୨୪, ପ୍ଲଟ୍ ନଂ.: ୧୦୬୯, କ୍ଷେତ୍ର: ଏକର୦.୩୦୦ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଦଣ୍ଡପାଣି ପ୍ରଧାନଙ୍କ ପଦର ଏବଂ ଅନ୍ୟଜଣେ, ଦକ୍ଷିଣ: ଲେନ୍, ପୂର୍ବ: ବଞ୍ଜାରା ଜମି, ପଶ୍ଚିମ: ଦଣ୍ଡପାଣି ପ୍ରଧାନଙ୍କ ପଦର ଏବଂ ଅନ୍ୟଜଣେ | ୨୦.୧୧.୨୦୨୪ ସୁଦ୍ଧା ଟ.୨୫,୦୬,୨୭୫.୭୮ + ସେବାବଦ ସୁଧ ଏବଂ ଆନୁସଙ୍ଗିକ ଅନ୍ୟାନ୍ୟ ଦେୟ | ୨୦.୧୧.୨୦୨୪ / ୨୨.୦୪.୨୦୨୫ |
| ଆକାଉଣ୍ଟ ନଂ.: ୩୯୫୯୨୨୬୧୯୫୭ (ଏବିଏଲ୍), ୩୯୬୫୦୬୪୦୨୦୪ (ଏବିଏଲ୍) / ଋଣଗ୍ରହୀତା: ଶ୍ରୀ ବିଷ୍ଣୁ ପ୍ରସାଦ ଦଳବେହେରା, ପିତା: ଦେବେନ୍ଦ୍ର ଦଳବେହେରା / ଗ୍ୟାରେଣ୍ଟିଦାତା: ଶ୍ରୀ ଆକାଶ ଦଳବେହେରା, ସା/ପୋ.: ମଧୁରଚୁଆ, ଭାୟା: ରମ୍ଭା, ଜିଲ୍ଲା: ଗଞ୍ଜାମ-୭୬୧୦୨୭ | ଶ୍ରୀ ବିଷ୍ଣୁ ପ୍ରସାଦ ଦଳବେହେରା ଏବଂ ଶ୍ରୀ ଆକାଶ ଦଳବେହେରାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ମଧୁରଚୁଆ, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୬୫, ପ୍ଲଟ୍ ନଂ.: ୫୯୪, କ୍ଷେତ୍ର: ଏକର ୦.୦୪୮ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ସୁରଥ ନାହାକଙ୍କ ଜମି, ଦକ୍ଷିଣ: ରାସ୍ତା, ପୂର୍ବ: ନର୍ମଦା ମହାଙ୍କୁଡଙ୍କ ଜମି, ପଶ୍ଚିମ: ଯଦୁମଣି ନାହାକଙ୍କ ଜମି | ୧୫.୦୧.୨୦୨୫ ସୁଦ୍ଧା ଟ.୧୯,୩୯,୨୬୦.୬୦ + ସେବାବଦ ସୁଧ ଏବଂ ଆନୁସଙ୍ଗିକ ଅନ୍ୟାନ୍ୟ ଦେୟ | ୧୫.୦୧.୨୦୨୫ / ୨୨.୦୪.୨୦୨୫ |
| ଆକାଉଣ୍ଟ ନଂ.: ୩୯୮୦୧୪୦୦୯୫୪ (ଏବିଏଲ୍), ୩୯୮୦୧୫୮୫୪୮୦ (ଏବିଏଲ୍) / ୧) ଋଣଗ୍ରହୀତା: ଶ୍ରୀମତୀ ସତ୍ୟବତୀ ପରିଡ଼ା, ସ୍ୱାମୀ: ଶ୍ରୀ ବିମଳେନ୍ଦୁ ପରିଡ଼ା / ଗ୍ୟାରେଣ୍ଟିଦାତା: ଶ୍ରୀ ବିମଳେନ୍ଦୁ ପରିଡ଼ା, ପିତା: ମାଗୁଣି ପରିଡ଼ା, ଉଭୟଙ୍କ ଠିକଣା - ସା/ପୋ.: ଭିକାପଡ଼ା, ଥାନା: ଖଲ୍ଲିକୋଟ, ଜିଲ୍ଲା: ଗଞ୍ଜାମ-୭୬୧୦୨୯, ୨) ଋଣଗ୍ରହୀତା: ଶ୍ରୀ ବିମଳେନ୍ଦୁ ପରିଡ଼ା, ପିତା: ମାଗୁଣି ପରିଡ଼ା / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସତ୍ୟବତୀ ପରିଡ଼ା, ସ୍ୱାମୀ: ଶ୍ରୀ ବିମଳେନ୍ଦୁ ପରିଡ଼ା, ଉଭୟଙ୍କ ଠିକଣା- ସା/ପୋ.: ଭିକାପଡ଼ା, ଥାନା: ଖଲ୍ଲିକୋଟ, ଜିଲ୍ଲା: ଗଞ୍ଜାମ-୭୬୧୦୨୯ | ଶ୍ରୀ ବିମଳେନ୍ଦୁ ପରିଡ଼ା ଏବଂ ଶ୍ରୀମତୀ ସୁମିତା ପରିଡ଼ା ଓରଫ୍ ସତ୍ୟବତୀ ପରିଡ଼ାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭିକାପଡ଼ା, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୩୫୭/୯୬, ପ୍ଲଟ୍ ନଂ.: ୪୪୭/୧୯୪୭, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାଜଦାଣ୍ଡ, ଦକ୍ଷିଣ: ରାଜଦାଣ୍ଡ, ପୂର୍ବ: ଇନ୍ଦୁମତି ପରିଡାଙ୍କ ଗୃହ, ପଶ୍ଚିମ: ନିବାସୀ ପ୍ରଧାନଙ୍କ ଗୃହ | ୧୮.୧୧.୨୦୨୪ ସୁଦ୍ଧା ଟ.୨୫,୨୫,୩୭୧.୫୧ + ସେବାବଦ ସୁଧ ଏବଂ ଆନୁସଙ୍ଗିକ ଅନ୍ୟାନ୍ୟ ଦେୟ | ୧୮.୧୧.୨୦୨୪ / ୨୨.୦୪.୨୦୨୫ |
| ଆକାଉଣ୍ଟ ନଂ.: ୪୦୯୬୭୫୨୭୨୮୦ (ଏବିଏଲ୍) / ଋଣଗ୍ରହୀତା: ଶ୍ରୀ ମାନସ ରାଉଳ, ପିତା: ବିଦ୍ୟାଧର ରାଉଳ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଭାନୁମତି ରାଉଳ, ସ୍ୱାମୀ: ବିଦ୍ୟାଧର ରାଉଳ, ଉଭୟଙ୍କ ଠିକଣା- ସା: ନଗରଡ଼ିହପାଟଣା, ଲଙ୍ଗଳେଶ୍ୱର, ଥାନା: ଖଲ୍ଲିକୋଟ, ଜିଲ୍ଲା: ଗଞ୍ଜାମ-୭୬୧୦୨୯ | ଶ୍ରୀମତୀ ଭାନୁମତି ରାଉଳଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନଗରଡ଼ିହପାଟଣା, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୩୭୬, ପ୍ଲଟ୍ ନଂ.: ୧୮୨୮, କ୍ଷେତ୍ର: ଏକର ୦.୦୨୦ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କର ପଦର ଷ୍ଟ୍ରିଟ୍, ପୂର୍ବ: ଭଗତ ପ୍ରଧାନ ଏବଂ ଅନ୍ୟମାନଙ୍କ ଗୃହ, ପଶ୍ଚିମ: ହଜାରୀ ରାଉଳଙ୍କ ଗୃହ | ୨୦.୦୧.୨୦୨୫ ସୁଦ୍ଧା ଟ.୧୨,୬୦,୦୬୯.୭୧ + ସେବାବଦ ସୁଧ ଏବଂ ଆନୁସଙ୍ଗିକ ଅନ୍ୟାନ୍ୟ ଦେୟ | ୨୦.୦୧.୨୦୨୫ / ୨୨.୦୪.୨୦୨୫ |
| ଆକାଉଣ୍ଟ ନଂ.: ୩୯୭୫୪୧୨୩୯୨୫ (ଏବିଏଲ୍), ୩୯୭୮୯୬୫୨୩୨୬ / ୧) ଋଣଗ୍ରହୀତା: ଶ୍ରୀ ଗୟାଚାନ୍ଦ ଦାସ, ପିତା: ୰ ଦୁଃଖିଶ୍ୟାମ ଦାସ, ସା: ଡ଼ିଆଁଡ଼େଇଁ, ପୋ.: ମଧୁରଚୁଆ, ଥାନା: ରମ୍ଭା, ଜିଲ୍ଲା: ଗଞ୍ଜାମ-୭୬୧୦୨୮, ୨) ଋଣଗ୍ରହୀତା: ଶ୍ରୀମତୀ ଅହଲ୍ୟା ଦାସ, ସ୍ୱାମୀ: ଶ୍ରୀ ଗୟାଚାନ୍ଦ ଦାସ / ଗ୍ୟାରେଣ୍ଟିଦାତା: ଶ୍ରୀ ଗୟାଚାନ୍ଦ ଦାସ, ପିତା: ୰ ଦୁଃଖିଶ୍ୟାମ ଦାସ, ଉଭୟଙ୍କ ଠିକଣା- ସା: ଡ଼ିଆଁଡ଼େଇଁ, ପୋ.: ମଧୁରଚୁଆ, ଥାନା: ରମ୍ଭା, ଜିଲ୍ଲା: ଗଞ୍ଜାମ-୭୬୧୦୨୮ | ଶ୍ରୀ ଗୟାଚାନ୍ଦ ଦାସଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଡ଼ିଆଁଡ଼େଇଁ, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୨୦୬/୩୫୫, ପ୍ଲଟ୍ ନଂ.: ୪୦୪, କ୍ଷେତ୍ର: ଏକର ୦.୦୬୫ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗୟାଚାନ୍ଦ ଦାସଙ୍କ ଜମି, ଦକ୍ଷିଣ: ବୈଷ୍ଣବ ନାହାକଙ୍କ ଜମି, ପୂର୍ବ: ରାସ୍ତା, ପଶ୍ଚିମ: ଗୟାଚାନ୍ଦ ଦାସଙ୍କ ଗୃହ | ୨୧.୦୧.୨୦୨୫ ସୁଦ୍ଧା ଟ.୧୪,୫୦,୫୯୧.୯୧ + ସେବାବଦ ସୁଧ ଏବଂ ଆନୁସଙ୍ଗିକ ଅନ୍ୟାନ୍ୟ ଦେୟ | ୨୧.୦୧.୨୦୨୫ / ୨୨.୦୪.୨୦୨୫ |

ସ୍ଥାନ: ବ୍ରହ୍ମପୁର, ତାରିଖ: ୨୫.୦୪.୨୦୨୫ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ୬୧ ଲିଟର ଦେଶୀମଦ ଜବତ

ବାରଙ୍ଗ,୨୬।୪(ଲିଙ୍ଗରାଜ ରାଉତ)

ନନ୍ଦନକାନନ ଥାନା ପୋଲିସ ବେଆଇନ ଦେଶୀମଦ ବିକ୍ରି ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଶୁକ୍ରବାର ରାତିରେ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାରଙ୍ଗ ତେଲେଙ୍ଗାସାହିର ସୁଶାନ୍ତ ଭୋଇ(୩୬)। ତାଙ୍କଠାରୁ ପୋଲିସ ୬୧.୨ ଲିଟର ଆସ୍କା-ଫର୍ଟି ଦେଶୀମଦ, ଏକ ସ୍କୁଟି ଏବଂ ୧୦୭୦ ଟଙ୍କା ଜବତ କରିଛି। ଏନେଇ ୧୫୨/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୁଶାନ୍ତ ବଟାନିକାଲ ଗାର୍ଡେନ ନିକଟରେ ବେଆଇନ ଭାବେ ଦେଶୀମଦ ବିକ୍ରି କରୁଥିଲେ। ସୁଶାନ୍ତ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ ତାଙ୍କ ନାମରେ ପୂର୍ବରୁ ମଧ୍ୟ ବାରଙ୍ଗ ଥାନାରେ ୪ଟି ବେଆଇନ ମଦ ବ୍ୟବସାୟଜନିତ ମାମଲା ରହିଥିବା ଜଣାପଡ଼ିଛି।

# ଭୁବନେଶ୍ୱରରେ ପାକିସ୍ତାନୀ ମହିଳା

## ଦେଶ ଛାଡିବାକୁ ନଗ୍‌ମାଙ୍କୁ ପୋଲିସର ନୋଟିସ

ଭୁବନେଶ୍ୱର,୨୬।୪(ସତ୍ୟଜିତ ରାଉତ)

ଜମ୍ମୁ-କଶ୍ମୀର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଦେଶରେ ରହୁଥିବା ପାକିସ୍ତାନୀ ନାଗରିକଙ୍କୁ ବିଦା କରିବାକୁ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡ଼ିଶାରେ ଥିବା ୧୨ଜଣ ପାକିସ୍ତାନୀ ନାଗରିକଙ୍କୁ ମଧ୍ୟ ଦେଶ ଛାଡିବାକୁ ନୋଟିସ ହୋଇଛି। ତେବେ ଏମାନଙ୍କ ମଧ୍ୟରୁ ଜଣେ ପାକିସ୍ତାନୀ ମହିଳା ଭୁବନେଶ୍ୱର ବିଜେବିନଗରରେ ରହୁଥିବା ଜଣାପଡିଛି। ମହିଳା ଜଣକ ହେଲେ ନଗମା ୟୁସୁଫ (୫୫)। କମିଶନରେଟ ପୋଲିସ ତାଙ୍କୁ ଦେଶ ଛାଡିବାକୁ ନୋଟିସ୍ କରିଛି। ଶୁକ୍ରବାର ଏହି ନୋଟିସ ହୋଇଥିବା ବେଳେ ୨୭ ଏପ୍ରିଲ ସୁଦ୍ଧା ଭାରତ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଶନିବାର ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ନଗମାଙ୍କ ସ୍ୱାମୀ ହେଲେ ଭୁବନେଶ୍ୱରରେ ବ୍ୟବସାୟ କରୁଥିବା ମହମ୍ମଦ ନିଜାମୁଦ୍ଦିନ। ନଗମା ୨୦୦୮ରେ ତାଙ୍କୁ ପ୍ରେମ ବିବାହ କରିବା ପରେ ଭିଜା ନେଇ ଭୁବନେଶ୍ୱରରେ ପରିବାର ସହ ରହୁଛନ୍ତି। ୨୦୨୪ରେ ତାଙ୍କର ଭିଜା ଅବଧି ଶେଷ ହୋଇଥିଲା। ଏହାପରେ ସେ ଭିଜିଟର୍ସ ଭିଜାରେ ରହୁଥିଲେ ମଧ୍ୟ ଏହାର ଅବଧି ଗତ ଫେବୃଆରୀରେ ସରିଯାଇଛି। ଭିଜା ନବୀକରଣ କରି ମିଆଦ ବୃଦ୍ଧି ପାଇଁ ମଧ୍ୟ ସେ ଆବେଦନ କରିନ୍ତି। ତେବେ ହଠାତ ଆତଙ୍କବାଦୀ ଆକ୍ରମଣକୁ ନେଇ ପାକିସ୍ତାନ ନାଗରିକଙ୍କୁ ୪୮ ଘଣ୍ଟାରେ ଦେଶ ଛାଡିବାକୁ ସରକାର ଗୁରୁବାର ନିର୍ଦ୍ଦେଶ ଦେଇଥିବାରୁ ସେ ଏଥିପାଇଁ କମିଶନରେଟ ପୋଲିସର ଫରେନର୍ସ ରେଜିଷ୍ଟ୍ରେଶନ ଅଫିସ୍‌ରେ ଏକ୍‌ଜିଟ ପରମିଟ୍ ପାଇଁ ଆବେଦନ କରିଛନ୍ତି। ପୋଲିସ ତାଙ୍କ ଆବେଦନ ଗ୍ରହଣ କରିଛି। ତେବେ ଏ ସମ୍ପର୍କରେ ନଗମାଙ୍କ ସ୍ୱାମୀ ନିଜାମୁଦ୍ଦିନ କହିଛନ୍ତି, ଆଇନ ଅନୁସାରେ ସରକାର ପଦକ୍ଷେପ ନେଉଛନ୍ତି। ସରକାରଙ୍କ ନିର୍ଦ୍ଦେଶକୁ ଆମକୁ ସମ୍ମାନ ଦେବାକୁ ପଡ଼ିବ। ବ୍ୟକ୍ତିଗତ ଭାବରେ ମୋର କୌଣସି ପ୍ରକାର ଅସୁବିଧା ନାହିଁ। ହେଲେ ନଗ୍‌ମାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା

### ଦେବ୍ୟୁଗ ପରିବାର ପକ୍ଷରୁ ମହମବତୀ ଶୋଭାଯାତ୍ରା




ଭୁବନେଶ୍ୱର,୨୬।୪(ସୁଚିସ୍ମିତା ସାହୁ)

ଦେବଯୁଗ ପରିବାର ପକ୍ଷରୁ ଜମ୍ମୁ-କଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବାଲେଶ୍ୱରର ପ୍ରଶାନ୍ତ କୁମାର ଶତପଥୀଙ୍କ ସମେତ ଅନ୍ୟମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଗୁରୁତର ଆହତଙ୍କ ଆରୋଗ୍ୟ କାମନା କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଯୁବତୀଯୁବକ ଶୁକ୍ରବାର ସନ୍ଧ୍ୟାରେ ମାଉସୀମା ଛକରୁ ଶୋଭାଯାତ୍ରାରେ ବାହାରିକ ବିବେକାନନ୍ଦ ମାର୍ଗସ୍ଥିତ ଶ୍ରୀହନୁମାନଙ୍କ ମନ୍ଦିର ନିକଟରେ ପହଞ୍ଚି ଦୀପ ଜଳାଇଲେ। ଏହି ଦୁଃଖଦ ସମୟରେ ସମସ୍ତ ଦେଶବାସୀଙ୍କୁ ଏକାଠି ହେବା ସହିତ ନିଜ ଭିତରେ ଏକତା ରଖି ଆତଙ୍କବାଦ ବିରୋଧରେ ଲଢେଇ କରିବାକୁ ଆହ୍ୱାନ ଦିଆଯାଇଥିଲା। ଆତଙ୍କବାଦୀଙ୍କୁ ମୂଳପୋଛ କରିବାକୁ ସାରା ଦେଶ ପ୍ରସ୍ତୁତ ବୋଲି ଦିବ୍ୟଯୁଗ ପରିବାରର ସଦସ୍ୟମାନେ କହିଛନ୍ତି।

## ବର୍ଦ୍ଧିତ ପାଣି ଦେୟକୁ ନୀଳାଦ୍ରି ବିହାର ଆବାସିକ ସଂଘର ବିରୋଧ

ଭୁବନେଶ୍ୱର, ୨୬।୪ (ବନ୍ଦନା ସେଠୀ)

ଚଳିତ ମାସରେ ୱାଟ୍‌କୋ ପକ୍ଷରୁ ପାଣି ଦେୟ ଉପରେ ୫୦ଟଙ୍କା ବୃଦ୍ଧି କରାଯାଇଛି। ଏହାକୁ ନୀଳାଦ୍ରି ବିହାର ଆବାସିକ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଏନେଇ ଶନିବାର ନୀଳାଦ୍ରି ବିହାର ଆବାସିକ ସଂଘର କର୍ମକର୍ତ୍ତାମାନେ ସେକ୍ଟର-୩ସ୍ଥିତ ୱାଟ୍‌କୋ କାର୍ଯ୍ୟାଳୟରେ ପହଞ୍ଚି ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ବର୍ଦ୍ଧିତ ୫୦ଟଙ୍କା ତୁରନ୍ତ ପ୍ରତ୍ୟାହାର କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦିଆଯାଇଛି। ସଂଘ ସମ୍ପାଦକ କହିଛନ୍ତି ଯେ, ଚଳିତ ମାସରେ ୱାଟ୍‌କୋ ପକ୍ଷରୁ ମିଟର ରକ୍ଷଣାବେକ୍ଷଣ ପାଇଁ ପାଣି ଦେୟ ଉପରେ ବୃଦ୍ଧି କରାଯାଇଛି। ଏହା ଜନସାଧାରଣଙ୍କ ପାଇଁ ବୋଝ ଉପରେ ନଳିତା ବିଡା ସଦୃଶ। ତେଣୁ ଏହାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ। ନଚେତ୍ ଆଗକୁ ବିରାଟ ଜନଆନ୍ଦୋଳନ ମୁଣ୍ଡ ଟେକି ବୋଲି ସେ ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ଆବାସିକ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବିଏମ୍‌ସି ସଲିଡ୍ ୱେଷ୍ଟ ପ୍ଲାଜ୍‌ମା ଟେକ୍ନୋଲୋଜି ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ବୁଲିଲା ଆନ୍ଧ୍ରପ୍ରଦେଶ ପ୍ରତିନିଧି ଦଳ



ପ୍ଲାଣ୍ଟ କର୍ମଚାରୀ ଓ ଅଧିକାରୀଙ୍କ ସହ ଆନ୍ଧ୍ରପ୍ରଦେଶ ପ୍ରତିନିଧି ଦଳ।

ଭୁବନେଶ୍ୱର, ୨୬।୪ (ବନ୍ଦନା ସେଠୀ)

ଆନ୍ଧ୍ରପ୍ରଦେଶର ଡ. ଭୀମ୍‌ରାଓ ଆମ୍ବେଦକର କୋନାସୀମା ଜିଲା ଅନ୍ତର୍ଗତ ଅମଲାପୁରମ୍ ମ୍ୟୁନିସିପାଲିଟି କମିଶନର କେଭିଆର୍‌ଆର୍ ରାଜୁ ଓ ତାଙ୍କ ଟିମ୍ ଶନିବାର ବିଏମ୍‌ସିର ସଲିଡ୍ ୱେଷ୍ଟ ପ୍ଲାଜ୍‌ମା ଟେକ୍ନୋଲୋଜି ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିଦର୍ଶନ କରିଛନ୍ତି। ଏହି ଟିମ୍ କଠିନ ବର୍ଜ୍ୟ ପ୍ରକ୍ରିୟାକରଣ କାର୍ଯ୍ୟ ବୁଲି ଦେଖିବା ସହ ଏହାର ଉପକାରିତା, ଅପକାରିତା, ଖର୍ଚ୍ଚ ଆଦି ସମ୍ପର୍କରେ ପଚାରି ବୁଝିଥିଲା। ବିଏମ୍‌ସି ପକ୍ଷରୁ ପ୍ଲାଣ୍ଟ ପରିଚାଳନା କରୁଥିବା ଇଞ୍ଜିନିୟର ସେମାନଙ୍କୁ ତଥ୍ୟ ପ୍ରଦାନ କରିଥିଲେ।

ଏହି ଟିମ୍‌ରେ ଜିଲା ପଞ୍ଚାୟତ ଅଧିକାରୀ ଡାଗୁମାଲ୍ଲା ଶାନ୍ତାଲକ୍ଷ୍ମୀ, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଇଞ୍ଜିନିୟର ଏମ୍‌ବିଏସ୍ ଶଙ୍କର ରାଓ ଓ ଜିଲା ଶିଳ୍ପ ଅଧିକାରୀ ପିକେପି ପ୍ରସାଦ ପ୍ରମୁଖ ସାମିଲ ଥିଲେ। ବିଏମ୍‌ସି ମୁଖ୍ୟାଳୟରେ ସେମାନଙ୍କୁ ପୁଷ୍ପଗୁଚ୍ଛ, ଉପହାର ଓ କଫିଟେବୁଲ୍ ପୁସ୍ତକ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଏମ୍‌ସିର ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହକାରୀ କମିଶନର ଏନ୍. ଗଣେଶ ବାବୁଙ୍କ ସହ ଟିମ୍ ବିଏମ୍‌ସି ଉପସ୍ଥିତ ଥିଲେ। ଆଲୋଚନା ପରେ ସେମାନେ ସଲିଡ୍ ୱେଷ୍ଟ ପ୍ଲାଜ୍‌ମା ଟେକ୍ନୋଲୋଜି ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ସହ ବିଭିନ୍ନ ଏମ୍‌ସିସି ଓ ଏମ୍‌ଆରଏଫ୍ ସେଣ୍ଟର ବୁଲି ଦେଖିଥିଲେ। ଏହି ପଦ୍ଧତି ସମ୍ପର୍କରେ ଅବଗତ ହେବା ପରେ ଅମଲାପୁରମ ମ୍ୟୁନିସିପାଲିଟିରେ ଏହାକୁ କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନିଆଯିବ ବୋଲି ସୂଚନା ଦିଆଯାଇଛି।

## ମୃତକଙ୍କୁ କିସ୍‌ର ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୬।୪ (ଅନୁରାଧା ମହାରଣା)

ପହଲଗାମ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କୁ କିସ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯିବା ସହ ସେମାନଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଛି। ଏହି ଅବସରରେ କିସ୍ ବିଶ୍ୱବିଦ୍ୟାଳୟର ୧୦ ହଜାର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ମହମବତୀ ଜାଳି ନିରବ ପ୍ରାର୍ଥନା କରିଥିଲେ। ଏଥିରେ କିଟ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ରହି ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଓଡ଼ିଶା ସଚିବାଳୟ ସମୀକ୍ଷକ ସେବା ସଂଘ ପକ୍ଷରୁ ଶୋକ ପ୍ରାର୍ଥନା




ଭୁବନେଶ୍ୱର, ୨୬।୪ (ବନ୍ଦନା ସେଠୀ)

କଶ୍ମୀର ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ୨୮ଜଣ ନିରୀହ ନାଗରିକଙ୍କ ପାଇଁ ଓଡ଼ିଶା ସଚିବାଳୟ ସମୀକ୍ଷକ ସେବା ସଂଘ ତରଫରୁ ନୀରବ ଶୋକ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି। ସଚିବାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହମବତୀ ଶୋଭାଯାତ୍ରା କରାଯାଇଥିଲା। ସଚିବାଳୟ ସମୀକ୍ଷକ ସେବା ସଂଘ ସଭାପତି ଦିବାକର ସାହୁ, ଉପସଭାପତି ସୁବ୍ରତ ଶତପଥୀ, ସାଧାରଣ ସମ୍ପାଦକ ବିକାଶ ରଞ୍ଜନ ମାହାଳି, ସମ୍ପାଦକ ମନୋଜ ଗମାଙ୍ଗ, ଯୁଗ୍ମ ସମ୍ପାଦକ ସତ୍ୟସିନ୍ଧୁ ଦାଶ, ସହକାରୀ ସମ୍ପାଦକ ଶକ୍ତି ସୌରଭ ମିଶ୍ର, ସାଂସ୍କୃତିକ ସମ୍ପାଦକ ରୂପସା ରେଡ୍ଡୀ, କୋଷାଧ୍ୟକ୍ଷ ମନୋରଞ୍ଜନ ପରିଡା, ସମୀକ୍ଷକା ସ୍ୱେପି ମଲିଆଙ୍କ ସହ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସରକାରୀ ଜମିରେ ପାଚେରି ନିର୍ମାଣକୁ ନେଇ ମାର୍‌ପିଟ, ୯ ଆହତ

ବାରଙ୍ଗ,୨୬।୪ (ଲିଙ୍ଗରାଜ ରାଉତ)

ଏକ ସରକାରୀ ଜମିରେ ପାଚେରି ନିର୍ମାଣକୁ ନେଇ ୨ ପରିବାର ମଧ୍ୟରେ ଶନିବାର ମାର୍‌ପିଟ ହୋଇଛି। ଟେକାପଥର ମାଡ଼ରେ ୯ ଜଣ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଘଟଣାକୁ ନେଇ ଚାପା ଉତ୍ତେଜନା ଦେଖାଦେବାରୁ ଘଟଣାସ୍ଥଳରେ ବାରଙ୍ଗ ଥାନା ପୋଲିସ ଓ ଫୋର୍ସ ମୁତୟନ ହୋଇଛନ୍ତି। ନରଣପୁର ଗ୍ରାମର ରାଜେନ୍ଦ୍ର ବିଶ୍ୱାଳ ତ୍ରିଶୂଳିଆ-ବାଲିକୁଦା ମୁଖ୍ୟରାସ୍ତା କଡ଼ ଏକ ଜମିରେ ଘର କରି ପରିବାର ସହ ରହୁଛନ୍ତି। ଉକ୍ତ ଜାଗା ପାର୍ଶ୍ୱରେ ଯାଜପୁର ଅଞ୍ଚଳର ମହିଳା ଜୟନ୍ତୀ ଗୋଛି ଏକ ଜାଗା କିଣି ୩ ମହଲା ଘର କରିଥିଲେ। ଘର ଆଗରେ ଥିବା ସରକାରୀ ଜମିରେ ଜୟନ୍ତୀ ପାଚେରି କରିବାକୁ ନେଇ ରାଜେନ୍ଦ୍ରଙ୍କ ପରିବାର ବିରୋଧ କରିଆସୁଥିଲେ। ସ୍ଥାନୀୟ ଭଦ୍ରଲୋକଙ୍କ ଦ୍ୱାରା ଆପୋସ ବୁଝାମଣା କରାଯାଇଥିଲା। ଶନିବାର ପୂର୍ବାହ୍ନରେ ଜୟନ୍ତୀ ୫ ଶ୍ରମିକଙ୍କୁ ନେଇ ପୁନର୍ବାର ସେଠାରେ ପାଚେରି ନିର୍ମାଣ କରୁଥିବାବେଳେ ଉଭୟଙ୍କ ମଧ୍ୟରେ ମାର୍‌ପିଟ ହୋଇଥିଲା। ପୋଲିସ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇବା ସହ ସ୍ଥିତି ନିୟନ୍ତ୍ରଣ କରିଥିଲା।

## ଗୀତି କୈବଲ୍ୟ ପୁସ୍ତକ ଲୋକାର୍ପଣ



ପୁସ୍ତକ ଲୋକାର୍ପଣ ଉତ୍ସବରେ ଉପସ୍ଥିତ ଅତିଥି।

ଭୁବନେଶ୍ୱର,୨୬।୪ (ସୌମ୍ୟରଞ୍ଜନ ରାଉତ)

କବି ଅକ୍ଷୟ କୁମାର ସାହୁଙ୍କ 'ଗୀତି କୈବଲ୍ୟ' ପୁସ୍ତକ ଗୀତଗୋବିନ୍ଦ ସଦନଠାରେ ସଭାମୁଖ୍ୟ ବରିଷ୍ଠ ଗୀତିକାର ପୀତାମ୍ବର ମିଶ୍ରଙ୍କ ସଭାପତିତ୍ୱରେ ଲୋକାର୍ପଣ ହୋଇଯାଇଛି। ଉଦ୍‌ଘାଟକ ଭାବେ ଓଡ଼ିଆ ଗୀତିକବି ସମାଜର ସଭାପତି ଗୌର ପଟ୍ଟନାୟକ, ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସହସମ୍ପାଦକ ସଞ୍ଜୟ କୁମାର ଛୁଆଳିସିଂ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିଶୁ ସାହିତ୍ୟିକ ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଗୀତିକବି ଡ. କିଶୋର ମହାନ୍ତି, ବିଶିଷ୍ଟ କବି ତଥା ଶିକ୍ଷାବିତ୍ ଗୟାଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଅକ୍ଷୟ କୁମାର ସାହୁଙ୍କ ଗୀତି କୈବଲ୍ୟ ପୁସ୍ତକ ସମ୍ପର୍କରେ ବର୍ଣ୍ଣନା କରିଥିଲେ।

## ବରଯାତ୍ରୀଙ୍କ ପରିସ୍ରା କରିବାକୁ ନେଇ ସାହି ବିବାଦ ; ୪ ଆହତ, ୬ ଅଟକ

ବାରଙ୍ଗ,୨୬।୪ (ଲିଙ୍ଗରାଜ ରାଉତ)

ତ୍ରିଶୂଳିଆ ଗ୍ରାମରେ ଶୁକ୍ରବାର ରାତିରେ ଏକ ବରଯାତ୍ରୀ ଶୋଭାଯାତ୍ରାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଉକ୍ତ ଘଟଣାରେ ପୋଲିସ ୬ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ତ୍ରିଶୂଳିଆ ଗ୍ରାମର ସ୍ୱର୍ଗତ ସୁବାସ ମୁଦୁଲିଙ୍କ ଝିଅ ବାହାଘର ପାଇଁ ଯାଜପୁର ଅଞ୍ଚଳରୁ ଶୁକ୍ରବାର ରାତିରେ ବରଯାତ୍ରୀ ଆସିଥିଲେ। ବରଯାତ୍ରୀ ଦଳ ଗାଁମୁଣ୍ଡରେ ପହଞ୍ଚି ଥିବାବେଳେ ଏକ ଲସି ଦୋକାନ ସମ୍ମୁଖରେ ଜଣେ ବରଯାତ୍ରୀ ପରିସ୍ରା କରିଥିଲେ। ସେଠାରେ ଉପସ୍ଥିତ ତ୍ରିଶୂଳିଆ ଗ୍ରାମ ସିଂ ସାହିର କେତେଜଣ ଯୁବକ ବାରଣ କରିଥିଲେ। ଏହାକୁ ନେଇ ବରଯାତ୍ରୀ ଦଳ ଓ ଯୁବକଙ୍କ ମଧ୍ୟରେ ସାମାନ୍ୟ ପାଟିତୁଣ୍ଡ ହୋଇଥିଲା। ବରଯାତ୍ରୀ ଦଳ ଝିଅଘର ପାଖରେ ପହଞ୍ଚିବା ପରେ ମୁଦୁଲି ସାହିର ୧୦ରୁ ୧୨ ଜଣ ଯୁବକ ସିଂ ସାହିରେ ପଶି ବରଯାତ୍ରୀଙ୍କୁ ଖରାପ ବ୍ୟବହାର କରିଥିବା ଯୁବକଙ୍କ ଘର ପାଖକୁ ଯାଇ ପାଟିତୁଣ୍ଡ କରିଥିଲେ। ଏହାକୁ ସିଂ ସାହିର କେତେଜଣ ଯୁବକ ପ୍ରତିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ପ୍ରବଳ ବଚସା ପରେ ମାଡ଼ଗୋଳ ହୋଇଥିଲା। ଫଳରେ ଉଭୟ ପକ୍ଷରୁ ୪ ଜଣ ଯୁବକ ଆହତ ହୋଇଥିଲେ। ବାରଙ୍ଗ ପୋଲିସ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ନେବା ସହ ଗୋଷ୍ଠୀ ସଂଘର୍ଷରେ ରୋକ୍ ଲାଗିପାରିଥିଲା।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ ମ୍ୟାଲେରିଆ ସଚେତନତା ଅଭିଯାନ




ସଚେତନତା ଅଭିଯାନରେ ସାମିଲ ହୋଇଥିବା ସ୍ଥାନୀୟ ଲୋକେ।

ଭୁବନେଶ୍ୱର,୨୬।୪(ଅନୁରାଧା ମହାରଣା)

ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ କଳାହାଣ୍ଡି ଜିଲାର ନାକରୁଣ୍ଡି ଓ ଗୁଣପୁର ଗ୍ରାମରେ ସଚେତନତା ଅଭିଯାନ ଆରମ୍ଭ କରିଛି । ଏହି ଅଭିଯାନରେ ୩୮୦ରୁ ଅଧିକ ବାସିନ୍ଦାଙ୍କୁ ସାମିଲ ହୋଇଥିବାବେଳେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନ କରାଯାଇଥିଲା। ପୂର୍ବରୁ ସିଜିମାଳି ବକ୍ସାଇଟ ଟିମ୍ ଦ୍ୱାରା ବଣ୍ଟନ କରାଯାଇଥିବା ଔଷଧଯୁକ୍ତ ମଶାରୀ ବ୍ୟବହାର ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ସହିତ ଏହି ପଥପ୍ରାନ୍ତ ନାଟକ ମାଧ୍ୟମରେ ପ୍ରମୁଖ ମ୍ୟାଲେରିଆ ପ୍ରତିରୋଧ ରଣନୀତିଗୁଡ଼ିକୁ ନିଆରା ଢଙ୍ଗରେ ଉପସ୍ଥାପନ କରାଯାଇଥିଲା। କମ୍ପାନୀ ଗତବର୍ଷ ସ୍ୱାସ୍ଥ୍ୟ ଶିବିର, ସ୍ୱର୍ଣ୍ଣ ପ୍ରାଶନ ଟୀକାକରଣ ପଦକ୍ଷେପ ଏବଂ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ୪୫ହଜାରରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଥିବା ସୂଚନା ଦିଆଯାଇଛି। କମ୍ପାନୀର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ସୁନୀଲ ଗୁପ୍ତା କହିଛନ୍ତି, ମ୍ୟାଲେରିଆ ପ୍ରତିରୋଧ, ପୁଷ୍ଟିସାଧନ ସଚେତନତା, ଯୋଗ ଏବଂ କର୍କଟ ଶିକ୍ଷା ଭଳି ସାମଗ୍ରିକ ସ୍ୱାସ୍ଥ୍ୟ ପଦକ୍ଷେପ ଦ୍ୱାରା ସୁସ୍ଥ ସମାଜ ଗଠନ ଲକ୍ଷ୍ୟ ରହିଛି।

## ସ୍କୁଟିକୁ ପିଟିଲା କାର୍, ୩ ଆହତ

ବାଲିଅନ୍ତା ୨୬।୪ (ନୀଳମାଧବ ସାହୁ)

ହଂସପାଳ-ବନମାଳିପୁର ଅଭୟମୁଖୀ ପୂର୍ତ୍ତ ବିଭାଗ ରାସ୍ତାର ବାଲିଅନ୍ତା ମହାତ୍ମା ସେତୁ ନିକଟରେ ଶନିବାର ସକାଳେ ଏକ କାର୍ ଧକ୍କାରେ ୩ ଯୁବକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଗୁରୁତର ଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ପଠାଇଥିଲେ। ଆହତ ୨ ଯୁବକଙ୍କ ଗୋଡ଼ ଓ ହାତରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି। ବାଲିଅନ୍ତା-କୁଶଭଦ୍ରା ନଦୀପଠାରେ ଚାଲିଥିବା ଏକ କ୍ରିକେଟ୍ ଖେଳ ଦେଖି ଏହି ୩ ଯୁବକ ଘରକୁ ଫେରୁଥିବାବେଳେ ଦ୍ରୁତ ଗତିରେ ଆସୁଥିବା କାର୍ ଧକ୍କା ଦେଇଥିଲା।

## ସ୍ତ୍ରୀଙ୍କୁ ହତ୍ୟା ମାମଲାର ରାୟ ପ୍ରକାଶ

# ଦୋଷୀ ସ୍ୱାମୀଙ୍କୁ ଆଜୀବନ ଜେଲଦଣ୍ଡ

ଭୁବନେଶ୍ୱର,୨୬।୪(ସତ୍ୟଜିତ ରାଉତ)

ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କୋରଡ଼କଣ୍ଟାରେ ସ୍ତ୍ରୀ ରୀତା ନାୟକଙ୍କୁ ହତ୍ୟା ଘଟଣାର ରାୟ ୨ ବର୍ଷ ପରେ ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲା ଓ ଦୌରା ଜଜଙ୍କ କୋର୍ଟ ଶନିବାର ସ୍ୱାମୀ ବିଦ୍ୟାଧର ନାୟକ ଓରଫ ନାଲୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବାକୁପଡ଼ିବ ବୋଲିବିଚାରପତିନିତୀଶ ନିଶଙ୍କ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ରୀତା ପ୍ରଥମେ ନୟାଗଡ଼ର ଅର୍ଜୁନ ନାୟକଙ୍କୁ ବିବାହ ପରେ ତାଙ୍କର ୨ଝିଅ ହୋଇଥିଲା। ପରେ ଭୁବନେଶ୍ୱର ଶିଖରଚଣ୍ଡୀରେ କାମ କରୁଥିବା ବେଳେ ସେଠାରେ ସିକ୍ୟୁରିଟି ଗାର୍ଡ ଥିବା ବିଦ୍ୟାଧରଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରିବାରକୁ ନ ଜଣାଇ ଉଭୟ ବିବାହ କରିଥିଲେ। ପରେ ସେମାନଙ୍କର ଗୋଟିଏ ପୁଅ ହୋଇଥିଲା। ଉଭୟ କୋରଡ଼କଣ୍ଟାରେ ନିର୍ମାଣାଧିନ ଘରେ ରହି ଶ୍ରମିକ ଭାବେ କାମ କରୁଥିଲେ। ସେଠାରେ ରୀତାଙ୍କ ଭାଇ ହରମ୍ଭା ମଧ୍ୟ କାମ କରୁଥିଲେ। ୨୦୨୨ ଡିସେମ୍ବର ୨୫ରେ ରୀତାଙ୍କୁ ନ ଜଣାଇ ପୁଅକୁ ବିଦ୍ୟାଧର ନୟାଗଡ଼ ଜିଲା ବାଣିଗୋଛା ଥାନା କୁରୁଡାଙ୍ଗ ଗ୍ରାମସ୍ଥିତ ଘରେ ଛାଡ଼ି ଦେଇ ଆସିଥିଲେ। ଏହାକୁ ନେଇ ଡିସେମ୍ବର ୨୮/୨୯ ବିଳମ୍ବିତ ରାତିରେ ଦମ୍ପତିଙ୍କ ମଧ୍ୟରେ ଭୀଷଣ ଝଗଡା ହୋଇଥିଲା। ରାତି ପ୍ରାୟ ୨ରୁ ୩ଟାରେ ବିଦ୍ୟାଧର ରୀତାଙ୍କୁ ନିର୍ମାଣାଧୀନ ଘର ବାହାରକୁ ଡାକି ଆଣି ତାଙ୍କ ଗଳାକୁ ଶାଢ଼ିରେ ଭିଡ଼ି ହତ୍ୟା କରିଥିଲେ। ଏହାପରେ ପ୍ରମାଣ ନଷ୍ଟ କରିବାକୁ ରୀତାଙ୍କ ମୃତଦେହକୁ ୧୦୦ ମିଟର ଦୂର ଆଉଏକ ଫ୍ଲାଟ୍‌ରେ ଥିବା ଭଙ୍ଗା ଆଜବେଷ୍ଟସ ଘର ଭିତରେ ରଖି ଗଛଡାଳ ଘୋଡ଼ାଇ ଦେଇ ଫେରାର ହୋଇଯାଇଥିଲେ। ୨୦୨୩ ଜାନୁଆରୀ ୨ରେ ମୃତଦେହ ପଚି ଦୁର୍ଗନ୍ଧ ହୋଇଥିଲା। ଏପଟେ ଖୋଜାଖୋଜି କରୁଥିବା ଭାଇ ହରମ୍ଭା ସେହି ଭଙ୍ଗାଘର ନିକଟକୁ ଯାଇ ରୀତାଙ୍କ ମୃତଦେହ ଦେଖି ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୧/୨୩) ରୁଜୁ କରି ଖାରବେଳନଗର ଅଞ୍ଚଳରୁ ବିଦ୍ୟାଧରଙ୍କୁ ଗିରଫ କରିଥିଲା। ୧୮ଜଣଙ୍କ ସାକ୍ଷ୍ୟ ଓ ପ୍ରଯୁଜ୍ୟ ଦସ୍ତାବିଜକୁ ଆଧାର କରି କୋର୍ଟ ରାୟ ଶୁଣାଇଥିଲେ।

## ଫଟୋରେ ଖବର



ସିବିଏସ୍‌ଇ ଏବଂ ଆଇଏସ୍‌ଟିଏମ୍ ପକ୍ଷରୁ ବିଜେଇଏମ୍ ଇଂଲିଶ ମିଡିୟମ୍ ସ୍କୁଲ୍‌ରେ ଚାଲିଥିବା ଦୁଇଦିନିଆ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ (ଟିଓଟି) ପ୍ରମାଣପତ୍ର କୋର୍ସ କର୍ମଶାଳାରେ ଯୋଗଦେଇଥିବା ଶିକ୍ଷକ ଓ ପ୍ରଶିକ୍ଷକମାନେ।



ରାଜଧାନୀ ଉପକଣ୍ଠ ଲକ୍ଷ୍ମୀନାରାୟଣପୁର ଭାଗବତ ବାସୁଦେବ ପରିଚାଳନା କମିଟି ପକ୍ଷରୁ ଅନୁଷ୍ଠିତ ଅଷ୍ଟପ୍ରହରୀ ନାମଯଜ୍ଞରେ ପିଲାମାନେ କାଦୁଅ ବୋଳି ହୋଇ ନଗର କୀର୍ତ୍ତନ କରୁଛନ୍ତି।




ରେଡକ୍ରସ ଭବନଠାରେ ଶନିବାର ଅନୁଷ୍ଠିତ ରାଷ୍ଟ୍ରୀୟ କ୍ଷତ୍ରୀୟ ମହାସଂଘର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ସଂକ୍ଷେପରେ

### ଲୋକକଳା, ଲୋକନୃତ୍ୟ କାର୍ଯ୍ୟକ୍ରମ

**କଟକ ସଦର,୨୬।୪(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ନିକଟ ପୋତାପୋଖରୀ ଖେଳପଡ଼ିଆରେ ସମର୍ପଣ ପରିବାର ଆନୁକୂଲ୍ୟରେ ଲୋକକଳା ଓ ଲୋକ ନୃତ୍ୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରତ୍ୟେହ ସନ୍ଧ୍ୟାରେ ରାମଲୀଳା, ଘୋଡ଼ା ନାଚ, କଣ୍ଢେଇ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଉଥିବା ସଭାପତି ସନତ କୁମାର ନାୟକ, ସମ୍ପାଦକ ତୀର୍ଥବାସୀ ବେହେରା, ଭାଗୀରଥି ବେହେରା ଜଣାଇଛନ୍ତି। ଏହି କର୍ଯ୍ୟକ୍ରମ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ତ୍ରିଲୋଚନ ନାୟକ, ଅଜିତ ଷଡ଼ଙ୍ଗୀ, ଲକ୍ଷ୍ମୀଧର ରାଉତ ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି।

### ଶତ୍ରୁତାରୁ ବୋମା ପକାଇ ୨ ଘୁଷୁରି ମାରିଦେଲେ

**ଖୁଣ୍ଟୁଣୀ,୨୬।୪(ସଚ୍ଚିଦାନନ୍ଦ ପଣ୍ଡା)**

ଗୁରୁଡ଼ିଝାଟିଆ ଥାନା କୁଶପଙ୍ଗି ଗ୍ରାମର ଜଣେ ଘୁଷୁରି ଚାଷୀଙ୍କ ୯ଟି ଘୁଷୁରିଙ୍କୁ ଗୁରୁବାର ବିଳମ୍ବିତ ରାତିରେ କେହି ବୋମା ପକାଇ ମାରିଦେଇଥିବା ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ଅଭିଯୋଗକୁ ନେଇ ଆଇଆଇସି ତପନ କୁମାର ପତି ୭୬/୨୫ରେ ଏକ ମାମଲା କରି ଘଟଣାସ୍ଥଳରୁ ୨୦ରୁ ଉର୍ଦ୍ଧ୍ୱ ବୋମା ଓ ୨ ମୃତ ଘୁଷୁରି ଜବତ କରିଛନ୍ତି। ଅଭିଯୁକ୍ତଙ୍କୁ ଧରିବାକୁ ଚଢ଼ାଉ ଜାରି ରହିଥିବା ଆଇଆଇସି ପତି କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, କୁଶପଙ୍ଗି ଗ୍ରାମ ରାଉଳସାହିର ସୂର୍ଯ୍ୟକାନ୍ତ ରାଉଳ ଗ୍ରାମଠାରୁ ମାତ୍ର ଅଳ୍ପଦୂର ଜେମାଦେଇପୁର ଗ୍ରାମ ଝଟିଆ ଟାଙ୍ଗରର ଏକ ସ୍ଥାନରେ ଦୀର୍ଘବର୍ଷ ଧରି ଘୁଷୁରି ପାଳନ କରୁଥିଲେ। ତାଙ୍କ ପାଖରେ ୩୫ଟି ଘୁଷୁରି ଥିଲା। ଗୁରୁବାର ବିଳମ୍ବିତ ରାତିରେ କେହି ଏହି ଘୁଷୁରି ଗୋଠ ଉପରେ ବୋମା ପକାଇଥିଲେ। ଫଳରେ ୨ ଘୁଷୁରିଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୭ ଘୁଷୁରି ସେ ନେଇ ଫେରାର ହୋଇଯାଇଛନ୍ତି। ବୋମା ପାଟିରେ ପୂରାଇ ଏକ କୁକୁରର ମଧ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ସକାଳେ ସୂର୍ଯ୍ୟକାନ୍ତ ଦେଖିଥିଲେ। ଏନେଇ ତାଙ୍କ ଘୁଷୁରି ଜଗାଳିଙ୍କୁ ପଚାରିଥିଲେ। ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘୁଷୁରି ବ୍ୟବସାୟ କରି ସୂର୍ଯ୍ୟ ତାଙ୍କ ପରିବାର ଚଳାନ୍ତି। ମୃତ ୯ ଘୁଷୁରିର ଦାମ୍ ୧ ଲକ୍ଷ ୮୦ ହଜାର ଟଙ୍କା ବୋଲି ସୂର୍ଯ୍ୟ ଗଣମାଧ୍ୟମ ଆଗରେ କହିଛନ୍ତି।

### ସିଡିଏ ଡିଏଭି ପକ୍ଷରୁ ଜଳସେବା

**କଟକ,୨୬।୪(ଶିଳ୍ପା ପ୍ରିୟଦର୍ଶିନୀ)**

ସିଡିଏ ଡିଏଭି ପକ୍ଷରୁ କୃଷକ ବଜାରଠାରେ ଶନିବାର ଜଳସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ନମିତା ମହାନ୍ତିଙ୍କ ଅଧକ୍ଷତାରେ ବ୍ୟବସାୟୀ ଓ ଯାତ୍ରୀଙ୍କୁ ଜଳ ଯୋଗାଇ ଦିଆଯାଇଥିଲା। ଏଭଳି କାର୍ଯ୍ୟ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସେବା ମନୋଭାବ ଜାଗ୍ରତ କରିବା ସହ ସମାଜ ପ୍ରତି ଦାୟିତ୍ୱବୋଧର ଶିକ୍ଷାଲାଭ କରାଇବ ବୋଲି ଅଧକ୍ଷା କହିଥିଲେ। ଜୁନିୟର ରେଡ୍‌କ୍ରସ୍, ଏନ୍‌ସିସି, ସ୍କାଉଟ୍ ଗାଇଡ୍ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

# 'ସ୍ମାର୍ଟ ପ୍ୟାକେଜିଂ ବର୍ତ୍ତମାନର ଆବଶ୍ୟକତା'

## ଓଡ଼ିଶା ଶିଳ୍ପ ସଂଘ ପକ୍ଷରୁ କର୍ମଶାଳା



କର୍ମଶାଳାରେ ଓଡ଼ିଶା ଶିଳ୍ପ ସଂଘ ସଭାପତି ରାଜେଶ କାନୁନ୍‌ଗୋଙ୍କ ସମେତ ଅତିଥି ଏବଂ ଅନ୍ୟମାନେ।

**କଟକ,୨୬।୪(କାର୍ତ୍ତିକ ସାହୁ)**

ଓଡ଼ିଶା ଶିଳ୍ପ ସଂଘ ପକ୍ଷରୁ ଫ୍ୟୁଚର ପ୍ୟାକେଜିଂର ଆବଶ୍ୟକତା ଉପରେ ଏକ କର୍ମଶାଳା ଜଗତପୁରସ୍ଥିତ ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ରାଜେଶ କାନୁନ୍‌ଗୋ ଅଧ୍ୟକ୍ଷତା କରି ଆଜିର ଦୁନିଆରେ ସ୍ମାର୍ଟ ପ୍ୟାକେଜିଂର ନିଶ୍ଚିତ ଆବଶ୍ୟକତା ରହିଥିବା କହିଥିଲେ। ଅହମଦାବାଦସ୍ଥିତ ଆଇଆଇପିର ଯୁଗ୍ମ ନିର୍ଦ୍ଦେଶକ ଡ. ଅମିତ ସିଂଲା ଗ୍ରାହକ କେନ୍ଦ୍ରିକ ସ୍ମାର୍ଟ ପ୍ୟାକେଜିଂ ବର୍ତ୍ତମାନର ଆବଶ୍ୟକତା ବୋଲି କହିଥିଲେ। ଆଇଆଇଟି ଭୁବନେଶ୍ୱରର ସହାୟକ ପ୍ରଫେସର ଡ. ଦିବ୍ୟାଂଶ ପଟେଲ ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ୟାକେଜିଂର ନୂଆ ଡିଜାଇନିଂ କରାଯିବା ଉଚିତ ବୋଲି ମତ ଦେଇଥିଲେ। ଭାରତ ସରକାରଙ୍କ ଔଦ୍ୟୋଗିକ ବ୍ୟାଙ୍କ ସିଡ୍‌ବିର ଏଜିଏମ୍ ଶାନ୍ତନୁ ନନ୍ଦ ଫ୍ୟୁଚର ପ୍ୟାକେଜିଂ ନିମନ୍ତେ ବ୍ୟାଙ୍କ ପକ୍ଷରୁ କମ୍ ସୁଧରେ ପାଣ୍ଠି ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସଂଘ ଉପସଭାପତି ବିନୋଦ ଭୁତ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଦେବେନ୍ଦ୍ର ଶର୍ମା ଧନ୍ୟବାଦ ଦେଇଥିଲେ। ସଂଘର ସଦସ୍ୟ ଅଜୟ ପଣ୍ଡା, ସୁଧାକର ସ୍ୱାଇଁ, ଶୁଭ୍ରକାନ୍ତ ପଣ୍ଡା, ଅଶୋକ ସାହୁ, ପ୍ରଶାନ୍ତ ମହାପାତ୍ର, ରୁଦ୍ର ଆଚାର୍ଯ୍ୟ, କୌଶିକ ଗୋଡ଼ାବଡ୍ଡୁ, ପୁଷ୍ପା ସାମଲ, ରମା ନାୟକ, ଅନିରୁଦ୍ଧ ପୁହାଣ, ବିଭୁଦତ୍ତ ସାମନ୍ତରାୟ, ଜି.ଜି. ସେନ, ବିକାଶ ମହାପାତ୍ର, ପ୍ରିୟନାଥ ମହାନ୍ତି, ମୂଷାରଟ ସରିଫ, ଅରୁଣ ବାଗାଡ଼ିଆ, ବିପିନ ଦଣ୍ଡପାଟ, ସଞ୍ଜୟ ପଟ୍ଟନାୟକ ପ୍ରମୁଖ ବହୁ ଉଦ୍ୟୋଗୀ ଉପସ୍ଥିତ ଥିଲେ।

# ଏଓଜିଓର ୪୭ତମ ବାର୍ଷିକ ସମ୍ମିଳନୀ



କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ବାବା ବଳିଆ ଏବଂ ଅନ୍ୟ ଅତିଥିବୃନ୍ଦ।

**କଟକ, ୨୬।୪(ଶିଳ୍ପା ପ୍ରିୟଦର୍ଶିନୀ)**

ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ ପକ୍ଷରୁ ଆସୋସିଏଶନ୍ ଅଫ୍ ଓବ୍‌ଷ୍ଟେଟ୍ରିସିଆନ୍ସ ଆଣ୍ଡ ଗାଏନୋକୋଲୋଜିଷ୍ଟସ୍ ଅଫ୍ ଓଡ଼ିଶା (ଏଓଜିଓ)ର ୪୭ତମ ବାର୍ଷିକ ସମ୍ମିଳନୀ ଶନିବାର ମେଡିକାଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ବାବା ବଳିଆ, ମୁଖ୍ୟବକ୍ତା ଭାବେ ଡା. ସାଧନା ଗୁପ୍ତା, ଡା. ଶ୍ୟାମଲ ସେଠ, ସମ୍ମାନିତ ଅତିଥି ଭାବେ ଏସ୍‌ସିବି ଅଧକ୍ଷା ତଥା ଅଧୀକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସ ଯୋଗଦେଇଥିଲେ। ଏହି ଅବସରରେ ମହିଳାମାନେ କିପରି ନିଜ ଜୀବନକୁ ଭଲରେ ଅତିବାହିତ କରିବେ ଏବଂ ମା' ଓ ଶିଶୁଙ୍କ ଉପଯୋଗୀ ନୂତନ ଔଷଧ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭାଗୀୟ ମୁଖ୍ୟ ଡା. ସସ୍ମିତା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭାଗର ସମସ୍ତ ଡାକ୍ତରୀ ଛାତ୍ରୀଛାତ୍ର ଓ ଡାକ୍ତର ଉପସ୍ଥିତ ଥିଲେ।





ଆବାସିକ ସଂଘ ସିଡିଏ ଏବଂ ବାରବାଟୀ ନୃତ୍ୟ ଏକାଡେମୀ ପକ୍ଷରୁ ଶନିବାର ସିଡିଏ ସେକ୍ଟର-୮ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ରଙ୍ଗମ୍ ସିଡିଏ ଫେଷ୍ଟିଭାଲର ଦ୍ୱିତୀୟ ସନ୍ଧ୍ୟାରେ କୋଲକାତାର ଡ. ମାନବ ପରାଇ ଏବଂ ଗ୍ରୁପ ପକ୍ଷରୁ କଥକ ନୃତ୍ୟ ପରିବେଷଣ। (ଫଟୋ: ରାଜକିଶୋର ମହାନ୍ତି)

# ଇଣ୍ମାର ଦାତବ୍ୟ ସ୍ୱାସ୍ଥ୍ୟସେବା ଶିବିର

**ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୨୬।୪ (ଆଶୁତୋଷ ଦାସ/ମାନସ ସାମଲ)**

ଇଣ୍ମାର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ ବ୍ରହ୍ମପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶନିବାର ଏକ ଦାତବ୍ୟ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅସ୍ଥିଶଲ୍ୟ, ଚର୍ମ, ଭେଷଜ, ସ୍ତ୍ରୀ ଓ ପ୍ରସୂତି ଏବଂ ଚକ୍ଷୁ ବିଭାଗର ଅଭିଜ୍ଞ ଡାକ୍ତର ଯୋଗଦେଇ ୩୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରିବା ସହ ମାଗଣାରେ ଔଷଧ ବାଣ୍ଟିଥିଲେ। ବ୍ରହ୍ମପୁର ସରପଞ୍ଚ କଲ୍ୟାଣୀ ଦାସ ଓ ଇଣ୍ମାର ପାୱାର ପ୍ଲାଣ୍ଟ ଅଧିକାରୀ ଲଲାଟ କିଶୋର ମହାପାତ୍ର ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ନେତା ଜଗନ୍ନାଥ ଦାସ, ରବୀନ୍ଦ୍ର ସାହୁ, ଅଭୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ମାନସ ବସନ୍ତିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିବିରକୁ ଇଣ୍ମାର ମାନସ ରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ। ଇଣ୍ମା ଅଧିକାରୀ ସଞ୍ଜୀବ ଗୁପ୍ତା, ବବିତ ନନ୍ଦ, ନିରଞ୍ଜନ ସାହୁ, ଉମେଶ ପଟ୍ଟନାୟକ, ପ୍ରଦ୍ୟୁମ୍ନ ତ୍ରିପାଠୀ, ସୁନୀଲ କ୍ରିଷ୍ଣା ଦାସ, ଅଭିଷେକ ଘୋଷ, ଫାଉଣ୍ଡେଶନର ସ୍ଥିତପ୍ରଜ୍ଞ ଦାସ, ପିଙ୍କି ସାହୁ, ମନୋଜ ମହାପାତ୍ର, ସୌଭାଗ୍ୟ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।





ଇଣ୍ମାର ଦାତବ୍ୟ ସ୍ୱାସ୍ଥ୍ୟସେବା ଶିବିର ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ଦେଶରୁ ଆତଙ୍କବାଦୀଙ୍କୁ ସମୂଳେ ନିପାତ ପାଇଁ ଦାବି

**ଚୌଦ୍ୱାର,୨୬।୪(ଆଶୁତୋଷ ଦାସ)**

ଜମ୍ମୁ କଶ୍ମୀରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଚୌଦ୍ୱାରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦୃଢ଼ ନିନ୍ଦା କରାଯିବା ସହ ଦେଶରୁ ଆତଙ୍କବାଦୀଙ୍କୁ ସମୁଳେ ନିପାତ କରିବାକୁ ଦୃଢ଼ ଦାବି କରାଯାଇଛି। ହନ୍ଦ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁଙ୍କ ଆବାହକତ୍ୱରେ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଶିଶୁ ସଦନରେ ପ୍ରତିବାଦ ସଭା ବସିଥିଲା। ଏଥିରେ ସଂଘର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ, ପ୍ରେସ୍‌କ୍ଲବ୍ ସଦସ୍ୟ ପ୍ରକାଶ କୁମାର ନାୟକ, ବିଭୁ ପ୍ରସାଦ ମହାନ୍ତି, ଉପଦେଷ୍ଟା ସୌରେନ୍ଦ୍ର ପଣ୍ଡା, ଖବରଦାତା ମଳୟ କୁମାର ମହାପାତ୍ର, ଚୌଦ୍ୱାର ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସ, ସମ୍ପାଦକ ଦିବ୍ୟଜ୍ୟାତି ପାଣି, ଭାସ୍କର ମହାପାତ୍ର, ଶିବ ପ୍ରସାଦ ପତି, ବରିଷ୍ଠ ନାଗରିକ ସଂଘର ସଦସ୍ୟ ବୈଷ୍ଣବ ଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଜମ୍ମୁ କଶ୍ମୀରରେ ଆତଙ୍କବାଦୀ ନରହତ୍ୟାର ତୀବ୍ର ନିନ୍ଦା କରିବା ସହ ଏହା ବିରୋଧରେ ଦେଶ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦେଶରୁ ଆତଙ୍କବାଦୀଙ୍କୁ ସମୁଳେ ନିପାତ କରିବାକୁ ଇଁ ଦାବି କରିଥିଲେ। ଆତଙ୍କବାଦୀ ଆକ୍ରମଣରେ ମୃତ୍ୟବରଣ କରିଥିବା ପର୍ଯ୍ୟଟକଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ଶିଶୁ ସଦନର ଅନ୍ତେବାସୀଙ୍କ ଦ୍ୱାରା ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା। ଏକ ମହମବତୀ ଶୋଭାଯାତ୍ରାର ଆୟୋଜନ ହୋଇଥିଲା। ପରେଶ ରଞ୍ଜନ ଓଝା, ବନ୍ଦନା ମହାନ୍ତି, ପ୍ରଦୀପ ଦାସ, ବ୍ରହ୍ମାନନ୍ଦ ସ୍ୱାଇଁ, ମୋନାଲିସା ବିଶ୍ୱାଳ, ଅମ୍ରିତା ବଳସାମନ୍ତ ପ୍ରମୁଖ ଶିଶୁସଦନର କର୍ମକର୍ତ୍ତା ଶୋଭାଯାତ୍ରା ପରିଚାଳନା କରିଥିଲେ।





ପହଲ୍‌ଗାମ୍ ଆକ୍ରମଣ ଘଟଣା: ନିହତ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଡ୍ରିମ୍ସ ୟୁନିଭର୍ସିଟି ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରା।

# ପହଲଗାମ୍ ମୃତକଙ୍କ ନିମନ୍ତେ ଶୋକସଭା

**ଫୁଲନଖରା,୨୬।୪(ସତ୍ୟରଞ୍ଜନ ଦାସମହାପାତ୍ର)**

ଜୟ ଜଗନ୍ନାଥ ସୋସାଇଟି ପକ୍ଷରୁ ପହଲଗାମ ଆକ୍ରମଣ ଘଟଣା ନେଇ ନିହତ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଶନିବାର କଟକ ସଦର ଥାନା ଅଧୀନ ଉତ୍ତମାପୁରଠାରେ ଅନୁଷ୍ଠିତ ହୋଇଯାଇଛି। ସୋସାଇଟି ସଭାପତି ଡ. ବ୍ରଜକିଶୋର ନାୟକ ଏଥିରେ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୃତକ ପର୍ଯ୍ୟଟକଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପଶ୍ଚିମବଙ୍ଗର ମୁର୍ଶିଦାବାଦରେ ହିନ୍ଦୁ ପରିବାରଙ୍କ ଉପରେ ହୋଇଥିବା ଅତ୍ୟାଚାରକୁ ସୋସାଇଟି ପକ୍ଷରୁ ନିନ୍ଦା କରାଯାଇଛି। ଆତଙ୍କବାଦୀଙ୍କ ବିରୋଧରେ ଦଣ୍ଡବିଧାନ ଦାବି କରାଯାଇଛି। ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ବାଲେଶ୍ୱରର ପ୍ରଶାନ୍ତ ଶତପଥୀଙ୍କ ପରିବାରକୁ ସମବେଦନା ଜ୍ଞାପନ କରିବା ସହ ମୃତ ପର୍ଯ୍ୟଟକଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଥିଲା। କାର୍ଯ୍ୟକ୍ରମରେ ଗୌରହରି ସାମଲ, ଅନିରୁଦ୍ଧ ପ୍ରଧାନ, ସଦାନନ୍ଦ ସେନାପତି, ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ପାତ୍ର, ସୁଶାନ୍ତ ବିଶ୍ୱାଳ, ଲକ୍ଷ୍ମୀକାନ୍ତ ଶତପଥୀ, ପୀତବାସ ଖାଡ଼ଙ୍ଗା, କରୁଣାକର ସେଠୀ, ରବୀନ୍ଦ୍ର ବାରିକ ଓ ଅବନୀ କୁମାର ଦାଶ ପ୍ରମୁଖ ଯୋଗଦେଇ ଆମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ବୋରାସମ୍ବର ସେନାପତି ବକ୍ତୃତା ପ୍ରତିଯୋଗିତା

**କଟକ,୨୬।୪(କାର୍ତ୍ତିକ ସାହୁ)**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପକ୍ଷରୁ ୪୮ତମ ବୋରାସମ୍ବର ସେନାପତି ବକ୍ତୃତା ପ୍ରତିଯୋଗିତା ଶନିବାର ସେଭେନ୍ ପିଲାର୍ସ ଅଫ୍ ୱିଜଡମ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। 'ଦିସ୍ ହାଉସ ସୁଡ୍ ବ୍ୟାନ୍ ସୋସିଆଲ ମିଡିଆ ଫର୍ ଇଣ୍ଡିଭିଜୁଆଲସ୍ ଅଣ୍ଡର ଦି ଏଜ ଅଫ୍ ସିକ୍ସଟିନ୍' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ବହୁ ଛାତ୍ରୀ ଛାତ୍ର ଭାଗନେଇଥିଲେ। ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ଡ. ଯୁଗଳ କିଶୋର ମହାପାତ୍ର, ଅବସରପ୍ରାପ୍ତ ରାଷ୍ଟ୍ରଦୂତ ସଞ୍ଜୟ ପଣ୍ଡା, ଅଗ୍ନିଶମ ଡିଜି ଡ. ସୁଧାଂଶୁ କୁମାର ଷଡ଼ଙ୍ଗୀ ବିଚାରକ ଭାବେ ଯୋଗଦେଇ ମୂଲ୍ୟାୟନ କରିଥିଲେ। ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ସମାରୋହରେ କୃତୀ ପ୍ରତିଯୋଗୀଙ୍କୁ ଅର୍ଥରାଶି ସହ କୁଳାଧିପତିଙ୍କ ସ୍ୱର୍ଣ୍ଣ ପଦକ ଦ୍ୱାରା ସମ୍ବର୍ଦ୍ଧିତ କରାଯିବ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ଏବଂ ପିଜି କାଉନସିଲ ଚେୟାରପର୍ସନ ପ୍ରଫେସର ଲୁନା ସାମନ୍ତଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ଡ. ଦୀପ୍ତିରଞ୍ଜନ ମହାରଣା ଧନ୍ୟବାଦ ଦେଇଥିଲେ।





କାର୍ଯ୍ୟକ୍ରମରେ ଅଗ୍ନିଶମ ଡିଜି ଡ. ସୁଧାଂଶୁ କୁମାର ଷଡ଼ଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

# ରେନ୍‌ବୋ କ୍ରିକେଟ କ୍ଲବର ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଫୁଲନଖରା,୨୬।୪(ସତ୍ୟରଞ୍ଜନ ଦାସମହାପାତ୍ର)**

କଟକ ସଦର ଥାନା ଅଧୀନ ଉଷୁମା ପଞ୍ଚାୟତର ବାଜିଗିରି ଖେଳପଡ଼ିଆରେ ରେନ୍‌ବୋ କ୍ରିକେଟ କ୍ଲବର ୨ ଦିନିଆ ରାତ୍ରକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସାମାଜିକ କର୍ମୀ ବିଶ୍ୱରଞ୍ଜନ ଦାସ ଏଥିରେ ସଭାପତିତ୍ୱ କରୁଛନ୍ତି। ମୁଖ୍ୟ ଅତିଥି ଭାବେ କଟକ କମିଶନରେଟ୍ ପୋଲିସର ଅତିରିକ୍ତ ଡିସିପି ଦେବଦତ୍ତ କର, ସମ୍ମାନିତ ଅତିଥି ଭାବେ କଟକ ଜୋନ୍-୪ ଏସିପି ଅମିତାଭ ମହାପାତ୍ର, କଟକ ସଦର ଥାନା ଅଧିକାରୀ ଓମ୍‌ପ୍ରକାଶ ମହାନ୍ତି, ସରପଞ୍ଚ ମିନତି ସାହୁ, ସମିତିସଭ୍ୟା ଶୁଭଲକ୍ଷ୍ମୀ ଦାସ, ବରିଷ୍ଠ ଖବରଦାତା ଲଳିତ କୁମାର ଦାଶ, ଯୁବ ସାମାଜିକ କର୍ମୀ ଶୋଭନ ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ସରୋଜ ସାହୁ, ସାମାଜିକ କର୍ମୀ ଅଶୋକ ଦାସ, ବରିଷ୍ଠ ସଦସ୍ୟ ବିଜୟ ପାତ୍ର, ବରିଷ୍ଠ ଖବରଦାତା ଧୀରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ଗଣେଶ ପ୍ରସାଦ ବେହେରା ଟୁର୍ନାମେଣ୍ଟର ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟକୁ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପଞ୍ଚାନନ ସାହୁ ଆୟୋଜନ କରିଛନ୍ତି। ଦୁର୍ଗାଚରଣ ପାତ୍ର, ବିଜୟ ପାତ୍ର, ସଞ୍ଜୟ ସାହୁ, ଶୁଭାଶିଷ ପାତ୍ର, ଜିତନ ପାତ୍ର, ମନୋଜ ପାତ୍ର, ସନ୍ତୋଷ ପାତ୍ର, ଗିରିଶ୍ ଦାସ, ରାକେଶ ସାହୁ, ପ୍ରିୟରଞ୍ଜନ ପାତ୍ର, ସଞ୍ଜୟ ଜେନା, ରାଜେନ୍ଦ୍ର ଭୋଇ ଓ ସୁଜିତ ଓଝାଙ୍କ ସହ ରେନ୍‌ବୋ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।



ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହିତ ରେନବୋ କ୍ରିକେଟ କ୍ଲବର ସଦସ୍ୟମାନେ।

# 'ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ଅତୁଳନୀୟ'

## ଜିଲାସ୍ତରୀୟ ଜୟନ୍ତୀ ପାଳିତ

**କଟକ,୨୬।୪(କାର୍ତ୍ତିକ ସାହୁ)**

କଟକ ଜିଲା ପ୍ରଶାସନ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜିଲାସ୍ତରୀୟ ଜୟନ୍ତୀ ଶନିବାର ଓଏମ୍‌ପି ଛକସ୍ଥିତ ପାରଳା ମହାରାଜା ପାର୍କଠାରେ ପାଳିତ ହୋଇଯାଇଛି। ସକାଳ ୯ଟାରେ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଏକ ସଭା ଆୟୋଜିତ ହୋଇଥିଲା।

କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂହ ଯୋଗଦେଇ କହିଲେ, ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଅବଦାନ ଅତୁଳନୀୟ। ଶିକ୍ଷା, ସାମାଜିକ ସଂସ୍କାର ଓ ଗରିବଙ୍କ କଲ୍ୟାଣ ଉପରେ ସେ ଧ୍ୟାନ ଦେଉଥିଲେ। ସମ୍ମାନିତ ଅତିଥି ବିଧାୟକ ସୌଭିକ ବିଶ୍ୱାଳ କହିଲେ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ରାଜ୍ୟର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ବହୁ କାର୍ଯ୍ୟ କରିଯାଇଛନ୍ତି। ସେ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ଏକତ୍ର କରିବା ଆନ୍ଦୋଳନରେ ପ୍ରମୁଖ ନେତୃତ୍ୱ ଗ୍ରହଣ କରିଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଲେ, ରାଜ୍ୟ ସରକାର ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦେବା ସହ ଓଡ଼ିଆ ଭାଷାର ସମ୍ମାନ ଅକ୍ଷୁଣ୍ଣ ରଖିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତିବଦ୍ଧ। ସ୍ୱତନ୍ତ୍ର ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରମୁଖ ଭୂମିକା ରହିଛି। ସେହିପରି ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର, କର୍ପୋରେଟର ପ୍ରଳୟା ବେଉରା, ଶୁଭାଶିଷ ପଟ୍ଟନାୟକ, ମିନା ସାହୁ, ଚୌଧୁରୀ ସୁବ୍ରତ ଘଡ଼ାଇ, କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ, ନୀଳଚକ୍ରର ଉପଦେଷ୍ଟା ବ୍ରଜ ନନ୍ଦ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୀବନୀ ସମ୍ବନ୍ଧିତ ସୂଚନା ଫଳକ ନିର୍ମାଣ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଜିଲାପାଳ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ବୁଦ୍ଧିଜୀବୀ ଓ ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ମହାରାଜା କୃଷ୍ଣଚନ୍ଦ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଜିଲାପାଳ ଏବଂ ଅନ୍ୟମାନେ।

**ଗୋପୀନାଥ ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ**

**କୃଷ୍ଣପ୍ରସାଦ (କୈଳାସ ଚନ୍ଦ୍ର ପଟ୍ଟନାୟକ):** କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ନନ୍ଦଳା ଗ୍ରାମର ଆରାଧ୍ୟ ଗୋପୀନାଥ ଦେବଙ୍କ ନୂତନ ମନ୍ଦିର, ବିଗ୍ରହ ଏବଂ ଭାଗବତ ଗାଦି ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଶନିବାର ପ୍ରତ୍ୟୁଷରୁ ପାରମ୍ପରିକ ରୀତିନୀତି ଅନୁଯାୟୀ ୪୮ପ୍ରହର ନାମଯଜ୍ଞ, ଘୃତ ଯଜ୍ଞ, ଅନ୍ନଯଜ୍ଞ, ଜ୍ଞାନଯଜ୍ଞ ଆଦି ଆରମ୍ଭ ହୋଇଛି। ପ୍ରତିଷ୍ଠା ଉତ୍ସବ ଏବଂ ଯଜ୍ଞ କାର୍ଯ୍ୟ ପରିଚାଳନା ନିମନ୍ତେ ୨୫ଜଣ ପଣ୍ଡିତ ନିୟୋଜିତ ହୋଇଛନ୍ତି । ନନ୍ଦଳା ଗ୍ରାମ୍ୟ କମିଟି ଉତ୍ସବକୁ ପରିଚାଳନା କରୁଥିବା ବେଳେ ଗ୍ରାମର ବରୁଣାଇଁ ଯୁବ ଛାତ୍ର ସଙ୍ଗଠନ ଏବଂ ଗୋପବନ୍ଧୁ ପାଠାଗାର ପାଇକରାପୁରର ସଦସ୍ୟମାନେ ସହଯୋଗ କରୁଛନ୍ତି। ୮ଦିନ ଧରି ଏହି ଉତ୍ସବ ଚାଲିବ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ମା'ଗହୀର ବଘେଇ ପୀଠରେ ମାନସିକ ଝାମୁଯାତ୍ରା

**ବେଗୁନିଆ,୨୬।୪(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ସାରୁଅ ଗ୍ରାମସ୍ଥିତ ମା'ଗହୀର ବଘେଇଙ୍କ ପୀଠରେ ମାନସିକ ଝାମୁଯାତ୍ରା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ବିଭିନ୍ନ ସ୍ଥାନରୁ ମାନସିକଧାରୀ ସ୍ନାନ କରି ନିଷ୍ଠାର ସହ ହବିଷାନ୍ନ ସାରି ରହିଥାନ୍ତି। ପରେ ଢୋଲ, ମର୍ଦ୍ଦଳ, ଘଣ୍ଟ,ଘଣ୍ଟା ପଟୁଆର ସହ ହରିବୋଲ ଧ୍ୱନି ମଧ୍ୟରେ ଗ୍ରାମ୍ୟ ପରିକ୍ରମା କରି ମା'ଙ୍କ ଆସ୍ଥାନରେ ପହଞ୍ଚି ନିଆଁରେ ଚାଲିବା ଘଟଣା ଭାବମୟ ପରିବେଶ ସୃଷ୍ଟି କରିଥାଏ। ବିଧାୟକ ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସରପଞ୍ଚ ରଞ୍ଜିତା ମହାଭୋଇଙ୍କ ସମେତ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସନ୍ଧ୍ୟାରେ ଗାୟକ ନିରଞ୍ଜନ ସ୍ୱାଇଁ ଓ ପରମାନନ୍ଦ ମଲ୍ଲିକଙ୍କ ଦ୍ୱାରା ପାଲା ଏବଂ ସ୍ଥାନୀୟ ଗ୍ରାମ୍ୟ କଳାକାରମାନଙ୍କ ଦ୍ୱାରା ମୁକ୍ତମଞ୍ଚ ନାଟକ ପରିବେଷଣ ହୋଇଥିଲା।

### ଶିରିଡି ସାଇବାବାଙ୍କ ବାର୍ଷିକୋତ୍ସବ

**ଜଟଣୀ,୨୬।୪(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଟ୍ରାଫିକ କଲୋନୀସ୍ଥିତ ଶିରିଡି ସାଇବାବାଙ୍କ ୧୮ତମ ବାର୍ଷିକୋତ୍ସବ ଶୁକ୍ରବାର ପୂର୍ଣ୍ଣାହୁତିରେ ଉଦ୍‌ଯାପିତ ହୋଇଯାଇଛି। ବାର୍ଷିକୋତ୍ସବର ପ୍ରଥମ ଦିବସରେ ମଙ୍ଗଳଧ୍ୱନି, ବେଦ ପାରାୟଣ, ଗଣପତି ପୂଜା, ପୂଣ୍ୟ ବଚନମ ପରିଛଦ, ପ୍ରାୟଶ୍ଚିତମ, ରକ୍ଷା ବନ୍ଧନ ଓ ଅଙ୍କୁରାରୋପଣ ହୋଇଥିବା ବେଳେ ଅନ୍ତିମ ଦିବସରେ ସକାଳେ ବିଶେଷ ପୁଷ୍ପ ଅଭିଷେକ, ମଙ୍ଗଳଧ୍ୱନି, ଗାୟତ୍ରୀ ପୂଜା, ହୋମ, ଅବଧୂତ ସ୍ନାନମ ବେଦ ସ୍ୱସ୍ତି ସହିତ ସନ୍ଧ୍ୟାରେ ଚଭାଡି କାର୍ଯ୍ୟକ୍ରମ ହୋଇଥିଲା। ପ୍ରତିଦିନ ସନ୍ଧ୍ୟାରେ ଭଜନ ପରିବେଷଣ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସଦସ୍ୟ ଏବଂ ସ୍ଥାନୀୟ ଜନସାଧାରଣ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ।

### ସାଧନକର୍ମୀ ବିଜୟ ନନ୍ଦଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କଳାପଥର,୨୬।୪(ଗଙ୍ଗାଧର ସାହୁ):** କଳାପଥର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିଜୟ କୁମାର ନନ୍ଦଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ମଧୁଆପଲ୍ଲୀସ୍ଥିତ ମା'ବରଡ଼ାଳିଆ ଅଚିହ୍ନା ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦାଶଙ୍କ ସଭାପତିତ୍ୱରେ ଅୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବାଙ୍କୀ ବ୍ଲକ ଉପ ଶିକ୍ଷାଧିକାରୀ ବଳରାମ ମୁଦୁଲି ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି ସୁନୀଲ କୁମାର ମିଶ୍ର, ସମ୍ମାନିତ ଅତିଥିଭାବେ କଳାପଥର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ରଣା, ବାଙ୍କୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର, ସିଆରସିସି ସୂର୍ଯ୍ୟକାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ଶିକ୍ଷକ ବିପିନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ନିବାସ ବେହେରା ମାନପତ୍ର ପଠନ ଓ ଧନ୍ୟବାଦ ଦେଇଥିଲେ। କବି ନରୋତ୍ତମ ବେହେରା, ଶିକ୍ଷକ ସୁଶାନ୍ତ ବେହେରା, ଅଖିଳ ମହାପାତ୍ର, ମୀନର୍ଭା ମଞ୍ଜରୀ ସାହୁ, ସନ୍ତୋଷ ଘଡ଼େଇ, ନବ କିଶୋର ସେଠୀ, ମିନତୀ ସେଠୀ, ଦୀପକ ସାହୁ, ମକର ମହାରଣା, ଭରତ ଚନ୍ଦ୍ର ଦେଉରି, ମନୋରଞ୍ଜନ ମନ୍ତ୍ରୀ, ଜୟ କୃଷ୍ଣ ସାହୁ, ଅଶୋକ ସାହୁ, ଆଦର୍ଶ ବିଦ୍ୟାଳୟର କଳା ଶିକ୍ଷକ ବିଭୁ ପ୍ରସାଦ ଓଝା, ସୁରେଶ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ବଢ଼ୁଛି ଅପରାଧ

## ମାମଲା ରୁଜୁକରି ପୋଲିସ ଚୁପ୍

**ଖୋର୍ଦ୍ଧା,୨୬।୪(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବନ୍ଧୁକ ଦେଖାଇ ଅପହରଣ, ଡକାୟତି, ଘରେ ପଶି ମରଣାନ୍ତକ ଆକ୍ରମଣ ଘଟଣା ବଢ଼ିଚାଲିଥିବା ବେଳେ ପୋଲିସ କେବଳ ମାମଲା ରୁଜୁ କରି ଚୁପ୍ ବସିଛି। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ପୋଲିସର ନିଷ୍କ୍ରିୟତାରୁ ନିଶା କାରବାର ସହ ଅପରାଧ ବଢ଼ିଚାଲିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ସୂଚନାଥାଉ କି, ଗତ ମାର୍ଚ୍ଚ ୯ରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ନନ୍ଦପୁର ଗ୍ରାମର କେତେଜଣ ଯୁବକ କାରରୁ ଓହ୍ଲାଇ ଛତ୍ରମା ଗ୍ରାମର ସୁବ୍ରତ ସୁନ୍ଦରାୟଙ୍କୁ ବନ୍ଧୁକ, ଭୁଜାଲି ଦେଖାଇ ଅପହରଣ କରିନେଇଥିଲେ। ପରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଅରଗୁଳ ଜଙ୍ଗଲରେ ଫୋପାଡି ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରିଥିଲା। ତେବେ ଅପହରଣ ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସୁବ୍ରତଙ୍କ ପରିବାର ଅଭିଯୋଗକ୍ରମେ ଏକ ମାମଲା ରୁଜୁ ହୋଇଥିବା ବେଳେ ଏପର୍ଯ୍ୟନ୍ତ ସଦର ପୋଲିସ ପକ୍ଷରୁ କାହାରିକୁ ଗିରଫ କରାଯାଇନାହିଁ। ସେହିପରି ମାର୍ଚ୍ଚ ୧୯ତାରିଖ ରାତିରେ କୁମାରବସ୍ତ ଗ୍ରାମର ଟାଙ୍ଗିଆପଡ଼ା ପଞ୍ଚାୟତ ସମିତିସଭ୍ୟାଙ୍କ ଘରେ ପଶି କେତେଜଣ ଯୁବକ ପରିବାର ଲୋକଙ୍କୁ ଆକ୍ରମଣ, ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ପରଦିନ ଅର୍ଥାତ୍ ୨୦ତାରିଖରେ ତାଙ୍କ ପୁଅ ସୁମିତ ପାଇକରାୟ କାରରେ ସାଙ୍ଗଙ୍କ ସହ ମେଡିକାଲକୁ ଯାଉଥିବା ବେଳେ ଆଦର୍ଶ ଥାନା ନିକଟରେ ସମ୍ପୃକ୍ତ ଆକ୍ରମଣକାରୀ ତାଙ୍କୁ ବନ୍ଧୁକ ଦେଖାଇ ଅପହରଣ କରି ନେଇଥିଲେ। ୩ ଘଣ୍ଟା ପରେ ପୋଲିସ ତାଙ୍କୁ ଉଦ୍ଧାର କରିଥିଲା। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁକରି ୨ଜଣଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଏବେ ବି ଧରାପଡ଼ିନାହିଁ। ସେହିପରି ଏପ୍ରିଲ ୧୯ତାରିଖ ଅପରାହ୍ନ ସାଢ଼େ ୩ଟାରେ ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଗଡ଼ଖୋର୍ଦ୍ଧା ହାଉସିଂବୋର୍ଡ କଲୋନୀରେ ଜଟଣୀ ଅଞ୍ଚଳର କେତେଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଧରି ଆତଙ୍କ ସୃଷ୍ଟ କରିଥିଲେ। ସ୍ଥାନୀୟ ବାସିନ୍ଦା ବିକ୍ରମ ଦାସଙ୍କ ଘରେ ପଶି ଆକ୍ରମଣ କରିଥିଲେ। ଏପରକି ଗୋଡ଼ାଇ ଗୋଡ଼ାଇ ପରିବାର ଲୋକଙ୍କୁ ହାଣିବା ସହ ଘରେ ନିଆଁ ଲଗାଇଦେଇଥିଲେ। ଏନେଇ ବିକ୍ରମଙ୍କ ଅଭିଯୋଗ ପରେ ପୋଲିସ ଏଖ ମାମଲା ରୁଜୁକରି ନୀରବ ବସିଛି। ଅନ୍ୟପଟେ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ପୋଲିସର ମନ୍ଥରତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭିଯୁକ୍ତମାନେ ବନ୍ଧୁକ କେଉଁଠୁ ଆଣୁଛନ୍ତି, ଏହା ପଛର ମାଷ୍ଟରମାଇଣ୍ଡ କିଏ ସେନେଇ ଚର୍ଚ୍ଚା ଜୋର ଧରିଛି। ଅନ୍ୟପଟେ ପୋଲିସ କାହା ଚାପରେ ଅଭିଯୁକ୍ତମାନଙ୍କୁ ଗିରଫ କରୁନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସମ୍ପର୍କରେ ଏସ୍‌ପି ସାଗରିକା ନାଥ କହିଛନ୍ତି, ଖୋର୍ଦ୍ଧାକୁ ନିଶା ଓ ଅପରାଧ ମୁକ୍ତ ଲାଗି ସ୍ୱତନ୍ତ୍ର କ୍ରାଇମ ୟୁନିଟ୍ ଗଠନ କରାଯାଇଛି। କୌଣସି ସ୍ଥାନରେ ଘଟଣା ଘଟିଲେ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ପୋଲିସ କାହା ଚାପରେ ନାହିଁ। ଆଇନଶୃଙ୍ଖଳା ପ୍ରତି ନଜର ରହିଛି।



ଖୋର୍ଦ୍ଧାରୋଡ୍ ଷ୍ଟେଶନରେ ଶନିବାର ରେଳ ସୁରକ୍ଷା ବାହିନୀ ପକ୍ଷରୁ ସଚେତନ କରାଯାଉଛି।

## ରେଳ ସୁରକ୍ଷା ବଳ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

**ଜଟଣୀ,୨୬।୪(ରବୀନ୍ଦ୍ରନାଥ ମହାକୁଡ଼)**

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଅନ୍ତର୍ଗତ ବିଭିନ୍ନ ଷ୍ଟେଶନରେ ଶନିବାର ରେଳ ସୁରକ୍ଷା ବାହିନୀ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧାରୋଡ୍ ଷ୍ଟେଶନରେ ମଧ୍ୟ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଯାତ୍ରା କରୁଥିବା ଯାତ୍ରୀମାନଙ୍କ ସୁରକ୍ଷା ଏବଂ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା, କୌଣସି ଅପ୍ରୀତିକର ଘଟଣା ପାଇଁ ସେମାନଙ୍କୁ ସତର୍କ ଏବଂ ସଜାଗ ରଖିବା ଏହି ଫ୍ଲାଗମାର୍ଚ୍ଚର ଲକ୍ଷ୍ୟ ବୋଲି ରେଲୱେ ପ୍ରଶାସନ ପକ୍ଷରୁ କୁହାଯାଇଛି।

## ବୀଣାପାଣି କହଲସିଂଙ୍କ ସ୍ମୃତିଚାରଣ

**ବେଗୁନିଆ,୨୬।୪(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ ଲୋକିପୁର ଗ୍ରାମର ବୀଣାପାଣି କହଲସିଂଙ୍କ ଏକଦଶାହରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମାଜିକକର୍ମୀ ବଳରାମ ରଣସିଂହ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟ ବକ୍ତା ଖୋର୍ଦ୍ଧା ବିଜେବି ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରଭାକର ସାହୁ, ସମ୍ମାନିତ ଅତିଥିଭାବେ ଗଣେଶ୍ୱର ସ୍ୱାଇଁ, ଗଣେଶ୍ୱର ମିଶ୍ର, ଶ୍ରୀନିବାସ ମିଶ୍ର, ଅକ୍ଷୟ ମହାପାତ୍ର, ପ୍ରଭାତ ସାହୁ ପ୍ରମୁଖ ଯୋଗଦେଇଥିଲେ। ନିଶିକାନ୍ତ କହଲସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରତିକାନ୍ତ କହଲସିଂହ ଧନ୍ୟବାଦ ଦେଇଥିଲେ।

# ଉନ୍ନୟନ ପ୍ରକଳ୍ପ ବୁଲି ଦେଖିଲେ ପଞ୍ଚାୟତିରାଜ ବିଭାଗ ସଚିବ



**କୃଷ୍ଣପ୍ରସାଦ,୨୬।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ସଚିବ ଗିରିଶ ଏସ୍.ଏନ୍. ଶନିବାର କୃଷ୍ଣପ୍ରସାଦ ବ୍ଲକ ଗସ୍ତ କରି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଛନ୍ତି। ଭାବକୁଣ୍ଡଳେଶର ପୀଠ ଏବଂ ମାଣିକ ପାଟଣା ଗ୍ରାମରେ ପହଞ୍ଚିବା ପରେ ସେଠାକାର ଐତିହ୍ୟ ସମ୍ପର୍କରେ ଗ୍ରାମବାସୀଙ୍କଠାରୁ ପଚାରି ବୁଝିବା ସହ ପ୍ରଶାସନ ପକ୍ଷରୁ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଥିଲେ। ବ୍ଲକ ପ୍ରଶାସନ ଓ ବିଭିନ୍ନ ବିଭାଗ ପକ୍ଷରୁ ଚାଲୁରହିଥିବା ଉନ୍ନୟନ କାର୍ଯ୍ୟର ସଫଳ ରୂପାୟନ ଦିଗରେ ଅଞ୍ଚଳବାସୀଙ୍କ ସହଯୋଗ ଲୋଡ଼ିଥିଲେ। ଭାବକୁଣ୍ଡଳେଶର ଦେବଙ୍କ ପୀଠରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହିତ କୁଣ୍ଡଳ ମହୋତ୍ସବ ସମ୍ପର୍କରେ ପରିଚାଳନା କମିଟି ସହିତ ଆଲୋଚନା କରିଥିଲେ। କମିଶନରଙ୍କ ଏହି ଗସ୍ତ ସମୟରେ କୃଷ୍ଣପ୍ରସାଦ ବିଡିଓ ଅମିୟ କୁମାର ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, ଅରଖକୁଦା ସରପଞ୍ଚ ସୁମିତ୍ରା ବେହେରା, ପଣସପଦା ସରପଞ୍ଚ ମିତାଲି ପ୍ରିୟଦର୍ଶିନୀଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ



ପୋଲିସ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଛି।

## ଗାଡ଼ି ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟଣା

**ଜଟଣୀ,୨୬।୪(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ଥାନା ଅନ୍ତର୍ଗତ କୁଦିଆରୀ ଓଭରବ୍ରିଜ୍ ଉପରେ ଶୁକ୍ରବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିଲା। ମୃତକ ହେଲେ ମୁଣ୍ଡିଆସାହି ଅଞ୍ଚଳରେ ରହୁଥିବା ଜ୍ଞାନ ନନ୍ଦ(୨୬)। ତେବେ ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଦୁର୍ଘଟଣା ଘଟାଇଥିବା ଗାଡ଼ି ଜବତ ହୋଇପାରିନାହିଁ। ତେବେ ଦୁର୍ଘଟଣା ଘଟାଇଥିବା ଗାଡ଼ି ଜବତ ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଶନିବାର ମୃତଦେହ ରଖି ସୀତାରାମ ଛକ ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ଉଭୟପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଖବରପାଇ ପୋଲିସ ପହଞ୍ଚି ଅବରୋଧକରୀଙ୍କୁ ବୁଝାଶୁଝା କରିଥିଲା। ଦୁର୍ଘଟଣା ଘଟାଇଥିବା ଚାଳକଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଏହାପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# କୃଷ୍ଣପଲ୍ଲୀପାଟଣା ସେବା ସମବାୟ ସମିତିର ଶତବାର୍ଷିକ ଉତ୍ସବ

**କଳାପଥର,୨୬।୪(ଗଙ୍ଗାଧର ସାହୁ)**

କୃଷ୍ଣପଲ୍ଲୀପାଟଣା ସେବା ସମବାୟ ସମିତିର ଶତ ବାର୍ଷିକ ଉତ୍ସବ ସଭାପତି ତ୍ରିନାଥ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମବାୟ ବିଭାଗର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ମଧୁସୂଦନ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବହୀ ଅଧିକାରୀ କରୁଣାକର ସାହୁ, ବାଙ୍କୀ ସହକାରୀ ଉପନିବନ୍ଧକ ସୁରେନ୍ଦ୍ର କୁମାର ଜେନା, ମୁଖ୍ୟ ବକ୍ତାଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭପତି ସୁବାସ ଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗଦେଇ ଏହି ସେବା ସମବାୟ ସମିତିର ଉତ୍ତରୋତର କାମନା କରିଥିଲେ। ଅନ୍ୟତମ ଅତିଥିଭାବେ ବରିଷ୍ଠ ସମବାୟ ବିଭାଗ ଅଧିକାରୀ ବିଜୟ କୁମାର ଦାଶ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ କଳାପଥର ଶାଖାର ପରିଚାଳକ ସତ୍ୟପ୍ରିୟ ବେହେରା, ସେବାସମବାୟ ସମିତିର ପୂର୍ବତନ ସଭାପତି ଯୋଗୀନାଥ ବେହେରା, ବରିଷ୍ଠ ନାଗରିକ ମକର ଘଡ଼େଇ, ଗ୍ରାମ୍ୟ କମିଟି ମୁଖ୍ୟ ଲକ୍ଷ୍ମଣ ସୁବୁଦ୍ଧି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସେବା ସମବାୟ ସମିତିର ସମ୍ପାଦକ ଦେବୀ ପ୍ରସାଦ ମହାପାତ୍ର ସଂଯୋଜନା କରିଥିଲେ।

# ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ

**ଖୋର୍ଦ୍ଧା,୨୬।୪ (ପ୍ରଭାତ ପାଣିଗ୍ରାହୀ)**

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଅବଦାନ ଚିରସ୍ମରଣୀୟ। ତାଙ୍କର ଉଦ୍ୟମ ଯୋଗୁ ଆଜିର ଗଜପତି ଜିଲା, ଅବିଭକ୍ତ କୋରାପୁଟ ଜିଲାର କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରି ଜିଲା ଓଡ଼ିଶା ସହିତ ରହିବା ସମ୍ଭବ ହୋଇଛି ବୋଲି ମତପ୍ରକାଶ ପାଇଛି। କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ନବୀନାବାଗସ୍ଥିତ କାର୍ଯ୍ୟାଳୟଠାରେ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ସଭାର ଉଦ୍ଦେଶ୍ୟ ଜ୍ଞାପନ କରି ପାରଳା ମହାରାଜାଙ୍କ ଅବଦାନ ପାଇଁ ସମଗ୍ର ଓଡ଼ିଶା ଜାତି ତାଙ୍କ ନିକଟରେ ଋଣୀ ବୋଲି କହିଥିଲେ। ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ଆଇନଜୀବୀ ବସନ୍ତ କୁମାର ଦାଶ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଫ୍ଲାଇଟ୍ ଲେଫ୍ଟନାଂଟ ବିଦ୍ୟାଧର ଲେଙ୍କା, କବି ବିନାୟକ ପାଇକରାୟ, ଲକ୍ଷ୍ମୀଧର ସାମନ୍ତରାୟ, ନିରାକାର ଜେନା, ସୁଷମା ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଗତିକୃଷ୍ଣ ଉତ୍ତରକବାଟ ଧନ୍ୟବାଦ ଦେଇଥିଲେ।

# ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ସମସ୍ୟା ସମାଧାନ ହୋଇପାରୁନି

**ବୋଲଗଡ଼,୨୬।୪(ଦେବବ୍ରତ ହୋତା)**

ଅଖିଳ ଭାରତ ଯୁବ ସଂଘର ଖୋର୍ଦ୍ଧା-ନୟାଗଡ଼ ଜିଲା ସମ୍ମେଳନ ବୋଲଗଡ଼ ବ୍ଲକ ମାଣିକାଗୋଡ଼ାସ୍ଥିତ ପରିଚ୍ଛା ବଗିଚାରେ ଶନିବାର ଅନୁଷ୍ଠିତ ହୋଯାଇଛି। କମ୍ରେଡ୍ ଭୁବନଚାନ୍ଦ ହାତୀଙ୍କ ଆବାହକତ୍ୱରେ ଆୟୋଜିତ ଏହି ସମ୍ମେଳନରେ କମ୍ରେଡ୍ ବିଜୟ ବେହେରା ସଭାପତିତ୍ୱ କରିଥିଲେ। ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଖୋର୍ଦ୍ଧା-ନୟାଗଡ଼ ଜିଲା ସମ୍ପାଦକ ଆଡ୍‌ଭୋକେଟ ଅମିୟ ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରୁନାହିଁ ବୋଲି କହିଥିଲେ। ସେହିପରି ଶାନ୍ତି, ପ୍ରଗତି ଓ ସମାଜବାଦ୍‌କୁ ବିଶ୍ୱାସ କରୁଥିବା ଯୁବକମାନେ ସଙ୍ଗଠିତ ହୋଇ ସଂଗ୍ରାମ କଲେ ଅନ୍ୟାୟ, ଭ୍ରଷ୍ଟାଚାର, ନାରୀ ନିର୍ଯାତନା, ଶିଶୁ ଅତ୍ୟାଚାର ଲୋପ ପାଇବ ବୋଲି ଯୁବ ସଂଘର ଜାତୀୟ ଉପସଭାପତି ପ୍ରଦୀପ ସେଠୀ କହିଥିଲେ। ନିର୍ବାଚିତ ଯୁବ ପ୍ରତିନିଧିମାନେ ସ୍ଥାନୀୟ ସମସ୍ୟା ଉପସ୍ଥାପନ କରି ଏହାର ସମାଧାନ କ୍ଷେତ୍ରରେ ଗୁରୁତ୍ୱ ଦେବାକୁ ରାଜ୍ୟ ସମ୍ପାଦକ ସତ୍ୟରଞ୍ଜନ ମହାନ୍ତି ପରାମର୍ଶ ଦେଇଥିଲେ। ଯୁବସଂଘ ସଦସ୍ୟ ଓ ପୂର୍ବତନ ନେତା ଦିବାକର ପରମଗୁରୁ, ମୁରଲୀଧର ଜେନା, ସୁରେନ୍ଦ୍ର ବେହେରା, ବୋଲଗଡ଼ ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ ପ୍ରମୁଖ ଉଦ୍‌ବୋଧନରେ ବେରୋଜଗାରି ହେଉଛି ଦେଶର ମୁଖ୍ୟ ସମସ୍ୟା, ଏହାର ସମାଧାନ ପାଇଁ ସରକାର ନୀତିଗତ ନିଷ୍ପତ୍ତି ନେଇ ଭିତ୍ତିଭୂମି ସୁଦୃଢ଼ କରିବା ଆବଶ୍ୟକ ବୋଲି କହିଥିଲେ। ଶେଷରେ ଅଖିଳ ଭାରତ ଯୁବ ସଂଘ ଖୋର୍ଦ୍ଧା-ନୟାଗଡ଼ ଜିଲା ପାଇଁ ଭୁବନଚାନ୍ଦ ହାତୀଙ୍କୁ ମୁଖ୍ୟ ଆବାହକ, ବିଜୟ ବେହେରା, ଆକାଶ ଜେନାଙ୍କୁ ଯୁଗ୍ମ ଆବାହକ ମନୋନୀତ କରାଯାଇଥିବା ବେଳେ ୧୫ଜଣିଆ ଯୁବ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଫଟୋରେ ଖବର



ପହଲଗାମ୍‌ରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ମୃତ ପର୍ଯ୍ୟଟକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶନିବାର ଛଣଗିରିଠାରେ ନୀରବ ପ୍ରାର୍ଥନା କରାଯାଉଛି। (ଫଟୋ: ମାନସ ଚନ୍ଦ୍ର ପଟ୍ଟନାୟକ)



ଚାନ୍ଦପୁର ଗ୍ରାମବାସୀଙ୍କ ପକ୍ଷରୁ ମୃତ ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଯାଉଛି। (ଫଟୋ: ରଘୁନାଥ ସାହୁ)

## ସଂକ୍ଷେପରେ

### ବୀରଗୋବିନ୍ଦପୁରରେ ନବକୁଣ୍ଡୀୟ ମହାଯଜ୍ଞ

ସାକ୍ଷୀଗୋପାଳ,୨୬।୪ (କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ସ୍ଥାନୀୟ ବୀରଗୋବିନ୍ଦପୁର ଗ୍ରାମର ମା' ଦକ୍ଷିଣକାଳୀ ପୀଠରେ ତ୍ରିଦିନାତ୍ମକ ନବକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଯଜ୍ଞ ଉତ୍ସବର ଅଙ୍କୁରାରୋପଣ ପରେ ଜଳକଳସ ସଂଗ୍ରହ ତୀର୍ଥାବାହନ କାର୍ଯ୍ୟକ୍ରମରେ ଗ୍ରାମର ଶତାଧିକ ମହିଳା ପୁରୁଷ ଓ ମାନସିକଧାରୀ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ମଣ୍ଡଳୀକରଣ, ଘଟସ୍ଥାପନ, ସୂର୍ଯ୍ୟପୂଜା, ଦେବଦେବୀଙ୍କୁ ଆବାହନ, ପୂଜା, ସହସ୍ରନାମ, ଚଣ୍ଡୀପାଠ, ଆଳତି ଓ ପ୍ରତ୍ୟହ ଆହୁତି ପ୍ରଦାନ କରାଯାଉଛି। ରବିବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି, ପୁଷ୍ପାଞ୍ଜଳି ଓ ପ୍ରସାଦ ସେବନ ଅନୁଷ୍ଠିତ ହେବ ବୋଲି ଗ୍ରାମର ବ୍ରାହ୍ମଣ ମହାଜନ କୋଠ ପକ୍ଷରୁ ସୂଚନା ଦିଆଯାଇଛି। ଯଜ୍ଞରେ କର୍ତ୍ତା ଭାବେ ଚନ୍ଦ୍ରଶେଖର ନନ୍ଦ ଓ କର୍ତ୍ତ୍ରୀ ଭାବେ ବୀଣାପାଣି ନନ୍ଦ ଦାୟିତ୍ୱ ତୁଲାଇଛନ୍ତି। ମୁକ୍ତିମଣ୍ଡପ ପଣ୍ଡିତଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପଣ୍ଡିତ ସୁଦର୍ଶନ ଷଡ଼ଙ୍ଗୀ, ଶାନ୍ତିସ୍ୱରୂପ ଦାଶ, ବାଳକୃଷ୍ଣ ମିଶ୍ର ଏବଂ ବୀରଗୋବିନ୍ଦପୁର ଗ୍ରାମର ଅନ୍ୟାନ୍ୟ ବରିଷ୍ଠ ପଣ୍ଡିତମାନେ ସହଯୋଗ କରିଛନ୍ତି।

### ଏପ୍ରିଲ ୩୦ରୁ ଗୁରୁଭକ୍ତ ସମ୍ମିଳନୀ

ଯୋଗେଶ୍ୱରପୁର,୨୬।୪(ରଶ୍ମିରଞ୍ଜନ ସାହୁ)

ନୟାହାଟସ୍ଥିତ ପ୍ରାଚୀଗୁରୁ ଧର୍ମକ୍ଷେତ୍ରରେ ଚଳିତମାସ ୩୦ରୁ ୨ଦିନ ଧରି ରାଜ୍ୟସ୍ତରୀୟ ୫୯ତମ ଗୁରୁଭକ୍ତ ସମ୍ମିଳନୀ ମହାସମାରୋହରେ ପାଳନ ହେବ। ଭକ୍ତମାନଙ୍କ ଏକ ପ୍ରସ୍ତୁତିର ଶେଷ ବୈଠକ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବାବାଜୀ ଚିତ୍ତବିନୋଦ ଦାସ, ବାବାଜୀ ଅକ୍ଷୟ କୁମାର ଦାସ, ବାବାଜୀ ବିବେକାନନ୍ଦ ଦାସ, ବାବାଜୀ ପୂର୍ଣ୍ଣାନନ୍ଦ ଦାସ, ବାବାଜୀ ଆତ୍ମାକୃଷ୍ଣ ଦାସ, ଡାକ୍ତର ରତ୍ନାକର ମହାନ୍ତି, ମହେଶ ଚନ୍ଦ୍ର ସାହୁ, ନୀଳମଣି ସାହୁ, ପ୍ରୀତିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀରେ ଭକ୍ତଙ୍କ ପ୍ରବଳ ଆଗମନକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ପ୍ରଚଣ୍ଡ ରୌଦ୍ରତାପର ମୁକାବିଲା ପାଇଁ ସ୍ଥାନୀୟ ଯୁବବନ୍ଧୁ ସର୍ବଶ୍ରୀ ରାକେଶ ପାତ୍ର, ସ୍ୱାଧୀନ ମହାପାତ୍ର, କିଶୋର ପାତ୍ର, ରାକେଶ ଦାସ, ନୀହାର ରାୟ, ସାର୍ଥକ ଶିବଦର୍ଶନ ମହାନ୍ତି, ସୌମ୍ୟରଞ୍ଜନ ମହାନ୍ତି, ଅମିତ୍ ରାୟ, ଅଭିଷେକ ରାୟଙ୍କ ସମୂହ ପ୍ରଚେଷ୍ଟାରେ ଆଶ୍ରମ ପରିସରରେ ନଡ଼ିଆ ପତ୍ର ନିର୍ମିତ ଛାମୁଡ଼ିଆ ଏକ ନିଆରା ପରମ୍ପରା ସୃଷ୍ଟି କରିପାରିଛି। ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେବା ପାଇଁ ପ୍ରସାର ପ୍ରଚାର ସେବକ ପ୍ରୀତିରଞ୍ଜନ ଦାସ କହିଛନ୍ତି।

### ସିମିଳି ପଞ୍ଚାୟତକୁ ଲକ୍ଷ୍ମୀ ବସ୍ ଚଳାଚଳ ଦାବି

କୋଣାର୍କ,୨୬।୪(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନ ସିମିଳି ପଞ୍ଚାୟତକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷ୍ମୀ ବସ୍ ଚଳାଚଳ ପାଇଁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତକୁ ଦୀର୍ଘଦିନ ହେଲା ମହିଳାଙ୍କ ବ୍ଲକ କାର୍ଯ୍ୟାଳୟକୁ ଯା'ଆସ ପାଇଁ ଲକ୍ଷ୍ମୀ ବସ୍ ଚଳାଚଳ ଆରମ୍ଭ ହୋଇଛି। ଏହି ସୁବିଧାରୁ ବଞ୍ଚିତ ହୋଇଛି ସିମିଳି ପଞ୍ଚାୟତ। ଏହି ପଞ୍ଚାୟତର ଶତାଧିକ ମହିଳା ଓ ସାଧାରଣ ଲୋକ ଗୋପ ବ୍ଲକକୁ ଯାତାୟାତ କରିବା ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ସିମିଳି ପଞ୍ଚାୟତର ବିଜେଡି ସଭାପତି ବିଜୟ କୁମାର ସେଠ, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଲେଙ୍କା, ବରିଷ୍ଠ ନାଗରିକ କିଶୋର ଚନ୍ଦ୍ର ସେଠ, ସୁକାନ୍ତ ନାୟକ, ଜଟାଧାରୀ ବରାଳଙ୍କ ସମେତ ପଞ୍ଚାୟତବାସୀଙ୍କ ପକ୍ଷରୁ ବସ୍ ଚଳାଚଳ ପାଇଁ ନିବେଦନ କରାଯାଇଛି।

# ହାଟପିଣ୍ଡିରେ ଡାକସେବା

ଗୋପ,୨୬।୪(ଭାରତୀ ଭୂଷଣ ଉପାଧ୍ୟାୟ)



ହାଟପିଣ୍ଡିରେ ଡାକସେବା ଚାଲିଛି ।

କେନ୍ଦ୍ର ସରକାରଙ୍କ ଅଧୀନ ଗ୍ରାମାଞ୍ଚଳ ଡାକସେବା ଦିନକୁ ଦିନ ସାଧାରଣ ଲୋକଙ୍କ ପାଖରୁ ଦୂରେଇ ଯାଉଥିବାବେଳେ ଏହି ଡାକସେବା ମଧ୍ୟ ବ୍ୟାହତ ହେଉଥିବା ଭଳି ଅଭିଯୋଗ ହୋଇଛି। ଏପରି ଅଭିଯୋଗ ଥିବାବେଳେ ଗୋପ ବ୍ଲକ ଅନ୍ତର୍ଗତ ନୂଆଖୋଲମରା ପଞ୍ଚାୟତର ଲଳିତା ପହଣ୍ଡିଠାରେ ଥିବା ଗ୍ରାମୀଣ ଡାକ କେନ୍ଦ୍ରଟି ଏବେ ହାଟପିଣ୍ଡିର ଗୋଟିଏ ଗଛମୂଳେ ଚାଲୁଥିବା ଦେଖିବାକୁ ମିଳିଛି। ଏପରି ଅଭିଯୋଗକୁ ମଧ୍ୟ ଜିଲା ଡାକ ଅଧିକାରୀ ଦୃଷ୍ଟି ଦେଉ ନ ଥିବା ଭଳି ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଲଳିତା ପହଣ୍ଡିଠାରେ ଥିବା ଗ୍ରାମୀଣ ଡାକକେନ୍ଦ୍ରଟି ନୂଆଖୋଲମରା ପଞ୍ଚାୟତ ଅଫିସରେ ଚାଲୁଥିଲା। ଏହି ଗ୍ରାମୀଣ ଡାକକେନ୍ଦ୍ରରେ ଗ୍ରାମୀଣ ଡାକ ଦାୟିତ୍ୱରେ ଥିବା ଜନୈକା ଯୁବତୀ ଚାକିରି ଛାଡ଼ିଦେବାରୁ କିଛି ଦିନ ଧରି ଏହି କେନ୍ଦ୍ରଟି ଖୋଲା ଯାଉ ନ ଥିଲା। ପରେ ଏହି ଲଳିତା ପହଣ୍ଡି ଗ୍ରାମୀଣ ଡାକ କେନ୍ଦ୍ର ଦାୟିତ୍ୱ ନିକଟସ୍ଥ ମହୁରା ଗ୍ରାମୀଣ ଡାକକେନ୍ଦ୍ରରେ ଥିବା ଅଧିକାରୀଙ୍କୁ ଦିଆଯାଇଥିଲା। ଦୀର୍ଘ ଦିନ ଧରି ଗ୍ରାମୀଣ ଡାକକେନ୍ଦ୍ରଟି ବନ୍ଦ ହୋଇଯିବା ଫଳରେ ଏବେ ଏହି ଗୃହରେ ପଞ୍ଚାୟତର କାର୍ଯ୍ୟ କରାଯାଉଛି। କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଡାକକେନ୍ଦ୍ରଟି ଭଡ଼ାଘରେ ଚାଲିବାର ନିୟମ ଥିବା ବେଳେ କାହିଁକି ଦାୟିତ୍ୱରେ ଥିବା ଅଧିକାରୀ ଖରା ବର୍ଷାରେ ହାଟପିଣ୍ଡିର ଗଛମୂଳେ କିଛି ଘଣ୍ଟା ଲାଗି ଖୋଲୁଛନ୍ତି ତାହା ଏବେ ସମସ୍ତଙ୍କୁ ଚକିତ କରିଛି। ଏ ସଂପର୍କରେ ନୂଆଖୋଲମରା ପଞ୍ଚାୟତର ସରପଞ୍ଚ ଉପେନ୍ଦ୍ର କାନୁନ୍‌ଗୋଙ୍କୁ ପଚାରିବାରେ ଡାକ କେନ୍ଦ୍ର ଖୋଲାଯିବା ପରେ ମୁଁ ଗୋଟିଏ ଘର ସଫାସୁତୁରା କରିଦେବି ବୋଲି ଜିଲା ଡାକ କେନ୍ଦ୍ର ଅଧିକାରୀଙ୍କୁ କହିଥିଲି। କିନ୍ତୁ ଦାୟିତ୍ୱରେ ଥିବା ସଂପୃକ୍ତ ଗ୍ରାମୀଣ ଡାକକେନ୍ଦ୍ର ବ୍ୟକ୍ତି ଜଣଙ୍କ ଗଛମୂଳରେ ବସୁଛନ୍ତି ମୁଁ ଜାଣିନାହିଁ ବୋଲି କହିବା ସହିତ ସେପରି କିଛି ସରକାରୀ ନିୟମରେ ପଞ୍ଚାୟତ ଘର ଯୋଗାଇ ଦେବ ବୋଲି ନିୟମ ନାହିଁ ବୋଲି କହିଛନ୍ତି। ତୁରନ୍ତ ସାଧାରଣ ଲୋକମାନଙ୍କ ସେବା ଅକ୍ଷୁଣ୍ଣ ରଖିବାକୁ ଡାକ ବିଭାଗ ଦୃଷ୍ଟି ଦେବାକୁ ଦାବି କରାଯାଇଛି।



କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ଏବଂ କର୍ପୋରେଟ୍ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ହରିଶ ମାଲହୋତ୍ରା ଶନିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି।)

## ଦୀଘା ମନ୍ଦିର ପୂଜାରେ ସାମିଲ ହେଲେ ବାସନ୍ଦ ହେବେ ଶ୍ରୀମନ୍ଦିର ନିଯୋଗ ସଦସ୍ୟ

ପୁରୀ,୨୬।୪(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୩୦ ତାରିଖରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ଦୀଘାଠାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେବାକୁ ଯାଉଛି। ତେବେ ଉକ୍ତ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ନିଯୋଗ ସଦସ୍ୟ ସହଯୋଗ କଲେ ବା ସାମିଲ ହେଲେ ସେମାନଙ୍କୁ ବାସନ୍ଦ କରାଯିବ ବୋଲି ଶ୍ରୀମନ୍ଦିର ପୁଷ୍ପାଳକ ନିଯୋଗ ପକ୍ଷରୁ ଚେତାବନୀ ଦିଆଯାଇଛି। ଶନିବାର ଏ ନେଇ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରରେ ପୁଷ୍ପାଳକ ନିଯୋଗ ପକ୍ଷରୁ ନୋଟିସ ଲଗାଯାଇଛି। ଦୀଘା ଶ୍ରୀଜଗନ୍ନାଥ ମନ୍ଦିର ପୂଜା କାର୍ଯ୍ୟକ୍ରମରେ କୌଣସି ସଭ୍ୟ ସହଯୋଗ କଲେ ଏହା ନିଯୋଗ ବିରୋଧୀ କାର୍ଯ୍ୟ ବୋଲି ପ୍ରମାଣିତ ହେବ ଏବଂ ତାଙ୍କୁ ନିଯୋଗରୁ ବାସନ୍ଦ କରାଯିବ ବୋଲି ପୁଷ୍ପାଳକ ନିଯୋଗ ସମ୍ପାଦକ ହରେକୃଷ୍ଣ ସିଂହାରୀ ଏକ ନୋଟିସ ମାଧ୍ୟମରେ ସୂଚନା ଦେଇଛନ୍ତି। କିଛିଦିନ ତଳେ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ପକ୍ଷରୁ ମଧ୍ୟ ଚାରିଦ୍ୱାରଠାରେ ନୋଟିସ ଲଗାଯାଇ ନିଯୋଗର ସମସ୍ତ ସଦସ୍ୟ ଓ କର୍ମଚାରୀଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହେବାକୁ ବାରଣ କରାଯାଇଥିଲା। ଏହି ନୋଟିସ୍‌କୁ ଉଲ୍ଲଂଘନ କଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦର୍ଶାଯାଇଥିଲା।

ଶ୍ରୀମନ୍ଦିର ପୁଷ୍ପାଳକ ନିଯୋଗ ପକ୍ଷରୁ ଜାରି ନୋଟିସରେ ଉଲ୍ଲେଖ ରହିଛି ଯେ, ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ରୀତିନୀତି ସ୍ୱତନ୍ତ୍ର ଓ ଅନନ୍ୟ। ଏହା କାହିଁ ଆବାହମାନକାଳରୁ ପରମ୍ପରା ଅନୁଯାୟୀ ଚାଲିଆସୁଛି। ବର୍ତ୍ତମାନ ଦୀଘାଠାରେ ପଶ୍ଚିମବଙ୍ଗ ସରକାର ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରି ଏହାକୁ ପୁରୀ ଶ୍ରୀମନ୍ଦିରର ଅବିକଳ ନକଲ ବୋଲି କହିବା ସହ ପୁରୀ ଶ୍ରୀଜଗନ୍ନାଥଙ୍କ ସମସ୍ତ ରୀତିନୀତିର ଅବିକଳ ନକଲ କରାଯିବ ଯିବ ବୋଲି ଘୋଷଣା କରିଛନ୍ତି। ଏଥିସହ ପଶ୍ଚିମବଙ୍ଗ ସରକାର ଉଲ୍ଲେଖ କରିଛନ୍ତି ଯେ, 'ଜଗନ୍ନାଥ ଧାମ ଓ ସମୁଦ୍ର ଦେଖାର ଜନ୍ୟ ପୁରୀ ଯେତେ ହବେନା'। 'ଜଗନ୍ନାଥ ଧାମ ଏଖୁନ୍ ଦୀଘାତେଓ'। ଏହା ନିଶ୍ଚିତ ନିନ୍ଦନୀୟ ବୋଲି ଉକ୍ତ ନୋଟିସରେ ଉଲ୍ଲେଖ କରାଯାଇଛି।

## ଶିକ୍ଷାଲାଗି ନିଜକୁ ସମର୍ପିତ ହେବାର ଆବଶ୍ୟକତା ରହିଛି

ଗୋପ,୨୬।୪(ଭାରତୀ ଭୂଷଣ ଉପାଧ୍ୟାୟ)



ପଦୋନ୍ନତି ପାଇଥିବା ୨ ଅଧିକାରୀଙ୍କୁ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ସମ୍ମାନିତ କରାଯାଉଛି।

ଶିକ୍ଷା ସମାଜର ମାନଦଣ୍ଡ। ଶିକ୍ଷାକ୍ଷେତ୍ରରେ ଥିବା ଶିକ୍ଷୟିତ୍ରୀଶିକ୍ଷକମାନେ ନିଜକୁ ଶିକ୍ଷା କ୍ଷେତ୍ରରେ ସମର୍ପିତ ହେବାର ଆବଶ୍ୟକତା ରହିଛି ବୋଲି ଶୁକ୍ରବାର ପୂର୍ବାହ୍ନରେ ଗୋପ ନିକଟସ୍ଥ କୁସୁପୁର ଯୁବ ପରିଷଦଠାରେ ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ କହିଛନ୍ତି। ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ସଭାପତି ତଥା ଜିଲା ସମନ୍ୱୟ ସମିତିର ସମ୍ପାଦକ ଶିବଦତ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ମିଶ୍ର, ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ ଯୋଗଦେଇ ଶିକ୍ଷା ଆମମାନଙ୍କର ପରିଚୟ ସୃଷ୍ଟି କରିବା ସହ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ କରିବା ଏକ ଗୁରୁଦାୟିତ୍ୱ ବୋଲି କହିଥିଲେ। ଏପରି ଏକ ନିଆରା ଢଙ୍ଗରେ ଆୟୋଜିତ ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର କାର୍ଯ୍ୟକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ଗୋପ ବ୍ଲକ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମା, ଜିଲା ଅତିରିକ୍ତ ଶିକ୍ଷାଧିକାରିଣୀ ଭବମ ପ୍ରଧାନଙ୍କୁ ପ୍ରଥମେ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ସମ୍ମାନଜନକ ଉପଢ଼ୌକନ ଦିଆଯାଇ ସମ୍ମାନିତ କରାଯାଇଥିବା ବେଳେ ବିଭିନ୍ନ ସଂଗଠନ ପକ୍ଷରୁ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ସରୋଜ କୁମାର ମିଶ୍ର ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ନେତା ସୁଶାନ୍ତ କୁମାର ନାୟକ, କୈଳାସ ଚନ୍ଦ୍ର ପଣ୍ଡାଙ୍କ ସହିତ ଅନ୍ୟ ବରିଷ୍ଠ ଶିକ୍ଷୟିତ୍ରୀଶିକ୍ଷକମାନେ ବ୍ଲକ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମାଙ୍କ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି କାର୍ଯ୍ୟ କିପରି ଥିଲା, ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶେଷରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଦେଖି ଉପସ୍ଥିତ ଥିବା ବ୍ଲକ ଶିକ୍ଷାଧିକାରୀଙ୍କ ମାତାପିତା ଭାବବିହ୍ୱଳ ହୋଇଯାଇଥିଲେ।

## ଜଳିଗଲା ୩ ଦୋକାନ

କୋଣାର୍କ,୨୬।୪(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ବସ୍‌ଷ୍ଟାଣ୍ଡରେ ଅଗ୍ନିକାଣ୍ଡ ଘଟି ଶୁକ୍ରବାର ବିଳମ୍ବିତ ରାତିରେ ୩ ବ୍ୟବସାୟୀଙ୍କ ଦୋକାନ ଗୃହ ଜଳି ପାଉଁଶ ହୋଇଯାଇଛି। କୋଣାର୍କ ବସ୍‌ଷ୍ଟାଣ୍ଡ ମୁଖ୍ୟ ପ୍ରବେଶ ରାସ୍ତା ପାର୍ଶ୍ୱରେ ଡାଳିମ୍ବଗୋରଡ଼ି ଗ୍ରାମର ଲିଙ୍ଗରାଜ ବେଉରା, ବାଣପଦା ଗ୍ରାମର ଲିଙ୍ଗରାଜ ନାୟକ ଓ ସୁବାସ ଚନ୍ଦ୍ର ଗୋଚ୍ଛାୟତ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ଅଗ୍ନିକାଣ୍ଡ ଖବରପାଇ ଚମ୍ପାହର ଅଗ୍ନିଶମ ଅଧିକାରୀ ତୁଷାରକାନ୍ତି ପରିଜା ସଦଳବଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା। ଏନେଇ କୋଣାର୍କ ଥାନାରେ ଅଭିଯୋଗ ହେବା ସହ ଗୋପ ତହସିଲଦାର ଓ କୋଣାର୍କ ରାଜସ୍ୱ ନିରୀକ୍ଷକଙ୍କୁ ଅବଗତ କରାଯାଇଛି। ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ସହାୟତା ପ୍ରଦାନ କରିବାକୁ ସଂଘ ଦାବି କରିଛି।

## ୧୦ଟି ଷ୍ଟାଫ କ୍ୱାର୍ଟର୍ସର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଉପମୁଖ୍ୟମନ୍ତ୍ରୀ





ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନୂତନ ପୋଲିସ ଷ୍ଟାପ କ୍ୱାର୍ଟର୍ସ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରୁଛନ୍ତି।

ନିମାପଡ଼ା,୨୬।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନାରେ କର୍ତ୍ତବ୍ୟରତ ପୋଲିସ ଅଫିସର ଓ କନ୍‌ଷ୍ଟେବଲଙ୍କ ରହଣି ନିମନ୍ତେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉଦ୍ୟମ ଓ ପ୍ରଚେଷ୍ଟା ଯୋଗୁ ନୂତନ ପୋଲିସ ଷ୍ଟାଫ୍ କ୍ୱାର୍ଟରର ନିର୍ମାଣ ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ଘରୋଇ ବିଭାଗ ପକ୍ଷରୁ ୪ କୋଟି ଟଙ୍କା ବ୍ୟୟରେ ୧୦ଟି ପୋଲିସ ଷ୍ଟାଫ୍ କ୍ୱାର୍ଟର୍ସର ନିର୍ମାଣ ନିମନ୍ତେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଶନିବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ନୂତନ କ୍ୱାର୍ଟର ହେଲେ ନିମାପଡ଼ା ଥାନା ପୋଲିସ ଅଧିକାରୀ ଓ କନ୍‌ଷ୍ଟେବଲ ବହୁଳ ଭାବେ ଉପକୃତ ହେବେ ବୋଲି ପରିଡ଼ା କହିଛନ୍ତି। ସେହିପରି ୨୦ ଲକ୍ଷ ଟଙ୍କା ବ୍ୟୟରେ ନିମାପଡ଼ା ବ୍ଲକ ବିଡିଓଙ୍କ ନବନିର୍ମିତ ବାସଗୃହ ବିଲ୍ଡିଂକୁ ଉପମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ଉଭୟଠାରେ ଆୟୋଜିତ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ସମ୍ମାନିତ ଅତିଥି ଭାବେ ପୋଲିସ ଏସ୍‌ଡିପିଓ ଜନାର୍ଦ୍ଦନ ପାଢୀ, ଆଇଆଇସି ବାମଦେବ ସ୍ୱାଇଁ, ପୋଲିସ ହାଉସିଂ ବୋର୍ଡ ଓ ୱେଲଫେୟାର କର୍ପୋରେଶନ ଅଧିକାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ବିଡିଓ ଅଭିଜିତ୍ ଷଡ଼ଙ୍ଗୀ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, ବ୍ଲକ ସହକାରୀ ଯନ୍ତ୍ରୀ ସୁନୀଲ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନିମାପଡ଼ା ଥାନା ପୋଲିସ ପ୍ରଶାସନ ଓ ବ୍ଲକ ପ୍ରଶାସନ ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ କରାଯାଇଥିଲା।

## ଶ୍ରୀକ୍ଷେତ୍ର ନୃତ୍ୟଶିଳ୍ପୀ ସଂଘ ପାଳନ କରିବ ବିଶ୍ୱ ନୃତ୍ୟ ଦିବସ

ପୁରୀ,୨୬।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ର ନୃତ୍ୟଶିଳ୍ପୀ ସଂଘ ଆନୁକୂଲ୍ୟରେ ଏପ୍ରିଲ ୨୭ ଓ ୨୯ରେ ପୁରୀ ପୌରସଦନରେ ବିଶ୍ୱ ନୃତ୍ୟ ଦିବସ ପାଳନ କରାଯିବ। ୨୭ ତାରିଖରେ ଓଡ଼ିଶୀ, ଚିତ୍ରାଙ୍କନ, କୌତୁକ ପୋଷାକ, ସମ୍ବଲପୁରୀ ନୃତ୍ୟ, ଆଧୁନିକ ନୃତ୍ୟ, ରିଲ୍ସ ପ୍ରତିଯୋଗିତା ହେବ। ଏଥିରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରାୟ ୫୦୦ ପ୍ରତିଯୋଗୀ ଭାଗନେବେ। ସେହିପରି ୨୯ ତାରିଖ ସନ୍ଧ୍ୟାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ କେତେଜଣ ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ। ଏଥିସହ ମଞ୍ଚରେ ଓଡ଼ିଶୀ ଓ ସମରକଳା, ମାଲଖମ୍ବ, ରେକର୍ଡ଼ ଡ୍ୟାନ୍ସ ପରିବେଷଣ କରାଯିବ। ଅନୁଷ୍ଠାନର ସଭାପତି ବଟକୃଷ୍ଣ ପୁଷ୍ପାଳକ, ଉପସଭାପତି ସୁକେଶ ପ୍ରଧାନ, ସମ୍ପାଦକ ସୁକାନ୍ତ ପଟ୍ଟନାୟକ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସହସମ୍ପାଦକ ସନ୍ତୋଷ ମହାରଣା ଓ କୁମାର ଭୀମସେନ, ପରିଚାଳନା ସମ୍ପାଦକ ମନୋରଞ୍ଜନ ସାହୁ, ମନୋଜ ଜେନା, ଜିତେନ୍ଦ୍ର ମୁଦୁଲି, ସୋମନାଥ ନାୟକ, ଅମିତ ଚାଟାର୍ଜୀ, କୃଷ୍ଣକୁମାର ଦାସ, ହରେକୃଷ୍ଣ ମିଶ୍ର, ଇନ୍ଦ୍ରମଣି ପ୍ରଧାନ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

# ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂ





ଜଣେ ଖେଳାଳିଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

କୋଣାର୍କ,୨୬।୪(ଜ୍ୟୋତିରାଜ ମହାନ୍ତି)

**ରାଜ୍ୟସ୍ତରୀୟ କୋଣାର୍କ କପ୍ କ୍ରିକେଟ**

କୋଣାର୍କ ସ୍ପୋର୍ଟସ୍ ଏକାଡେମୀ ପକ୍ଷରୁ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ କୋଣାର୍କ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ରାଉରକେଲା ସ୍ପୋର୍ଟସ ଏକାଡେମୀକୁ ୮ ଉଇକେଟ୍‌ରେ ହରାଇ ରାମେଶ୍ୱର ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ରାଉରକେଲା ସ୍ପୋର୍ଟସ ଏକାଡେମୀ ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୯ ରନ୍ କରିଥିଲା। ଦଳ ପକ୍ଷରୁ ଅଭିଷେକ ଚମ୍ପତି ୧୧ ବଲ୍‌ରେ ୩୨ ରନ୍ ସଂଗ୍ରହ କରିଥିଲେ। ରାମେଶ୍ୱର ସ୍ପୋର୍ଟିଂର ଆଶୁତୋଷ ନାୟକ ୩.୪ ଓଭର ବୋଲିଂ କରି ୩୨ ରନ୍ ଦେଇ ୪ ଉଇକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ରାମେଶ୍ୱର ସ୍ପୋର୍ଟିଂ ୧୬ ଓଭରରେ ୨ ଉଇକେଟ ହରାଇ ୧୩୩ ରନ୍ କରି ବିଜୟୀ ହୋଇଥିଲା। ରାମେଶ୍ୱର ସ୍ପୋର୍ଟିଂ ପକ୍ଷରୁ ଏମ୍ ଜି ଗୋପାଳ ସର୍ବାଧିକ ୨୫ ବଲ୍‌ରୁ ୪୦ ରନ୍ ସଂଗ୍ରହ କରିଥିଲେ। ରାଉରକେଲାର ଅଭିଷେକ ସିଂ ୨ଟି ଉଇକେଟ ଅକ୍ତିଆର କରିଥିଲେ। ରାମେଶ୍ୱର ସ୍ପୋର୍ଟିଂ ପକ୍ଷରୁ ଏମ୍ ଜି ଗୋପାଳ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ଓସିଏ ପ୍ୟାନେଲ ଅମ୍ପାୟର ସତ୍ୟରଞ୍ଜନ ମହାପାତ୍ର ଓ ଦେବେନ୍ଦ୍ର ନାଥ ମିଶ୍ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌କୁ ପରିଚାଳନା କରିଥିଲେ। ଧିରେନ ଚାନ୍ଦ ପିଚ୍ କ୍ୟୁରେଟର ଓ ରାଜେନ୍ଦ୍ର ଦଳାଇ, ଦୀପ୍ତିରଞ୍ଜନ ବାରିକ ସ୍କୋର ବୋର୍ଡ ପରିଚାଳନା କରିଥିଲେ। ଉଦ୍‌ଘୋଷକ ଭାବେ ପ୍ରଶାନ୍ତ ପାତ୍ର, ସଂଗ୍ରାମ ଭୋଳ ଦାୟିତ୍ୱ ତୁଲାଇଥିଲେ। ରାଜ୍ୟସ୍ତରୀୟ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ କୋଣାର୍କ ସ୍ପୋର୍ଟିଂ ଏକାଡେମୀର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ। ଆସନ୍ତା ୨୮ରେ ଫାଇନାଲ ମ୍ୟାଚ୍‌ରେ ଭାରତ ଭୂଷଣ କ୍ରିକେଟ ଏକାଡେମୀକୁ ଭେଟିବ ରାମେଶ୍ୱର ସ୍ପୋର୍ଟିଂ।

## ଫଟୋରେ ଖବର



ମର୍ନିଂ ୱାରିୟର୍ସ କ୍ଲବ୍ ପକ୍ଷରୁ କଶ୍ମୀର ଘଟଣାରେ ପୀଡ଼ିତଙ୍କୁ ସମବେଦନା ଜଣାଇ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି।





ଜିଲାସ୍ତରୀୟ ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀରେ ଉପସ୍ଥିତ ଅତିଥିମାନେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲଣ୍ଡନରେ ପହଲଗାମ୍ ଆକ୍ରମଣ ବିରୋଧୀ ବିକ୍ଷୋଭ ବେଳେ ଉତ୍ତେଜନା

**ଲଣ୍ଡନ,୨୬।୪**

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ବିରୋଧରେ ଲଣ୍ଡନସ୍ଥିତ ପାକିସ୍ତାନ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ବାହାରେ ଶୁକ୍ରବାର ବିକ୍ଷୋଭ ବେଳେ ଉତ୍ତେଜନା ଦେଖାଦେଇଛି। ପାକ୍ ସମର୍ଥିତ ଆତଙ୍କବାଦକୁ ବିରୋଧ କରି ପ୍ରବାସୀ ଭାରତୀୟ ସଂଗଠନର ସଦସ୍ୟମାନେ ଏକାଠି ହୋଇଥିବାବେଳେ ଦୂତାବାସ ଅଧିକାରୀ ସେମାନଙ୍କୁ ଧମକଭରା



ଇଙ୍ଗିତ ଦେଇଥିବା ଦେଖିବାକୁ ମିଳିଥିଲା। ଦୂତାବାସ କାର୍ଯ୍ୟାଳୟ ବାଲ୍‌କୋନିରୁ ଜଣେ ପାକିସ୍ତାନୀ ଅଧିକାରୀ ଗଳା କାଟିବାର ଅଙ୍ଗଭଙ୍ଗୀ କରି ଧମକ ଦେଇଥିଲେ।

# ଟ୍ରମ୍ପ୍‌ଙ୍କୁ ଭେଟିଲେ ଜେଲେନ୍‌ସ୍କି

**ରୋମ୍,୨୬।୪**



ପୋପ୍ ଫ୍ରାନ୍ସିସ୍‌ଙ୍କ ଶେଷକୃତ୍ୟରେ ଯୋଗଦେବା ଅବସରରେ ଶନିବାର ଇଟାଲୀ ରାଜଧାନୀ ରୋମ୍‌ରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଭେଟି ଆଲୋଚନା କରିଛନ୍ତି। ଗତ ଫେବୃଆରୀରେ ୱାଶିଂଟନର ଓଭାଲ ଅଫିସରେ ୨ ନେତାଙ୍କ ମଧ୍ୟରେ ମୁହାଁମୁହିଁ ଘଟଣା ପରେ ଶନିବାର ପ୍ରଥମ ଥର ପାଇଁ ସେମାନେ ପରସ୍ପରକୁ ଭେଟିଥିଲେ ଏବଂ ଆଲୋଚନା ଫଳପ୍ରଦ ହୋଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ରୁଷିଆ ଓ ୟୁକ୍ରେନ୍ ଖୁବ୍‌ଶୀଘ୍ର ଶାନ୍ତି ରାଜିନାମାରେ ପହଞ୍ଚିବେ ବୋଲି ଟ୍ରମ୍ପ୍ ଦିନକ ପୂର୍ବରୁ କହିଥିଲେ। ତେବେ ଜେଲେନ୍‌ସ୍କିଙ୍କ ସହ କଥା ହେବା ପରେ ସେ ମତ ବଦଳାଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଯୁଦ୍ଧ ବନ୍ଦ ପାଇଁ ଚାହୁଁଛନ୍ତି କି ନାହିଁ, ସେନେଇ ସନ୍ଦେହ ପ୍ରକଟ କରିଛନ୍ତି। କିଛିଦିନ ମଧ୍ୟରେ ରୁଷିଆ ଜନବସତି ସହର ଉପରେ ମିଶାଇଲ୍ ଆକ୍ରମଣ କରିଛି। ପୁଟିନ୍ ଏହା କରିବାର କୌଣସି କାରଣ ନ ଥିଲା ବୋଲି ଟ୍ରମ୍ପ୍ କହିବା ସହ ରୁଷିଆ ବିରୋଧରେ ଅଧିକ କଟକଣା ଲଗାଇବାର ସଙ୍କେତ ଦେଇଛନ୍ତି।

# ୧୨ ବର୍ଷରେ ଅତ୍ୟଧିକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି ୧୭ କୋଟି ଭାରତୀୟ

**ନ୍ୟୁୟର୍କ,୨୬।୪(ପି.ଟି.)**

୨୦୧୧-୧୨ରୁ ୨୦୨୨-୨୩ ମଧ୍ୟରେ ଭାରତ ୧୭.୧ କୋଟି ଲୋକଙ୍କ ଅତ୍ୟଧିକ ଦାରିଦ୍ର୍ୟରୁ ମୁକ୍ତ କରିଥିବା ବିଶ୍ୱବ୍ୟାଙ୍କ ରିପୋର୍ଟରେ କୁହାଯାଇଛି। ଦୈନିକ ୨.୧୫ ଡଲାରରୁ କମ୍‌ରେ ଚଳୁଥିବା ଅତ୍ୟନ୍ତ ଦରିଦ୍ରଙ୍କ ହାର ୨୦୧୧-୧୨ରେ ୧୬.୨ ପ୍ରତିଶତ ରହିଥିଲେ। ୨୦୨୨-୨୩ରେ ଏହା ୨.୩ ପ୍ରତିଶତକୁ ହ୍ରାସ ପାଇଛି। ୧୭୧ ନିୟୁତ ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଥିବା ଭାରତ ଉପରେ

## ବିଶ୍ୱବ୍ୟାଙ୍କ ରିପୋର୍ଟ

ବିଶ୍ୱବ୍ୟାଙ୍କର 'ପଭର୍ଟି ଆଣ୍ଡ ଇକ୍ୟୁଇଟି ବ୍ରିଫ୍' ରିପୋର୍ଟରେ କୁହାଯାଇଛି। ଗ୍ରାମାଞ୍ଚଳରେ ଅତ୍ୟଧିକ ଦାରିଦ୍ର୍ୟ ୧୮.୪%ରୁ ୨.୮%କୁ ହ୍ରାସ ପାଇଥିବାବେଳେ ସହରାଞ୍ଚଳରେ ୧୦.୭%ରୁ ୧.୧%କୁ କମିଛି। ଫଳରେ ଗ୍ରାମାଞ୍ଚଳ ଓ ସହର ମଧ୍ୟରେ ରହିଥିବା ବ୍ୟବଧାନ ୭.୭ ପ୍ରତିଶତରୁ ୧.୭ ପ୍ରତିଶତ ପର୍ଯ୍ୟନ୍ତକୁ ହ୍ରାସ ପାଇଥିବାବେଳେ ବାର୍ଷିକ ହ୍ରାସ ୧୬ ପ୍ରତିଶତ ରହିଛି। ଦେଶ ନିମ୍ନ-ମଧ୍ୟମ ଆୟକାରୀ ବର୍ଗରେ ପରିବର୍ତ୍ତିତ ହୋଇଛି। ଦୈନିକ ୩.୬୫ ଡଲାର ବ୍ୟୟକୁ ଏହି ବର୍ଗ ପାଇଁ ଦାରିଦ୍ର୍ୟ ରେଖା ଭାବେ ନିଆଗଲେ ଦାରିଦ୍ର୍ୟ ୬୧.୮ରୁ ୨୮.୧ ପ୍ରତିଶତକୁ ହ୍ରାସ ପାଇଛି, ଅର୍ଥାତ୍ ୩୭.୮ କୋଟି ଲୋକ ଦାରିଦ୍ର୍ୟରୁ ଉପରକୁ ଉଠିଛନ୍ତି। ଗ୍ରାମାଞ୍ଚଳ ଦାରିଦ୍ର୍ୟ ୬୯ରୁ ୩୨.୫ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ସହରାଞ୍ଚଳରେ ୪୩.୫ରୁ ୧୭.୨ ପ୍ରତିଶତକୁ କମିଛି। ଫଳରେ ଗ୍ରାମାଞ୍ଚଳ-ସହର ତାରତମ୍ୟ ୨୫ରୁ ୧୫ ପ୍ରତିଶତ ପର୍ଯ୍ୟନ୍ତକୁ ହ୍ରାସ ପାଇଥିବାବେଳେ ବାର୍ଷିକ ହ୍ରାସ ୭ ପ୍ରତିଶତ ରହିଛି।

# 'ମହାରାଷ୍ଟ୍ର ହିତରେ ଏକଜୁଟ ହେବାର ସମୟ ଆସିଛି'

**ମୁମ୍ବାଇ, ୨୬।୪**

ମହାରାଷ୍ଟ୍ରରେ ଗତ କିଛିଦିନ ଧରି ଶିବସେନା (ୟୁବିଟି) ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ଏବଂ ମହାରାଷ୍ଟ୍ର ନବ ନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ପ୍ରତିଷ୍ଠାତା ରାଜ୍ ଠାକ୍‌ରେ ଏକାଠି ହେବା ନେଇ ଚର୍ଚ୍ଚା ଜାରି ରହିଛି। ଏହାରି ମଧ୍ୟରେ ଶନିବାର ଶିବସେନା (ୟୁବିଟି) ପକ୍ଷରୁ ଏକ ପୋଷ୍ଟ କରାଯାଇଛି। ଉକ୍ତ ପୋଷ୍ଟରେ ଲେଖାହୋଇଛି, ମୁମ୍ବାଇ ଏବଂ ମହାରାଷ୍ଟ୍ରର ହିତ ପାଇଁ ଏକଜୁଟ ହେବାର ସମୟ ଆସିଯାଇଛି। ଶିବସୈନିକମାନେ ମରାଠୀ ଅସ୍ମିତାକୁ ସୁରକ୍ଷା ଦେବା ପାଇଁ ପ୍ରସ୍ତୁତ ଅଛନ୍ତି। ଏହି ପୋଷ୍ଟକୁ ନେଇ ମହାରାଷ୍ଟ୍ର ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ୨୦ ବର୍ଷ ପରେ ୨ ସମ୍ପର୍କୀୟ ଭାଇ ଉଦ୍ଧବ ଏବଂ ରାଜ୍ ନିଜ ମଧ୍ୟରେ ଥିବା ବିବାଦକୁ ଭୁଲି ପୁଣିଥରେ ଏକାଠି ହେବାର ଚର୍ଚ୍ଚା ଜୋର୍ ଧରିଛି। ଗତ ସପ୍ତାହରେ ରାଜ୍ ଭାଇ ଉଦ୍ଧବଙ୍କ ସହ ରହିଥିବା ରାଜନୈତିକ ବିବାଦର ସମାଧାନ ନେଇ ନିଜର ଏକ ମତ ରଖିଥିଲେ, ଯାହାପରେ ଏହି ଚର୍ଚ୍ଚା ବଢ଼ିଥିଲା। ରାଜ୍

## ଶିବସେନା (ୟୁବିଟି)ର ପୋଷ୍ଟକୁ ନେଇ ଉଦ୍ଧବ-ରାଜ୍ ଏକାଠି ହେବା ଚର୍ଚ୍ଚା ବଢ଼ିଲା


ଉଦ୍ଧବ ଠାକ୍‌ରେ


ରାଜ୍ ଠାକ୍‌ରେ

କହିଥିଲେ, ଉଦ୍ଧବଙ୍କ ସହ ତାଙ୍କର ଯେଉଁ ମତଭେଦ ରହିଛି ତାହା ଅତ୍ୟନ୍ତ ସାଧାରଣ। ରାଜ୍ୟର ସ୍ୱାର୍ଥ ପାଇଁ ଏଭଳି ମତଭେଦକୁ ଭୁଲାଯାଇପାରିବ। ଉଦ୍ଧବଙ୍କୁ ଏସମ୍ପର୍କିତ ପ୍ରଶ୍ନ ପଚରାଯିବାରୁ ସେ କହିଥିଲେ, ଛୋଟ ମୋଟ ଝଗଡ଼ା ଛାଡ଼ି ଆଗକୁ ବଢ଼ିବାକୁ ସେ ପ୍ରସ୍ତୁତ। ତେବେ ମହାରାଷ୍ଟ୍ରର ସ୍ୱାର୍ଥ ବିରୋଧୀ କାର୍ଯ୍ୟକୁ ସେ ବରଦାସ୍ତ କରିବେ ନାହିଁ ବୋଲି ଉଦ୍ଧବ କହିଥିଲେ।

# ସିନ୍ଧୁନଦୀ ଜଳ ବନ୍ଦକଲେ ରକ୍ତନଦୀ ବୁହାଇବୁ: ବିଲାୱଲ

**ଇସ୍‌ଲାମାବାଦ,୨୬।୪**



ପହଲଗାମ୍ ଆକ୍ରମଣ ପରେ ଭାରତ ସିନ୍ଧୁନଦୀ ଜଳଚୁକ୍ତିକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନେଇଥିବାବେଳେ ଏହା ପାକିସ୍ତାନକୁ ବ୍ୟଥିତ କରିଛି। ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ଅଧ୍ୟକ୍ଷ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ କହିଛନ୍ତି, ତାଙ୍କ ଦେଶ ହେଉଛି ସିନ୍ଧୁ ସଭ୍ୟତାର ପ୍ରକୃତ ସଂରକ୍ଷକ। ତେଣୁ ସିନ୍ଧୁନଦୀ ଆମର ଓ ଆମର ହୋଇ ରହିବ। ଏଥିରେ ଆମ ଜଳ ପ୍ରବାହିତ ହେବ ନଚେତ୍ ରକ୍ତ ବହିବ ବୋଲି ବିଲାୱଲ ଏକ ରାଲିରେ ଭାରତକୁ ଚେତାବନୀ ଦେଇଛନ୍ତି। ସିନ୍ଧୁ ଉପତ୍ୟକାରେ ପ୍ରବାହିତ ୬ଟି ନଦୀର ଜଳ କିପରି ଭାରତ ଓ ପାକିସ୍ତାନ ମଧ୍ୟରେ ବ୍ୟବହାର ଓ ବଣ୍ଟନ ହେବ ସେଥିପାଇଁ ୧୯୬୦ ସେପ୍ଟେମ୍ବରରେ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଯୁଦ୍ଧକୁ ଉସୁକାଇବା କିମ୍ବା ସିନ୍ଧୁନଦୀ ଜଳକୁ ବନ୍ଦ କରିବା ଉଦ୍ୟମକୁ ପାକିସ୍ତାନ କିମ୍ବା ଅନ୍ତର୍ଜାତୀୟ ସମୁଦାୟ ବରଦାସ୍ତ କରିବ ନାହିଁ ବୋଲି ବିଲାୱଲ ଚେତାବନୀ ଦେଇଛନ୍ତି।

# ପାକିସ୍ତାନ ସପକ୍ଷରେ ପୋଷ୍ଟକରି ଆସାମରେ ୧୪ ଗିରଫ

**ଗୁଆହାଟୀ, ୨୬।୪**

ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ସପକ୍ଷରେ ପୋଷ୍ଟ କରି ଶନିବାର ସୁଦ୍ଧା ଆସାମରେ ୧୪ ଜଣ ଗିରଫ ହୋଇଛନ୍ତି। ଏନେଇ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ସୂଚନା ଦେଇଛନ୍ତି। ଦେଶଦ୍ରୋହୀ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଇଛି। ଦରକାର ପଡ଼ିଲେ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ଅନୁଯାୟୀ, ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯିବ ବୋଲି ସେ କହିଛନ୍ତି। ଗୁଆହାଟୀସ୍ଥିତ ଭାଜପା କାର୍ଯ୍ୟାଳୟରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ହିମନ୍ତ କହିଛନ୍ତି, ଭାରତ ଏବଂ ପାକିସ୍ତାନ ମଧ୍ୟରେ କୌଣସି ସମାନତା ନାହିଁ। ପାକିସ୍ତାନ ଭାରତର ଶତ୍ରୁ ଦେଶ ହୋଇଥିବାରୁ, ଯେକେହିବି ଏହା ସପକ୍ଷରେ ପୋଷ୍ଟକଲେ ତାଙ୍କୁ ଗିରଫ କରାଯିବ।


## ମନେ ପଡ଼ନ୍ତି

**ସପ୍ତଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଉଦୟନାଥ ମିଶ୍ର**
ଗ୍ରାମ: ଗୋକୁଳପୁର, ପୁରୀ
ତିରୋଧାନ: ୦୫।୦୫।୨୦୦୮
ଜୀବନର ଚଲାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୦୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତା ସୀତାରାଣୀ ବିଶ୍ୱାଳ**
ଶାସଙ୍ଗ, ଛେନାପଦୀ, କେନ୍ଦୁଝର
ବୋଉ, ଚାହୁଁ ଚାହୁଁ ବର୍ଷେ ବିତିଗଲା,
ତୁ ଯେଉଁଠି ଥା' ଭଲରେ ଥା' ଶ୍ରୀ ଶ୍ରୀ ଠାକୁରଙ୍କ ନିକଟରେ ଏତିକି ପ୍ରାର୍ଥନା।
ପୁତ୍ର, ପୁତ୍ରବଧୂ, କନ୍ୟା- ଜ୍ୱାଇଁ, ନାତି ନାତୁଣୀ ଓ ସମ୍ପର୍କୀୟ ।
ଧ-୩୦୦

**ସ୍ମୃତିରେ ପିଣ୍ଟୁ**



**୰ଅଭିଷେକ ସାମଲ**
ଜନ୍ମ ୨୨ January ୧୯୮୩
ତିରୋଧାନ- ଏପ୍ରିଲ ୨୬ ୨୦୦୪
ସ୍ନେହର ରଜ୍ଜୁ ଛିଡ଼ିଗଲା ଅବିଶ୍ୱାସ ବନ୍ଧନରେ, ବାହୁନି କାନ୍ଦିଲି କେତେ ଗଳି କନ୍ଦି ରାତି ଦିନ ପାଇଲିନି ତତେ । ହଜିଗଲା ତୋର ସତେଜ ମୁଖ, ଦେଇଗଲୁ ସବୁ ଯନ୍ତ୍ରଣା ଦୁଃଖ । ପୁଣ୍ୟ ଅରଜିଛୁ ପାପ ତ କରିନୁ ଫେରିଆ ପୁଅରେ ସରଗପୁରୁ। ପାଇବୁ କି ନାହିଁ ଜାଣେନା ପୁଅରେ କବିତା ଲେଖୁଛି ନରକପୁରୁ ।
ତୋର ଦୁଃଖିନୀ 'ମା' ଓ ଭାଇ ରିଣ୍ଟୁ ।
ଧ-୬୧୦୮୩



# Classified Everyday

**0674-2580101, 9692975378**


MATRIMONIAL

**GROOM WANTED**

Beautiful Karan girl 1997, 5'4", B.Tech Serving Software Engineer CTS Bangalore. "SUNASANSAR". 9937512659. D-76263


REAL ESTATE

**SALE**

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି Plot ବିକ୍ରି ହେବ। Area- 2100sqft, 2250/- fix rate. 9556187814. D-014

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

ଭୁବନେଶ୍ୱର- ପିପିଲି **Toll Gate Puri road** ନିକଟରେ **Gharabari Plot** ଏବଂ ନଖରାରେ **3/4 BHK Duplex** ବିକ୍ରିହେବ। **8327785834.** D-76261

Gharabari plot with compound wall 52x40 2080sft. at lowest price 7 KM from Nakhara 12 KM from Bhubaneswar also instalment basis (middle of CTC & BBSR) no interest. 7809525452. D-76445

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

**Duplex sale with gated society AIIMS Hospital, Bhubaneswar. 8455909543, 7735579312.** D-76262

Book 3BHK, 4BHK flat Jharapada, near Jagannath Avenue, Canal Road, Bhubaneswar with amenities. Contact: 7978584549. D-76811

**Plot for sale Mahanadi Vihar, Cuttack. Mob- 9937657114 no broker allowed.** D-291


CONSTRUCTION

Do you want to construct a building on your own plot please contact K.K. Construction. 7008268129, 9439143273. D-71397


FOR RENT

5800sqft Godown space available at Rasulgarh, beside Esplanade Mall, Bhubaneswar. 9040019183. D-189

Plot for warehouse 10,000- 15,000sqft. on rent at Khurda NH-16 (near Collector Office Chhak). Call: 7008649641, 8018822307, 7978560206 for location and details. D-303

1 Hall 800-1000sqft. (attach Bathroom) plot No.-104/965, Road No.-16, Mahaveer Nagar near Gangua Bridge, Samantrapur, BBSR. Contact- 6372096033. D-76054

Single Room with separate Kitchen & Toilet in 2nd floor near DAV, Unit-8, Rent-6200/-. 7008635352, 7683986496. D-244

**700sqft Hall available in Uttara Chhak Main road. Contact: 9692671608.** D-305

1 Room Kitchen & Bathroom, 42, Swostidham, Shanti Nagar, Jharpada, Bhubaneswar. Contact- 9885043645. D-76053

**1000 sqft Hall available in Lewis Main Road. Contact: 9692671608.** D-302

3BHK, 1BHK Main Road, Soubhagyanagar for Office, family, bachelors. 9000004523. D-299

**3BHK flat available for rent in Gudiapokhari near Krupajal College. Contact: 9692671608.** D-304



**Full body massage experience, good looking therapist @999 (Bhubaneswar). 9078484455.** D-152

Full body massage by experience therapist with homely atmosphere. 9114559860. D-275

Newly opened Spa in Bhubaneswar (ଖରାଦିନରମଜା) good massage. Contact: 9851355914. D-75845


BUSINESS

**Newly opened Dance Group, Coriographer with efficient dancers (Boys, Girls & Manager). Contact- 7853844427.** D-75844

**AFFIDAVIT**

By virtue of an affidavit sworn before Executive Magistrate, Balasore, dated 25.04.2025, I am Kanakalata Mantri, declared that myself Kanakalata Patra, Vill- Telagadia, P.O.- Parikhi, P.S.- Sadar, Dist.- Balasore, PIN.- 756025 as per my old Aadhaar Card, at present after marriage myself change my name and address Kanakalata Mantri, W/o- Pankaj Mantri at- Bhadrasia, P.O.- Chhanua, P.S.-Basta, Dist.- Balasore, PIN- 756027. The above two names are one & same person. Henceforth I shall be known as Kanakalata Mantri for all purposes. D-301

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Notary Public, Malkangiri, dated 25th April 2025, I, Mrs. Alaka Mistry @Sana, D/o- Dhiren Mistry, resident of Village M.V. 43, P.O.- Malkangiri Colony, P.S. & Dist.- Malkangiri- 764048, Odisha have changed the name of my son from Sahit Sana to Sahit Mistry. Henceforth, he shall be known as Sahit Mistry for all purposes. Alaka Mistry D-311

By virtue of an affidavit before Notary Public, Kantabanji on 25.04.2025 formerly I known as Prasanna Kumar Jagat, S/o- Ghasiram Jagat which is mentioned in my Aadhaar Card, S.B.I. Account and in my PAN Card, Voter Identity Card, Indian Bank S.B. Account my name is written as Prasanna Chhura, S/o- Ghasiram Chhura and in my Educational Documents my name is written as Prasanna Jagat, S/o- Ghasiram Jagat of Village Sindhibhadi, P.O.- Sanmula, P.S.- Bangomunda, Dist.- Balangir whereas Prasanna Kumar Jagat, S/o- Ghasiram Jagat, Prasanna Jagat, S/o- Ghasiram Jagat and Prasanna Chhura, S/o- Ghasiram Chhura is same and one person and from today I will be known as Prasanna Chhura in all purposes. D-298

I, RAKESH KUMAR PARSRAMPURIA, aged about 44 years, S/o- Vimal Kumar Parasrmapuria, residing At- Radheyshyam Kutir, Plot No.- 582, Mahandi Vihar, P.O.- Nayabazar, P.S.- Chauliaganj, Dist.- Cuttack- 753004, Odisha, declare by this affidavit No.-970, dtd- 23.04.2025, that now onwards I shall be known as RAKESH PARSRAMPURIA for all future purposes. D-310

By virtue of an affidavit before the Court of Executive Magistrate, Purushottampur, Ganjam, affidavit No.- 245 dtd. 16.04.2025 I, Rita Behera, W/o- Santosh Kumar Behera of Village/P.O.- Badarampalli, P.S.- Rambha, Ganjam on behalf of my minor son I declare that Changed of my minor son's name from SUJYAKANTA BEHERA to SURJYAKANTA BEHERA. Henceforth, he shall be known as SURJYAKANTA BEHERA for all purpose. D-308


**ପାଠକଙ୍କ ପାଇଁ ସୂଚନା।**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ମୁଲବେରୀ ଟ୍ୱିନ୍ ସିଟି ଟି୨୦ କ୍ରିକେଟ

# ରାଇଜିଂ ଷ୍ଟୁଡେଣ୍ଟ ଚାମ୍ପିୟନ




ଚାମ୍ପିୟନ ରାଇଜିଂ ଷ୍ଟୁଡେଣ୍ଟ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୨୬।୪(ତପନ ସ୍ୱାଇଁ)**

କଟକ ଜଗତପୁରସ୍ଥିତ ନିମପୁର ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ମୁଲବେରୀ ଟ୍ୱିନ୍ ସିଟି ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲରେ ୟୁନିୟନ ସ୍ପୋର୍ଟିଂକୁ ୭୯ ରନ୍‌ରେ ହରାଇ ରାଇଜିଂ ଷ୍ଟୁଡେଣ୍ଟ ଚାମ୍ପିୟନ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ରାଇଜିଂ ଷ୍ଟୁଟେଣ୍ଟ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୪୩ ରନ୍‌ର ବୃହତ୍ ସ୍କୋର କରିଥିଲା। ଦଳ ପକ୍ଷରୁ ଆଦିତ୍ୟ ରାଉତ ସର୍ବାଧିକ ୮୨, ସୌରଭ କୁମାର ଗୌଡ଼ ୬୨ ଓ ଗୋବିନ୍ଦ ପୋଦ୍ଦାର ୫୨ ରନ କରିଥିଲେ। ବିପକ୍ଷ ଦଳର ଶୋଭନଦେବ ବେହେରା ୨ଟି ଉଇକେଟ ନେଇଥିଲେ। ୨୪୪ ରନ୍ ବିଜୟ ଲକ୍ଷ୍ୟରେ ୟୁନିୟନ ସ୍ପୋର୍ଟିଂ ୧୬୪ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ବିନାୟକ ସାହୁ ୬୭ ଓ ସର୍ବେଶ୍ୱର ମହାନ୍ତି ୫୨ ରନ କରିଥିଲେ ମଧ୍ୟ ଅନ୍ୟ ବ୍ୟାଟରଙ୍କ ବିଫଳତା ଯୋଗୁ ଦଳ ପରାଜିତ ହୋଇଥିଲା। ବିଜୟୀ ଦଳର ସୂର୍ଯ୍ୟକାନ୍ତ ପ୍ରଧାନ ୪ଟି ଏବଂ ଦେବବ୍ରତ ପ୍ରଧାନ ଓ ଆୟୁଷ କୁମାର ବାରିକ ୨ଟି ଲେଖାଏ ଉଇକେଟ ନେଇଥିଲେ। ରାଇଜିଂ ଷ୍ଟୁଡେଣ୍ଟର ଆଦିତ୍ୟ ରାଉତ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅମ୍ପାୟର ଧିରଜ କୁମାର ସିଂ ଓ ଅୟସକାନ୍ତ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଥିଲେ ପ୍ରଶାନ୍ତ କୁମାର ବେହେରା ଓ ସୁନୀଲ କୁମାର ରାଉଳ। ରାଇଜିଂ ଷ୍ଟୁଡେଣ୍ଟର ଆଦିତ୍ୟ ରାଉତ ଶ୍ରେଷ୍ଠ ବ୍ୟାଟର, ଆୟୁଷ କୁମାର ବାରିକ ଶ୍ରେଷ୍ଠ ବୋଲର ଏବଂ ଗୋବିନ୍ଦ ପୋଦ୍ଦାର ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ବିଧାୟକ ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କଟକ ମେୟର ସୁବାସ ସିଂ, ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ସୁକାନ୍ତ କୁମାର ଦଳାଇ, ଶିଳ୍ପପତି ତାପସ ମଲିକ, ଜଗତପୁର ଥାନା ଆଇଆଇସି ଅନିରୁଦ୍ଧ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ନିମପୁର ସ୍ପୋର୍ଟ୍ସ ଆଣ୍ଡ କ୍ରିକେଟ କ୍ଲବ ସଭାପତି ବିଭୁ ଶତପଥୀ, ସମ୍ପାଦକ ନୃସିଂହ ଚରଣ ପରିଡ଼ା ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଜୁନିୟର ବକ୍ସିଂ ଚାମ୍ପିୟନଶିପ୍

# ଭାରତର ୪୩ ପଦକ ପକ୍କା

**ଅମାନ(ଜୋର୍ଡାନ), ୨୬।୪(ପି.ଟି.)**

ଏଠାରେ ଚାଲିଥିବା ୧୫ ଓ ୧୭ ବର୍ଷରୁ କମ୍ ଉଦ୍‌ଘାଟନୀ ଏସିଆନ ଜୁନିୟର ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତର ଆଉ ୪ ଜଣ ବକ୍ସର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ଭାରତୀୟ ପ୍ରତିଯୋଗୀମାନେ ୪୩ ପଦକ ପକ୍କା କରିଛନ୍ତି। ପ୍ରତ୍ୟେକ ସେମିଫାଇନାଲିଷ୍ଟଙ୍କ ପାଇଁ ବ୍ରୋଞ୍ଜ୍ ପଦକ ବ୍ୟବସ୍ଥା ଥିବାରୁ ଭାରତ ୧୫ ବର୍ଷରୁ କମ୍ ବିଭାଗରେ ୨୫ ଏବଂ ୧୭ ବର୍ଷରୁ କମ୍ ବିଭାଗରେ ୧୮ ପଦକ ନିଶ୍ଚିତ କରିଛି। ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଅମନ ସିୱାଚ୍ (୬୩ କେଜି) ଓ ଦେବାଂଶ (୮୦ କେଜି) ଯଥାକ୍ରମେ ଫିଲିପାଇନ୍ସ ଓ ଜୋର୍ଡାନର ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ କ୍ୱାର୍ଟର ଫାଇନାଲ ବାଉଟ ରେଫରି ଷ୍ଟପ୍ଡ କଣ୍ଟେଷ୍ଟ (ଆରଏସ୍‌ସି)ରେ ବିଜୟଲାଭ କରିଛନ୍ତି। ବାଳିକା ବିଭାଗରେ ସିମରନଜିତ୍ କୌର ଓ ହିମାଂଶୀ ବିଜୟୀ ହୋଇଛନ୍ତି।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ